# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୭/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 7/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୩୧୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 313 ମୂଲ୍ୟ₹୭/-



DSPL-270

OMC

HOCKEY INDIA

ODISHA
INDIA'S BEST KEPT SECRET.

ଭାରତୀୟ ହକି ଦଳର
ସମର୍ପିତ ପ୍ରାୟୋଜକ
(୨୦୧୮-୨୦୩୩)

19th Asian Games
Hangzhou 2022

ଅଭିନନ୍ଦନ



ସ୍ୱର୍ଣ୍ଣ ପଦକ

" କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି "

OIPR-29001/13/0068/2324

## ସଂକ୍ଷେପରେ

### ଭାରତରୁ କୂଟନୀତିଜ୍ଞଙ୍କୁ ସ୍ଥାନାନ୍ତର କଲା କାନାଡା

**ନୂଆଦିଲ୍ଲୀ,୬।୧୦:** ଖଲିସ୍ତାନୀ ନେତା ହରଦୀପ୍ ସିଂ ନିଜ୍ଜର ହତ୍ୟା ଘଟଣାରେ ଭାରତ ସମ୍ପୃକ୍ତ ଥିବା କାନାଡା ଅଭିଯୋଗ କରିବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ବିବାଦ ଶୀର୍ଷରେ ପହଞ୍ଚିଛି। କାନାଡା ନୂଆଦିଲ୍ଲୀରେ ଥିବା ତା'ର କୂଟନୀତିଜ୍ଞମାନଙ୍କୁ ମାଲେସିଆ କିମ୍ବା ସିଙ୍ଗାପୁର ସ୍ଥାନାନ୍ତର କରିଦେଇଛି। ନୂଆଦିଲ୍ଲୀ ପୂର୍ବରୁ ଅଧିକାଂଶ ଭାରତୀୟ କୂଟନୀତିଜ୍ଞଙ୍କୁ କାନାଡାରୁ ପ୍ରତ୍ୟାହାର କରି ଆଣିବା ସହ ସେମାନେ କୂଟନୀତିଜ୍ଞ ହ୍ରାସ କରିବାକୁ ସଙ୍କେତ ଦେଇଥିଲା। କାନାଡା କୂଟନୀତିଜ୍ଞମାନେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଥିବାରୁ ସେମାନଙ୍କ ସଂଖ୍ୟା କମିବା ଆବଶ୍ୟକ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଥିଲା। ଦିଲ୍ଲୀ ବାହାରେ ନିୟୋଜିତ ଅଧିକାଂଶ କାନାଡା କୂଟନୀତିଜ୍ଞଙ୍କୁ କୁଆଲାଲମ୍ପୁର କିମ୍ବା ସିଙ୍ଗାପୁର ନିଆଯାଇଥିବା ସେଠାର ଗଣମାଧ୍ୟମ ପ୍ରକାଶ କରିଛି।

### ନିର୍ବାଚନକୁ ହିଂସାମୁକ୍ତ କରିବାକୁ ସିଇସିଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୬।୧୦(ପି.ଟି.):** ୫ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନ (ସିଇସି) ରାଜୀବ କୁମାର ଶୁକ୍ରବାର ପର୍ଯ୍ୟବେକ୍ଷକମାନଙ୍କ ସହ ବୈଠକ କରିଥିଲେ। ଅର୍ଥବଳକୁ ଠିକ୍ ଭାବେ ନିୟନ୍ତ୍ରଣ କରିବା ସହ ନିର୍ବାଚନ ଯେପରି ହିଂସାମୁକ୍ତ ହେବ, ତାହା ସୁନିଶ୍ଚିତ କରିବା ଲାଗି ସିଇସି ପର୍ଯ୍ୟବେକ୍ଷକମାନଙ୍କୁ କହିଛନ୍ତି। ପୋଲିସ, ସାଧାରଣ ଓ ବ୍ୟୟ ପର୍ଯ୍ୟବେକ୍ଷକମାନଙ୍କ ଦିବସବ୍ୟାପୀ ବୈଠକରେ ଆଦର୍ଶ ଆଚରଣ ବିଧିର ସଫଳ କାର୍ଯ୍ୟକାରିତା, ନିର୍ବାଚନ ପ୍ରଚାରକୁ ଅର୍ଥ ଓ ବାହୁବଳ ଯେପରି ପ୍ରଭାବିତ ନ କରେ, ସେଥିପାଇଁ ରଣକୌଶଳ ଆପଣାଇବା ଉପରେ ଜୋର୍ ଦିଆଯାଇଥିଲା। ଆଗାମୀ ନଭେମ୍ବର-ଡିସେମ୍ବରରେ ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା ଓ ମିଜୋରାମରେ ନିର୍ବାଚନ ହୋଇପାରେ।

### ଭାରତୀୟ ବଂଶୋଦ୍ଭବ ଦମ୍ପତି, ୨ ପିଲାଙ୍କ ସନ୍ଦେହଜନକ ମୃତ୍ୟୁ

**ନ୍ୟୁୟର୍କ,୬।୧୦(ପି.ଟି.):** ଆମେରିକାର ନ୍ୟୁଜର୍ସିସ୍ଥିତ ଘରୁ ଭାରତୀୟ ବଂଶୋଦ୍ଭବ ଦମ୍ପତି ଓ ସେମାନଙ୍କ ଦୁଇ ପିଲାଙ୍କ ମୃତଦେହ ମିଳିଛି। ହତ୍ୟା ସନ୍ଦେହ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ବୁଧବାର ଅପରାହ୍ନ ୪ଟା ୩୦ରେ ତେଜପ୍ରତାପ ସିଂ (୪୩) ଓ ସୋନାଲ ପରିହାର(୪୨)ଙ୍କ ସମେତ ସେମାନଙ୍କ ୧୦ ବର୍ଷ ଓ ୬ ବର୍ଷର ଦୁଇ ପୁଅଙ୍କ ମୃତଦେହ ସେମାନଙ୍କ ପ୍ଲେନ୍ସବୋରୋ ଘରୁ ମିଳିଥିଲା।

### ଶିକ୍ଷକଙ୍କୁ ଗୁଳିକଲେ ଛାତ୍ର

**ଲକ୍ଷ୍ନୌ,୬।୧୦:** ଉତ୍ତରପ୍ରଦେଶର ଆଗ୍ରାରେ ଦୁଇ ଛାତ୍ର ସେମାନଙ୍କ ଶିକ୍ଷକଙ୍କ ଗୋଡ଼କୁ ଗୁଳି ଚଳାଇବା ସହ ଏହାର ଭିଡିଓ ରେକର୍ଡ଼ କରିଛନ୍ତି, ଯେଉଁଥିରେ ସେମାନେ ନିଜକୁ 'ଗ୍ୟାଙ୍ଗଷ୍ଟର'ର ପରିଚୟ ଦେଇଛନ୍ତି। ଭାଇରାଲ ଭିଡିଓରେ ସମ୍ପୃକ୍ତ ଛାତ୍ର ଶିକ୍ଷକଙ୍କୁ ଆଉ ୩୯ ଥର ଗୁଳି କରିବା ଲାଗି ଧମକ ଦେଇଛନ୍ତି। ସୁମିତ୍ ନାମକ ଉକ୍ତ ଶିକ୍ଷକ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପୋଲିସ ଅଭିଯୁକ୍ତ ଛାତ୍ରଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଛାତ୍ରଦ୍ୱୟ ୬ ମାସ ପରେ ଫେରି ଶିକ୍ଷକଙ୍କୁ ଗୁଳିକରିବେ ବୋଲି ଭିଡିଓରେ କହିଥିଲେ। ଶିକ୍ଷକଙ୍କୁ ୪୦ ଥର ଗୁଳି କରିବାର ଅଛି। ଆଉ ୩୯ ଥର ବାକି ରହିଲା ବୋଲି ଗିରଫ ଛାତ୍ର ଭିଡିଓରେ କହିଥିବା ଶୁଣିବାକୁ ମିଳିଛି।

# ସିଡବ୍ଲ୍ୟୁସି ରିପୋର୍ଟକୁ ଅଣଦେଖା ମହଙ୍ଗା ପଡ଼ିଲା

**ନୂଆଦିଲ୍ଲୀ,୬।୧୦(ପି.ଟି.)**



**ସିକିମ୍ ବନ୍ୟା**
- ମୃତ୍ୟୁସଂଖ୍ୟା ୪୦କୁ ବୃଦ୍ଧି
- ତିସ୍ତାରୁ ମିଳିଲାଣି ୨୨ ମୃତଦେହ
- ନିମ୍ନମାନର ଡ୍ୟାମ୍‌କୁ ଦାୟୀ କଲେ ମୁଖ୍ୟମନ୍ତ୍ରୀ

ସିକିମ୍‌ରେ ବାଦଲଫଟା ବର୍ଷା ସାଙ୍ଗକୁ ହିମ ହ୍ରଦ ମାଡ଼ିଆସିବାରୁ ଅଚାନକ ବନ୍ୟା ଆସି ୭ ଯବାନଙ୍କ ସମେତ ଅନ୍ୟୂନ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ହଜାର ହଜାର ଲୋକ ଫସିରହିଥିବାରୁ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବନ୍ୟାର ୩ ଦିନ ପରେ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚିଛି। ତିସ୍ତା ନଦୀରୁ ପାଣି କମିବା ପରେ ୨୨ ମୃତଦେହ ମିଳିଲାଣି। ଲାଚେନ ଏବଂ ଲାଚୁଙ୍ଗରେ ପ୍ରାୟ ୩,୦୦୦ ଲୋକ ଅଟକି ରହିଛନ୍ତି। ସେଠାକୁ ମୋଟରସାଇକେଲରେ ଯାଇଥିବା ୩,୧୫୦ ଜଣ ବନ୍ୟା ଯୋଗୁ ଫସିରହିଛନ୍ତି। ସ୍ଥଳସେନା ଓ ବାୟୁସେନା ହେଲିକପ୍ଟର ଯୋଗେ ସେମାନଙ୍କୁ ଉଦ୍ଧାର କରାଯିବ ବୋଲି ସିକିମ୍ ମୁଖ୍ୟ ସଚିବ ବିଜୟ ଭୂଷଣ ପାଠକ କହିଛନ୍ତି। ଆଉ ଏକ ଗ୍ଲେସିୟର ହ୍ରଦ ଭୁଶୁଡ଼ିବା ଆଶଙ୍କା ଥିବାରୁ ପର୍ଯ୍ୟଟକମାନେ ବର୍ତ୍ତମାନ ପାଇଁ ସିକିମ ନ ଆସିବାକୁ ପରାମର୍ଶ ଦିଆଯାଇଛି। ପୂର୍ବ ସରକାର ସମୟରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଚୁଙ୍ଗଥାଙ୍ଗ ଡ୍ୟାମ୍ ଭାଙ୍ଗିଲା ବୋଲି ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତାମଙ୍ଗ କହିଛନ୍ତି।

ଗ୍ଲେସିୟର ହ୍ରଦ ଉଚ୍ଛୁଳି ସିକିମ୍‌ରେ ବିପର୍ଯ୍ୟୟ ସୃଷ୍ଟି କରିବା ସମ୍ଭାବନା ସମ୍ପର୍କରେ ଅତୀତରେ ଅନେକ ଗବେଷଣା କରାଯାଇଥିଲା। ୨୦୧୫ରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଦ୍ୱାରା କରାଯାଇଥିବା ଅଧ୍ୟୟନରେ ତିସ୍ତା ନଦୀ ଉପରେ ନିର୍ମିତ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତି ବିପଦ ଥିବା ରାଜ୍ୟ ସରକାରଙ୍କୁ ସ୍ପଷ୍ଟ ଭାବେ ସତର୍କ କରିଦିଆଯାଇଥିଲା। ବନ୍ଧ ଭାଙ୍ଗି ଲୋନାକ ହ୍ରଦର ଗଚ୍ଛିତ ଜଳ ମାଡ଼ିଆସିବାରୁ ଗତ ୪ ତାରିଖରେ ତିସ୍ତା ନଦୀ ଅବବାହିକାରେ ହଠାତ୍ ଜଳସ୍ତର ଅତ୍ୟଧିକ ବଢ଼ିଯାଇଥିଲା। ଫଳରେ ଅଚାନକ ବନ୍ୟାରେ ମାଙ୍ଗନ, ଗାଙ୍ଗଟକ୍, ପକ୍ୟୋଙ୍ଗ ଏବଂ ନାମଚି ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁଯାୟୀ ୭ ଯବାନଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୩ ନିଖୋଜ ଅଛନ୍ତି। ହିମ ହ୍ରଦ ମାଡ଼ିଆସିବାରୁ ତିସ୍ତା ନଦୀରେ ୧,୨୦୦ ମେଗାୱାଟ୍ ଜଳବିଦ୍ୟୁତ୍ ପ୍ରକଳ୍ପର ମୁଖ୍ୟ ଅଙ୍ଗ ଚୁଙ୍ଗଥାଙ୍ଗ୍ ଡ୍ୟାମ୍ ଭାଙ୍ଗିଯାଇଥିଲା। ସିଡବ୍ଲ୍ୟୁସି ରିପୋର୍ଟରେ ହିମ ହ୍ରଦ ବନ୍ୟା ତିସ୍ତା ଅବବାହିକା ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ବିପଦ ବୋଲି କୁହାଯାଇଥିଲେ ମଧ୍ୟ ସରକାର ଏହାକୁ ଅଣଦେଖା କରିଥିଲେ। ଉକ୍ତ ହ୍ରଦ ସେକେଣ୍ଡ ପ୍ରତି ୬,୨୧୦ ଘନମିଟର ଜଳ ଛାଡ଼ିବ, ଯାହା ଦୁଇ ଘଣ୍ଟା ମଧ୍ୟରେ ଚୁଙ୍ଗଥାଙ୍ଗ ଓ ତିସ୍ତା-୩ ପ୍ରୋଜେକ୍ଟରେ ପହଞ୍ଚିପାରିବ ବୋଲି ରିପୋର୍ଟରେ କୁହାଯାଇଥିଲା। ଏହା ହେଲେ ତିସ୍ତା ନଦୀ ଜଳସ୍ତର ୪.୪୫ ମିଟର ବଢ଼ିଯିବା ସମ୍ଭାବନା ଥିବା ରିପୋର୍ଟରେ ସତର୍କ କରିଦିଆଯାଇଥିଲା। ରିପୋର୍ଟ ଆଧାରରେ ଜଳବିଦ୍ୟୁତ୍ ପ୍ରକଳ୍ପ କର୍ତ୍ତୃପକ୍ଷ ହ୍ରଦ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଏହା ଯେପରି ନ ଭାଙ୍ଗିବ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାର ଥିଲା। ଅଚାନକ ବନ୍ୟାଜନିତ ସ୍ଥିତିର ମୁକାବିଲା ପାଇଁ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓରକୁ ବିକଶିତ କରିବା ଲାଗି ରିପୋର୍ଟରେ ସୁପାରିସ କରାଯାଇଥିଲା। ବାରମ୍ବାର ସତର୍କ କରାଇବା ସତ୍ତ୍ୱେ କର୍ତ୍ତୃପକ୍ଷ ଆଗୁଆ ବ୍ୟବସ୍ଥା କରିବାରେ ବିଫଳ ହେଲେ ବୋଲି ବିଶେଷଜ୍ଞମାନେ କହିଛନ୍ତି।

### ସଞ୍ଜୟ ସିଂଙ୍କ ୨ ସହଯୋଗୀଙ୍କୁ ଇଡି ସମନ

**ନୂଆଦିଲ୍ଲୀ,୬।୧୦(ପି.ଟି.)**

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କ ଦୁଇ ସହଯୋଗୀଙ୍କୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ସର୍ବେଶ ମିଶ୍ରା ଏବଂ ବିବେକ ତ୍ୟାଗୀଙ୍କୁ ଇଡି କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ କୁହାଯାଇଛି। ତଦନ୍ତ ସମୟରେ ଇଡି ହାତରେ ଲାଗିଥିବା ତଥ୍ୟ ପ୍ରମାଣ ଉପରେ ମିଶ୍ରା ଓ ତ୍ୟାଗୀଙ୍କୁ ପ୍ରଶ୍ନ କରାଯିବ। ସେମାନଙ୍କୁ ସଞ୍ଜୟ ସିଂଙ୍କ ସହ ମୁହାଁମୁହିଁ ଜେରା କରାଯାଇପାରେ ବୋଲି ଅନୁମାନ କରାଯାଉଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ)ର ବ୍ୟବସ୍ଥା ଅନୁଯାୟୀ ତଦନ୍ତକାରୀ ସଂସ୍ଥା ସେମାନଙ୍କ ବୟାନ ରେକର୍ଡ କରିବ। ସଞ୍ଜୟଙ୍କୁ ବୁଧବାର ଗିରଫ କରାଯାଇଥିବାବେଳେ ଦିଲ୍ଲୀର ଏକ ଅଦାଲତ ତାଙ୍କୁ ୫ ଦିନିଆ ଇଡି ରିମାଣ୍ଡରେ ପଠାଇଛନ୍ତି। ରାଜ୍ୟ ସଭା ସଦସ୍ୟ ସଞ୍ଜୟଙ୍କୁ ଅଭିଯୁକ୍ତ ବ୍ୟବସାୟୀ ଦିନେଶ ଆରୋରା ଦୁଇଥରରେ ୨ କୋଟି ଟଙ୍କା ଦେଇଥିବା ଇଡି ଅଭିଯୋଗ କରିଥିବାବେଳେ ଏଏପି ନେତା ଏହାକୁ ଖଣ୍ଡନ କରିଛନ୍ତି।

## ମୁମ୍ବାଇ ବିଲ୍ଡିଂରେ ନିଆଁ: ୭ ମୃତ, ୬୦ ଆହତ



**ମୁମ୍ବାଇ,୬।୧୦(ପି.ଟି.)**

ମୁମ୍ବାଇର ଗୋରେଗାଁଓ ଅଞ୍ଚଳରେ ଥିବା ଏକ ଆବାସିକ ଅଟ୍ଟାଳିକାରେ ଶୁକ୍ରବାର ଭୋର ସମୟରେ ନିଆଁଲାଗି ୨ ଶିଶୁଙ୍କ ସମେତ ୭ ଜଣ ପ୍ରାଣ ହରାଇଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉକ୍ତ ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥିଲା ବୋଲି ମୁମ୍ବାଇର ଫାୟାର ବ୍ରିଗେଡ୍ ମୁଖ୍ୟ କହିଛନ୍ତି। ୭ ମହଲା ବିଶିଷ୍ଟ ବିଲ୍ଡିଂରୁ ୩୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକମାନଙ୍କ ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଆହତମାନଙ୍କୁ ସରକାରୀ ଖର୍ଚ୍ଚରେ ଚିକିତ୍ସା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗୋରେଗାଁଓ ୱେଷ୍ଟର ଉନ୍ନତ ନଗରଠାରେ ଥିବା 'ଜୟ ଭବାନୀ ଏସ୍ଆର୍ଏ ବିଲ୍ଡିଂ'ରେ ରାତି ୩ଟାରେ ନିଆଁ ଲାଗିଥିଲା। ନିଆଁରେ ପୋଡ଼ିହୋଇ ଆହତ ୬୮ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ଘଟିଥିଲା।

**ନ୍ୟୁଜ୍‌କ୍ଲିକ୍ ଚଢ଼ାଉ**

### ଭାରତ ବିରୋଧୀ ପ୍ରଚାର ପାଇଁ ଚାଇନାରୁ ଆସୁଥିଲା ପାଣ୍ଠି

**ନୂଆଦିଲ୍ଲୀ,୬।୧୦**

ନ୍ୟୁଜ୍‌କ୍ଲିକ୍ ପୋର୍ଟାଲ ବିରୋଧରେ ଦିଲ୍ଲୀ ପୋଲିସ ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏରେ ଏତଲା ଦାଏର କରିଛି। ଏତଲା ଅନୁଯାୟୀ ଚାଇନାର ଟେଲିକମ୍ ବ୍ୟବସାୟୀ ଭାରତରେ ହଜାର ହଜାର ସେଲ୍ କମ୍ପାନୀ ଚଳାଇଛନ୍ତି। ଦେଶର ସାର୍ବଭୌମତ୍ୱ ପ୍ରତି ବ୍ୟାଘାତ ସୃଷ୍ଟି କରିବା ସହ ଭାରତକୁ ନିନ୍ଦିତ କରିବା ଲାଗି ଚାଇନାରୁ ଉକ୍ତ ସେଲ୍ କମ୍ପାନୀଗୁଡ଼ିକ ଜରିଆରେ ପାଣ୍ଠି ଆସୁଛି। ଭାରତ ବିରୋଧରେ ପ୍ରଚାର ଉଦ୍ଦେଶ୍ୟରେ ଟଙ୍କା ଦେଇ ଖବର ପ୍ରସାରଣ କରାଯାଉଛି। ଏଥିରେ ଭାରତର ଘରୋଇ ନୀତି, ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମାଲୋଚନା କରାଯାଉଛି। ନ୍ୟୁଜ୍‌କ୍ଲିକ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରବୀର ପୁରକାୟସ୍ଥ ପିଏଡିଏସ୍ ସହ ମିଶି ୨୦୧୯ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବାକୁ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ଅଭିଯୋଗ ହୋଇଛି।

## ଭର୍ଚୁଆଲ ଶୁଣାଣିକୁ ହାଇକୋର୍ଟ ମନା କରିପାରିବେନି: ସିଜେଆଇ

**ନୂଆଦିଲ୍ଲୀ,୬।୧୦**


ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

ଦେଶର ସମସ୍ତ ହାଇକୋର୍ଟ ଭର୍ଚୁଆଲ ଶୁଣାଣି ଜାରି ରଖିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର କହିବା ସହ ପ୍ରତ୍ୟେକ ବିଚାରପତି ପ୍ରଯୁକ୍ତିରେ ଦକ୍ଷ ହେବାକୁ ଦୋହରାଇଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଶୁଣାଣି ପାଇଁ ଭିଡିଓ କନ୍‌ଫରେନ୍ସିଂ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିଥିବା ଅଭିଯୋଗ ସମ୍ପର୍କିତ ପିଟିଶନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ମତ ଦେଇଛନ୍ତି। କୌଣସି ହାଇକୋର୍ଟ ଭର୍ଚୁଆଲ ଶୁଣାଣିକୁ ମନା କରିପାରିବେ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଏହି ପ୍ରସଙ୍ଗ ଉପରେ ପୂର୍ବରୁ ଶୁଣାଣି ବେଳେ ସୁପ୍ରିମକୋର୍ଟ ଦେଶର ସମସ୍ତ ହାଇକୋର୍ଟ ଓ ଟ୍ରିବ୍ୟୁନାଲଗୁଡ଼ିକୁ ନୋଟିସ୍ ଜାରି କରିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ଜଣେ ବିଚାରପତି ପ୍ରଯୁକ୍ତିରେ ଦକ୍ଷ କି ନୁହନ୍ତି, ତାହା ପ୍ରସଙ୍ଗ ନୁହେଁ। ଦେଶର ବିଚାରପତି ହେବାକୁ ହେଲେ ପ୍ରଯୁକ୍ତି ଅନୁକୂଳ ହେବାକୁ ପଡ଼ିବ। ଯଦି ହୋଇ ନ ଥାନ୍ତି, ତେବେ ପ୍ରଯୁକ୍ତିରେ ପର୍ଯ୍ୟାପ୍ତ ତାଲିମ ନେବାକୁ ହେବ। ସୁପ୍ରିମକୋର୍ଟର ଯେଉଁ ବିଚାରପତି ସ୍ୱତନ୍ତ୍ର କେନ୍ଦ୍ରରେ ତାଲିମ ନେଉଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରଯୁକ୍ତି ଏକ ବିକଳ୍ପ ନୁହେଁ ବରଂ ଅତ୍ୟାବଶ୍ୟକ ବୋଲି ସିଜେଆଇ କହିବା ସହ ବମ୍ବେ ହାଇକୋର୍ଟଙ୍କ ବ୍ୟାପାରକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ବିଖଣ୍ଡିତ ଫଙ୍କଶନାଲ ସ୍କ୍ରିନ୍ କିପରି ପରିଚାଳନା କରୁଛନ୍ତି। ହାଇବ୍ରିଡ୍ ଶୁଣାଣି ସୁବିଧା ବିନା ସେମାନେ କିପରି କାମ ଚଳାଉଛନ୍ତି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ।

## ମଧ୍ୟପ୍ରଦେଶ, ରାଜସ୍ଥାନ ସରକାରଙ୍କୁ ନୋଟିସ

**ନୂଆଦିଲ୍ଲୀ,୬।୧୦(ପି.ଟି.)**

**ନିର୍ବାଚନ ପୂର୍ବରୁ ମାଗଣା ଉପହାର**

ବିଧାନସଭା ନିର୍ବାଚନ ପୂର୍ବରୁ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭୋଟରମାନଙ୍କୁ ମାଗଣା ଉପହାର ବଣ୍ଟାଯାଉଥିବା ଅଭିଯୋଗରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣି ଅବସରରେ ଉପରୋକ୍ତ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପରଡ଼ିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଉକ୍ତ ପିଆଇଏଲ୍ ଉପରେ କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ଭାରତର ରିଜର୍ଭ ବ୍ୟାଙ୍କକୁ ମଧ୍ୟ ନୋଟିସ୍ ଜାରି କରିଛନ୍ତି। ୨ ରାଜ୍ୟ ସରକାର ଭୋଟରମାନଙ୍କୁ ପ୍ରଲୋଭିତ କରିବା ଲାଗି ଟିକସଦାତାମାନଙ୍କ ଅର୍ଥର ଦୁରୁପଯୋଗ କରୁଥିବା ନେଇ ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଥିଲା। ନିର୍ବାଚନ ପୂର୍ବରୁ ସରକାର ଟଙ୍କା ବାଣ୍ଟିବାଠାରୁ ଆଉ ଦୁଃଖର କଥା କିଛି ନାହିଁ ବୋଲି ଆବେଦନକାରୀଙ୍କ ଓକିଲ କହିଛନ୍ତି। ପ୍ରତିଥର ନିର୍ବାଚନ ପୂର୍ବରୁ ଏଭଳି ହେଉଛି ଓ ତାହାର ପରୋକ୍ଷ ବୋଝ କରଦାତାମାନଙ୍କ ଉପରେ ପଡୁଛି। ଏହା ଉପରେ ସୁପ୍ରିମକୋର୍ଟ ନୋଟିସ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସମ୍ପୃକ୍ତ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜାତିଗତ ସର୍ଭେ ତଥ୍ୟ ପ୍ରକାଶନରେ ରୋକ ଲଗାଇଲେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୬।୧୦(ପି.ଟି.)**



ବିହାର ସରକାର ଜାତିଗତ ସର୍ଭେ ତଥ୍ୟ ପ୍ରକାଶ କରିଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଏନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ଜାତି ଜନଗଣନା ସମ୍ପର୍କିତ ଅଧିକ ତଥ୍ୟ ପ୍ରକାଶ କରିବା ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଜାତି ଜନଗଣନା କରିବା କ୍ଷମତା ରାଜ୍ୟ ସରକାରଙ୍କର ଅଛି କି ନାହିଁ, ତାହା ଅଦାଲତ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ବିହାରରେ ଜାତି ଜନଗଣନାକୁ ପାଟନା ହାଇକୋର୍ଟ ଅନୁମତି ଦେଇଥିଲେ। ହାଇକୋର୍ଟଙ୍କ ଅଗଷ୍ଟ ୧ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ଏନେଇ ବିହାର ସରକାରଙ୍କୁ ନୋଟିସ୍ ଜାରି କରିବା ସହ ପରବର୍ତ୍ତୀ ଶୁଣାଣି ୨୦୨୪ ଜାନୁୟାରୀକୁ ଧାର୍ଯ୍ୟ କରିଛନ୍ତି। ସ୍ଥଗିତାଦେଶ ପୂର୍ବରୁ ରାଜ୍ୟ ସରକାର କେତେକ ତଥ୍ୟ ପ୍ରକାଶ କରିଦେଇଥିବାରୁ ପରବର୍ତ୍ତୀ ତଥ୍ୟ ପ୍ରକାଶନ ଉପରେ ସମ୍ପୂର୍ଣ୍ଣ ସ୍ଥଗିତାଦେଶ ଲଗାଇବା ପାଇଁ ଆବେଦନକାରୀମାନେ କରିଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ନୀତିଗତ ନିଷ୍ପତ୍ତି ନେବାରେ ଆମେ ସରକାରଙ୍କୁ ଅଟକାଇ ପାରିବୁ ନାହିଁ। ରାଜ୍ୟ ସରକାରଙ୍କ ଜାତିଗତ ସର୍ଭେ କରିବା କ୍ଷମତା ଅଛି କି ନାହିଁ, ଅନୁଧ୍ୟାନ କରିବୁ ବୋଲି ଖଣ୍ଡପୀଠ କହିଥିଲେ।

ଅନ୍ୟପକ୍ଷରେ ବିହାର ସରକାର କାହିଁକି ତଥ୍ୟ ପ୍ରକାଶ କଲେ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅପରାଜିତା ସିଂ କହିଥିଲେ, ଏହି ମାମଲାରେ ଗୋପନୀୟତାର ଉଲ୍ଲଂଘନ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଭୁଲ୍ ଥିବା ସେ ଦର୍ଶାଇଥିଲେ। ବେଆଇନ ଭାବେ ତଥ୍ୟ ସଂଗ୍ରହ କରାଯାଇଥିବାରୁ ଏହାକୁ ସରକାର ଯୋଜନା ପ୍ରସ୍ତୁତିରେ ଲଗାଇପାରିବେ ନାହିଁ ବୋଲି ସିଂ କହିଥିଲେ। ତେବେ ଜାତିଗତ ସର୍ଭେରେ କୌଣସି ବ୍ୟକ୍ତିଙ୍କ ନାଁ ପ୍ରକାଶ ପାଇ ନ ଥିବାରୁ ଏହାକୁ ଗୋପନୀୟତାର ଉଲ୍ଲଂଘନ କହିବା ଠିକ୍ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ।

ଆପଣଙ୍କ ଦୂରଦୃଷ୍ଟି ଓ ମୂଲ୍ୟବୋଧର ମହନୀୟ ଭିତ୍ତିଭୂମିରେ ପ୍ରତିଷ୍ଠିତ
ଶ୍ରୀ ଦୁର୍ଗା କଣ୍ଡେନ୍ସ, ଡ୍ରିମ୍ସ, ପଦ୍ମିନୀ କେୟାର
ଓ ରଥ ପରିବାର ଆଜି ୨୯ତମ ପୁଣ୍ୟତିଥିରେ ଆପଣଙ୍କ
ଅମ୍ଳାନ ସ୍ମୃତି ପ୍ରତି ଜଣାଉଛି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ପୂଜ୍ୟପୂଜା ସମାରୋହ
ମୁଖ୍ୟ ଅତିଥି- ପରମପୂଜ୍ୟ ପରମହଂସ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ
ସମ୍ବର୍ଦ୍ଧିତ ବରେଣ୍ୟ ବ୍ୟକ୍ତିତ୍ୱ -ଡ. ଅମିୟ କୁମାର ରଥ, ବିଶିଷ୍ଟ ଶିକ୍ଷାବିତ୍,
ଡ. ବିଜୟାନନ୍ଦ ସିଂହ, ବିଶିଷ୍ଟ ସାହିତ୍ୟିକ, ଗୁରୁ ଶ୍ରୀ ଅଖିଳ କୁମାର ଲେଙ୍କା, ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତଜ୍ଞ
ସୁଶ୍ରୀ କବିତା ମହାପାତ୍ର, ବିଶିଷ୍ଟ ସମାଜସେବିକା, ଶ୍ରୀ ଅନିଲ କୁମାର ଗୋଛିକାର, ବିଶିଷ୍ଟ କ୍ରୀଡାବିତ୍
୭ ଅକ୍ଟୋବର ୨୦୨୩, ଶନିବାର
ସ୍ଥାନ: ଜୟଶ୍ରୀ ଅଡିଟୋରିୟମ୍, ଡ୍ରିମ୍ସ ପରିସର, ଟାଙ୍ଗୀ, କଟକ | ସମୟ: ପୂର୍ବାହ୍ନ ୧୧.୦୦ ଘଟିକା
ପ୍ରଣମ୍ୟ
ଧନେଶ୍ୱର ରଥ
୦୪.୦୭.୧୯୧୭ - ୭.୧୦.୧୯୯୪

SDCPL
DRIEMS
PADMINI care

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୭/୨୦୨୩ | Bhubaneswar, Saturday, October 7/2023 | ପୃଷ୍ଠା-୧




### ଫିଜିକ୍ସରେ ଅମିତାଭଙ୍କ ଲାଗିଥିଲା ବ୍ୟାକ୍

ଗ୍ରାଜୁଏଶନରେ ଫିଜିକ୍ସକୁ ଅନର୍ସ ବାଛିଥିବା ଅମିତାଭ ବଚ୍ଚନଙ୍କ ଉକ୍ତ ବିଷୟରେ ବ୍ୟାକ୍ ଲାଗିଥିବା ସେ ଏକ କାର୍ଯ୍ୟକ୍ରମରେ କହିଛନ୍ତି।

୧୧

୧୨

### ସୌଦ ଶକିଲ ଶ୍ରେଷ୍ଠ

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ନେଦରଲାଣ୍ଡ ବିପକ୍ଷ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ପାକିସ୍ତାନର ସୌଦ ଶକିଲ।



## ଲୋକ ସଭା ନିର୍ବାଚନ ଲଢ଼ିବି

### ଇଣ୍ଡିଆ ମେଣ୍ଟ ପ୍ରକୃତ ଚ୍ୟାଲେଞ୍ଜ: ଧର୍ମେନ୍ଦ୍ର



ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରୁ ଲୋକ ସଭା ନିର୍ବାଚନ ଲଢ଼ିବି। ଏଥିଲାଗି ଅନୁମତି ଦେବା ପାଇଁ ଦଳ ପାଖରେ ଅନୁରୋଧ କରିଥିବା ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେବା ଅବସରରେ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଆଗାମୀ ନିର୍ବାଚନ ଲାଗି ବିରୋଧୀ 'ଇଣ୍ଡିଆ' ମେଣ୍ଟ ପ୍ରକୃତ ଚ୍ୟାଲେଞ୍ଜ। ହେଲେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦେଶ ପାଇଁ ଯେପରି ତୃତୀୟ ଥର ଲାଗି ସେବା କରିବେ ତାକୁ ସୁନିଶ୍ଚିତ କରିବା ହେଉଛି ଭାଜପାର ମୁଖ୍ୟ ଏଜେଣ୍ଡା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ପିଏମ୍‌ଓରେ ଖାରେ

# ସ୍ୱର୍ଣ୍ଣ ସହ ଭାରତକୁ ଅଲିମ୍ପିକ୍ସ ଯୋଗ୍ୟତା

### ଏସିଆନ ଗେମ୍ସ ପୁରୁଷ ହକି

**ହାଙ୍ଗଝୋ, ୬।୧୦**

ଏସିଆନ ଗେମ୍ସର ହକି ଇଭେଣ୍ଟରୁ ଭାରତ ପାଇଁ ଆସିଛି ବଡ଼ ଖବର। ଶୁକ୍ରବାର ଅନୁଷ୍ଠିତ ପୁରୁଷ ହକି ଫାଇନାଲରେ ଭାରତ ୫-୧ ଗୋଲରେ ଗତଥରର ଚାମ୍ପିୟନ ଜାପାନକୁ ହରାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଏଥିସହ ଭାରତୀୟ ଦଳ ପ୍ୟାରିସ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଭାରତ ଶେଷଥର ପାଇଁ ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଅର୍ଥାତ୍ ୯ ବର୍ଷ ବ୍ୟବଧାନରେ ଭାରତକୁ ପୁଣି ସ୍ୱର୍ଣ୍ଣିମ ସଫଳତା ମିଳିଛି। ଏହାକୁ ମିଶାଇ ଏସିଆଡ୍‌ରେ ଭାରତ ମୋଟ ଚତୁର୍ଥ ଥର ପାଇଁ ସ୍ୱର୍ଣ୍ଣ ପଦକ ପାଇଛି। ୨୦୧୪ ବ୍ୟତୀତ ୧୯୬୬ ଓ ୧୯୯୮ ମସିହାରେ ମଧ୍ୟ ଭାରତୀୟ ଦଳ ସ୍ୱର୍ଣ୍ଣ ବିଜୟୀ ହୋଇଥିଲା।

ଭାରତୀୟ ହକି ଦଳର ସଦସ୍ୟଭାବେ ଓଡ଼ିଶାର ଅମିତ ରୋହିଦାସ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅର୍ଥାତ୍ ଚଳିତ ଏସିଆନ ଗେମ୍ସରେ ଦ୍ୱିତୀୟ ଓଡ଼ିଆ ଭାବେ ସେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋରେ ☞ପୃଷ୍ଠା-୨



ଏସିଆନ୍ ଗେମ୍ସରେ ଜାପାନକୁ ୫-୧ ଗୋଲରେ ହରାଇବା ପରେ ପୁରୁଷ ହକି ଭାରତୀୟ ଖେଳାଳିମାନେ ସେଲ୍‌ଫି ନେଉଛନ୍ତି।

## ପ୍ରତ୍ୟେକ ହକି ଖେଳାଳିଙ୍କୁ ମିଳିବ ୫ ଲକ୍ଷ

**ଭୁବନେଶ୍ୱର,୬।୧୦(ଅନିଲ ଦାସ)**

### ଭାରତୀୟ ହକି ଟିମ୍ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଚାଇନାରେ ଅନୁଷ୍ଠିତ ୧୯ତମ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ହକି ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ ଖେଳାଳି ଏବଂ ଦଳର ଅନ୍ୟ ସହଯୋଗୀଙ୍କ ପାଇଁ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଛନ୍ତି। ପଦକ ଗ୍ରହଣ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ଭିଡିଓ କଲ୍ ମାଧ୍ୟମରେ ଟିମ୍‌ର ଖେଳାଳିମାନଙ୍କ ସହିତ କଥା ହୋଇ ଏହି ବିଜୟ ପାଇଁ ବ୍ୟକ୍ତିଗତ ଭାବେ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତୀୟ ହକି ଦଳକୁ ହୃଦୟରୁ ଅଭିନନ୍ଦନ ଜଣାଉଛି। ☞ପୃଷ୍ଠା-୨

## ନର୍ଗିସ୍‌ଙ୍କୁ ନୋବେଲ ଶାନ୍ତି

**ଓସଲୋ,୬।୧୦**



ନର୍ଗିସ୍ ମହମ୍ମଦି

ମହିଳାମାନଙ୍କ ଅଧିକାର, ଗଣତନ୍ତ୍ର ପାଇଁ ଅଭିଯାନ ଚଳାଇବା ସହ ବହୁବର୍ଷ ଧରି ଇରାନରେ ମୃତ୍ୟୁଦଣ୍ଡ ବିରୋଧରେ ଲଢ଼େଇ କରୁଥିବା ଅଧିକାର କର୍ମୀ ନର୍ଗିସ୍ ମହମ୍ମଦି ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଶାନ୍ତି ପାଇଁ ନୋବେଲ ପାଇବାରେ ସେ ୧୯ତମ ମହିଳା। ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଲଢ଼େଇ କରି ତାଙ୍କୁ ଅନେକଥର ଜେଲ ଯିବାକୁ ପଡ଼ିଛି। ମହିଳା ଅଧିକାର, ମାନବାଧିକାର ଏବଂ ସମସ୍ତଙ୍କ ପାଇଁ ସ୍ୱାଧୀନତା ନିମନ୍ତେ ସଂଘର୍ଷ କରିଆସୁଥିବା ନର୍ଗିସ୍‌ଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ନରୱେର ନୋବେଲ କମିଟି ନିଷ୍ପତ୍ତି ନେଇଛି। ଡିସେମ୍ବର ୧୦ରେ ତାଙ୍କୁ ପରସ୍କାର ବାବଦରେ ୧୧ ନିୟୁତ ସୁଇଡିସ୍ କ୍ରାଉନ୍ (ପାଖାପାଖି ୧ ନିୟୁତ ଡଲାର) ମିଳିବ। ନର୍ଗିସ ଏକାଧାରରେ ଜଣେ ମାନବାଧିକାର ପ୍ରବକ୍ତା ଏବଂ ସ୍ୱାଧୀନତା ସଂଗ୍ରାମୀ। ଇରାନରେ ☞ପୃଷ୍ଠା-୨

## ଭଉଣୀଙ୍କୁ ଗୁଳିକରି ହତ୍ୟା

**କେନ୍ଦୁଝର,୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ହରିଚନ୍ଦନପୁର ବ୍ଲକ୍ ସୋମଗିରି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ପାଇଁ ଟଙ୍କା ନ ଦେବାରୁ ଜଣେ ଭାଇ ତାଙ୍କ ଭଉଣୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ମୃତା ହେଲେ ମାଳତୀ ବାରିକ (୩୨)। ଘଟଣା ପରେ ଅଭିଯୁକ୍ତ ଭାଇ ପ୍ରସନ୍ନ ବାରିକ(୩୫) ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇ ତଦନ୍ତ ଚାଲିଥିବା କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗଡୁ କହିଛନ୍ତି।

ସୂଚନା ଅନୁଯାୟୀ, ପ୍ରସନ୍ନ ଏକ କମ୍ପାନୀରେ ଗନ୍‌ମ୍ୟାନ ଭାବେ କାର୍ଯ୍ୟ କରନ୍ତି। ଘରେ ସ୍ତ୍ରୀ ଓ ଅବିବାହିତ ଭଉଣୀ ମାଳତୀ ରହୁନ୍ତି। ମା'ବାପାଙ୍କ ମୃତ୍ୟୁ ପରେ ସେ ☞ପୃଷ୍ଠା-୨







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକି ଟିକି ଟିକି
ଆଖିଠାରି ଦେଲେ ପାଣିକି ଯିବି
ଉଆଶାଳ ତଳେ ଥିବି।**

ଆଲୋକ ସନ୍ଧାନରେ ଯେମିତି କୀଟ ଉଡ଼ିଯାଏ ଅନେକ ଦୂର, ଠିକ୍ ସେମିତି ସୁଗନ୍ଧିତ ଫୁଲରୁ ମହୁ ଶୋଷିବା ପାଇଁ ଉଡ଼ିଆସନ୍ତି ଭଅଁର। ଇସାରାରେ ମଧ୍ୟ ପ୍ରେମ ନଇ ସୁଅ ଉଚ୍ଛୁଳି ଉଠେ। ଠରାଠରି ପ୍ରେମ ବା ଲୁଚାଛପା ପ୍ରେମ କରୁଥିବା ପ୍ରେମୀଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଠେଙ୍ଗାର ଭାଇ ମୁଷଳ
ବାଜି ବାଟେ କୁଶଳ।**

ବେଳେବେଳେ କୌଣସି କାମ ହାସଲ କରିବା ପାଇଁ ଠାପୁଆ ବ୍ୟକ୍ତିଙ୍କୁ ଆକଟ ବା ନାଲି ଆଖି ଦେଖାଇବାକୁ ପଡିଥାଏ। ତେବେ ଠେଙ୍ଗା ଓ ମୁଷଳ ଭୟରେ ସବୁ କାମ ସିଦ୍ଧ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ରେପୋ ରେଟ୍ ୬.୫%ରେ ଅପରିବର୍ତ୍ତିତ

ମୁମ୍ବାଇ,୬।୧୦(ପି.ଟି.)

ଦେଶରେ ମୁଦ୍ରାସ୍ଫୀତି ଏବଂ ଋଣ ବାବଦ ମାସିକ କିସ୍ତି (ଇଏମ୍ଆଇ) ଉପରେ ସିଧା ପ୍ରଭାବ ପକାଉଥିବା ରେପୋ ରେଟ୍‌କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଲଗାତର ୪ର୍ଥ ଥର ପାଇଁ ୬.୫%ରେ ଅପରିବର୍ତ୍ତିତ ରଖିଛି। ଏନେଇ ଶୁକ୍ରବାର ଆର୍‌ବିଆଇର ଦ୍ୱିମାସିକ ମୁଦ୍ରା ନୀତି ସମିତି (ଏମ୍‌ପିସି) ବୈଠକରେ ସର୍ବସମ୍ମତି ଭାବେ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେବ ବୋଲି କୁହାଯାଉଛି। ରେପୋ ରେଟ୍ ବୃଦ୍ଧି ହେଲେ ଋଣ ଇଏମ୍ଆଇ ପରିମାଣ କିମ୍ବା ଅବଧି ବଢ଼ିଥାଏ। ଏହା ଅପରିବର୍ତ୍ତିତ ରହିଥିବାରୁ ଋଣଗ୍ରହୀତାମାନଙ୍କୁ ଆଶ୍ୱସ୍ତି ମିଳିଛି। କିନ୍ତୁ ଶସ୍ତା ଇଏମ୍ଆଇ ପାଇଁ ଋଣଗ୍ରହୀତାମାନଙ୍କୁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ ବୋଲି ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ସୂଚନାଥାଉ କି, ଖାଉଟି ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି (ସିପିଆଇ) ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ବିଆଇ ୨୦୨୨ ମେ ମାସଠାରୁ ରେପୋ ରେଟ୍ ଲଗାତର ୬ଥରରେ ମୋଟ ୨୫୦ ବେସିସ୍ ପଏଣ୍ଟ ବୃଦ୍ଧି ଘଟାଇଥିଲା। ଏଥିଯୋଗୁ ବ୍ୟାଙ୍କଗୁଡ଼ିକ ଋଣ ସୁଧହାର ୪% ଯାଏ ବଢ଼ାଇଥିଲେ, ଯାହାକି ଋଣ ଗ୍ରହୀତାମାନଙ୍କୁ ବଡ଼ଧରଣର ଆର୍ଥିକ ବୋଝ ସହିବାକୁ ପଡ଼ୁଛି।

### କ'ଣ କହିଲେ ଆର୍‌ବିଆଇ ଗଭର୍ଣ୍ଣର

- ଶସ୍ତା ଇଏମ୍ଆଇ ପାଇଁ କରିବାକୁ ପଡ଼ିବ ଅପେକ୍ଷା
- ୨୦୨୩-୨୪ର ଅଭିବୃଦ୍ଧି ଆକଳନ ୬.୫% ରହିବ
- ବୃଦ୍ଧିପାଉଥିବା ପର୍ସନାଲ ଲୋନ୍ ଉପରେ ବ୍ୟାଙ୍କଗୁଡ଼ିକ ନଜର ରଖନ୍ତୁ

ଆର୍‌ବିଆଇ ଗର୍ଭନର ଦାସ କହିଛନ୍ତି, ଏମ୍‌ପିସି ମୁଦ୍ରାସ୍ଫୀତି ଉପରେ ନଜର ରଖିବ ଏବଂ ଏହାକୁ ଧାର୍ଯ୍ୟ ସହନଶୀଳ ସ୍ତର (୨%ରୁ ୬%) ମଧ୍ୟରେ ସୀମିତ ରଖିବାକୁ ପ୍ରତିଶ୍ରୁତିବଦ୍ଧ। ଉଲ୍ଲେଖଥାଉ କି ମୁଦ୍ରାସ୍ଫୀତିକୁ ୪ ପ୍ରତିଶତରେ ରଖିବା ପାଇଁ ଆର୍‌ବିଆଇକୁ ସରକାର ଦାୟିତ୍ୱ ଦେଇଛନ୍ତି, ଯେଉଁଥିରେ ୨% ହ୍ରାସ କିମ୍ବା ବୃଦ୍ଧି ଘଟିପାରେ। ଅର୍ଥାତ୍ ମୁଦ୍ରାସ୍ଫୀତିର ସହନଶୀଳ ସ୍ତର ୨%ରୁ ୬% ମଧ୍ୟରେ ଧାର୍ଯ୍ୟ ହୋଇଛି। କିନ୍ତୁ ଗତ ଅଗଷ୍ଟରେ ମୁଦ୍ରାସ୍ଫୀତି ୬.୮୩% ରହିଥିଲା। ସେପ୍ଟେମ୍ବରର ମୁଦ୍ରାସ୍ଫୀତି ହାର ଆସନ୍ତା ସପ୍ତାହରେ ଜଣାପଡ଼ିବ। ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଅଭିବୃଦ୍ଧି (ଜିଡିପି) ଆକଳନ ୬.୫ ପ୍ରତିଶତରେ ରଖାଯାଇଥିବା ଆର୍‌ବିଆଇ ଗଭର୍ଣ୍ଣର ଦାସ କହିଛନ୍ତି। ଆର୍ଥିକ ସ୍ଥିରତା ବଜାୟ ରଖିବା ଉପରେ କେନ୍ଦ୍ରୀୟ ବ୍ୟାଙ୍କର ଧ୍ୟାନ ରହିଛି। ବ୍ୟାଙ୍କ ଏବଂ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକ ଆଭ୍ୟନ୍ତରୀଣ ମନିଟରିଂ ସିଷ୍ଟମ୍‌କୁ ମଜଭୁତ କରିବା ଉଚିତ। ବର୍ତ୍ତମାନ ପର୍ସନାଲ ଲୋନ୍ (ବ୍ୟକ୍ତିଗତ ଋଣ)ର ବୃଦ୍ଧି ପାଉଥିବାବେଳେ ଏହାଉପରେ ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିଗୁଡ଼ିକ ନଜର ରଖିବା ଆବଶ୍ୟକ ବୋଲି ଦାସ କହିଛନ୍ତି। ଦେଶରେ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ଯଥା କ୍ରେଡିଟ୍ କାର୍ଡ ସମେତ ବ୍ୟକ୍ତିଗତ, କ୍ଷୁଦ୍ର ବ୍ୟବସାୟିକ, ମାଇକ୍ରୋ ଫାଇନାନ୍ସ ଋଣକୁ ଆର୍‌ବିଆଇ ଗତ ଏପ୍ରିଲ ଚିନ୍ତା ପ୍ରକଟ କରିଥିଲା। ଏନେଇ ସତର୍କ ରହିବାକୁ ଋଣଦାତା ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିଗୁଡ଼ିକୁ କେନ୍ଦ୍ରୀୟ ବ୍ୟାଙ୍କ ଚେତାବନୀ ଦେଇଥିଲା। ଏବେ ପୁଣି ପର୍ସନାଲ ଋଣ ପ୍ରଦାନ ଉପରେ ନଜର ରଖିବାକୁ କହିଛି। ସେହିପରି ଡାଲି ଫସଲ ହ୍ରାସ ଯୋଗୁ ଦରବୃଦ୍ଧି ଆଶଙ୍କା ରହିଛି। ଯୋଗାଣରେ ଚାପ ପଡ଼ିବା ଯୋଗୁ ଜୁଲାଇରୁ ଅଗଷ୍ଟ ପର୍ଯ୍ୟନ୍ତ ଦରବୃଦ୍ଧି ଘଟିଛି। ଆଗାମୀ ଦିନରେ ଦର ହ୍ରାସ ପାଇବା ଆଶା କରାଯାଉଛି ବୋଲି ଦାସ କହିବା ସହ ସେପ୍ଟେମ୍ବର ୨୯ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୫୮,୬୯୦ କୋଟି ଡଲାର ଥିବା ସେ ସୂଚନା ଦେଇଛନ୍ତି।

# ୧୧ରେ ଅବସରପ୍ରାପ୍ତ କର୍ମଚାରୀଙ୍କ ମହାସମାବେଶ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଆସନ୍ତା ୧୧ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମହାସମାବେଶ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ସବୁ ଜିଲାରେ ଥିବା ଶତାଧିକ ଶାଖା ସଂଘର ରାଜ୍ୟ ପେନ୍‌ସନରମାନେ ସାମିଲ ହେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ। ଏନେଇ ମହାସଂଘ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୮୦ବର୍ଷ ବୟସ ବଦଳରେ ୬୫ ବର୍ଷରୁ ଅତିରିକ୍ତ ପେନ୍‌ସନ ଲାଗୁ କରିବା, ମୋ ବସ୍ ଭଳି ଅନ୍ୟ ବସ୍‌ଗୁଡ଼ିକରେ ବରିଷ୍ଠ ନାଗରିଙ୍କ ପାଇଁ ରିହାତି, ରେଳଯାତ୍ରାରେ ରିହାତି ପ୍ରଦାନ ଲାଗି ଦାବି ହୋଇଛି। ଏଥିସହ ନୂଆ ପେନ୍‌ସନ ଯୋଜନା ବାତିଲ କରି ପୁରୁଣା ପେନସନ ଯୋଜନା ଲାଗୁ କରିବା ଆଦି ୯ ଦଫା ଦାବି ସମ୍ପର୍କରେ ସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାସ, ଉପାଧ୍ୟକ୍ଷ ଦ୍ୱାରିକାନାଥ ମହାନ୍ତି, ଯୁଗ୍ମ ସମ୍ପାଦକ ସୁଦର୍ଶନ ପ୍ରଧାନ, ଓ ମୁଖ୍ୟ ସଂଯୋଜକ ସୁବୋଧ କୁମାର ରାୟ ପ୍ରମୁଖ ଦାବି ଉପସ୍ଥାପନ କରିବା ସହ ଏ ସମ୍ପର୍କରେ କହିଥିଲେ।

# ଓଡ଼ିଶାରେ ଆରମ୍ଭ ହେବ 'ୱାନ୍ ହେଲ୍‌ଥ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୧୦
(ଅସମାପିକା ସାହୁ)

ଓଡ଼ିଶାରେ ୱାନ୍ ହେଲ୍‌ଥ କାର୍ଯ୍ୟକ୍ରମ ଆରମ୍ଭ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲୁଏଚ୍‌ଓ) ଦ୍ୱାରା ପ୍ରସ୍ତାବିତ ଏହି କାର୍ଯ୍ୟକ୍ରମକୁ ପାଇଲଟ ପ୍ରକଳ୍ପ ଆଧାରରେ ଓଡ଼ିଶାରେ କାର୍ଯ୍ୟକାରୀ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ଅଧୀନରେ ଜୁନୋଟିକ ଡିଜିଜ୍ ଅର୍ଥାତ୍ ଆନ୍ଥ୍ରାକ୍ସ, ରାବିଜ୍, ସ୍କ୍ରବ୍ ଟାଇଫସ, ନିପା ଭାଇରସ ଭଳି ପଶୁଠାରୁ ମଣିଷ ଶରୀରକୁ ଆସୁଥିବା ରୋଗର ମିଳିତ ମୁକାବିଲା କରାଯିବ। ସ୍ୱାସ୍ଥ୍ୟ ବିଭାଗ ସହିତ ପଶୁ ସମ୍ପଦ, କୃଷି ଓ ବନ୍ୟପ୍ରାଣୀ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ। ଜୁନୋଟିକ ଡିଜିଜ୍ ପାଇଁ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଏବଂ ଜିଲାସ୍ତରୀୟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହେବ। ଏଥିପାଇଁ ଏକ କୋଅର୍ଡିନେଶନ କମିଟି ଗଠନ ହେବ। କେଉଁ ଜିଲାରେ କେଉଁ ଜୁନୋଟିକ ରୋଗ ଅଧିକ ହେଉଛି ତାହାର ମ୍ୟାପିଂ କରାଯିବ। ଏତଦ୍ ବ୍ୟତୀତ ରାଜ୍ୟରେ ଜୁନୋଟିକ ରୋଗ ପରୀକ୍ଷା ଲାଗି ସେଣ୍ଟିନାଲ ଲାବରେଟୋରି ଓ ମେଡିକାଲ କଲେଜ ଲାବରେଟୋରିଗୁଡ଼ିକୁ ଅଧିକ ସଶକ୍ତ କରାଯିବ। ଓଡ଼ିଶା ସମେତ ୪ ରାଜ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଉଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ଗତ କିଛିଦିନ ହେବ ରାଜ୍ୟରେ ଦ୍ରୁତଗତିରେ ସ୍କ୍ରବ୍ ଟାଇଫସ୍ ରୋଗ ମାଡ଼ିଚାଲିଛି। ପ୍ରଥମେ କେବଳ ସୁନ୍ଦରଗଡ଼, ବଲାଙ୍ଗୀରରେ ଏହା ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ସମଗ୍ର ଓଡ଼ିଶାକୁ ବ୍ୟାପି ଗଲାଣି। ଏଥିରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ମଧ୍ୟାହ୍ନ ଭୋଜନ ପାଚିକାଙ୍କ ବିକ୍ଷୋଭ ସମାବେଶ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ବିକ୍ଷୋଭ ସମାବେଶ କରାଯାଇଛି। ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ହଜାର ହଜାର ପାଚକ ପାଚିକା ଦାବି ପୂରଣରେ ବିଳମ୍ବ ହେଉଥିବାରୁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାର ପାଚକ ପାଚିକାଙ୍କ ଦରମା ୧ହଜାର ଟଙ୍କାରୁ ୨ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ମାତ୍ର ସେମାନଙ୍କୁ ୧୪୦୦ ଟଙ୍କା ମିଳୁଛି। ତେଣୁ ସରକାରଙ୍କ ଘୋଷିତ ସର୍ବନିମ୍ନ ୩୩୩ ଟଙ୍କା ଦୈନିକ ମଜୁରି ଲାଗୁ କରାଯାଉ। ସେହିପରି ସମସ୍ତଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ଚିକିତ୍ସା ଭତ୍ତା, ଜୀବନ ବୀମା, ଭବିଷ୍ୟନିଧି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଅବସର ପରେ ପେନସନ ଲାଗୁ, ପ୍ରତ୍ୟେକ ମାସ ପ୍ରଥମ ସପ୍ତାହରେ ଦରମା ପ୍ରଦାନ ସହ ଖରାଛୁଟିରେ ଦରମା ଦେବାକୁ ଦାବି କରାଯାଇଛି।

# ସ୍ତନ କର୍କଟ ଭଲ କରିବ ନିମ୍ବପତ୍ର

ଭୁବନେଶ୍ୱର, ୬।୧୦(ଅସମାପିକା ସାହୁ)



ନିମ୍ବପତ୍ର ସ୍ତନ କର୍କଟ ବା ବ୍ରେଷ୍ଟ କ୍ୟାନ୍‌ସରକୁ ମୂଳପୋଛ କରିପାରିବ। କ୍ୟାନ୍‌ସର ଷ୍ଟେମ୍ ସେଲ୍‌କୁ ନିମ୍ବପତ୍ରରୁ ପ୍ରସ୍ତୁତ ଔଷଧ ମାରିଦେବ। ନିମ୍ବପତ୍ରରେ ଥିବା ନିମ୍ବୋଲାଇଡ୍‌ର ଏଭଳି ଗୁଣ ଥିବା ନେଇ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ଭୁବନେଶ୍ୱର ଦାବି କରିଛି। ନିକଟରେ ଆଇଏଲ୍ଏସ୍ ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ନିମ୍ବପତ୍ରରେ ଥିବା ଫାଇଟୋକେମିକାଲ୍ ନିମ୍ବୋଲାଇଡ୍ ଉପରେ ଗବେଷଣା କରି ଏଭଳି ତଥ୍ୟ ହାସଲ କରିଛନ୍ତି। ଏ ନେଇ ଆନ୍ତର୍ଜାତିକ ଗବେଷଣା ପତ୍ରିକା ମଲିକୁଲାର ଥେରାପି ନ୍ୟୁକ୍ଲିକ୍ ଏସିଡ୍‌ସରେ ତଥ୍ୟ ଭିତ୍ତିକ ଗବେଷଣା ପ୍ରକାଶିତ ପାଇଛି। ଏପରିକି ସବୁଠୁ ବିପଦପୂର୍ଣ୍ଣ ଟ୍ରିପଲ ନେଗେଟିଭ ବ୍ରେଷ୍ଟ କ୍ୟାନ୍‌ସରକୁ ନିମ୍ବୋଲାଇଡ୍ ମୂଳ ପୋଛ କରିବାର କ୍ଷମତା ରଖୁଛି, ଯାହା ପ୍ରି-କ୍ଲିନିକାଲ ଟ୍ରାଏଲରେ ମୂଷା ଓ ଜେବ୍ରା ଫିସ୍ ଉପରେ ପ୍ରୟୋଗରୁ ଏହା ପ୍ରମାଣିତ ହୋଇଛି। ଏବେ କ୍ୟାନସରର ଚିକିତ୍ସା ଲାଗି କେମୋଥେରାପି ବ୍ୟବସ୍ଥା ରହିଛି। କେମୋଥେରାପି କ୍ୟାନ୍‌ସର ସେଲ୍ ସହ ଶରୀରର ସାଧାରଣ ସେଲ୍‌କୁ ମଧ୍ୟ ନଷ୍ଟ କରିଥାଏ। କିନ୍ତୁ ଆଇଏଲ୍ଏସ୍ ଭୁବନେଶ୍ୱର ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ନିମ୍ବପତ୍ରରେ ଥିବା ନିମ୍ବୋଲାଇଡ୍ କେବଳ କ୍ୟାନସର ସେଲ୍‌କୁ ହିଁ ନଷ୍ଟ କରୁଛି। ଏମିତିକି ନିମ୍ବୋଲାଇଡ୍ ସ୍ତନ କର୍କଟ ସହ ଶରୀରର ଅନ୍ୟ ଅଂଶରେ ଦେଖାଦେଉଥିବା କ୍ୟାନସର ସେଲକୁ ଭଲ କରିପାରୁଥିବା ଗବେଷଣାରୁ ସ୍ପଷ୍ଟ ହୋଇଛି। ଆଇଏଲ୍ଏସ୍ ଭୁବନେଶ୍ୱର ସ୍ତନ କର୍କଟ ଚିକିତ୍ସା ଲାଗି କେମୋଥେରାପି ସହ ନିମ୍ବୋଲାଇଡ ବ୍ୟବହାର ଉପରେ ଅଧିକ ଗବେଷଣା ଜାରି ରଖିଥିବା ସୂଚନା ଦିଆଯାଇଛି।

### ଆଇଏଲ୍ଏସ୍ ବୈଜ୍ଞାନିକ ନୂଆ ଗବେଷଣା

## ପ୍ରଥମ ପୃଷ୍ଠାରୁ...



ଭିଡିଓ କଲ୍ ମାଧ୍ୟମରେ ଭାରତୀୟ ହକି ଟିମ୍ ଖେଳାଳିଙ୍କୁ ଅଭିନନ୍ଦନ ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ୍।

### ପ୍ରତ୍ୟେକ ହକି ....

ସେମାନଙ୍କ ଉତ୍ସର୍ଗୀକୃତ ଅବଦାନ ଓ କଠିନ ପରିଶ୍ରମ ପ୍ରମାଣ କରିଛି ଯେ ହକି ହେଉଛି ଦେଶର ପ୍ରକୃତ ଖେଳ। ଏହା ଜାତୀୟବୋଧ ଉତ୍ସାହକୁ ଆହୁରି ବୃଦ୍ଧି କରିଛି। ଆସନ୍ତା ବର୍ଷ ପ୍ୟାରିସରେ ହେବାକୁ ଥିବା ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳ ସର୍ବୋତ୍କୃଷ୍ଟ ପ୍ରସ୍ତୁତି କରିବାକୁ ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ହକି ଟିମ୍‌ର ଖେଳାଳିମାନେ ଚାମ୍ପିୟନ ଭାବେ ସମଗ୍ର ଟୁର୍ନାମେଣ୍ଟରେ ପ୍ରଦର୍ଶନ କରିଛନ୍ତି । ଏହି ସମୟରେ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ରହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ହକି ଟିମ୍ ୨୦୧୪ରେ ପାକିସ୍ତାନକୁ ହରାଇ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ୯ ବର୍ଷ ଅପେକ୍ଷା ପରେ ପୁଣି ଥରେ ଦଳ ସ୍ୱର୍ଣ୍ଣିମ ଇତିହାସ ରଚନା କରିଛି। ୨୦୧୮ରୁ ଓଡ଼ିଶା ଭାରତୀୟ ହକି ଟିମ୍‌ର ପ୍ରାୟୋଜକ ହୋଇଥିବା ବେଳେ ଦୁଇଟି ବିଶ୍ୱକପ୍ ଟୁର୍ନାମେଣ୍ଟ ପାଇଁ ସହାୟତା କରି ଆସିଛି।

## ପ୍ରଥମ ପୃଷ୍ଠାରୁ...

### ସ୍ୱର୍ଣ୍ଣ ସହ ...

କିଶୋର କୁମାର ଜେନା ରୌପ୍ୟ ପଦକ ଅର୍ଜନ କରିଥିଲେ। ଏବେ ହକିରେ ସ୍ୱର୍ଣ୍ଣ ପଦକ ଜିତି ଅମିତ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ନିକଟ ଅତୀତରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ଉତ୍ସାହଜନକ ରହିଥିଲେ ମଧ୍ୟ ଭାରତ ଗତଥରର ଚାମ୍ପିୟନ ଜାପାନକୁ ହାଲୁକାଭାବେ ନେଇ ନ ଥିଲା। ତେବେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଭାରତ ଫାଇଦାରେ ରହିଥିଲା। ପ୍ରଥମ କ୍ୱାର୍ଟରେ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୫ତମ ମିନିଟରେ ମନପ୍ରୀତ ସିଂ ଏକ ଗୋଲ ଦେଇ ଭାରତକୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତର ଆକ୍ରମଣ ଅଧିକ ଶାଣିତ ହୋଇଥିଲା। ୩୨ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂ ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇଥିଲେ। ୩୬ତମ ମିନିଟରେ ଓଡ଼ିଶାର ଅମିତ ରୋହିଦାସ ଏକ ଗୋଲ ସ୍କୋର କରି ଏହାକୁ ୩-୦ରେ ପରିଣତ କରିଥିଲେ। ତୃତୀୟ ତଥା ଅନ୍ତିମ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲା। ୪୮ତମ ମିନିଟରେ ଅଭିଷେକ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ଆଗେଇ ନେଇଥିଲେ। ୫୧ତମ ମିନିଟରେ ପେନାଲ୍ଟି କର୍ନରରୁ ଜାପାନର ସେରେନ ଟନକା ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ମ୍ୟାଚ ଶେଷ ହେବାର ଅଳ୍ପକିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୫୯ତମ ମିନିଟରେ ହରମନପ୍ରୀତ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲଟି ସ୍କୋର କରି ନିଜ ବଳିଷ୍ଠ ନେତୃତ୍ୱର ପରିଚୟ ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍‌ରେ ଚାଇନାକୁ ୨-୧ ଗୋଲରେ ହରାଇ ଦକ୍ଷିଣ କୋରିଆ ବ୍ରୋଞ୍ଜ ପଦକ ହାସଲ କରିଛି।

### ହକି ସଫଳତା ପଛରେ ଓଡ଼ିଶାର ଅବଦାନ

ଭାରତୀୟ ହକି ଦଳର ସଫଳତା ପଛରେ ଓଡ଼ିଶାର ଅବଦାନ ରହିଛି। ଭାରତୀୟ ହକି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବାବେଳେ ୨୦୧୮ରେ ସହାୟତାର ହାତ ବଢ଼ାଇଥିଲେ ଓଡ଼ିଶା ସରକାର। ଅର୍ଥାତ୍ ଓଡ଼ିଶା ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ସମେତ ଅନେକ କ୍ରୀଡ଼ାକୁ ପ୍ରୋତ୍ସାହିତ କରି ଆସୁଛନ୍ତି। ଫଳରେ ଓଡ଼ିଶା ଏକ କ୍ରୀଡ଼ା ହବ୍‌ରେ ପରିଣତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ହୋଇଛି। ରାଉରକେଲାରେ ସର୍ବବୃହତ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ ହୋଇଛି। ହକି ବିଶ୍ୱକପ୍ ସମେତ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏଠାରେ ଆୟୋଜନ ହେଉଛି। ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ଜାତୀୟ ହକି ଦଳର ପ୍ରାୟୋଜକ ରହିଛି। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଯୋଗୁ ଭାରତୀୟ ପୁରୁଷ ହକି ଦଳ ଯେ ଏବେ ପ୍ରଥମଥର ପାଇଁ ସଫଳତା ପାଇଛି ତା ନୁହେଁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଦଳ ଦୀର୍ଘ ୪୧ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା।

### ଭଉଣୀଙ୍କୁ ...

ଭଉଣୀଙ୍କ ଦେଖାଶୁଣା କରୁଥିଲେ। ସେ ଯାହା ରୋଜଗାର କରୁଥିଲେ, ସ୍ତ୍ରୀ ଓ ଭଉଣୀଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ। କିଛି ଦିନ ହେବ ଘରୋଇ କଳହକୁ ନେଇ ତାଙ୍କ ସ୍ତ୍ରୀ ବାପଘରକୁ ଚାଲିଯାଇଛନ୍ତି। ପ୍ରସନ୍ନଙ୍କ ଦେହ ଖରାପ ଥିବାରୁ ଭଉଣୀ ମାଳତୀ ତାଙ୍କ ସେବା କରୁଥିଲେ। ପ୍ରସନ୍ନ ଘରୋଇ ସମସ୍ୟା ସହିତ ଅସୁସ୍ଥତା କାରଣରୁ ମାନସିକ ଅଶାନ୍ତି ଓ ଦୁଶ୍ଚିନ୍ତାରେ ରହୁଥିଲେ। ଶୁକ୍ରବାର ସକାଳେ ଚିକିତ୍ସା ପାଇଁ ଭଉଣୀଙ୍କୁ ଟଙ୍କା ମାଗିଥିଲେ । ତେବେ ସେ ଟଙ୍କା ନ ଦେବାରୁ ଉତ୍ତ୍ୟକ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଭଉଣୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶବ୍ଦ ଏ ଏବଂ ମାଳତୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ଧାଇଁ ଆସିଥିଲେ। ଗୁଳିଟି କାନ୍ଧ ତଳେ ବାଜିଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମାଳତୀ ତଳେ ପଡ଼ିଥିଲେ। ତାଙ୍କ ସମ୍ପର୍କୀୟ ଭାଇ ଅର୍ଜୁନ ପରିଡ଼ା ପଡ଼ୋଶୀଙ୍କ ସହାୟତାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟାଳୟସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡା. ଉମାକାନ୍ତ ମୁଣ୍ଡା ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୪୩/୨୩)ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଭିନାଶ ପରିଡ଼ା ସୂଚନା ଦେଇଛନ୍ତି।

### ଲୋକ ସଭା ନିର୍ବାଚନ ...

ଭାଜପା ଏବଂ ଏନ୍‌ଡିଏ କୌଣସି ନିର୍ବାଚନକୁ ଖାମଖିଆଲି ଭାବେ ନେଉ ନ ଥିବାରୁ ତାହା ଇଣ୍ଡିଆ ମେଣ୍ଟ ବାସ୍ତବ ଚ୍ୟାଲେଞ୍ଜ ବୋଲି ଚିନ୍ତା କରୁଛନ୍ତି। ସେ ଲୋକ ସଭା ନିର୍ବାଚନ ଲଢିବା ପାଇଁ ଇଚ୍ଛା ରଖିଥିବା ନେଇ ଦଳୀୟ ସ୍ତରରେ ଜଣାଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ମହିଳା ସଂରକ୍ଷଣ ବିଲ୍ ଆଣି ମହିଳାମାନଙ୍କ ରାଜନୈତିକ ଅଧିକାରକୁ ସୁନିଶ୍ଚିତ କରିଛନ୍ତି। କଂଗ୍ରେସ ମହିଳା ସଂରକ୍ଷଣ ବିଲ୍ ଆଣିବା କ୍ଷେତ୍ରରେ କୌଣସି ପ୍ରକାର ଦୃଢ଼ ଇଚ୍ଛାଶକ୍ତି ଦେଖାଇ ନ ଥିଲା। ଆଜି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଶରେ ଜାତିଗତ ଜନଗଣନା କରିବାକୁ ଯେଉଁ ଦାବି କରିଛନ୍ତି ସେ ଓ ତାଙ୍କ ପାରିବାରିକ ଦଳ ଓବିସି ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀ ଲୋକଙ୍କ ଲାଗି ୭୫ ବର୍ଷ ଭିତରେ କ'ଣ କରିଛନ୍ତି ତା'ର ଉତ୍ତର ରଖନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ନର୍ଗିସ୍‌ଙ୍କୁ ନୋବେଲ...

ମାନବାଧିକାର, ସ୍ୱାଧୀନତା ଏବଂ ଗଣତନ୍ତ୍ର ପାଇଁ ତାଙ୍କର ନିର୍ଭୀକ ଲଢ଼େଇକୁ ସମ୍ମାନ ସ୍ୱରୂପ ସର୍ବୋଚ୍ଚ ପୁରସ୍କାରରେ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ନୋବେଲ କମିଟି କହିଛି। ବିଶ୍ୱରେ ମହିଳାମାନଙ୍କ ଅଧିକାରର ସର୍ବାଧିକ ଉଲ୍ଲଂଘନ ହେଉଥିବା ଇରାନରେ ନର୍ଗିସ୍ ଅନ୍ୟତମ ପ୍ରମୁଖ ମାନବାଧିକାର କର୍ମୀ। ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ଲାଗି ତାଙ୍କୁ ୧୩ ଥର ଗିରଫ କରାଯିବା ସହ ୫ ଥରରେ ମୋଟ ୩୧ ବର୍ଷ ଜେଲଦଣ୍ଡ ଦିଆଯାଇଛି। ଏଥିସହ ୧୫୪ ଥର ଚାବୁକ୍ ମାଡ଼ କରାଯାଇଛି। ଦେଶ ବିରୋଧୀ ପ୍ରଚାର ଅଭିଯୋଗରେ ଏବେ ସେ ତେହେରାନ୍ ଜେଲ୍‌ରେ ସଜା କାଟୁଛନ୍ତି। ନର୍ଗିସ୍ 'ଡିଫେଣ୍ଡର୍ସ ଅଫ୍ ହ୍ୟୁମାନ ରାଇଟ୍ସ ସେଣ୍ଟର' ନାମକ ଏନ୍‌ଜିଓର ଉପମୁଖ୍ୟ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପ୍ରାପ୍ତି ଘଟିପାରେ। ପରିବାରରେ କଳହ, ଅଶାନ୍ତି ଦେଖାଦେଇପାରେ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** - ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ଅଭାବ, ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ଅନ୍ୟମାନଙ୍କୁ ଭଲରେ ରଖିବାକୁ ଚେଷ୍ଟା କଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡି ଦେବ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। କିଛି ମୂଲ୍ୟବାନ ଜିନିଷ କିଣିବା କାରଣରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ମିଥୁନ** - ଅର୍ଥ ସଂକଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପୂରଣ କରିପାରିବେ। ବୟସ୍କ ବ୍ୟକ୍ତିମାନେ ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ। ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଧନ ହାନି ଘଟିବାର ପୂର୍ବସୂଚନା ରହିଛି। ଜମିଜମା କାରବାର କିମ୍ବା କୌଣସି ଚୁକ୍ତିପତ୍ର ସମ୍ପାଦନ କରିବା ପାଇଁ ପ୍ରକୃଷ୍ଟ ଦିନ।

**କର୍କଟ** - ପରିସ୍ଥିତି ପ୍ରତି ସଚେତନ ହୋଇ କାମ କରିବା ଦ୍ୱାରା ଶ୍ରମ ଲାଘବ ହୋଇପାରିବ। ପ୍ରଥମାବସ୍ଥାରେ ଅସୁବିଧା ଭଳି ମନେହେଲେ ମଧ୍ୟ ପରକ୍ଷଣରେ ବହୁତ ସୁବିଧା ଉପଭୋଗ କରିପାରିବେ। ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ସିଂହ** - ଆପଣଙ୍କ ସ୍ପଷ୍ଟବାଦିତା ଓ କାର୍ଯ୍ୟ ହାସଲର କଳା କୌଶଳକୁ ବନ୍ଧୁ ପ୍ରଶଂସା କରିପାରନ୍ତି। ପାରିବାରିକ ବିଷମତା ନେଇ ଚିନ୍ତିତ ଥିଲେ ମଧ୍ୟ ପ୍ରକାଶ କରିପାରିବେ ନାହିଁ। ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**କନ୍ୟା** - ଅଟକି ରହିଥିବା କାମ ପୂରାଦମରେ କଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ସାରିପାରିବେ ନାହିଁ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସାଙ୍ଗଠନିକ କ୍ଷେତ୍ରରେ କିଛି ନୂତନ ଦିଗ୍‌ଦର୍ଶନ ଦେଇ ପ୍ରିୟଭାଜନ ହେବେ। ବ୍ୟବସାୟ, ପରିବହନ, ଜମିଜମା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ବଢ଼ିପାରେ।

**ତୁଳା** - ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। ଯେତେ ରାଗିଥିଲେ ମଧ୍ୟ ବନ୍ଧୁଙ୍କ ସାମ୍ନାରେ କିଛି କଡ଼ା କଥା କହିପାରିବେ ନାହିଁ। ସରକାରୀ କାମରେ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ। ପାନ ମସଲା, ତେଜରାତି ଦୋକାନ, ହୋଟେଲ ବ୍ୟବସାୟରୁ ଆଜି ଭଲ ବେପାର ହେବ।

**ବିଛା** - ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସି ପାରିବ ନାହିଁ। କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ କ'ଣ ହେଲା ଏଣୁତେଣୁ ଗୁଡ଼ାଏ ବେକାର କଥାରେ ମନ ଅଶାନ୍ତ ରହିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆତ୍ମୀୟମାନେ ପରୋକ୍ଷ ଭାବରେ ବିରୁଦ୍ଧାଚରଣ କରିବାର ସମ୍ଭାବନା ରହିଛି।

**ଧନୁ** - ଆଜି ଅଯଥା ଖର୍ଚ୍ଚାନ୍ତ ହେବା କାରଣରୁ ମାନସିକ ସ୍ତର ଉତ୍ତେଜିତ ରହିପାରେ। ଘରେ ଅଶାନ୍ତିର ବାତାବରଣ ଏବଂ କର୍ମକ୍ଷେତ୍ରରେ କଳହକୁ ଏଡି ହେବନି। ବନ୍ଧୁଙ୍କ କଥା ରକ୍ଷା କରିବାକୁ ଯାଇ ନିଜ କାମ କରି ଫେରିପାରନ୍ତି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ।

**ମକର** - ବିଳମ୍ବିତ ସମୟରେ ଅଭିଳାଷ ପୂରଣ ହେବ ତଥାପି ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସ୍ଥାନ ପାଇବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ରୋଗ ଶଯ୍ୟାରେ ପଡ଼ିଥିବା ନିକଟ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** - ଘର କାମ ଛାଡ଼ି ଉପରିସ୍ଥଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ୍ୟ ହେବେ। ଅସାବଧାନତାବଶତଃ କାରଣରୁ ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟିକ ଦିଗରୁ ଦିନଟି ଭଲ କିନ୍ତୁ ସମ୍ପୂର୍ଣ୍ଣ ସନ୍ତୋଷଜନକ ହେବନାହିଁ।

**ମୀନ** - ଯୋଜନାନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କଲେ ମଧ୍ୟ କିଛି ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିପାରେ। ପଡ଼ୋଶୀ ଈର୍ଷାପରାୟଣ ହୋଇ ପରୋକ୍ଷଭାବରେ ସମାଲୋଚନା କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତା କରିବାକୁ ପଡ଼ିପାରେ। ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନ କ୍ଷେତ୍ରରେ ସହଯୋଗ ଲାଭ କରି ଖୁସି ହେବେ।

ଆଜି ଆଶ୍ୱିନ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ, ଶନିବାର, ଅକ୍ଟୋବର ୭ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୧୬ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୭ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।




# 'ରାଜ୍ୟକୁ ଉତ୍ସର୍ଗୀକୃତ ହେଲିକପ୍ଟର ଦିଆଯାଉ'

## ମାଓବାଦୀ ଦମନ ସମ୍ପର୍କିତ ଜାତୀୟ ବୈଠକରେ ଓଡ଼ିଶାର ଦାବି

ଭୁବନେଶ୍ୱର,୬।୧୦(ସୁନିତ୍ ମିଶ୍ର)



ଓଡ଼ିଶାରେ ମାଓବାଦୀ ସମସ୍ୟାର ମୁକାବିଲା ନିମନ୍ତେ ଭାରତ ସରକାରଙ୍କ ସହାୟତା ପାଇଁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ଅର୍ଥମନ୍ତ୍ରୀ କିଛି ସମସ୍ୟା ଉପରେ ଭାରତ ସରକାରଙ୍କ ଧ୍ୟାନ ଆକର୍ଷଣ କରି କହିଛନ୍ତି, ବିଭିନ୍ନ ଯୋଜନାରେ ମୋବାଇଲ ଟାୱାର ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ଶୀଘ୍ର କାର୍ଯ୍ୟ ଶେଷ ହେବା ଦରକାର। ସେନାର ଯାତାୟାତ, ଆଗ ପୋଷ୍ଟର ରକ୍ଷଣାବେକ୍ଷଣ ଏବଂ ମାଓବାଦୀଙ୍କ ସହ ସଂଘର୍ଷ ଭଳି ଜରୁରୀ ପରିସ୍ଥିତିରେ ମୁକାବିଲା ନିମନ୍ତେ ସୁରକ୍ଷା ବାହିନୀ ପାଇଁ ନିରବଚ୍ଛିନ୍ନ ହେଲିକପ୍ଟର ସେବା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ତେଣୁ ରାଜ୍ୟକୁ ଏଥିଲାଗି ଏକ ଉତ୍ସର୍ଗୀକୃତ ହେଲିକପ୍ଟର ପ୍ରଦାନ କରିବାକୁ ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାଓବାଦୀ ଦମନ ସମ୍ପର୍କିତ ଜାତୀୟ ବୈଠକରେ ଆରୁଖ ଦାବି କରିଛନ୍ତି।

ମନ୍ତ୍ରୀ ଆରୁଖ ଆହୁରି କହିଛନ୍ତି, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସକ୍ରିୟ ଓ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା ଏବଂ ଆଦିବାସୀ ଅଞ୍ଚଳର ସାମଗ୍ରିକ ବିକାଶ ଆମ ରାଜ୍ୟର ଆଭିମୁଖ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଉପରେ ସର୍ବଦା ଗୁରୁତ୍ୱାରୋପ କରି ଆସିଛନ୍ତି। ମାଓବାଦୀ ସମସ୍ୟାର ମୂଳୋତ୍ପାଟନ ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ସଂସ୍ଥା ଓ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ସମନ୍ୱୟ ରକ୍ଷାକରି ନିଷ୍ଠାପର ଭାବେ ପ୍ରୟାସ ଜାରି ରଖିବେ। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଓ ବଳିଷ୍ଠ ନେତୃତ୍ୱରେ ଓଡ଼ିଶା ବାମପନ୍ଥୀ ଉଗ୍ରବାଦର ମୁକାବିଲା କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟ ସରକାରଙ୍କ ଜନକୈନ୍ଦ୍ରିକ ନୀତି ଏବଂ ବିକାଶମୂଳକ ପଦକ୍ଷେପ ଯୋଗୁ ଅଧିକାଂଶ ପ୍ରଭାବିତ ଅଞ୍ଚଳର ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିପାରିଛି। ମାଓବାଦୀଙ୍କ ପ୍ରଭାବ କ୍ଷେତ୍ର ୨୧ଟି ଜିଲ୍ଲାରୁ ୧୦ଟି ଜିଲ୍ଲାକୁ ହ୍ରାସ ପାଇଛି, ହିଂସାର ତୀବ୍ରତା କମିପାରିଛି। ଦଶନ୍ଧି ଦଶନ୍ଧି ଧରି ମାଓବାଦୀଙ୍କ ଗଡ଼ ଥିବା ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳକୁ ସୁରକ୍ଷା ବଳ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଓ ଆଧିପତ୍ୟକୁ ଆଣିପାରିଛି। ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଦ୍ୱାରା ଏହି ଅଞ୍ଚଳ ସାମାଜିକ-ଅର୍ଥନୈତିକ-ରାଜନୈତିକ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛି। ଗୁରୁପ୍ରିୟା ସେତୁ ନିର୍ମାଣ ଏହି ଅଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଓ ଜୀବିକାରେ ଆଖିଦୃଶିଆ ପରିବର୍ତ୍ତନ ଆଣିପାରିଛି ବୋଲି ସେ କହିଛନ୍ତି। ପାଠପଢ଼ାର ସୁବିଧା ପାଇଁ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ୭ ହଜାରରୁ ଅଧିକ ସ୍ମାର୍ଟଫୋନ ବଣ୍ଟନ କରାଯାଇଛି। ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସ ଓ ପାରାମେଡିକାଲ ସଂଖ୍ୟାକୁ ସମ୍ପ୍ରସାରିତ କରାଯିବା ସହ ବୋଟ୍ ଆମ୍ବୁଲାନ୍ସ ଏବଂ ଜଳ ଆମ୍ବୁଲାନ୍ସ ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଏହି ବୈଠକରେ ଅର୍ଥମନ୍ତ୍ରୀ ଆରୁଖ ଯୋଗଦେଇଥିବା ବେଳେ ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଯୋଗଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଓଡ଼ିଶାର ମାଓବାଦୀ ଦମନ କାର୍ଯ୍ୟକଳାପ ଉପରେ ସନ୍ତୋଷ ବ୍ୟକ୍ତ କରିବା ସହ ଆସନ୍ତା ବର୍ଷ ସମଗ୍ର ଦେଶରୁ ବାମପନ୍ଥୀ ଉଗ୍ରବାଦର ମୂଳୋତ୍ପାଟନ କରାଯିବ ଏବଂ ରାଜ୍ୟ ସରକାରଙ୍କୁ ଏଥିନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିବା ସୂଚନା ଦିଆଯାଇଛି।

# ଖଣି ପୋଖରୀରେ ବୁଡ଼ି ଯୁବକ ମୃତ

## ସେଲ୍ଫି ନେବା ହେଲା କାଳ

- ଉଦ୍ଧାର ପାଇଲେ ଜଣେ ଯୁବତୀ
- କଟକଣା ଜାରିକଲା ପ୍ରଶାସନ

ଖୋର୍ଦ୍ଧା,୬।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ବଡ଼ସାଉଁଲି ପାହାଡ଼ (ଶ୍ରୀମନ୍ଦିର ପ୍ରଶାସନ ରେକର୍ଡ ଅନୁସାରେ ଟାଙ୍ଗୁରୀ-୧) ଖଣି ପୋଖରୀରେ ଶୁକ୍ରବାର ଅପରାହ୍ନରେ ସେଲ୍ଫି ନେବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ସିଡିଏ ଅଞ୍ଚଳର ଆଶୁତୋଷ ବେହେରା (୨୧)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, କଟକ ଅଞ୍ଚଳର ୬ଜଣ ଯୁବତୀ ଯୁବକ ଏହି ପାହାଡ଼ ବୁଲିବାକୁ ଆସିଥିଲେ। ସେଠାରେ ମିଳିମିଶି ରିଲ୍ସ କରିଥିଲେ। ପରେ ଏକାଠି ହୋଇ ଖଣି ପୋଖରୀ ନିକଟରେ ସେଲ୍ଫି ନେଉଥିଲେ। ଏହି ସମୟରେ ହଠାତ୍ ଆଶୁତୋଷ ଓ ଜଣେ ଯୁବତୀଙ୍କ ଗୋଡ଼ ଖସିଯିବାରୁ ଉଭୟ ଖଣି ପୋଖରୀରେ ପଡ଼ିଯାଇଥିଲେ। ସମ୍ପୃକ୍ତ ଯୁବତୀ ବୁଡ଼ିଯାଉଥିବାବେଳେ ଅନ୍ୟମାନେ ତାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ବେଳେ ଆଶୁତୋଷଙ୍କୁ ବଞ୍ଚାଇପାରି ନ ଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ। ଏକ ଘଣ୍ଟାର ପରିଶ୍ରମ ପରେ ଆଶୁତୋଷଙ୍କ ମୃତଦେହ ମିଳିଥିଲା। ସେଠାରେ ସଦର ଥାନା ଆଇଆଇସି କାହ୍ନୁଚରଣ ସ୍ୱାଇଁ ଏବଂ ତହସିଲଦାର ବିଭାସ ପାଣିଗ୍ରାହୀ ସଦଳବଳ ପହଞ୍ଚିଥିଲେ। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ଉକ୍ତ ପାହାଡ଼ ନିକଟରେ ବୁଲାବୁଲି ଉପରେ କଟକଣା ଜାରି କରାଯାଇଛି।

ପ୍ରକାଶ ଯେ, ଉକ୍ତ ଅଞ୍ଚଳରେ ପାହାଡ଼ ଖୋଳାହେବା ଫଳରେ ବିରାଟ ଗାତ ସୃଷ୍ଟି ହୋଇ ପାଣି ଜମି କୃତ୍ରିମ ହ୍ରଦ ପାଲଟିଛି। ଏହି ଖଣି ପୋଖରୀରେ ଚାରିପଟେ ପାହାଡ଼ ରହିଥିବାବେଳେ ତଳେ ଶିଉଳି ଲଟା, ଅନାବନା ଗଛଲତା ପାଣିରେ ପଡ଼ି ସୂର୍ଯ୍ୟକିରଣ ପ୍ରଭାବରେ ନୀଳବର୍ଣ୍ଣ ଦେଖାଯାଏ। ଚାରିପଟେ ପାହାଡ଼ଘେରା ମଧ୍ୟରେ ଥିବା ଏହି ଅଞ୍ଚଳ ଯୁବତୀ ଯୁବକଙ୍କ ପାଇଁ ରିଲ୍ସ ଓ ସେଲ୍ଫି ପଏଣ୍ଟ ପାଲଟିଥିଲା। ଏପରିକି କେତେଜଣ ଯୁବକ ଏହାକୁ ଲଦାଖ ସହ ତୁଳନା କରି ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିବା ଯୋଗୁ ଏହି ସ୍ଥାନର ଗୁରୁତ୍ୱ ବଢ଼ିବା ସହ ଚର୍ଚ୍ଚାକୁ ଆସିଥିଲା। ଧୀରେ ଧୀରେ ଏଠାକୁ ଲୋକଙ୍କ ଆଗମନ ବଢ଼ିଥିଲା। ବିପଦସଙ୍କୁଳ ସ୍ଥାନରେ ଯୁବତୀ, ଯୁବକ, ପ୍ରେମୀଯୁଗଳ ସେଲ୍ଫି ନେବା ଓ ରିଲ୍ସ କରିବା ପାଇଁ ଭିଡ଼ ହେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା। ଏହାସତ୍ତ୍ୱେ ଅନେକେ ତାହାକୁ ମାନୁ ନ ଥିଲେ।

ଉଲ୍ଲେଖଯୋଗ୍ୟ, ଏକାଧିକ ପାହାଡ଼ରୁ ବେଆଇନ ଭାବେ ଖଣିଖନନ କରିବା ପରେ ମାଫିଆମାନେ ଏହାକୁ ଛାଡ଼ି ଦେଉଛନ୍ତି। ଦୀର୍ଘଦିନ ଖଣିରେ ପାଣି ଜମିବା ଫଳରେ ଏଭଳି ସ୍ଥିତି ଉପୁଜୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ତାପଙ୍ଗ ଅଞ୍ଚଳରେ ସୃଷ୍ଟି ହୋଇଥିବା ବେଆଇନ ଖଣି ଓ କୃତ୍ରିମ ହ୍ରଦ ପୋତିବା ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏକ ଅଭିଯୋଗ ଶୁଣାଣି କରି ଶ୍ରୀମନ୍ଦିର ପ୍ରଶାସନ ୧୨ କୋଟି ଟଙ୍କା ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ଦେବା ପାଇଁ ୨୦୨୨ ଅକ୍ଟୋବରରେ ନିର୍ଦ୍ଦେଶ ଦେଇଥିଲେ।


ପୋଖରୀରୁ ଉଦ୍ଧାର ଯୁବକଙ୍କୁ ନିଆଯାଉଛି।

# ଏନ୍‌ଏସ୍‌ଡି ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୬।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)/ଚାନ୍ଦବାଲି (ଅଶୋକ ପଣ୍ଡା/କିଶାନ ପାତ୍ର)

ଓଡ଼ିଆ ପୁଅ ତଥା ଅଭିନେତା ଚିତ୍ତରଞ୍ଜନ ତ୍ରିପାଠୀ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି) ଦିଲ୍ଲୀର ନିର୍ଦ୍ଦେଶକ ହୋଇଛନ୍ତି। ଏନେଇ ଗୁରୁବାର ଘୋଷଣା କରାଯାଇଥିବାବେଳେ ଶୁକ୍ରବାର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଏନ୍‌ଏସ୍‌ଡିର ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ। ପ୍ରଥମ ଓଡ଼ିଆ ଭାବେ ଚିତ୍ତରଞ୍ଜନଙ୍କୁ ଏହି ଦାୟିତ୍ୱ ମିଳିଛି। ତାଙ୍କ ଘର ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁରେ। ସେ କେବଳ ଜଣେ ଅଭିନେତା ନୁହନ୍ତି, ସିନେ ନିର୍ଦ୍ଦେଶକ, ଲେଖକ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ ମଧ୍ୟ ଓଡ଼ିଆ ଏବଂ ହିନ୍ଦୀ ଫିଲ୍ମରେ କାମ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଧଉଳି ଏକ୍ସପ୍ରେସ୍, ମୁଖ୍ୟମନ୍ତ୍ରୀ, ନେଟ୍‌ଫ୍ଲିକ୍ସରେ ପ୍ରସାରିତ ୱେବ୍‌ସିରିଜ୍ ସାକ୍ରେଡ୍ ଗେମ୍ସ, ହିନ୍ଦୀ ଫିଲ୍ମ ତେରା ମେରା ଟେଢା ମେଢ଼ା, ଇନ୍ଦୁ କି ଯୱାନି, ଛପକ୍, ଏ ମନ୍‌ସୁନ୍ ଡେଟ୍, ସିରିଜ୍ ଝୋଲାଛାପ୍ ଭଳି ଅନେକ ଫିଲ୍ମ, ୱେବ୍‌ସିରିଜ୍‌ରେ ଦମ୍‌ଦାର ଅଭିନୟ କରିଛନ୍ତି। ସେ ଏନ୍‌ଏସ୍‌ଡିର ଜଣେ ପୁରାତନ ଛାତ୍ର। ତେବେ ନିଜେ ପଢ଼ୁଥିବା ଏହି ଜାତୀୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦାୟିତ୍ୱ ମିଳିଥିବାରୁ ଚିତ୍ତରଞ୍ଜନଙ୍କୁ ଓଡ଼ିଆ ସିନେଜଗତ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ଚିତ୍ତରଞ୍ଜନ ତ୍ରିପାଠୀ

# ସିକିମ୍‌ରେ ଫସି ରହିଛନ୍ତି ନୀଳଗିରିର ସତ୍ୟସୁନ୍ଦର

## ଉଦ୍ଧାର ପାଇଁ ଆକୁଳ ନିବେଦନ

ନୀଳଗିରି,୬।୧୦(ପ୍ରଶାନ୍ତ ବିଶ୍ୱାଳ)

ସିକିମରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଫସି ରହିଛନ୍ତି ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ଯୁବ ଇଞ୍ଜିନିୟର ସତ୍ୟସୁନ୍ଦର ବାରିକ। ତାଙ୍କ ସହ ବିଭିନ୍ନ ରାଜ୍ୟର ଆଉ ୭ଜଣ ଯୁବକ ଷ୍ଟାଫ୍ କ୍ୱାର୍ଟର୍ସରେ ଫସି ରହିଛନ୍ତି। ଚାରିଆଡେ ଖାଲି ପାଣି ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଭୋକ ଉପାସରେ ରହିଥିବା ସତ୍ୟସୁନ୍ଦର ତାଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ସେ ଆକୁଳ ନିବେଦନ କରିଛନ୍ତି।

ନୀଳଗିରି ଏନଏସି ଅଧୀନ ୧୩ନଂ. ୱାର୍ଡ ଗୋପୀନାଥପୁର ଗ୍ରାମର ସତ୍ୟସୁନ୍ଦର ସିକିମ୍ ନାମଥଙ୍ଗ ଇଲାକାର ଝୁଲୁଙ୍ଗେ ବ୍ଲକର ଝୁଲୁଙ୍ଗେର ଏକ ପ୍ଲାଷ୍ଟୋ ଓର୍କ କମ୍ପାନୀରେ କାର୍ଯ୍ୟ କରନ୍ତି। ଉକ୍ତ କମ୍ପାନୀଠାରୁ ମାତ୍ର ୧୫୦ ମିଟର ଦୂରରେ ହୋଇଛି ଏହି ପ୍ରଳୟଙ୍କରୀ ବନ୍ୟା। ସେମାନେ ଷ୍ଟାଫ୍ କ୍ୱାର୍ଟର୍ସରେ ରହିଥିବା ବେଳେ ଜଳବନ୍ଦୀ ଯୋଗୁ ବାହାରକୁ ବାହାରିବା ସମ୍ଭବ ହେଉନାହିଁ। ଖାଦ୍ୟପଦାର୍ଥ ସରିଲାଣି। ଏନେଇ ପରିବାର ଲୋକେ ଚିନ୍ତାରେ ରହିଥିବା ବେଳେ ପୂଜାର୍ଚ୍ଚନା ଆରମ୍ଭ କରିଦେଇଛନ୍ତି। ସତ୍ୟସୁନ୍ଦର ତୁରନ୍ତ ଉଦ୍ଧାର ଲାଗି ରାଜ୍ୟ ସରକାର ଓ ବାଲେଶ୍ୱର ଜିଲ୍ଲାପାଳଙ୍କଠାରେ ଗୁହାରି କରିଛନ୍ତି। ତାଙ୍କ ମାମୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରି ତାଙ୍କ ଭଣଜାଙ୍କ ସମେତ ଅନ୍ୟ ସହଯୋଗୀଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ତେବେ ଏମ୍‌ପି ଷଡ଼ଙ୍ଗୀ ଖୁବ୍‌ଶୀଘ୍ର ସେମାନଙ୍କୁ ଉଦ୍ଧାର କରାଯିବାର ପ୍ରତିଶ୍ରୁତି ଦେଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।


ସିକିମ୍‌ରେ ଫସି ରହିଥିବା ଯୁବକମାନେ।

# ବିଧାୟକ ପ୍ରତାପ ଜେନାଙ୍କୁ ସମନ ଜାରି ନିର୍ଦ୍ଦେଶ

## ମାହାଙ୍ଗା ଡବଲ ମର୍ଡର ମାମଲା

କଟକ,୬।୧୦ (କାର୍ତ୍ତିକ ସାହୁ)

କଟକ ଜିଲ୍ଲା ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କୁ ସ୍ପେଶାଲ ମେସେଞ୍ଜର ମାଧ୍ୟମରେ ସାଲେପୁର ଜେଏମ୍‌ଏଫ୍‌ସି ସମନ ଜାରି କରିଛନ୍ତି। ଆସନ୍ତା ୩୧ ତାରିଖରେ ବିଧାୟକ ଜେନା କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ମୃତ କୁଳମଣି ବରାଳଙ୍କ ପୁତ୍ର ରଞ୍ଜିତ କୁମାର ବରାଳ ସ୍ପେଶାଲ ମେସେଞ୍ଜର ମାଧ୍ୟମରେ ମାମଲାର ୧୩ ନମ୍ବର ଅଭିଯୁକ୍ତ ବିଧାୟକ ତଥା ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସମନ ପଠାଇବା ଲାଗି ଅଦାଲତରେ ଗତ ୩୦ ତାରିଖରେ ଆବେଦନ କରିଥିଲେ। ଅଦାଲତ ଏହି ଆବେଦନର ବିଚାର କରି ଏଥିପାଇଁ ୭୫୦ ଟଙ୍କା ଦାଖଲ କରିବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି।

# ଇଷ୍ଟ କୋଷ୍ଟ ରେଲ୍‌ୱେ ଜିଏମ୍ କାର୍ଯ୍ୟାଳୟ ଘେରିଲେ ସଫେଇ କର୍ମଚାରୀ

ଭୁବନେଶ୍ୱର,୬।୧୦ (ଅନୁରାଧା ମହାରଣା)

ମାସକୁ ୨୬ ଦିନ କାମ, ଇପିଏଫ୍ ସହ ଇଏସ୍‌ଆଇ ଲାଗୁ, ସଫେଇ କର୍ମଚାରୀଙ୍କ ଲାଗି ବିଶ୍ରାମଗୃହ, ଗ୍ରାଚ୍ୟୁଇଟି ପ୍ରଦାନ ଓ ଠିକ ବୋନସ ପ୍ରଦାନ ପାଇଁ ଏଆଇସିସିଟିୟୁ ସହବନ୍ଧିତ ଇଷ୍ଟ କୋଷ୍ଟ ସଫେଇ କର୍ମଚାରୀ ସଂଘ ଦାବି କରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସଫେଇ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ବାହାରି ଜିଏମ୍ ଅଫିସ ଘେରାଉ କରିବା ସହ ଧାରଣା ଦେଇଥିଲେ। ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ବଂଶୀଧର ପରିଡା, ବିଜୟ ବେହେରା, ଶଙ୍କର ନାଏକଙ୍କ ସହ ୪ଜଣିଆ ପ୍ରତିନିଧି ମଣ୍ଡଳୀ ଡିଜିଏମ୍‌ଙ୍କୁ ଭେଟି ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଦାବି ସଂକ୍ରାନ୍ତ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଫେଇ କର୍ମଚାରୀମାନେ କହିଛନ୍ତି।



ଚନ୍ଦ୍ରଶେଖରପୁରସ୍ଥିତ ଇଷ୍ଟକୋଷ୍ଟ ରେଲ୍‌ୱେର ଜିଏମ୍ ଅଫିସ୍ ଆଗରେ ସଫେଇ କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।



"ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ୍ତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। –ଶ୍ରୀମା

# ପିଏମ୍‌ଓରେ ଖାରେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ଅମିତ୍ ଖାରେଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିଛି। ପ୍ରଧାନମନ୍ତ୍ରୀଙ୍କ ପାଳି ଶେଷ ହେବାକୁ ଥିବା ମେ ୨୦୨୪ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଘଟଣାକ୍ରମରେ ଖାରେ ଖୁବ୍ ଶୀଘ୍ର ଏହି ପଦବୀରେ ପହଞ୍ଚିପାରିଥିଲେ। ସେପ୍ଟେମ୍ବର ୨୦୨୧ରେ ଉଚ୍ଚଶିକ୍ଷା ସଚିବ ଭାବରେ ଅବସର ଗ୍ରହଣ କରିବାର ମାତ୍ର ଦୁଇ ସପ୍ତାହ ପରେ ପ୍ରଥମେ ସେ ୨ ବର୍ଷ ପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କର ଉଲ୍ଲେଖନୀୟ କ୍ୟାରିୟର ଯୋଗୁ ସରକାରଙ୍କ ସର୍ବୋଚ୍ଚ ସ୍ତର ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିଲା ଓ ଏହି ନିଯୁକ୍ତି ତାହାର ଏକ ଉଦାହରଣ। ଏଥିସହ ଉଚ୍ଚଶିକ୍ଷା ସଚିବ ଭାବରେ କାର୍ଯ୍ୟ କରୁଥିବାବେଳେ ଖାରେ ସୂଚନା ଏବଂ ପ୍ରସାରଣର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ତାଙ୍କୁ ଏକ ବର୍ଷରୁ ଅଧିକ ସମୟ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସହିତ ସମନ୍ୱୟ ରକ୍ଷା କରିବାର ଅପୂର୍ବ ସୁଯୋଗ ପ୍ରଦାନ କରିଥିଲା। ଖାରେଙ୍କ କାର୍ଯ୍ୟକାଳର ବୃଦ୍ଧି ଅନେକ ବିଷୟ ସୂଚିତ କରେ। ଏହା ସରକାରଙ୍କ ମଧ୍ୟରେ ନିରନ୍ତରତା ଏବଂ ସ୍ଥିରତା ପାଇଁ ଏକ ପ୍ରତିବଦ୍ଧତାର ସଙ୍କେତ ଦିଏ, ରାଜ୍ୟ ବ୍ୟବସ୍ଥାର ପରିଚାଳନାରେ ଅଭିଜ୍ଞତା ଏବଂ ଆନୁଷ୍ଠାନିକ ସ୍ମୃତିର ଗୁରୁତ୍ୱ ଉପରେ ଧ୍ୟାନ ଦିଏ। ନିଃସନ୍ଦେହ ଯେ, ଦୁଇଟି ବିଭାଗର ଦାୟିତ୍ୱରେ ଥିବା ସମୟରେ ଖାରେଙ୍କ ପାରଦର୍ଶିତା ଏବଂ ପିଏମ୍‌ଓ ସହିତ ଘନିଷ୍ଠତା ଏବକାର କାର୍ଯ୍ୟକାଳ ବୃଦ୍ଧିକୁ ସୁନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

### ପରିବର୍ତ୍ତନ ପାଇଁ ପ୍ରସ୍ତୁତ

ଅନୌପଚାରିକ ଭାବେ ଲୋକଙ୍କ ମଧ୍ୟରେ ଘୂରି ବୁଲୁଥିବା ଖବରକୁ ଯଦି ବିଶ୍ୱାସ କରାଯାଏ ତେବେ ସମ୍ଭବତଃ କୁହାଯାଇପାରେ ଯେ, ବିହାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜବିନ୍ଦର ସିଂ ଭଟ୍ଟି କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ କିମ୍ବା କେନ୍ଦ୍ରୀୟ ପୋଲିସ ସଂଗଠନରେ ଏକ ମହାନିର୍ଦ୍ଦେଶକ (ଡିଜି) ପଦବୀ ହାସଲ କରିବା ପାଇଁ ସତର୍କତାର ସହ ଅନ୍ୱେଷଣ କରୁଛନ୍ତି। ଉଲ୍ଲେଖନୀୟ ଯେ, ଡିସେମ୍ବର ୨୦୨୨ରେ ଭଟ୍ଟି ଡିଜିପି ହେଲାବେଳେ ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ତଥା ଦିଲ୍ଲୀର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ) ଭାବେ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକାଳ ମଧ୍ୟରେ ତାଙ୍କର ଏକ ତ୍ରୁଟିଶୂନ୍ୟ ରେକର୍ଡ ରହିଛି। ତେବେ ରାଜ୍ୟରେ ଡିଜିପି ହେବାର ଏକ ବର୍ଷ ମଧ୍ୟରେ କେନ୍ଦ୍ରୀୟ ନିଯୁକ୍ତି ପାଇବାକୁ ତାଙ୍କର ଇଚ୍ଛାକୁ ନେଇ ଯାହା କଳ୍ପନା କରାଯାଉଛି ତାହା ଉପରେ ପ୍ରଶ୍ନ ଉଠିଛି ଓ ଏକ ସମ୍ଭାବନା ବି ବଢ଼ିଛି। ସୂତ୍ରରୁ ପ୍ରକାଶ, ବିହାର କ୍ୟାଡରର କେତେଜଣ ବରିଷ୍ଠ ଅଧିକାରୀ ବିଶ୍ୱାସ କରନ୍ତି ଯେ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭାଜପା ହାତ ଛାଡ଼ିବା ପରେ ଭଟ୍ଟି ରାଜ୍ୟର ପରିବର୍ତ୍ତିତ ସ୍ଥିତିକୁ ଠିକ୍ ବାଟରେ ନେବା ଲାଗି ସଂଘର୍ଷ କରୁଥାଇପାରନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ବିହାରରେ ବିଶେଷକରି ଆଶା ଓ ଆହ୍ୱାନରେ ପରିପୂର୍ଣ୍ଣ ଆର୍‌ଜେଡି–ଜେଡିୟୁ ସରକାରରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଏକ କଷ୍ଟକର ଦାୟିତ୍ୱ ହୋଇପାରେ। ତେଣୁ ଭଟ୍ଟି କେନ୍ଦ୍ରରେ ଅଧିକ ଶାନ୍ତିପୂର୍ଣ୍ଣ କାର୍ଯ୍ୟ କରିବାକୁ ଉତ୍ସୁକ କି? କୌତୂହଳର ବିଷୟ, ସିଆଇଏସଏଫ୍‌ରେ ଏକ ନୂତନ ଡିଜି ନିଯୁକ୍ତ କରିବାରେ ଅଧିକ ବିଳମ୍ବ ହେବା ହିଁ ଏବକାର କଳ୍ପନାଜଳ୍ପନାର କାରଣ ହୋଇଛି। ବିହାରରୁ କେନ୍ଦ୍ରକୁ ଭଟ୍ଟିଙ୍କ ସମ୍ଭାବ୍ୟ ପରିବର୍ତ୍ତନ ଯଦି ବାସ୍ତବରୂପ ନିଏ ତେବେ ତାହାକୁ ଆଗ୍ରହର ସହ ନିରୀକ୍ଷଣ କରାଯିବ।

### କଡ଼ା ବାର୍ତ୍ତା

ସଚ୍ଚୋଟତା ଅଭାବ ଏବଂ ଅପାରଗତା ଆଧାରରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଇଏଏସ୍ ଅଧିକାରୀ ରିଙ୍କୁ ଡୁଗ୍ଗାଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ନିଷ୍ପତ୍ତି ପ୍ରାୟ ଦୁଇମାସ ପୂର୍ବରୁ ଘୋଷଣା କରାଯାଇଥିଲା। କୌତୂହଳର ବିଷୟ ହେଉଛି, ସରକାର କହିଛନ୍ତି ଯେ ଏହି ପଦକ୍ଷେପ ଡୁଗ୍ଗା ଏବଂ ତାଙ୍କ ସ୍ୱାମୀ ଆଇଏଏସ୍ ଅଧିକାରୀ ସଞ୍ଜୟ ଖୀରୱାରଙ୍କ ବିବାଦୀୟ ଘଟଣା ସହିତ କିଛି ସମ୍ପର୍କ ନାହିଁ। ଗତ ବର୍ଷ ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ସେମାନଙ୍କ କୁକୁର ଚଲାବୁଲା କରିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ନେଇ ଏହି ଦମ୍ପତିଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା। ଷ୍ଟାଡିୟମରେ ଥିବା ସୁବିଧାସୁଯୋଗର ଅପବ୍ୟବହାର ଅଭିଯୋଗରେ ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ସେତେବେଳେ ଦିଲ୍ଲୀ ସରକାରରେ କାର୍ଯ୍ୟ କରୁଥିବା ଏହି ଦମ୍ପତିଙ୍କୁ ବଦଳି କରିଥିଲେ। ଏହି ଅଧ୍ୟାୟ ପରେ ଖୀରୱାରଙ୍କୁ ଲଦାଖକୁ ସ୍ଥାନାନ୍ତର କରାଯିବା ସହ ଡୁଗ୍ଗାଙ୍କୁ ଅରୁଣାଚଳ ପ୍ରଦେଶରେ ପୁନଃନିଯୁକ୍ତ କରାଯାଇଥିଲା। ଅବସର ପାଇଁ ସରକାରୀ ନିର୍ଦ୍ଦେଶ ଏମ୍‌ଏଚ୍‌ଏରୁ ଦିଆଯାଇଥିଲା। କାରଣ ଡୁଗ୍ଗା ୧୯୯୪ ବ୍ୟାଚ୍ ଏଜିଏମୟୁଟି କ୍ୟାଡର ଅଧିକାରୀ ହୋଇଥିବାରୁ ସେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପରିବର୍ତ୍ତେ ଗୃହ ମନ୍ତ୍ରଣାଳୟର ଅଧୀନରେ ରହିଥିଲେ। ଲୋକ ସଭାରେ ପ୍ରକାଶ ପାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ, ବିଗତ ୩ ବର୍ଷ ମଧ୍ୟରେ ୧୨୨ ଅଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ଅବସର ଦିଆଯାଇଛି। ଡୁଗ୍ଗାଙ୍କ ଘଟଣା କର୍ତ୍ତବ୍ୟର ସୀମା ଟପୁଥିବା ବାବୁମାନଙ୍କ ପାଇଁ ଏକ ସତର୍କ ଘଣ୍ଟି। ପଦବୀ ଏବଂ କ୍ଷମତାର ଅପବ୍ୟବହାର କରୁଥିବା ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବାରେ ଡୁଗ୍ଗାଙ୍କ ଘଟଣା ଏକ କଡ଼ା ବାର୍ତ୍ତା।

Email: dilipcherian@gmail.com

su|do|ku
Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 7 | | | 1 | 8 | | 6 | |
| | | | 3 | | 4 | | | |
| | | | | | | | 3 | |
| 8 | 3 | | 5 | | | | 4 | |
| 4 | | 2 | | | | | | |
| | | | | | | 9 | 1 | |
| | 2 | | | 3 | | | | |
| | | 7 | | | 5 | | | |
| 3 | 1 | 6 | | | | | 9 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 8 | 6 | 7 | 1 | 5 | 2 | 9 |
| 5 | 1 | 2 | 4 | 9 | 8 | 7 | 3 | 6 |
| 9 | 6 | 7 | 3 | 2 | 5 | 8 | 4 | 1 |
| 1 | 5 | 4 | 8 | 6 | 2 | 9 | 7 | 3 |
| 8 | 9 | 6 | 7 | 4 | 3 | 1 | 5 | 2 |
| 2 | 7 | 3 | 5 | 1 | 9 | 6 | 8 | 4 |
| 7 | 2 | 9 | 1 | 8 | 4 | 3 | 6 | 5 |
| 6 | 4 | 5 | 9 | 3 | 7 | 2 | 1 | 8 |
| 3 | 8 | 1 | 2 | 5 | 6 | 4 | 9 | 7 |

ଗତକାଲିର ଉତ୍ତର

# ସେ ବାସ୍ତବରେ ଥିଲେ ସବୁଜ ବିପ୍ଳବର ଜନକ



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

କିଛିଦିନ ତଳେ ଆମେ ପ୍ରଫେସର ଏମ୍. ଏସ୍. ସ୍ୱାମୀନାଥନଙ୍କୁ ହରାଇଛୁ। କୃଷି ବିଜ୍ଞାନରେ ବିପ୍ଳବ ଆଣିଥିବା ଜଣେ ଦୂରଦର୍ଶୀଙ୍କୁ ଆମ ଦେଶ ହରାଇଛି। ଭାରତ ପାଇଁ ତାଙ୍କର ଅବଦାନ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନ ଭାରତକୁ ଭଲ ପାଉଥିଲେ। ସେ ଚାହୁଁଥିଲେ, ଆମ ଦେଶ ସମୃଦ୍ଧ ହେଉ, ବିଶେଷକରି ଆମ କୃଷକମାନେ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରନ୍ତୁ। ଶିକ୍ଷାଗତ ଦୃଷ୍ଟିରୁ ସେ ଯେକୌଣସି କ୍ୟାରିୟର ବାଛି ପାରିଥାନ୍ତେ, କିନ୍ତୁ ୧୯୪୩ ମସିହାର ବଙ୍ଗ ଦୁର୍ଭିକ୍ଷ ଦେଖି ସେ ଏତେ ପ୍ରଭାବିତ ହୋଇଥିଲେ ଯେ କୃଷି କ୍ଷେତ୍ରରେ ଅଧ୍ୟୟନ ପାଇଁ ପଣ କରିଥିଲେ।

ଖୁବ୍ କମ୍ ବୟସରେ, ସେ ଡକ୍ଟର ନର୍ମାନ ବୋର୍ଲାଗଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ତାଙ୍କ କାର୍ଯ୍ୟକୁ ଅତି ବିସ୍ତୃତ ଭାବରେ ଅନୁସରଣ କରିଥିଲେ। ୧୯୫୦ ଦଶକରେ ସ୍ୱାମୀନାଥନଙ୍କୁ ଆମେରିକାରେ ଅଧ୍ୟାପକ ପଦବୀ ପାଇଁ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ସେ ଭାରତରେ ଏବଂ ଭାରତ ପାଇଁ କାମ କରିବାକୁ ଚାହୁଁଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ।

ମୁଁ ଚାହୁଁଛି ଯେ, ଆପଣମାନେ ସମସ୍ତେ ସେହି ଆହ୍ୱାନପୂର୍ଣ୍ଣ ପରିସ୍ଥିତି ବିଷୟରେ ଚିନ୍ତା କରନ୍ତୁ, ଯେଉଁଥିରେ ପ୍ରଫେସର ସ୍ୱାମୀନାଥନ ଦୃଢ଼ ଭାବରେ ଠିଆ ହୋଇଥିଲେ ଏବଂ ଆମ ଦେଶକୁ ଆତ୍ମନିର୍ଭରଶୀଳତା ଓ ଆତ୍ମବିଶ୍ୱାସର ମାର୍ଗରେ ଆଗେଇ ନେଇଥିଲେ। ସ୍ୱାଧୀନତା ପରଠାରୁ ପ୍ରଥମ ଦୁଇ ଦଶନ୍ଧି ମଧ୍ୟରେ ଆମେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲୁ ଏବଂ ସେଥିମଧ୍ୟରୁ ଗୋଟିଏ ଥିଲା ଖାଦ୍ୟ ଅଭାବ। ୧୯୬୦ ଦଶକର ପ୍ରାରମ୍ଭରେ ଭାରତ ଦୁର୍ଭିକ୍ଷର ଅଶୁଭ ଛାୟା ସହ ସଂଘର୍ଷ କରୁଥିଲା ଏବଂ ସେତେବେଳେ ପ୍ରଫେସର ସ୍ୱାମୀନାଥନଙ୍କ ଅତୁଳନୀୟ ପ୍ରତିବଦ୍ଧତା ଓ ଦୂରଦୃଷ୍ଟି କୃଷି କ୍ଷେତ୍ରରେ ସମୃଦ୍ଧିର ଏକ ନୂଆ ଯୁଗ ଆରମ୍ଭ କରିଥିଲା। କୃଷି ଏବଂ ଗହମ ପ୍ରଜନନ ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସେ ଅଗ୍ରଣୀ ଗବେଷଣା କାର୍ଯ୍ୟ କରିଥିଲେ। ଫଳରେ ଦେଶରେ ଗହମ ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଲା ଏବଂ ଭାରତ ଖାଦ୍ୟ ଅଭାବୀ ଦେଶରୁ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ରରେ ପରିଣତ ହୋଇଥିଲା। ଏହି ବିରାଟ ଉପଲବ୍ଧି ପାଇଁ ତାଙ୍କୁ ସମ୍ମାନର ସହ 'ଭାରତୀୟ ସବୁଜ ବିପ୍ଳବର ଜନକ' ବୋଲି କୁହାଯାଏ।

ସବୁଜ ବିପ୍ଳବ ଭାରତର 'କ୍ୟାନ୍ ଡୁ ସ୍ପିରିଟ'(କରିପାରିବାର ଇଚ୍ଛାଶକ୍ତି)ର ଏକ ଝଲକ ପ୍ରଦାନ କରିଥିଲା – ଯଦି ଆମ ଆଗରେ ୧୦୦ କୋଟି ଆହ୍ୱାନ ରହିଛି ତା'ହେଲେ ସେହି ଆହ୍ୱାନଗୁଡ଼ିକୁ ଅତିକ୍ରମ କରିବା ପାଇଁ ନବସୃଜନର ଜ୍ୟୋତି ସହିତ ଆମ ପାଖରେ ୧୦୦ କୋଟି ମସ୍ତିଷ୍କ ମଧ୍ୟ ଅଛି। ସବୁଜ ବିପ୍ଳବ ଆରମ୍ଭ ହେବାର ପାଞ୍ଚ ଦଶନ୍ଧି ପରେ ଭାରତୀୟ କୃଷି ଅଧିକ ଆଧୁନିକ ଓ ପ୍ରଗତିଶୀଳ ହୋଇପାରିଛି। କିନ୍ତୁ ପ୍ରଫେସର ସ୍ୱାମୀନାଥନ ଯେଉଁ ମୂଳଦୁଆ ପ୍ରତିଷ୍ଠା କରିଯାଇଛନ୍ତି, ତାହା କେବେ ବି ଭୁଲିହେବ ନାହିଁ।

ବର୍ଷ ବର୍ଷ ଧରି ସେ ଆଳୁ ଫସଲକୁ ପ୍ରଭାବିତ କରୁଥିବା ପରଜୀବୀଙ୍କ ମୁକାବିଲା ଦିଗରେ ଅଗ୍ରଣୀ ଗବେଷଣା କରିଥିଲେ। ତାଙ୍କର ଗବେଷଣା ମଧ୍ୟ ଆଳୁ ଫସଲକୁ ଥଣ୍ଡା ପାଗ ସହ୍ୟ କରିବାରେ ସକ୍ଷମ କରିଥିଲା। ଆଜି ସାରା ବିଶ୍ୱ ମିଲେଟ ବା ଶ୍ରୀଅନ୍ନକୁ 'ସୁପର ଫୁଡ୍' ବୋଲି କହୁଛି, କିନ୍ତୁ ପ୍ରଫେସର ସ୍ୱାମୀନାଥନ ୧୯୯୦ ମସିହାରୁ ମିଲେଟ ଚାଷ ଓ ଏହାର



ଉପଯୋଗ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।

ପ୍ରଫେସର ସ୍ୱାମୀନାଥନଙ୍କ ସହ ମୁଁ ବ୍ୟକ୍ତିଗତ ଭାବେ ଅନେକ ଥର ମିଶିଛି। ୨୦୦୧ରେ ମୁଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆମ ସମ୍ପର୍କ ଆରମ୍ଭ ହୋଇଥିଲା। ସେହି ସମୟରେ ଗୁଜରାଟ ନିଜର କୃଷି ଦକ୍ଷତା ପାଇଁ ସେତେ ପରିଚିତ ନଥିଲା। କ୍ରମାଗତ ମରୁଡ଼ି, ବାତ୍ୟା ଓ ଭୂମିକମ୍ପ ଯୋଗୁ ରାଜ୍ୟର ବିକାଶଧାରା ପ୍ରଭାବିତ ହୋଇଥିଲା। ଆମେ ଆରମ୍ଭ କରିଥିବା ଅନେକ ଯୋଜନା ମଧ୍ୟରୁ ଗୋଟିଏ ଥିଲା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଯାହା ମାଟିକୁ ଭଲ ଭାବରେ ବୁଝିବାରେ ଏବଂ ଯଦି ସମସ୍ୟା ସୃଷ୍ଟି ହୁଏ ତେବେ ତାହାର ସମାଧାନ କରିବାରେ ଆମକୁ ସକ୍ଷମ କରିଥିଲା। ଏହି ଯୋଜନା ପରିପ୍ରେକ୍ଷୀରେ ମୁଁ ପ୍ରଫେସର ସ୍ୱାମୀନାଥନଙ୍କୁ ଭେଟିଥିଲି। ସେ ଏହି ଯୋଜନାକୁ ପ୍ରଶଂସା କରିବା ସହ ଏଥିପାଇଁ ନିଜର ମୂଲ୍ୟବାନ ମତାମତ ମଧ୍ୟ ପ୍ରଦାନ କରିଥିଲେ। ଏହି ଯୋଜନାକୁ ନେଇ ସନ୍ଦେହ ଥିବା ଲୋକଙ୍କୁ ବୁଝାଇବାରେ ତାଙ୍କର ସମର୍ଥନ ଯଥେଷ୍ଟ ଥିଲା, ଯାହାକି ପରବର୍ତ୍ତୀ ସମୟରେ ଗୁଜରାଟରେ କୃଷିର ସଫଳତା ପାଇଁ କ୍ଷେତ୍ର ପ୍ରସ୍ତୁତ କଲା।

ମୋର ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ସମୟରେ ଏବଂ ଯେତେବେଳେ ମୁଁ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେଇଥିଲି ସେତେବେଳେ ମଧ୍ୟ ଆମର କଥାବାର୍ତ୍ତା ଜାରି ରହିଥିଲା। ମୁଁ ୨୦୧୬ରେ ଅନ୍ତର୍ଜାତୀୟ କୃଷି–ଜୈବବିବିଧତା କଂଗ୍ରେସରେ ତାଙ୍କୁ ଭେଟିଥିଲି ଏବଂ ପରବର୍ଷ ୨୦୧୭ରେ ମୁଁ ତାଙ୍କ ଦ୍ୱାରା ଲିଖିତ ଏକ ଦୁଇ ଭାଗ ବିଶିଷ୍ଟ ପୁସ୍ତକ ଶୃଙ୍ଖଳାକୁ ଉନ୍ମୋଚନ କରିଥିଲି।

'କୁରାଲ'ରେ କୃଷକମାନଙ୍କୁ ଏକ କେନ୍ଦ୍ରବିନ୍ଦୁ ଭାବରେ ବର୍ଣ୍ଣନା କରାଯାଇଛି, ଯାହା ବିଶ୍ୱକୁ ଏକାଠି ରଖିଥାଏ। ଏହାର କାରଣ ହେଉଛି କୃଷକମାନେ ହିଁ ସମସ୍ତଙ୍କୁ ବଞ୍ଚାଇ ରଖିଥାନ୍ତି। ପ୍ରଫେସର ସ୍ୱାମୀନାଥନ ଏହି ନୀତିକୁ ଭଲ ଭାବରେ ବୁଝିଥିଲେ। ଅନେକ ଲୋକ ତାଙ୍କୁ 'କୃଷି ବୈଜ୍ଞାନିକ' ବୋଲି କୁହନ୍ତି। କିନ୍ତୁ ମୁଁ ସବୁବେଳେ ବିଶ୍ୱାସ କରିଆସିଛି ଯେ ତାଙ୍କ ବ୍ୟକ୍ତିତ୍ୱର ପରିସର ଏହାଠାରୁ ଆହୁରି ଅଧିକ ଥିଲା। ପ୍ରକୃତରେ ସେ 'କିଷାନ ବୈଜ୍ଞାନିକ'– ଚାଷୀଙ୍କ ବୈଜ୍ଞାନିକ ଥିଲେ। ତାଙ୍କ ହୃଦୟ ଜଣେ ଚାଷୀଙ୍କ ଭଳି ଥିଲା। ତାଙ୍କ କୃତିର ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷ ମଧ୍ୟରେ ସୀମିତ ନାହିଁ; ଏହା ପରୀକ୍ଷାଗାର ବାହାରେ, ଫାର୍ମ ଏବଂ ଚାଷ ଜମିରେ ପ୍ରଭାବ ବିସ୍ତାର କରିଛି। ତାଙ୍କର କାର୍ଯ୍ୟ ବୈଜ୍ଞାନିକ ଜ୍ଞାନ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିପାରିଛି। ସେ ଦୀର୍ଘସ୍ଥାୟୀ କୃଷି ପାଇଁ ନିରନ୍ତର ସମର୍ଥନ କରୁଥିଲେ ଏବଂ ମାନବ ସମାଜର ଉନ୍ନତି ଓ ପରିବେଶର ସ୍ଥାୟିତ୍ୱ ମଧ୍ୟରେ ସୂକ୍ଷ୍ମ ସନ୍ତୁଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କର ଆଉ ଗୋଟିଏ ଗୁଣ ବିଷୟରେ ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହୁଁଛି, କ୍ଷୁଦ୍ର ଚାଷୀମାନଙ୍କ ଜୀବନରେ ଉନ୍ନତି ଆଣିବା ଏବଂ ସେମାନେ ମଧ୍ୟ ଯେପରି ନୂଆ ଉଦ୍ଭାବନର ଫଳ ଉପଭୋଗ କରିପାରିବେ ତା'ଉପରେ ପ୍ରଫେସର ସ୍ୱାମୀନାଥନ ବିଶେଷ ଗୁରୁତ୍ୱ ଦେଉଥିଲେ। ମହିଳା ଚାଷୀଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସେ ବିଶେଷ ଭାବରେ ଆଗ୍ରହୀ ଥିଲେ।

ପ୍ରଫେସର ଏମ୍ ଏସ୍ ସ୍ୱାମୀନାଥନଙ୍କ ବ୍ୟକ୍ତିତ୍ୱର ଆଉ ଏକ ଦିଗ ଅଛି ଯାହା ଉଲ୍ଲେଖନୀୟ – ସେ ନୂତନ ଉଦ୍ଭାବନ ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ଜଣେ ଆଦର୍ଶ ଭାବରେ ଠିଆ ହୋଇଛନ୍ତି। ୧୯୮୭ ମସିହାରେ ସେ ବିଶ୍ୱ ଖାଦ୍ୟ ପୁରସ୍କାର ପାଇଥିଲେ ଏବଂ ସେ ଥିଲେ ଏହି ସମ୍ମାନଜନକ ପୁରସ୍କାରର ପ୍ରଥମ ବିଜେତା। ପ୍ରଫେସର ସ୍ୱାମୀନାଥନ ଏହି ପୁରସ୍କାର ରାଶିକୁ ଏକ ଅଣଲାଭକାରୀ ଗବେଷଣା ଫାଉଣ୍ଡେଶନ ପ୍ରତିଷ୍ଠା କରିବାରେ ବ୍ୟବହାର କରିଥିଲେ। ଆଜି ପର୍ଯ୍ୟନ୍ତ ଏହା ବିଭିନ୍ନ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରୁଛି। ସେ ଅଗଣିତ ବ୍ୟକ୍ତିତ୍ୱଙ୍କୁ ଅନୁପ୍ରାଣିତ କରିଛନ୍ତି ଏବଂ ସେମାନଙ୍କ ଭିତରେ ଅଧ୍ୟୟନ ଏବଂ ଉଦ୍ଭାବନ ପ୍ରତି ଆଗ୍ରହ ସୃଷ୍ଟି କରିଛନ୍ତି। ଦ୍ରୁତ ଗତିରେ ପରିବର୍ତ୍ତିତ ଦୁନିଆରେ ତାଙ୍କ ଜୀବନ ଆମକୁ ଜ୍ଞାନ, ମାର୍ଗଦର୍ଶନ ଏବଂ ଉଦ୍ଭାବନରେ ରହିଥିବା ଦୃଢ଼ ସାମର୍ଥ୍ୟ ବିଷୟରେ ସ୍ମରଣ କରାଇ ଦେଇଥାଏ। ସେ ଜଣେ ଅନୁଷ୍ଠାନ ନିର୍ମାତା ମଧ୍ୟ ଥିଲେ। ସେ ଏମିତି ଅନେକ ଅନୁଷ୍ଠାନ ନିର୍ମାଣ କରିଛନ୍ତି, ଯେଉଁଠି ବ୍ୟାପକ ଗବେଷଣା କରାଯାଉଛି। ମାନିଲାସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବରେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ପ୍ରୟାସ ଯୋଗୁ ୨୦୧୮ରେ ବାରାଣସୀରେ ଦକ୍ଷିଣ ଏସିଆ ଆଞ୍ଚଳିକ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଖୋଲାଯାଇଥିଲା।

ଡକ୍ଟର ସ୍ୱାମୀନାଥନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ମୁଁ ପୁଣି ଥରେ 'କୁରାଲ'ର ଉଦାହରଣ ଦେବି। ସେଥିରେ ଲେଖାଯାଇଛି, ''କୌଣସି ଯୋଜନା ପ୍ରସ୍ତୁତ କରୁଥିବା ବ୍ୟକ୍ତିର ମନୋବଳ ଦୃଢ଼ ଥିଲେ, ସେ ଯାହା ପାଇବାକୁ ଚାହୁଁଛନ୍ତି ଏବଂ ଯେପରି ଉପାୟରେ ପାଇବାକୁ ଚାହୁଁଛନ୍ତି ତାହା ସେ ନିଶ୍ଚିତ ଭାବେ ପାଇବେ।'' ଡକ୍ଟର ସ୍ୱାମୀନାଥନ ଏପରି ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ ଯିଏକି ନିଜ ଜୀବନର ଆଦ୍ୟଭାଗରେ କୃଷିକୁ ସୁଦୃଢ଼ କରିବାକୁ ଏବଂ କୃଷକଙ୍କ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏହାକୁ ଅତ୍ୟନ୍ତ ଅଭିନବ ଢଙ୍ଗରେ ଏବଂ ଉତ୍ସାହର ସହ କରିଥିଲେ। ଡ. ସ୍ୱାମୀନାଥନଙ୍କ ଅବଦାନ ଆମକୁ କୃଷି ଉଦ୍ଭାବନ ଏବଂ ଦୀର୍ଘସ୍ଥାୟିତ୍ୱ ପଥରେ ଆଗକୁ ବଢ଼ିବା ସମୟରେ ଅନୁପ୍ରାଣିତ କରିବା ସହ ମାର୍ଗଦର୍ଶନ ଦେବା ଜାରି ରଖିଛି। ଚାଷୀଙ୍କ ହିତ ପାଇଁ କାମ କରିବା, ବୈଜ୍ଞାନିକ ଉଦ୍ଭାବନର ପରିଣାମକୁ ଆମର ବିସ୍ତାରିତ କୃଷି କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଅଭିବୃଦ୍ଧି, ଦୀର୍ଘସ୍ଥାୟିତ୍ୱ ଓ ସମୃଦ୍ଧିକୁ ପ୍ରୋତ୍ସାହନ ଦେବା ଲାଗି ତାଙ୍କର ପ୍ରିୟ ସିଦ୍ଧାନ୍ତ ପ୍ରତି ଆମେ ଆମର ପ୍ରତିବଦ୍ଧତାକୁ ଦୋହରାଇବା ଉଚିତ।

# ଜୀବନ ଓ ଶାକାହାର



ଡା. ଉମେଶ ଚନ୍ଦ୍ର ପାତ୍ର

ନୀରୋଗ ଶରୀର ମାଧ୍ୟମରେ ସୁଖଶାନ୍ତିଭରା ଜୀବନଯାପନ ପାଇଁ ଖାଦ୍ୟର ଉପାଦେୟତା ବିଷୟରେ ଭାରତୀୟ ପୁରାଣ ଶାସ୍ତ୍ରରେ ମାର୍ଗଦର୍ଶନର ତଥ୍ୟ ରହିଛି। ମନୁଷ୍ୟ ଜୀବନ କ୍ଷଣସ୍ଥାୟୀ। କେତେବେଳେ କାହାର ଜୀବନ ପ୍ରଦୀପ ନିର୍ବାପିତ ହୋଇଯିବ ତାହା କହିହେବ ନାହିଁ। ସେଥିପାଇଁ ମନୁଷ୍ୟ ଜୀବନକୁ ପାଣିଫୋଟକା ସହ ତୁଳନା କରାଯାଇଛି। ତଥାପି ଯେତେଦିନ ଏ ସଂସାରରେ ବଞ୍ଚିଥିବା ଏ ଶରୀରକୁ ସୁସ୍ଥ ରଖିବା ପାଇଁ ଯତ୍ନବାନ୍ ହେବା। କାରଣ ଏ ସଂସାର ସାଗରକୁ ସୁରୁଖୁରୁରେ ପାରହେବା ପାଇଁ ଶରୀର ଏକମାତ୍ର ମାଧ୍ୟମ। ଗଭୀର ତରଙ୍ଗାୟିତ ସମୁଦ୍ରକୁ ପାରହେବା ପାଇଁ ଏକ ନିଖୁଣ ପୋତର ଆବଶ୍ୟକତା ଥିଲା ପରି ନାନା ଝଡ଼ଝଞ୍ଜା ମଧ୍ୟଦେଇ ଗତି କରୁଥିବା ଅମୂଲ୍ୟ ମାନବ ଜୀବନକୁ ସୁରୁଖୁରୁରେ ଚଳାଇନେବା ଲାଗି ଏକ ସୁସ୍ଥ ଶରୀର ଆବଶ୍ୟକ। ଜାହାଜରେ ଛିଦ୍ର ଥିଲେ ଗଭୀର ସମୁଦ୍ର ମଧ୍ୟରେ ଜାହାଜଟି ବୁଡ଼ିଗଲା ପରି ରୋଗାକ୍ରାନ୍ତ ଶରୀର ଅସମୟରେ ମୃତ୍ୟୁବରଣ କରେ। ମାନବ ଶରୀର ସହଜରେ ନାନା ପ୍ରକାର ରୋଗବ୍ୟାଧିରେ ଆକ୍ରାନ୍ତ ହୋଇ ଦୁର୍ବଳ ଓ ଅକର୍ମଣ୍ୟ ହେବା ଯୋଗୁ ଅନ୍ୟମାନଙ୍କ ପାଇଁ ବୋଝ ହୋଇଥାଏ। ଗୋଟିଏ ସୁସ୍ଥ ଶରୀର ଅନ୍ୟମାନଙ୍କ ପାଇଁ ବୋଝ ହେଉ ନ ଥିବାରୁ ଉତ୍ତମ ସ୍ୱାସ୍ଥ୍ୟକୁ ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅଭିହିତ କରାଯାଇଛି। ସରଳ ଜୀବନଯାତ୍ରାର ପ୍ରଣାଳୀ ଅବଲମ୍ବନ, ଶାରୀରିକ ବ୍ୟାୟାମ ଓ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିପାରିଲେ ଶରୀର ସୁସ୍ଥ ରହେ।

ଶାସ୍ତ୍ରରେ ଉଲ୍ଲେଖ ରହିଛି, ଯେପରି ଖାଦ୍ୟ ସେପରି ମନ। ଖାଦ୍ୟର ପ୍ରକାର ଭେଦ ଏକାଗ୍ରତାକୁ ନିୟନ୍ତ୍ରିତ କରେ। ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ ଆତ୍ମସଂଯମର ହ୍ରାସ ବୃଦ୍ଧିକୁ ନିୟନ୍ତ୍ରିତ କରେ। ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ। ଖାଦ୍ୟ ସମ୍ବନ୍ଧରେ ଗାଆଁମାନଙ୍କରେ ଗୋଟିଏ ଲୋକପ୍ରିୟ ସତର୍କବାଣୀ ହେଲା 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ



ଖାଇଲେ ଯମର ଭେଟ'। ଶାସ୍ତ୍ରରେ ଖାଦ୍ୟକୁ ସାତ୍ୱିକ, ରାଜସିକ ଓ ତାମସିକ ଏହି ୩ ଭାଗରେ ବିଭକ୍ତ କରାଯାଇଛି। ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ। ସାତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନ କରି ମନକୁ ନିଶ୍ଚଳ ରଖେ। ରାଜସିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟିକରେ ଓ ତାମସିକ ଖାଦ୍ୟ ମନରେ ଉତ୍ତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟିକରେ। ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ।

ଖାଦ୍ୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଚିନ୍ତାଧାରାକୁ ମଧ୍ୟ ନିୟନ୍ତ୍ରିତକରେ। ଶାକାହାର ଖାଦ୍ୟ ସାତ୍ୱିକ ଓ ଆଧ୍ୟାତ୍ମିକ ଜୀବନ ପାଇଁ ସର୍ବୋତ୍କୃଷ୍ଟ। ପାଶ୍ଚାତ୍ୟ ଦେଶଗୁଡ଼ିକରେ କଞ୍ଚା ପରିବାପତ୍ର, ଅଧାସିଝା ପରିବା କିମ୍ବା ମସଲା ଦିଆ ନ ଯାଇ ସିଝା ହୋଇଥିବା ପରିବାପତ୍ର ଖାଇଥାଆନ୍ତି। ବେଶି ସିଝିଗଲେ ଖାଦ୍ୟପ୍ରାଣ ନଷ୍ଟ ହୋଇଯାଏ। ଆମ ଦେଶରେ ବ୍ୟଞ୍ଜନର ସ୍ୱାଦ ବଢ଼ାଇବା ପାଇଁ ଓ ଆକର୍ଷଣୀୟ ଦେଖାଯିବା ପାଇଁ ଦିଆଯାଉଥିବା ମସଲାଯୁକ୍ତ ତରକାରିକୁ ସେମାନେ ପସନ୍ଦ କରନ୍ତି ନାହିଁ। କାରଣ ଏହି ଖାଦ୍ୟ ସ୍ୱାସ୍ଥ୍ୟ ପକ୍ଷରେ ହାନିକାରକ। ସୀମିତ ପରିମାଣର ଶ୍ୱେତସାର, ପୁଷ୍ଟିସାର ଓ ଅଳ୍ପ ସ୍ନେହସାର ଖାଦ୍ୟ ଖାଇବା ଉଚିତ। ଗୋଟିଏ ଉପାଦେୟ ଲୋକକଥା ପ୍ରଚଳିତ ଅଛି : ତା'ହେଲା ଦିନରେ ଥରେ ଆହାର ଗ୍ରହଣ କରନ୍ତି ଯୋଗୀ, ଦୁଇଥର ଭୋଗୀ ଓ ତିନିଥର ରୋଗୀ। ଆବଶ୍ୟକତା ଅନୁଯାୟୀ ସୀମିତ ଆହାର ଗ୍ରହଣକରି ଯୋଗୀମାନେ ଦୀର୍ଘଜୀବୀ ହେଉଥିଲେ। ଅତ୍ୟଧିକ ପରିମାଣରେ ବାରମ୍ବାର ଖାଦ୍ୟ ଖାଇ ଅକାଳମୃତ୍ୟୁ ବରଣକରିବା ଲୋକଙ୍କର ବହୁ ଦୃଷ୍ଟାନ୍ତ ଅଛି। ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ମଝିରେ ମଝିରେ ଉପବାସ ରହିବା ଦରକାର। ଏହାଦ୍ୱାରା ପାକ ଯନ୍ତ୍ର ବିଶ୍ରାମ ପାଏ।

**ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ**
**ମୋ– ୯୪୩୭୦୫୧୯୫୭**

## ଏଇ ଭାରତରେ

ଧାନ ଲାଇବ୍ରେରି କଥା କେବେ ଶୁଣିଛନ୍ତି? ହଁ, ଏମିତିକା ଲାଇବ୍ରେରି କରିଛନ୍ତି ଆସାମର ୪୧ ବର୍ଷୀୟ କୃଷକ ମୋହନ ଚନ୍ଦ୍ର ବୋର୍‌ହା। ସେ ଏହାର ନାମ ରଖିଛନ୍ତି ଅନ୍ନପୂର୍ଣ୍ଣା ଧାନ ଲାଇବ୍ରେରି। ପିତାଙ୍କ ଦେହାନ୍ତ ପରେ ଧାନ ବିହନ ସଂରକ୍ଷଣ ଲାଗି ସେ ଏହି ଲାଇବ୍ରେରି ପ୍ରତିଷ୍ଠା କରିଛନ୍ତି। ଏବେ ସୁଦ୍ଧା ମୋହନ ୫୦୦ରୁ ଅଧିକ କିସମ ଧାନ ବିହନ ଲାଇବ୍ରେରିରେ ସାଇତି ରଖିଛନ୍ତି। ସେ ବିହନ ସଂରକ୍ଷଣ ସହ ସେଗୁଡ଼ିକୁ ମାଗଣାରେ ଚାଷୀମାନଙ୍କୁ ଯୋଗାଇ ଦେଉଛନ୍ତି। ମୋହନ ୧୫ ବର୍ଷ ପୂର୍ବେ ଏହି ଧାନ ଲାଇବ୍ରେରି କରିଥିଲେ। ସେବେଠାରୁ ସେ ଆସାମର ବିଭିନ୍ନ ଫାର୍ମ ଓ ଭିନ୍ନ ଭିନ୍ନ ସ୍ଥାନରୁ କୃଷକମାନଙ୍କଠାରୁ ବିହନ ସଂଗ୍ରହ କରିଛନ୍ତି। ଏଥିମଧ୍ୟରେ ସୁଗନ୍ଧିତ, ବନ୍ୟା ପ୍ରତିରୋଧକ, କଳା ଓ ପାହାଡ଼ି ଧାନ ଆଦି ରହିଛି। ୧୫ ବର୍ଷ ହେଲା ମୋହନ ନିଜ ପକେଟରୁ ଖର୍ଚ୍ଚ କରି ଏହି ଲାଇବ୍ରେରି ପରିଚାଳନା କରୁଛନ୍ତି। ନିଜେ ମଧ୍ୟ ପ୍ରତ୍ୟେକ କିସମ ଚାଷ କରି ଅଧିକ ବିହନ ଉତ୍ପାଦନ କରୁଛନ୍ତି, ଯାହାଦ୍ୱାରା କୃଷକଙ୍କୁ ମାଗଣାରେ ଯୋଗାଇ ଦେବା ସମ୍ଭବ ହୋଇପାରୁଛି।

## ୨୫ ବର୍ଷ ତଳେ ଧରିତ୍ରୀ

୭ ଅକ୍ଟୋବର ୧୯୯୮

- ଦକ୍ଷିଣ କଶ୍ମୀରଠାରୁ ୩୯ କିମି ଦୂରବର୍ତ୍ତୀ ଖଲିଲ ରୋଡ଼ଠାରେ କାର୍ ମଧ୍ୟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟି ୨ ମହିଳା ଓ ୫ ପିଲାଙ୍କ ସମେତ ୧୨ ମୃତ।
- ମ୍ୟାଚ୍ ଫିକ୍ସିଂ ଓ ଲାଞ୍ଚ ଯାଚିବା ଅଭିଯୋଗକୁ ନେଇ ଅଷ୍ଟ୍ରେଲିଆ କ୍ରିକେଟ ଦଳର ଅଧିନାୟକ ମାର୍କ ଟେଲର ଓ ବ୍ୟାଟ୍ସମ୍ୟାନ୍ ମାର୍କ ୱ ପାକ୍ କୋର୍ଟରେ ହଜାର।

## ଚିରନ୍ତନୀ

''କିଏ ପଥ କିଏ ତୋର
ବିପଥ ନାହିଁଟି ଏଥି ଜଣା
ହୁଡି ନାହିଁ ଜୀବନରେ
କହ କିଏ ନୋହେ ବାଟବଣା?
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମର ମୂଲ୍ୟବୋଧ ରହୁ

ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁଦାୟିତ୍ୱ ରହିଛି। ଦେଶର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ବହୁ ଘଟଣା, ଦୁର୍ଘଟଣା, ରାଜନୈତିକ ଓ ଚାଞ୍ଚଲ୍ୟକର ଖବର ପ୍ରତିଦିନ ଉପସ୍ଥାପିତ କରିଥାଆନ୍ତି। ଚଳନ୍ତି ଘଟଣା ସମ୍ପର୍କରେ ବହୁ ବିଶିଷ୍ଟ ସାମ୍ବାଦିକ ବିଭିନ୍ନ ରାଜନେତାଙ୍କ ଠାରୁ ମତାମତ ଗ୍ରହଣ କରିଥାନ୍ତି। ଦେଶର ବୃହତ ସ୍ୱାର୍ଥ ଦୃଷ୍ଟିରୁ ବିଭିନ୍ନ ମହଲରେ ଆଲୋଚନା ହୋଇଥାଏ। ଅନେକ ବିତର୍କରେ ଭାଗନେଇ ନେତାମାନେ ନିଜର ମତାମତ ଉପସ୍ଥାପିତ କରିଥାନ୍ତି। ଏଥିରେ କିଛି ଦର୍ଶକ ଓ ପାଠକ ଅସନ୍ତୁଷ୍ଟ ହେଉଥିବା ବେଳେ କେତେକ ସନ୍ତୁଷ୍ଟତା ପ୍ରକାଶ କରିଥାନ୍ତି। ନିକଟରେ ଏକ ସର୍ବଭାରତୀୟ ଦଳ ଟିଭି କାର୍ଯ୍ୟକ୍ରମରେ ଭାଗ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଆଉ ଉକ୍ତ ଚାନେଲର କୌଣସି କାର୍ଯ୍ୟକ୍ରମରେ ଭାଗ ନ ନେବା ପାଇଁ ନିଷ୍ପତ୍ତି ନେଇଛି। ଗଣତନ୍ତ୍ର ରାଷ୍ଟ୍ରରେ ସବୁଦଳ ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ପାଇଛନ୍ତି। ଦେଶର ପ୍ରକୃତ ଚିତ୍ର ଉପସ୍ଥାପନ କରିବା ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକମାନଙ୍କର ଧର୍ମ। କିନ୍ତୁ କେତେକ ଚ୍ୟାନେଲ ଏକଦର୍ଶୀ ହୋଇ ଖବର ପରିବେଷଣ ସଙ୍ଗେ ସଙ୍ଗେ ଏକ ନିର୍ଦ୍ଦିଷ୍ଟ ଦଳର ହାତବାରିଶି ହେଉଥିବାର ଲକ୍ଷ୍ୟ କରାଯାଉଛି। ସାମ୍ବାଦିକତାର ମୂଲ୍ୟବୋଧ ସୁରକ୍ଷା ପାଇଁ ଦଳମତ ନିର୍ବିଶେଷରେ ସହଯୋଗ କଲେ ଗଣତନ୍ତ୍ର ସଫଳ ହୋଇପାରିବ।

**ନିର୍ମଳ ଚନ୍ଦ୍ର ସାମଲ, ସାମାଜିକ କର୍ମୀ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
**ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ**

# ଗଣତନ୍ତ୍ର ଏବେ ରଣତନ୍ତ୍ର ପାଲଟିଛି





ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଶୁକ୍ରବାର ଧରିତ୍ରୀ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରଣଜିତ ପ୍ରଧାନ, ସମ୍ମାନିତ ଅତିଥି ଦେବାଶିଷ ମହାନ୍ତି, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ବିଚାରକ ମଞ୍ଜୁଳିକା ନାୟକ ଓ ଆଦିତ୍ୟ ମେହେରଙ୍କ ଗହଣରେ ବିଜେତା ଛାତ୍ରୀଛାତ୍ର(ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଢେଙ୍କାନାଳ,୬।୧୦ (ରତନ ନାୟାର)**

ଗଣତନ୍ତ୍ର ଏବେ ରଣତନ୍ତ୍ର, ଜଣତନ୍ତ୍ର ଓ ଭୋଗତନ୍ତ୍ରରେ ପରିଣତ ହେଲାଣି। ଧରିତ୍ରୀର ୫୦ ବର୍ଷପାଳନ ଅବସରରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ''ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି'' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଣଜିତ ପ୍ରଧାନ ଏହା କହିଛନ୍ତି। ଗଣମାଧ୍ୟମ ଓ ଯୁବପିଢ଼ି ଚାହିଁଲେ ସମାଜରେ ଦେଖାଦେଇଥିବା ଏହି ନୈତିକ ଅଧୋପତନରେ ସୁଧାର ଆଣିପାରିବେ। ବକ୍ତୃତା ପ୍ରତିଯୋଗିତାର ବିଷୟବସ୍ତୁ ଏକ ତ୍ରିଭୁଜ ଭଳି। ପରସ୍ପର ପରିପୂରକ ରହିଥିବାରୁ ସବୁ ଦିଗରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଅଧ୍ୟକ୍ଷ କହିଛନ୍ତି, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅବଦାନ ଯୋଗୁ ଆଜି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ବ୍ୟାପକ ହୋଇପାରିଛି। ପଞ୍ଜାବ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନରେ ନାନକ ଭବନକୁ ଏଠାରେ ପ୍ରତିଷ୍ଠା କରିବାରେ ତାଙ୍କର ଭୂମିକା ରହିଥିବାରୁ ସେ ଚିରସ୍ମରଣୀୟ। ସମ୍ମାନିତ ଅତିଥି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଡ. ଦେବାଶିଷ ମହାନ୍ତି କହିଛନ୍ତି, ଗଣତନ୍ତ୍ରକୁ କେବଳ ଗଣମାଧ୍ୟମ ଓ ଯୁବପିଢ଼ି ହିଁ ବଞ୍ଚାଇ ପାରିବେ। ଧରିତ୍ରୀ ପକ୍ଷରୁ ହେଉଥିବା ଏହି ଉଦ୍ୟମକୁ ସେ ପ୍ରଶଂସା କରିବା ସହିତ ଶୁଭକାମନା କରିଥିଲେ।

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ଧରିତ୍ରୀ ନିଷ୍ପେଷିତ ଓ ପଛୁଆ ଲୋକଙ୍କ ସ୍ୱର ଭାବେ ରହିଆସିଛି। ଏପରିକି ଯେତେବେଳେ ନ୍ୟାୟପାଳିକାର ଦୋଷ ଦୁର୍ବଳତା ବିଷୟରେ କେହି କିଛି କହିବାକୁ ସାହସ କରୁ ନ ଥିଲେ, ସେତେବେଳେ ଧରିତ୍ରୀ ଏହାର ବିଫଳତାକୁ ଦର୍ଶାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏବେ ବ୍ୟବସ୍ଥା ଗଣମାଧ୍ୟମକୁ ମଧ୍ୟ ଛାଡୁନାହିଁ। ପ୍ରଶ୍ନ ପଚାରିବାର ଅଧିକାର ହେଉଛି ମଣିଷର ଜନ୍ମଗତ ଅଧିକାର। ତାହାକୁ ପୂରଣ କରେ ଗଣମାଧ୍ୟମ ଏବଂ ସୁଯୋଗ ସୃଷ୍ଟି କରେ ଗଣତନ୍ତ୍ର। ଏହାକୁ ବୁଝିବା ହେଉଛି ଯୁବପିଢ଼ିଙ୍କ କାମ। ଧରିତ୍ରୀର ୫୦ ବର୍ଷ ପାଳନ ପରିପ୍ରେକ୍ଷୀରେ ରାଜ୍ୟର ପ୍ରତ୍ୟେକ ଜିଲାରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ପିଲାମାନଙ୍କ ମନ ଭିତରେ କ'ଣ ରହିଛି, ତାହା ପ୍ରକାଶ କରିବାର ସୁଯୋଗ ସୃଷ୍ଟି କରାଯାଇଛି। ଆଜିର ଅର୍ଥନୀତି, ରାଜନୀତି ଓ ସାମାଜିକ ସ୍ଥିତି, ଦେଶ, ମାଟି ବିଷୟରେ ଯୁବପିଢ଼ି କ'ଣ ଭାବୁଛନ୍ତି ସେମାନେ କହିବା ଦରକାର ବୋଲି ସତପଥୀ କହିଛନ୍ତି।

ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ମଞ୍ଜୁଳିକା ନାୟକ ଓ ଇଂଲିଶ ବିଭାଗ ଅଧ୍ୟାପକ ଆଦିତ୍ୟ ମେହେର ବିଚାରକ ଭାବେ ରହିଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ପ୍ରତିଯୋଗିତାରେ ୧୮ ଜଣ ଭାଗ ନେଇଥିଲେ। ଯୁକ୍ତ୨ ରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ପିଲାମାନଙ୍କ ମଧ୍ୟରେ ଏହି ବିଷୟବସ୍ତୁ ନେଇ ଉତ୍ସାହ ଦେଖା ଦେଇଥିଲା। ଏଥିରେ ୪ଜଣ ବିଦ୍ୟାର୍ଥୀ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମ ସ୍ଥାନରେ ସ୍ନାତକୋତ୍ତର ଓଡ଼ିଆ ବିଭାଗର ଦ୍ୱିତୀୟବର୍ଷ ଛାତ୍ର ବିକାଶ ପ୍ରଧାନ, ଦ୍ୱିତୀୟରେ ଯୁକ୍ତ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ର ଦେବଦତ୍ତ ପୁହାଣ ଏବଂ ତୃତୀୟରେ ଯୁଗ୍ମ ଭାବେ ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରୀତିଛନ୍ଦା ପୃଷ୍ଟି ଓ ଯୁକ୍ତ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ସ୍ୱୟଂ ସତ୍ୟଶ୍ରୀ ନାୟକ ରହିଛନ୍ତି। ଏମାନଙ୍କୁ ଧରିତ୍ରୀର ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯିବ।

କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଧରିତ୍ରୀର ଢେଙ୍କାନାଳ ଜିଲା ପ୍ରତିନିଧି ରତନ ନାୟାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭୁବନ ବ୍ଲକ ପ୍ରତିନିଧି ବିପିନ ବିହାରୀ ସେଠୀ, ଧରିତ୍ରୀ ଜିଲା କାର୍ଯ୍ୟାଳୟର କର୍ମଚାରୀ ପ୍ରଳୟ ଦାସ, ଫଟୋ ଖବରଦାତା ମାନସ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## କ'ଣ କୁହନ୍ତି ବିଜେତା



ଆମ ମନରେ ଯେ ପର୍ଯ୍ୟନ୍ତ ସ୍ୱାର୍ଥର ଭାବନା ଥିବ, ସେତେବେଳ ଯାଏ ଜାତି ନନ୍ଦିଘୋଷକୁ ଆଗେଇ ପାରିବା ନାହିଁ। ଆପଣ କେତେ ଜଣଙ୍କୁ ପ୍ରଶ୍ନ ପଚାରି ପାରୁଛନ୍ତି ତାହା ହେଉଛି ଗଣତନ୍ତ୍ର। ପ୍ରଶ୍ନ ପଚାରି ନ ପାରିଲେ ଆପଣ ଗଣତନ୍ତ୍ରର ସ୍ୱାଦ ପାଇପାରି ନାହାନ୍ତି ବୋଲି ଧରିନେବାକୁ ହେବ। ଗଣମାଧ୍ୟମ ଏବେ ଦ୍ୱନ୍ଦ୍ୱାତ୍ମକ ଅବସ୍ଥାରେ ରହିଛି। ରାଜନୀତିର ଚାପ ଯୋଗୁ ଏଭଳି ହୋଇଛି। ତେଣୁ ଯୁବପିଢ଼ି ଏହାକୁ ଭଲଭାବେ ବୁଝିବାର ସମୟ ଆସିଛି।

– ବିକାଶ ପ୍ରଧାନ (ପ୍ରଥମ ବିଜେତା)



ଗଣତନ୍ତ୍ର ହେଉଛି ଗଣମାନଙ୍କ ତନ୍ତ୍ର। ଯଦି ଏବେ ଗଣତନ୍ତ୍ର ଭୁଲ୍‌ରେ ଚାଲିଛି, ତା' ପଛର କାରଣ ଆମେ। କାରଣ ଆଜି ଭଲ ନେତାଙ୍କୁ ଲୋକେ ଭୋଟ ଦେଉନାହାନ୍ତି। ତେଣୁ ଗଣମାଧ୍ୟମ ଆମ ପାଇଁ କହିବ। ସେଥିପାଇଁ ଯୁବପିଢ଼ି ସଜାଗ ହେବା ଦରକାର।

– ଦେବଦତ୍ତ ପୁହାଣ (ଦ୍ୱିତୀୟ ବିଜେତା)



ଗଣତନ୍ତ୍ର ହେଉଛି ବିଶ୍ୱର ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା। ଏହା ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ। କିନ୍ତୁ ସେଥିରେ ଦୋଷତ୍ରୁଟି ଦେଖା ଦେଉଛି। ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାକୁ ଛାଡିଦେଲେ ଗଣମାଧ୍ୟମର ଭୂମିକା ସମାଜରେ ଗୁରୁତ୍ୱପୂର୍ଣ୍ଣ ରହିଛି। ତେଣୁ ଯୁବପିଢ଼ି ଶାରୀରିକ ଓ ମାନସିକ ଦୃଷ୍ଟିରୁ ସୁସ୍ଥ ରହିଲେ ଗଣତନ୍ତ୍ର ସୁଦୃଢ଼ ହେବ।

– ପ୍ରୀତିଛନ୍ଦା ପୃଷ୍ଟି (ଯୁଗ୍ମ ତୃତୀୟ ବିଜେତା)



ସୋସିଆଲ ମିଡିଆ ଦ୍ୱାରା ଏବେ ଯୁବପିଢ଼ି କଳୁଷିତ ହେଉଛନ୍ତି। ଏକ ଉନ୍ନତମାନର ଦେଶ ଓ ସମାଜ ଗଠନ ପାଇଁ ଯୁବପିଢ଼ିଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ରର ମହତ୍ତ୍ୱ ନ ବୁଝିଲେ ଆମେ ଆଗକୁ ବଢ଼ିପାରିବା ନାହିଁ। ତେଣୁ ଯୁବପିଢ଼ି ବର୍ତ୍ତମାନର ସ୍ଥିତିକୁ ଦେଖି ପଦକ୍ଷେପ ନେବା ଉଚିତ।

– ସ୍ୱୟଂ ସତ୍ୟଶ୍ରୀ ନାୟକ (ଯୁଗ୍ମ ତୃତୀୟ ବିଜେତା)

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଅନ୍ୱେଷା କିରଣ ସାହୁ


ଅର୍ଚ୍ଚନା ବାରିକ


ବିଜୟଲକ୍ଷ୍ମୀ ସାହୁ


ବିଶ୍ୱ ବନ୍ଦିତା ଭୋଇ


ଜ୍ୟୋତିର୍ମୟୀ ପାତ୍ର


ଲିଟିଲ ପ୍ରଧାନ


ପ୍ରୀତିସ୍ମିତା ଦାଶ


ପ୍ରିୟଙ୍କା ବିହାରୀ


ରଣଜିତ ନାୟକ


ସୀମରନ ପଟ୍ଟନାୟକ


ସୋନାଲି ମହାଭୋଇ


ସୌମ୍ୟା ସ୍ୱରୂପ ରାଉତ


ସୁଜିତ କୁମାର ଦେବତା


ଟୁଲୁରାମ ନାଗ

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED URGENTLY**
Wanted Female Massage Therapist for Spa Center, Bhubaneswar.
Contact :
9861550765

**ଏକ ସ୍ୱୀକୃତିପ୍ରାପ୍ତ ପଞ୍ଚକର୍ମ ମସାଜ୍ ଥେରାପିଷ୍ଟ ଆବଶ୍ୟକ**
ଡ୍ୟୁଟି ସମୟ:୧ରୁ ୨ ଘଣ୍ଟା।
ଦରମା: ମାସକୁ ୯୦୦୦ରୁ ୧୫୦୦୦।
ଚାକିରି ଅବସ୍ଥାନ: ପାତ୍ରପଡା, ଭୁବନେଶ୍ୱର
ଯୋଗାଯୋଗ ନଂ.
9337550748

**BAJIROUT MEMORIAL COLLEGE**
BHUBAN, DHENKANAL
**WALK-IN-INTERVIEW**
(ENGAGEMENT OF GUEST FACULTY)
Candidates having at least 55% of marks at P.G. Level may attend the Walk-in-Interview with all original & Xerox Certificates for the Post of Lecturers in Physics, Mathematics, Sanskrit, History & Pol. Science (One each) on Dt.19.10.2023 (Thursday) at 10.30 A.M. at the Principals Chamber. Salary is Negotiable. The undersigned reserve the right to reject or accept any or all applications of the candidates without assigning any reason thereof.
Sd./- Principal
B.R.M. College, Bhuban

TECHNOLOGIES FOR NEW INDIA@75
ଆଇଆରଇଏଲ୍ (ଇଣ୍ଡିଆ) ଲିମିଟେଡ୍ IREL (India) Limited
ପୂର୍ବରୁ ଇଣ୍ଡିଆନ୍ ରେଆର୍ ଆର୍ଥସ୍ ଲିମିଟେଡ୍
(ଭାରତ ସରକାରଙ୍କ ଉପକ୍ରମ)
(A Government of India Undertaking)
Unleashing Value
ଆଜାଦୀ का अमृत महोत्सव
ସିଆଇଏନ୍: ୟୁ୧୫୧୦୦ଏମ୍ଏଚ୍୧୯୫୦ଜିଓଆଇ୦୦୮୧୮୭ ୱେବସାଇଟ୍: www.irel.co.in
ଆଇଏସ୍ଓ ୯୦୦୧:୨୦୧୫, ଆଇଏସ୍ଓ ୧୪୦୦୧ : ୨୦୧୫ ଏବଂ ଆଇଏସ୍ଓ ୪୫୦୦୧ : ୨୦୧୮ କମ୍ପାନୀ
ସନ୍ଦର୍ଭ: ଏଚ୍‌ଜିଚି ନଂ. ୨୩-୨୪/୦୬
**ଟେଣ୍ଡର ବିଜ୍ଞପ୍ତି**
ତାରିଖ: ୦୬।୧୦।୨୦୨୩
ଆଇଆରଇଏଲ୍, ଓଏସ୍‌ସିଓଏମ୍ ନିମ୍ନଲିଖିତ ସାମଗ୍ରୀ/କାର୍ଯ୍ୟ ବର୍ଣ୍ଣନା ପାଇଁ ପ୍ରସ୍ତାବର ଅନୁରୋଧ ଆହ୍ୱାନ କରୁଛି ।

| ବିଡ୍ ନଂ. | କାର୍ଯ୍ୟ / ସାମଗ୍ରୀର ବର୍ଣ୍ଣନା |
| --- | --- |
| ଜିଇଏମ୍/୨୦୨୩/ବି/୩୯୮୫୯୩୯ | ୮୦୦୦ ଏମ୍‌ଟି କୋଇଲାର ଯୋଗାଣ |
| ଜିଇଏମ୍/୨୦୨୩/ବି/୪୦୨୨୭୫୫ | ମାଇନିଂ ଅଞ୍ଚଳଗୁଡ଼ିକର ବିଭିନ୍ନ ସ୍ଥାନରୁ କଞ୍ଚା ବାଲିର ଖନନ, ବୋଝେଇ ଓ ପରିବହନ |
| ୨୦୨୩_ଆଇଆରଇଏଲ୍_୧୬୯୦୩୯_୧ | ଆରଇଇପିଠାରେ ବୈଦ୍ୟୁତିକ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଏଏମ୍‌ସି |

ବିବର http://irel.co.in, http://gem.gov.in କିମ୍ବା https://eprocure.gov.in/eprocure/appରୁ ଟେଣ୍ଡର କାଗଜପତ୍ର ଡାଉନଲୋଡ୍ କରିପାରିବେ । ଉପରୋକ୍ତ ଟେଣ୍ଡରଗୁଡ଼ିକ ସମ୍ବନ୍ଧୀୟ ଯେକୌଣସି ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
CBC 48129/12/0028/2324
ସ୍ୱା./- ଜିଏମ୍ ଏବଂ ମୁଖ୍ୟ, ଏମ୍ଏମ୍‌ଡି, ଓଏସ୍‌ସିଓଏମ୍

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪
**ପ୍ରେସ୍ ବିଜ୍ଞପ୍ତି**
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୮)
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
| --- | --- | --- | --- |
| ୧ | ସିଡବ୍ଲ୍ୟୁ ବଲଜିତପଡ଼ାଠାରେ ପାଚେରି କାନ୍ଥର ପୁନଃ-ନିର୍ମାଣ, ଶ୍ରମିକ ଶୌଚାଳୟର ନିର୍ମାଣ, ସଡ଼କ, ଗୋଦାମର ଉନ୍ନତୀକରଣ ତଥା ଅନ୍ୟାନ୍ୟ ସିଭିଲ କାର୍ଯ୍ୟ। | ୫୬.୭୪ | ୧୨।୧୦।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ ।
ନିର୍ବାହୀ ଯନ୍ତ୍ରୀ

# ମୃତକଙ୍କ ସ୍ୱାମୀଙ୍କୁ ଜେରା କଲା ପୋଲିସ

**ଆସିଷ୍ଟାଣ୍ଟ କଲେକ୍ଟର ମୃତ୍ୟୁ ମାମଲା**

**ରାଉରକେଲା,୬।୧୦(ସଙ୍ଗୀତା ଜେନା)**

ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ମୃତ୍ୟୁ ମାମଲାରେ ଶୁକ୍ରବାର ମଧ୍ୟାହ୍ନରେ ପୋଲିସ ମୃତକଙ୍କ ସ୍ୱାମୀ ସୁଶିଲ ଟପ୍ପୋଙ୍କୁ ଜେରା କରିଛି। ଏହି ମାମଲାରେ ପୋଲିସ ତାଙ୍କୁ ଘଣ୍ଟାଏ କାଳ ପଚରାଉଚୁରା କରିଥିଲା। ଉଭୟଙ୍କ ବୈବାହିକ ଜୀବନ, ପାରିବାରିକ ସମ୍ବନ୍ଧ ଓ ଅନ୍ୟ ପ୍ରସଙ୍ଗ ସମ୍ପର୍କରେ ସୁଶିଲଙ୍କୁ ପ୍ରଶ୍ନ କରାଯାଇଥିଲା ବୋଲି ଜଣାପଡିଛି। ଏହି ମାମଲାର ତଦନ୍ତ କରୁଥିବା ଡିଏସ୍‌ପି ବନିତା ମାଝୀ କହିଛନ୍ତି, ମିଞ୍ଜଙ୍କ ସ୍ୱାମୀ ଛତିଶଗଡ଼ରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୨୦୨୦ରେ ସୁଶିଲ ଓ ସୁସ୍ମିତାଙ୍କ ବିବାହ ହୋଇଥିବା ବେଳେ ୨୦୨୧ରେ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ପରେ ସୁସ୍ମିତା ବିବାହ ବିଚ୍ଛେଦ ପାଇଁ ଆବେଦନ କରିଥିଲେ। ଗତ ସେପ୍ଟେମ୍ବର ୧୬ ତାରିଖରେ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ବିବାହ ବିଚ୍ଛେଦରେ ତାଙ୍କ ସ୍ୱାମୀଙ୍କ ଇଚ୍ଛା ନ ଥିଲା ବୋଲି ଡିଏସ୍‌ପି ମାଝୀ କହିଥିଲେ।

# ମଧ୍ୟାହ୍ନ ଭୋଜନ ରୋଷେଇ ବେଳେ ଗ୍ୟାସ୍ ଲିକ୍‌ରୁ ନିଆଁ

**ଚାନ୍ଦବାଲି, ୬।୧୦ (କିଶାନ ପାତ୍ର):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଦୋସିଙ୍ଗା ପଞ୍ଚାୟତ ସାବିତ୍ରୀସରାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ଭୋଜନ ରୋଷେଇ ଚାଲିଥିବା ବେଳେ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ଆଂଶିକ ଆସବାବପତ୍ରରେ ନିଆଁ ଲାଗିଯାଇଥିଲା। ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଧାମରା ଓ ଆଦାନୀ ପୋର୍ଟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

**PARADIP PORT AUTHORITY**
**MARINE DEPARTMENT**
No.MD/ACCTS/WK/R-11/2023/1272
Date : 05/10/2023
**e-TENDER CALL NOTICE (e-TCN) cum e-Auction**
Name of the work : "Manning, Maintenance and commercial operation of Port Craft MPV Pushpagiri on payment of License fee for a period of 03 years (1096) Days. Estimated Cost put to tender: Approx.Rs.1,74,48,006/- plus GST as applicable for 03 years. Last Date & time of submission of tender through on-line bidding is 17:00 hours on Dt.26/10/2023. Technical Bids shall be opened at 15:30 hours on Dt.27/10/2023. For details, please log on to the Website: https://eprocure.gov.in/eprocure/app.
Deputy Conservator, PPA
PPA/PR/51/2023-24, Dt.06/10/2023

# ନଦୀପଠାରୁ ମଇଁଷିକୁ ଟାଣିନେଲା କୁମ୍ଭୀର

**ଚାନ୍ଦବାଲି,୬।୧୦ (ଅଶୋକ ପଣ୍ଡା/କିଶାନ ପାତ୍ର)**

ଭଦ୍ରକ ଜିଲା ଆରଡ଼ି ନିକଟସ୍ଥ ଷାଠିବାଙ୍କୁଡ଼ା ଗାଁ ପାଖରେ ବୈତରଣୀ ନଦୀପଠାରୁ ଶୁକ୍ରବାର ପୂର୍ବାହ୍ନରେ ଏକ ମଇଁଷିକୁ ଝାମ୍ପି ନେଇଛି କୁମ୍ଭୀର। ନଦୀପଠାରେ କେତୋଟି ମଇଁଷି ପାଣି ପିଉଥିବା ବେଳେ ପଛରେ ଥିବା ଏକ ମଇଁଷିକୁ କୁମ୍ଭୀର ନଦୀ ମଧ୍ୟକୁ ଟାଣି ନେଇଥିଲା। ନିକଟରେ ଥିବା ଲୋକେ ହୋହଲ୍ଲା କରିବାରୁ କିଛି ସମୟ ପରେ କୁମ୍ଭୀର ମଇଁଷିକୁ ଛାଡ଼ି ଦେଇଥିଲା। ଗାଁ ଲୋକ ଡଙ୍ଗା, ଭୁଟୁଭଟି ନେଇ ନଦୀ ମଧ୍ୟରେ କୁମ୍ଭୀରକୁ ଘଉଡ଼ାଇଥିଲେ। ନଦୀରେ ପ୍ରଖର ସ୍ରୋତରେ ମଇଁଷି ନଦୀରେ ବୁଡ଼ି ଯାଇଥିଲା। କିଛି ସମୟ ପରେ ମୃତ ମଇଁଷି ଭାସିବାରୁ ଲୋକେ ତାକୁ କୂଳକୁ ଟାଣି ଆଣିଥିଲେ। ପ୍ରକାଶଥାଉ କି, ୮ଦିନ ତଳେ ଷାଠିବାଙ୍କୁଡ଼ା ଗାଁର ସୁରେଶ ପାତ୍ର ଓ ସାଥୀମାନେ ଗାଈ ଚରାଉଥିବା ବେଳେ ନଦୀକୂଳରେ ଛକି ରହିଥିବା କୁମ୍ଭୀର ଏକ ଗାଈକୁ ଝାମ୍ପି ନେଇଥିଲା।

# ପଥର ବୋଝେଇ ଡମ୍ଫର ଜବତ

**ସୋର, ୬।୧୦ (ଜନ୍ମେଜୟ ମିଶ୍ର):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବରଫକଳ ଛକ ନିକଟରୁ ଚଢ଼ାଉ କରି ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ସୋର ପୋଲିସ ଜବତ କରିବା ସହିତ ଡ୍ରାଇଭରଙ୍କୁ ଗିରଫ କରିଛି। ଶୁକ୍ରବାର ସକାଳେ ପୋଲିସ ବରଫକଳ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ବାଗୁଡ଼ି ଖାଦାନରୁ ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ଏକ ଡମ୍ଫରକୁ ଯାଞ୍ଚ କରିଥିଲେ। ଥାନାରେ ମାମଲା(ନଂ. ୬୫୭/୨୩) ରୁଜୁ ହୋଇ ଅଟକ ଡ୍ରାଇଭର ରାଜେନ୍ଦ୍ରଙ୍କୁ ଗିରଫ କରାଯାଇଛି।

**ପ୍ରଶାସନ ଏବଂ ମାନବ ସମ୍ବଳ ନିର୍ଦ୍ଦେଶାଳୟ**
**ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ**
ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମନ୍ତ୍ରାଳୟ, ଭାରତ ସରକାର
ଗ୍ରାମୋଦୟ, ୩, ଇର୍ଲା ରୋଡ୍, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ – ୪୦୦୦୫୬
Ministry of Micro, Small & Medium Enterprises, Government of India
ଟେଲି: ୦୨୨-୨୬୭୧୪୨୬୭, ଇ-ମେଲ୍: adm.kvic@gov.in, ୱେବ୍‌ସାଇଟ୍: www.kvic.gov.in
**ଡେପୁଟେସନ୍ ଭିତ୍ତିରେ ଖାଲି ପଦବୀ**
କେନ୍ଦ୍ର ସରକାରୀ ଏଜେନ୍ସିଗୁଡ଼ିକ ସମକକ୍ଷ ବେତନ ହାର ପାଉଥିବା କେନ୍ଦ୍ର ସରକାର/ରାଜ୍ୟ ସରକାର/ବୈଧାନିକ କର୍ତ୍ତୃପକ୍ଷ/ସ୍ୱୟଂଶାସିତ ସଂସ୍ଥା ଅଧୀନରେ କାର୍ଯ୍ୟରତ ଉପଯୁକ୍ତ ଅଧିକାରୀମାନଙ୍କଠାରୁ ପେ' ବ୍ୟାଣ୍ଡ-୩ ଟ.୧୫୬୦୦-୩୯୧୦୦ ସହିତ ଟ.୭୬୦୦/-ର ଗ୍ରେଡ୍ ପେ' (ପ୍ରାକ୍-ସଂଶୋଧିତ) (୭ମ ସିପିସି ପେ' ମାଟ୍ରିକ୍ସ ସ୍ତର ୧୨)ରେ ୧୦ (ଦଶ)ଟି ନିର୍ଦ୍ଦେଶକ (ଗ୍ରୁପ୍ ''ଏ'' ପଦବୀ) ପଦବୀ ପୂରଣ କରିବା ପାଇଁ ସ୍ୱଳ୍ପମିଆଦୀ ଚୁକ୍ତି ସମେତ ଡେପୁଟେସନ ଭିତ୍ତିରେ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ଆହ୍ୱାନ କରାଯାଉଛି ।
ଉପଯୁକ୍ତ ମାଧ୍ୟମ ଜରିଆରେ ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ୦୪।୧୧।୨୦୨୩।
ଉପରୋକ୍ତ ପଦବୀଗୁଡ଼ିକ ନିମନ୍ତେ ଆବେଦନ କରିବା ଲାଗି ଫର୍ମ ଓ ଅନ୍ୟାନ୍ୟ ବିବରଣୀଗୁଡ଼ିକୁ ଆମ ୱେବ୍‌ସାଇଟ୍ ଅର୍ଥାତ୍ www.kvic.gov.inରୁ ଡାଉନ୍‌ଲୋଡ୍ କରାଯାଇପାରିବ ।
ନିର୍ଦ୍ଦେଶକ (ପ୍ରଶାସନ ଏବଂ ମାନବ ସମ୍ବଳ)

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**
**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:
୧. ଏନ୍ଆଇଟି ନଂ.୩୮/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ସତ୍ୟନଗର, ଭୁବନେଶ୍ୱରଠାରେ ପୋଷ୍ଟାଲ୍ ଷ୍ଟୋର୍ସ ଡିପୋର ମରାମତି ଓ ରକ୍ଷଣାବେକ୍ଷଣ । ଅଟକଳ ମୂଲ୍ୟ: ଟ.୬୦,୨୫,୪୮୬.୦୦। ଅମାନତ ରାଶି: ଟ.୧,୨୦,୫୧୦.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୨. ଏନ୍ଆଇଟି ନଂ.୩୯/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଟାଇପ୍-III କ୍ୱାର୍ଟର୍ସ, ବ୍ଲକ୍-I, ପୋଷ୍ଟାଲ କଲୋନୀ, ସିଡିଏ, କଟକର ମରାମତି ଓ ରକ୍ଷଣାବେକ୍ଷଣ । ଅଟକଳ ମୂଲ୍ୟ: ଟ.୨୬,୭୮,୮୭୨.୦୦ । ଅମାନତ ରାଶି: ଟ.୫୩,୫୭୭.୦୦ । ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୩. ଏନ୍ଆଇଟି ନଂ.୪୦/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଟାଇପ୍-III କ୍ୱାର୍ଟର୍ସ, ବ୍ଲକ୍-II, ପୋଷ୍ଟାଲ କଲୋନୀ, ସିଡିଏ, କଟକର ମରାମତି ଓ ରକ୍ଷଣାବେକ୍ଷଣ । ଅଟକଳ ମୂଲ୍ୟ: ଟ.୨୯,୯୪,୪୪୩.୦୦ । ଅମାନତ ରାଶି: ଟ.୫୯,୮୮୯.୦୦ । ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।
ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

**ଟ୍ରେନ୍‌କୁ ପଥର ମାରି ଅଭିଯୁକ୍ତ ଗିରଫ**

ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର): ଏଲେପି-ଧାନବାଦ ଏକ୍ସପ୍ରେସ ଟ୍ରେନ୍ ଉପରକୁ ପଥର ମାରିବା ଅଭିଯୋଗରେ ବଲାଙ୍ଗୀର ରେଳବାଇ ସୁରକ୍ଷା ବଳ ପୋଲିସ ବଲାଙ୍ଗୀର ପୁଇଁତଲା ଥାନା ପଡିଆବାହାଲ ଗ୍ରାମର ଆକାଶ ଡାଙ୍ଗଙ୍କୁ ଗିରଫ କରିଛି। ଗତ ୪ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ ପଡିଆବାହାଲ ନିକଟରେ ଚଳନ୍ତା ଟ୍ରେନ୍ ଏଲେପି-ଧାନବାଦ ଉପରକୁ ପଥର ମାଡ କରିଥିଲେ। ଏହି ପଥର ମାଡରେ ଟ୍ରେନ୍ ସମ୍ମୁଖ ଡ୍ରାଇଭର ଗ୍ଲାସ୍ ଭାଙ୍ଗି ଯାଇଥିଲା। ଏନେଇ ଅଭିଯୋଗ ପରେ ରେଳବାଇ ସୁରକ୍ଷା ବଳ ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତ ଆକାଶ ଡାଙ୍ଗଙ୍କୁ ଗିରଫ କରି ସରକାରୀ ରେଳବାଇ ଥାନାକୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ସଂକ୍ଷେପରେ

### ଶୌର୍ଯ୍ୟ ଜାଗରଣ ଯାତ୍ରା, ଦେଓଗାଁରେ ଭବ୍ୟ ସ୍ୱାଗତ

ଦେଓଗାଁ,୬।୧୦(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବିଶ୍ୱହିନ୍ଦୁ ପରିଷଦ ତଥା ବଜରଙ୍ଗଦଳ ପକ୍ଷରୁ ବାହାରିଥିବା ଶୌର୍ଯ୍ୟ ଜାଗରଣ ଯାତ୍ରାକୁ ବଲାଙ୍ଗିର ଜିଲା ଦେଓଗାଁରେ ଶୁକ୍ରବାର ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜରାସିଂହା ଦେଇ ଏହି ରଥ ଦେଓଗାଁରେ ପହଞ୍ଚିବାପରେ ସ୍ଥାନୀୟ ଦୁର୍ଗା ମଣ୍ଡପ ଛକଠାରେ ସ୍ୱାଗତ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ମାଷ୍ଟରପଡା ନାଗେଶ୍ୱର ଯୁବକ ସଂଘର କର୍ମକର୍ତ୍ତାମାନଙ୍କ ତରଫରୁ ଏହି ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଏ ଅବସରରେ ଡା, ଶଶୀଭୂଷଣ ସାହୁ ଯୋଗଦେଇ ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣକୁ ଏକ ଐତିହାସିକ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ବଜରଙ୍ଗଦଳର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ବିଶ୍ୱ ବରିଷ୍ଠ ନାଗରିକ ସପ୍ତାହ ପାଳନୋତ୍ସବ

ବଲାଙ୍ଗୀର,୬।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ବିଶ୍ୱ ବରିଷ୍ଠ ନାଗରିକ ସପ୍ତାହ ପାଳନୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଞ୍ଚ ସଦସ୍ୟ ଦିବଙ୍ଗତ ଦିଲୀପ କୁମାର ବହିଦାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ମଞ୍ଚ ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକୁ କବି ମଧୁସୂଦନ ନାୟକ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କୋଷାଗାର ଅଧିକାରୀ ଦିଲ୍ଲୀପ କୁମାର ଛତ୍ରିଆ, ବରେଣ୍ୟ ଅତିଥି ଭାବେ ବଲାଙ୍ଗୀର ଏସ୍‌ବିଆଇ ଚିଫ୍ ମେନେଜର ସତ୍ୟ ନାରାୟଣ ମାଝି ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ମଞ୍ଚାସୀନ ହୋଇଥିଲେ। ସଭାରେ ବରିଷ୍ଠ ନାଗରିକ ମଞ୍ଚ ଆଗଲପୁର ଏବଂ ଲୋଇସିଂହା ଶାଖାର ପ୍ରତିନିଧି ପୁରନ୍ଦର ଦାଶ ଏବଂ ଦେଓଗାଁ, ଗୁଡଭେଲା ଶାଖା ପ୍ରତିନିଧି ସୁଧାଂଶୁ ଶେଖର ବାବୁ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବିକା ଓ ସାହିତ୍ୟିକ ଡା. ମଞ୍ଜୁବାଳା ପଣ୍ଡା, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ଯୁବ ସମାଜସେବୀ ସୋମନାଥ ମିଶ୍ର ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀଙ୍କୁ ମଞ୍ଚ ପକ୍ଷରୁ ଅତିଥିମାନେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପଦେଷ୍ଟା ଧନଞ୍ଜୟ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ କପିଳେଶ୍ୱର ଖମାରୀ ଓ ପୀତବାସ ପଣ୍ଡା ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିରଞ୍ଚି ହୋତା, ବିନୟ କୁମାର ମିଶ୍ର, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ, ସୁନିଲ ଚନ୍ଦ୍ର ବିଶ୍ୱାଳ, ଚିତ୍ତ ରଞ୍ଜନ ପଟେଲ, ନୀଳାଞ୍ଚଳ ତିର୍ଗୁନ ସହଯୋଗ କରିଥିଲେ। ବରିଷ୍ଠ ନାଗରିକ ଦାମୋଦର ନାଏକ, ଦୁର୍ଗା ପ୍ରସାଦ ହୋତା, ଲକ୍ଷ୍ମଣ କୁମାର ଜାଲ, ସତ୍ୟାନନ୍ଦ ସାହୁ ଓ ମନୋରଞ୍ଜନ ସ୍ୱାଇଁ ବରିଷ୍ଠ ନାଗରିକ ମଞ୍ଚର ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ। ଶେଷରେ କପିଳେଶ୍ୱର ଖମାରୀ ଧନ୍ୟବାଦ ଦେଇଥିଲେ।

# ନିର୍ବାହୀ ଅଧିକାରୀ, ପୌରାଧକ୍ଷାଙ୍କ ଅଡୁଆ ବଢ଼ିଲା

**ବଲାଙ୍ଗୀର ପୌରପାଳିକା**

- ବିଧାୟକ ନରସିଂହ ମିଶ୍ରଙ୍କ ଅଭିଯୋଗ ପରେ ଆସିଲା ସ୍ୱାଧିକାର ଭଙ୍ଗ ନୋଟିସ
- କାର୍ଯ୍ୟାନୁଷ୍ଠାନ ପାଇଁ ବିଧାନସଭା ସଚିବ ଦେଲେ ନିର୍ଦ୍ଦେଶ


SECRETARIAT OF THE ODISHA LEGISLATIVE ASSEMBLY

No. 6143 /L.A.

Bhubaneswar, dated the ... October, 2023

From
Shri Dasharathi Satapathy, IAS (Retd.)
OSD-cum-Secretary.

To
The Principal Secretary to Govt.,
Housing & Urban Development Department,
Bhubaneswar.

Sub:- Notice of question of breach of Privilege given by Shri Narasingha Mishra Hon'ble Leader of Indian National Congress Legislature Party in the Odisha Legislative Assembly.

Ref: The letter No.6039/L.A., dated 29.9.2023 and the letter No.6040/L.A., dated 29.9.2023

Sir,

With reference to the letter(copy enclosed) and the subject noted above, I am directed to say that a notice of a question of breach of privilege has been tabled by Shri Narasingha Mishra, Hon'ble Leader of INC Legislature party on 28.9.2023 against the Chairman, Bolangir Municipality and the Executive Officer, Bolangir Municipality. He has also raised the matter in the meeting of the Odisha Legislative Assembly on the same day alleging that as a MLA Bolangir, he has the privilege to be invited to all the functions of Bolangir Municipality. But the Chairman and the Executive Officer, Bolangir Municipality intentionally insulted him by not inviting him to any function till today. This amounts to a breach of privilege. When the media people ask the Chairman, why the MLA being not invited, she says that they have decided not to invite him. Besides, as stated above, the official/person responsible for breach of privilege of the Members of the House, they are liable to be punished for breach of privilege. The above question of breach of Privilege was placed before the Hon'ble Speaker for consideration. After consideration of the same, the Hon'ble Speaker has been pleased to direct to seek explanation from the Chairman, Bolangir Municipality & the Executive Officer, Bolangir Municipality on the question raised in the above notice within 7days.

This is for your kind perusal and necessary action.

Yours faithfully,

OSD-cum-SECRETARY.

ବଲାଙ୍ଗୀର,୬।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ସଦ୍ୟ ସମାପ୍ତ ହୋଇଥିବା ବିଧାନସଭା ଅଧିବେଶନରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ପୌରାଧକ୍ଷା ଏବଂ ପୌର ନିର୍ବାହୀ ଅଧିକାରୀ ସ୍ୱାଧିକାର ଭଙ୍ଗ କରିଥିବା ନେଇ ଅଭିଯୋଗ କରିଥିଲେ। ବିଧାୟକ ମିଶ୍ରଙ୍କ ଅଭିଯୋଗକୁ ଭିତ୍ତିକରି ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଏବଂ ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଜାରି ହୋଇଥିବା ଜଣାପଡିଛି। ଏଭଳି ନୋଟିସ ପରେ ପୌରାଧକ୍ଷା ସାହୁ ଏବଂ ନିର୍ବାହୀ ଅଧିକାରୀ ମିଶ୍ର ଅଡୁଆରେ ପଡିଥିବା ଆଲୋଚନାର ବିଷୟ ହୋଇଛି। ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୌଣସି ବି ସରକାରୀ କାର୍ଯ୍ୟକ୍ରମରେ ସମ୍ପୃକ୍ତ କ୍ଷେତ୍ରର ବିଧାୟକଙ୍କୁ ନିମନ୍ତ୍ରଣ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ବଲାଙ୍ଗୀର ପୌରପାଳିକା ପକ୍ଷରୁ କୌଣସି ବି କାର୍ଯ୍ୟକ୍ରମକୁ ବଲାଙ୍ଗୀର ବିଧାୟକ ମିଶ୍ରଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା ଏବଂ ଏପରିକି ବଲାଙ୍ଗୀର ବିଧାୟକ ମିଶ୍ରଙ୍କୁ କୌଣସି କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯିବ ନାହିଁ ବୋଲି ବଲାଙ୍ଗୀର ପୌରାଧକ୍ଷା ସାହୁ ବିଭିନ୍ନ ଗଣମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ପ୍ରତିକ୍ରିୟା ଦେଇଥିଲେ। ଏହି ବିଷୟକୁ ନେଇ ବିଧାୟକ ମିଶ୍ର ଏହା ବିଧାୟକମାନଙ୍କ ପ୍ରତି ଅପମାନ ଏବଂ ଏହାଦ୍ୱାରା ବିଧାୟକଙ୍କ ସ୍ୱାଧୀକାର ଭଙ୍ଗ ହୋଇଛି ବୋଲି ବାଚସ୍ପତିଙ୍କୁ ନୋଟିସ ମାଧ୍ୟମରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ବାଚସ୍ପତି ଗ୍ରହଣ କରିଥିଲେ ଏବଂ ବିଧାନସଭାରେ ଆଲୋଚନା ହୋଇଥିଲା। ଆଲୋଚନାବେଳେ ବିଧାୟକ ମିଶ୍ର ନିଜେ ଅଭିଯୋଗ ଆଣିଥିଲେ ଯେ ଉଭୟ ପୌରାଧକ୍ଷା ଏବଂ ନିର୍ବାହୀ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ନିଜ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୌରପାଳିକା ତରଫରୁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ନ କରି ଅପମାନିତ କରିଛନ୍ତି। ଫଳରେ ତାଙ୍କର ସ୍ୱାଧିକାର ଭଙ୍ଗ ହୋଇଛି। ତେଣୁ ଏଇଥି ପାଇଁ ଦାୟୀ ଉଭୟ ପୌରାଧାକ୍ଷା ଓ ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ପାଇଁ ଦାବି କରିଥିଲେ। ଗୃହରେ ବାଚସ୍ପତି ତାଙ୍କ ଦାବିକୁ ଗ୍ରହଣ କରିବା ସହ ଉଭୟ ପୌରାଧକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ଜବାବ ତଲବ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ବଳରେ ବିଧାନସଭା ସଚିବ ଦାଶରଥି ଶତପଥି ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କୁ ଚିଠି ଲେଖି ୭ ଦିନ ମଧ୍ୟରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏହି ପ୍ରସଙ୍ଗ ଏବେ ବଲାଙ୍ଗୀରରେ ଚର୍ଚ୍ଚାର ବିଷୟ ହୋଇଛି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି


ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଟିଟିଲାଗଡ଼,୬।୧୦(ଶରତ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ କୁନିକୁନି ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଆଗକୁ ଆଣିବା ପାଇଁ ପ୍ରତିବର୍ଷ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ କରାଯାଉଛି। ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିନେକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିନେକେଲା ଗ୍ରାମପଞ୍ଚାୟତର ସରପଞ୍ଚ ଯାଜ୍ଞସେନି ସାହୁ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିନେକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ସାହୁ, ବାଲିପଦର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ନାଗ, ଅମୂର୍ଲା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ଶିକା ଯୋଗଦାନ ଦେଇ ସୁରଭି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ବିତର୍କ, ପ୍ରବନ୍ଧ, ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳଲିଖନ,ବକ୍ତୃତା, ସଙ୍ଗୀତ, ହସ୍ତାକ୍ଷର, ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଚିତ୍ରକଳା, ଶୀଳ୍ପକଳା କାର୍ଯ୍ୟକ୍ରମ ରଖାଯାଇଥିଲା। ଏଥିରେ ଯେଉଁ ଛାତ୍ରୀଛାତ୍ର କୃତକାର୍ଯ୍ୟ ହେଇଛନ୍ତି ସେମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଯିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବାବୁଲୁ ଜାଲ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଦାୟିତ୍ୱରେ ଇନ୍ଦ୍ରମଣି ପୁଟେଲ, ପୂର୍ଣଚନ୍ଦ୍ର ମହାନନ୍ଦ ଥିଲେ। ଶିକ୍ଷକ ମହିଲାଲ କୁମ୍ଭାର, ଦେବାନନ୍ଦ ସାହୁ, ପ୍ରବୀଣ ପୁଟେଲ, ରୋଶନ କୁମ୍ଭାର, ତପନ କୁମାର ସାହୁ, କୈବଲ୍ୟ ପୋଢ଼, ମୃତ୍ୟୁଞ୍ଜୟ ମାଝୀ, ବିଶ୍ୱଜିତ ସାହୁ, ସୁଦାମ ଚରଣ ମାଝୀ ସମୂହ ସହଯୋଗ କରିଥିଲେ।

**ବିନେକେଲା ଓ ସିହିନୀଠାରେ କାର୍ଯ୍ୟକ୍ରମ**

ସେହିପରି ସିହିନୀ ଯୁଜି ଉଚ୍ଚ ବିଦ୍ୟାଳୟଠାରେ ମଧ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ଏବଂ ସମ୍ମାନିତ ଅତିଥି ଭାବେ ସିହିନୀ ପ୍ରଧାନଶିକ୍ଷକ ନାରାୟଣ ବରର୍ତ୍ତୀ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବାବୁଲୁ ଜାଲ ଯୋଗଦାନ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଘନଶ୍ୟାମ ପ୍ରଧାନ, ରଜତ ଛତର, ସୁଶାନ୍ତ ପଣ୍ଡା, ଶମ୍ଭୁ ଦୀପ, ପୁଷ୍ପା ଦାସ, ବ୍ରଜବନ୍ଧୁ ଟାକ୍ରୀ ସମୂହ ସହଯୋଗ କରିଥିଲେ।

# ଛକୋରବାଞ୍ଜି, ରତାଖଣ୍ଡିରେ ସାଂସଦ ଖେଳ ମହୋତ୍ସବ


ଚାମ୍ପିୟନ ଫୁଟବଲ ଟିମ୍ ସଦସ୍ୟଙ୍କୁ ଲୋକସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରୁଛନ୍ତି।

ବଲାଙ୍ଗୀର, ୬।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲୋକସଭା କ୍ଷେତ୍ରର ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ ଲୋକସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଇଁତଲା ବ୍ଲକର ବିବିନା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛକୋରବାଞ୍ଜି ଖେଳପଡିଆରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। କରେଲଧୁଆ ଓ ନାଇକେନସିରା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି କରେଲଧୁଆ ଦଳ ବିଜୟୀ ହୋଇଥିଲା। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଛକୋରବାଞ୍ଜି ନେତାଜୀ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।

ଦ୍ୱିତୀୟାର୍ଦ୍ଧରେ ବଲାଙ୍ଗୀର ସଦର ବ୍ଲକର ଶିକାଛିଡା ଗ୍ରାମ ପଞ୍ଚାୟତର ରତାଖଣ୍ଡି (ଭାନପୁର) ଗ୍ରାମରେ ଗୋପବନ୍ଧୁ ଯୁବକ ସଂଘର ସକ୍ରିୟ ସହାୟତାରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ରାଏପାଲି ଦଳ ଓ ଶିରାବାହାଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଏପାଲି ଦଳ ବିଜୟୀ ହୋଇଥିଲେ। ଏହି ଏକଦିବସୀୟ ଟୁର୍ଣ୍ଣାମେଣ୍ଟରେ ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ମୁଖଅତିଥି ଭାବେ ଯୋଗଦାନ କରି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ସାଂସଦ ସିଂଦେଓ ବିଜୟୀ ଓ ଉପବିଜୟୀ ଦଳକୁ ଟ୍ରଫି, ପ୍ରମାଣପତ୍ର ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସାଂସଦ ଖେଳ ମହୋତ୍ସବକୁ ବଲାଙ୍ଗୀର ନେହେରୁ ଯୁବ କେନ୍ଦ୍ରର ପଦାଧିକାରୀ ସଂଯୋଜନା କରିଥିଲେ।

# ବଲାଙ୍ଗୀର ଜିଲ୍ଲାସ୍ତରୀୟ ଖୋ ଖୋ ଚୟନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

ମୁରିବାହାଲ,୬।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲାସ୍ତରୀୟ ଖୋ, ଖୋ ଚୟନ ପ୍ରତିଯୋଗିତା ଆସନ୍ତା ୮ ଓ ୯ ତାରିଖ ୨ ଦିନ ଧରି ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆଠାରେ ହେବ। ପ୍ରତିଯୋଗିତା ପାଇଁ ଶୁକ୍ରବାର ମୁରିବାହାଲ ହାଇସ୍କୁଲଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ୧୨ଟି ବ୍ଲକର ୪୮୩ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ସୁନୀଲ କୁମାର ପତ୍ରଙ୍କର ଅଧକ୍ଷତାରେ ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଡିଆରୀ, ମୁରିବାହାଲ ବ୍ଲକ କ୍ରୀଡା ସାଧାରଣ ସମ୍ପାଦକ କୁବେର ଲାଲ ବେହେରା, ଜିଲ୍ଲା ଓଷ୍ଟା ସଂଘର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପୁଟେଲ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଅଗସ୍ତି ବଘାର, ସୁଦାମ ଚାରଣ ବଘାର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗିତା ସୁବ୍ୟବସ୍ଥା, କ୍ରୀଡ଼ାବିତମାନଙ୍କ ସୁରକ୍ଷା, ଠିକ ପରିଚାଳନା, ସୁରକ୍ଷା ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ଉକ୍ତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଆସନ୍ତା ୧୦ରୁ ୧୫ ପର୍ଯ୍ୟନ୍ତ ଅନୁଗୋଳ ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଆୟୋଜକମାନଙ୍କ ଠାରୁ ପ୍ରକାଶ। ଉକ୍ତ କାର୍ଯ୍ୟକ୍ରମରେ ରଶ୍ମିଲତା ପାତ୍ର, ମନୋଜ କୁମାର ସ୍ୱାଇଁ, ବିକ୍ରମ ପରୋହିତ, କିଶୋର ଚନ୍ଦ୍ର ମହାନ୍ତି, ହେମନ୍ତ ନାଗ, ଚନ୍ଦ୍ରଧ୍ୱଜ ଭୋଇ, ଓ କଳାକାହ୍ନୁ ରଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଛନ୍ତି।

# ପଥପ୍ରାନ୍ତ ନାଟକ ସହ ବାଣ୍ଟିଲେ ସଚେତନତା ବାର୍ତ୍ତା



ସାଇବର ସୁରକ୍ଷା ସଚେତନତା ନେଇ ପଥପ୍ରାପ୍ତ ନାଟକ।

ଖପ୍ରାଖୋଲ, ୬।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗିର ପୋଲିସ ଦ୍ୱାରା ଜିଲାରେ ସାଇବର ଠକେଇ ରୋକିବା ପାଇଁ ସାଇବର ସୁରକ୍ଷା ଅଭିଯାନ ଆରମ୍ଭ ହୋଇଥିବାବେଳେ ଖପ୍ରାଖୋଲରେ ସାଇବର ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସାଇବର ସୁରକ୍ଷା ସଚେତନା ରଥ ଖପ୍ରାଖୋଲରେ ପହଞ୍ଚିଥିବା ବେଳେ ତାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଥମେ ଥାନା ପରିସରରେ ପଥପ୍ରାନ୍ତ ସଭା ଓ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ପରେ ସ୍ଥାନୀୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ପଥପ୍ରାନ୍ତ ସଭା, ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜନସାଧାରଣ କିଭଳି ସାଇବର ଠକେଇରୁ ବର୍ତ୍ତିପାରିବେ ସେ ନେଇ ବାର୍ତ୍ତା ପ୍ରଦାନ କରିଥିଲେ। ମୋବାଇଲ, ଇଣ୍ଟରନେଟ ଯୋଗେ କୌଣସି ସନ୍ଦେହ ଫୋନକଲ ଓ ମେସେଜ ଆସିଲେ ତୁରନ୍ତ ପୋଲିସ ସହ ଯୋଗାଯୋଗ କରି ସାଇବର ଠକେଇରୁ ସୁରକ୍ଷା ପାଇପାରିବେ ସେନେଇ କହିଥିବାବେଳେ ସାଇବର ବିଶେଷଜ୍ଞ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବଲାଙ୍ଗିର ଜିଲା ସାଇବର ଥାନା ଇନ୍ସପେକ୍ଟର ଜ୍ୟୋତ୍ସ୍ନାରାଣୀ ବେହେରା, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ଏସ୍ଆଇ ଗୋପୀନାଥ ମହାକୁଡ, ସେବନ କେରକେଟା, ନାରାୟଣ ସାହୁ, ସଞ୍ଜୀବ ସାହୁ ପ୍ରମୁଖ ପୋଲିସ କର୍ମଚାରୀ ସହ ଜନସାଧାରଣ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଗଣ୍ଡା ସମାଜ ମଧ୍ୟରେ ଭାଇଚାରା ରହିଛି, ଅଶାନ୍ତ ପାଇଁ ଉଦ୍ୟମ ଚାଲିଛି

ଲୋଇସିଂହା, ୬।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଲକ୍ଷେଘର ଗଣ୍ଡା ସମାଜ ମଧ୍ୟରେ ଭାଇଚାରା ରହିଛି। ହେଲେ ବ୍ଲକ ବାହାର ତଥା ପାଟଣାଗଡ ରାମପୁର ଓ ଆଗଲପୁର ନଅଗାଁ(ଖ) ଅଞ୍ଚଳରୁ ଦୁଇଜଣ ବ୍ୟକ୍ତି ବିଭିନ୍ନ ସଭାସମିତି ନାଁରେ ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଦ୍ୱୟଙ୍କ କାର୍ଯ୍ୟକଳାପ ଉପରେ ଲକ୍ଷେଘର ଗଣ୍ଡା ସମାଜର ବ୍ଲକ ସଭାପତି ଲାଲମନ ନାଗ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଦ୍ୱୟଙ୍କୁ ଲୋଇସିଂହା ଅଞ୍ଚଳର କୌଣସି ସ୍ଥାନରେ ସଭାସମିତି କିମ୍ବା ସମାବେଶ କରିବା ପାଇଁ ଅନୁମତି ନ ଦେବାକୁ ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ସଭାପତି ନାଗ ଫେରାଦ ହୋଇଛନ୍ତି। ପ୍ରକାଶ ଯେ, ଲୋଇସିଂହା ବ୍ଲକର ଲକ୍ଷେଘର ଗଣ୍ଡା ସମାଜ ମଧ୍ୟରେ ଭେଦଭାବ ରହୁ ନାହିଁ। ସମାଜର ସବୁ ବର୍ଗର ଲୋକଙ୍କ ମଧ୍ୟରେ ଭାଇଚାରା ରହି ଆସିଛି। ଆଗକୁ ନିର୍ବାଚନ ଆସୁଥିବାରୁ ରାଜନୈତିକ ଫାଇଦା ହାସଲ ପାଇଁ ଗତ କିଛି ମାସ ହେଲା ସମ୍ପୃକ୍ତ ବ୍ୟକ୍ତି ଦ୍ୱୟ ପ୍ରଶାସନର ଅନୁମତି ନେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଏପରି ସମାବେଶ ଦ୍ୱାରା ନିଜନିଜ ମଧ୍ୟରେ ଜାତିଆଣ ଭେଦଭାବ ବଢିବା ସହ ତିକ୍ତତା ବୃଦ୍ଧି ପାଉଛି।

# ଯୁବପିଢ଼ି ସତର୍କ ରହିଲେ ସାଇବର ଅପରାଧ ହ୍ରାସ ପାଇବ

ଲାଠୋର, ୬।୧୦(ଭୁବନେଶ୍ୱର ବାରିକ)

ଦିନକୁ ଦିନ ସାଇବର ଅପରାଧ ବଢ଼ିବଢ଼ି ଚାଲିଥିବାବେଳେ ଅନେକ ଲୋକ ଏହାର ଶିକାର ହୋଇ ସର୍ବଶାନ୍ତ ହେଉଛନ୍ତି। ବିଶେଷକରି ଯୁବ ପିଢି ବହୁ ସଂଖ୍ୟାରେ ଏହାର ଶିକାର ହେବାରେ ଲାଗିଛନ୍ତି। ଏହାକୁ ଲକ୍ଷ୍ୟ କରି ରାଜ୍ୟରେ ସଚେତନତା ସୃଷ୍ଟି କରି ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବାର ପ୍ରୟାସ ଆରମ୍ଭ କରାଯାଇଛି। ବର୍ତ୍ତମାନ ସମୟରେ ଯୁବପିଢି ସତର୍କ ରହିଲେ ସାଇବର ଅପରାଧ ହ୍ରାସ ପାଇବ ବୋଲି ବଲାଙ୍ଗିର ଜିଲା ଲାଠୋର ପୋଲିସ ଦ୍ୱାରା ଶୁକ୍ରବାର ପଞ୍ଚାୟତ ମହାବିଦ୍ୟାଳୟରେ ଆଇଆଇସି ଝସକେତନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସବ ଇନ୍ସପେକ୍ଟର ଅଫ୍ ପୋଲିସ ସାଇବର ଜ୍ୟୋତ୍ସ୍ନାରାଣୀ ବେହେରା ଯୋଗ ଦେଇ କହିଥିଲେ। ତାଙ୍କ ସହ ସାଇବର ଏକ୍ସପର୍ଟ ଆନନ୍ଦ ସାମଲ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶନ୍ନ ଦାସ, ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ପ୍ରଧାନ ଏବଂ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ମଞ୍ଚାସୀନ ଥିଲେ। ଉପସ୍ଥିତ ଶତାଧିକ ଛାତ୍ରୀଛାତ୍ରଙ୍କୁ ଲୋକ କିପରି ସାଇବର ଅପରାଧରୁ ସୁରକ୍ଷିତ ରହିବେ, ସୋସିଆଲ ମିଡ଼ିଆ ବ୍ୟବହାର କ୍ଷେତ୍ରରେ କିପରି ସତର୍କତା ଅବଲମ୍ବନ କରିବେ, ପିଲାଙ୍କୁ କିପରି ସାଇବର ଅପରାଧରୁ ସୁରକ୍ଷିତ ରଖିବେ, ଆର୍ଥିକ କାରବାର ସମୟରେ କେମିତି ସତର୍କ ରହିବେ, ଅନଲାଇନ ଶପିଂ ବେଳେ କିପରି ସତର୍କ ରହିବେ ସେଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମଧ କରାଯାଇଥିଲା। ସେହିପରି ଲାଠୋର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ମଧ ସାଇବର ଅପରାଧ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଲାଠୋର ପଞ୍ଚାୟତ ମହାବିଦ୍ୟାଳୟରେ ଅନୁଷ୍ଠିତ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମରେ ଅତିଥି।

# ଜରାସିଂହା ୬-୫ ଗୋଲରେ ବିଜୟୀ

ଦେଓଗାଁ, ୬।୧୦(କୃଷ୍ଣପ୍ରସାଦ ପାଣିଗ୍ରାହୀ)


ଜରାସିଂହା ମିନିଷ୍ଟାଡିୟମରେ ଖେଳାଳିଙ୍କୁ ବିଧାୟକ ନରସିଂହ ମିଶ୍ର ଉତ୍ସାହିତ କରୁଛନ୍ତି।

ବଲାଙ୍ଗିର ଜିଲା ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗ୍ରୁପ 'ଇ'ରେ ଶୁକ୍ରବାର ଜରାସିଂହା ମିନିଷ୍ଟାଡିୟମରେ ମହିପୁର ଓ ଜରାସିଂହା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଟାଇବ୍ରେକର ଜରିଆରେ ଜରାସିଂହା ଦଳ ବିଜୟୀ ହୋଇଛି। ଖେଳ ଶେଷ ପର୍ଯ୍ୟନ୍ତ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲଦେଇ ସମାନ ସ୍ତରରେ ରହିବାରୁ ଟାଇବ୍ରେକରର ସାହାର୍ଯ୍ୟ ନିଆଯାଇଥିଲା। ଏଥିରେ ୬-୫ ଗୋଲରେ ଜରାସିଂହା ଦଳ ବିଜୟୀ ହୋଇଥିଲେ। ଆସନ୍ତା ୯ରେ ବଲାଙ୍ଗିର ଠାରେ ଟିଟିଲାଗଡ ଜୋନ ସହିତ ଜରାସିଂହା ଦଳ ଖେଳିବେ ବୋଲି ସୂଚନା ଦିଆଯାଇଛି। ଖେଳକୁ ସୁଦୟ ବାରିକ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ପାତ୍ର, ଶୁଶାନ୍ତ କୁମାର ନାଗ ଲାଇନମ୍ୟାନ ଭାବେ ଦାୟୀତ୍ୱ ତୁଲାଇଥିଲେ। ଭୋଲା ପଥ୍ରୀମାଲି ଧାରାବିବରଣୀ ପ୍ରଦାନ କରିଥିଲେ। ବିଏନଏଏର ସଭାପତି ଭାଗ୍ୟବନ୍ତ ମେହେରଙ୍କ ସଭାପତିତ୍ୱରେ

**ଜିଲାସ୍ତରୀୟ ସିନିୟର ନକ୍‌ଆଉଟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡାର ବିକାଶ ହେଲେ ଅଞ୍ଚଳର ବିକାଶ ସୁନିଶ୍ଚିତ ବୋଲି ବିଧାୟକ ମିଶ୍ର ମତପ୍ରକାଶ କରିଥିଲେ। ଏହାସହ ଏହି ମିନିଷ୍ଟାଡିୟମର ଉନ୍ନତି ପାଇଁ ଅଞ୍ଚଳବାସୀଙ୍କ ଅନୁରୋଧ ରହିଥିଲା। ଏଣୁ ଏହାର ଉନ୍ନତିପାଇଁ ୪କୋଟି ୭୫ଲକ୍ଷ ୮୬ ହଜାର ଟଙ୍କା ସରକାରୀସ୍ତରରେ ମଞ୍ଜୁର ହୋଇସାରିଛି ବୋଲି ସୂଚନା ଦେଇଥିଲେ। ଶେଷରେ ବିଏନଏଏର ସମ୍ପାଦକ ରାଜକିଶୋର ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଅଂଶୁମାନ କର୍ତ୍ତ, ଦୁର୍ଗାପ୍ରସାଦ ସିଂଦେଓ, କରୁଣାକର ମେହେର, କୈଳାସ କର୍ତ୍ତା, ଶ୍ରୀବତ୍ସ ମେହେର, କୁନ୍ତେ ମେହେର, ପ୍ରଶାନ୍ତ ଥନାପତି, ଶୁଶାନ୍ତ ଥାନାପତି ତଥା ବିଏନଏଏର କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ପଞ୍ଚାୟତ ସହଯୋଗୀ କେନ୍ଦ୍ର ଗୃହ ଉଦ୍‌ଘାଟିତ

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲି ଗ୍ରାମପଞ୍ଚାୟତ ସହଯୋଗୀ କେନ୍ଦ୍ର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ସସ୍ମିତା ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନବନିର୍ମିତ କେନ୍ଦ୍ରର ଲୋକାର୍ପଣ କରାଯାଇଛି। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଦୁଃଖିଶ୍ୟାମ ସାହୁ, ଚନ୍ଦ୍ରକାନ୍ତ ପଟ୍ଟନାୟକ, ରାଜୁ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଖଲିଆପାଲି ଗ୍ରାମର ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ୭୫ ଲିଟର ଦେଶୀ ମଦ ଜବତ ,୩ ଗିରଫ

**ଅମରପାଲି,୬।୧୦(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୭୫ ଲିଟର ଦେଶୀ ରନ୍ଧା ମଦ ଜବତ କରାଯିବା ସହ ୧ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରାଯାଇଛି । ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବୀରମହାରାଜପୁର ଅବକାରୀ ଇନ୍ସପେକ୍ଟର ସୁମିତ୍ରା ହେମ୍ବ୍ରମଙ୍କ ନେତୃତ୍ୱରେ ସୁବଳୟା ଥାନା ଅନ୍ତର୍ଗତ ଭାଲୁଡୁମୁରି ଗାଁରେ ଚଢାଉ ହୋଇ ମହୁଲ ପୋଚ ନଷ୍ଟ କରାଯାଇଥିଲା। ଏହି ଘଟଣାରେ ମଦ ବେପାରୀ ଦୁର୍ବାସା ସାହୁଙ୍କୁ ଗିରଫ କରାଯିବା ସହ ୨୦ ଲିଟର ଦେଶୀମଦ ଜବତ କରାଯାଇଛି । ସେହିପରି କୁନ୍ଦପାଲ ଗ୍ରାମର ଦେବହରି ପଧାନଙ୍କ ନିକଟରୁ ୩୦ ଲିଟର ଏବଂ ପଦ୍ମନାଭ ପଧାନଙ୍କ ଠାରୁ ୨୫ ଲିଟର ମଦ ଜବତ ହୋଇଛି । ମଦ କାରବାର ଅଭିଯୋଗରେ ଉପରୋକ୍ତ ତିନି ମଦ ବେପାରିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚଢାଉରେ କନଷ୍ଟେବଲ ଉର୍ବି ମାଝିଙ୍କ ସହିତ ଅବକାରୀ କର୍ମଚାରୀ ସାମିଲ ଥିଲେ ।

### ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବାଉଁଶୁଣୀ, ୬।୧୦(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବାଉଁଶୁଣୀସ୍ଥିତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବାଳମୁକୁନ୍ଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ବିଜେଡି ସଭାପତି ତଥା କନ୍ଧମାଳ ବିଧାୟକ ମହୀଧର ରଣା ଯୋଗ ଦେଇଥିଲେ । ଆସନ୍ତା ୧୦ ତାରିଖ ଦିନ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । ବାଉଁଶୁଣୀସ୍ଥିତ ଶ୍ରୀ ଭୁବନେଶର ଶିବମନ୍ଦିରଠାରୁ ଖଲିଆପାଲି ଗ୍ରାମ ପଞ୍ଚାୟତର ଗୁଦୁଗୁଦା ସାପ୍ତାହିକ ବଜାର ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏଥିରେ ବରିଷ୍ଠ ବିଜେଡି ନେତା ସୁଧୀର ମହାକୁଡ, ସରୋଜ କୁମାର୍ ତ୍ରିପାଠୀ, ସୁଭାଂଶୁ କର୍ଣ୍ଣ,ପ୍ରଶାନ୍ତ କୁମାର ରଣା, ଅଜିତ ମେହେରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ନେତୃବୃନ୍ଦ ଯୋଗ ଦେଇଥିଲେ ।



ମା' ଭୈରବୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ମା' ଭୈରବୀଙ୍କ ପୀଠରେ ଖଣ୍ଡବସା ପର୍ବ ଆରମ୍ଭ

**ଗଡ଼ଜାତର ଅଧିଷ୍ଠାତ୍ରୀ ଦେବୀ**
- ରାତିରେ ମା'ଙ୍କ ପାଖରେ ହୋଇଥାଏ ଗୁପ୍ତ ପୂଜା
- ଷୋଳପୂଜା ସମୟରେ ଭକ୍ତଙ୍କୁ ମନ୍ଦିର ଭିତରକୁ ମନା

ବୌଦ୍ଧ/ପୁରୁଣାକଟକ,୬।୧୦
(ଅଜିତ କୁମାର ବାରିକ/ସୁକାନ୍ତ କୁମାର ପଟ୍ଟନାୟକ)

ଜଗତଜନନୀ ମା' ଦୁର୍ଗାଙ୍କ ଆଗମନ ନେଇ ସବୁଠି ପ୍ରସ୍ତୁତି ଜୋରଦାର ଚାଲିଛି। ସଜେଇ ହେଉଛି ପୂଜାମଣ୍ଡପ ଓ ମା'ଙ୍କ ଶକ୍ତିପୀଠ । ଓଡିଶାର ମଧ୍ୟସ୍ଥଳରେ ଗଡଜାତ ବୌଦ୍ଧ ସହର। ଗଡଜାତର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଭୈରବୀ। ମା' ଭୈରବୀ ଏଠାକାର ଇଷ୍ଟଦେବୀ । ଭୁବନ ଭରଣ କରୁଥିବାରୁ ଦେବୀଙ୍କୁ ଭୈରବୀ ବୋଲି କୁହାଯାଏ । ମା'ଙ୍କ ପୀଠରେ ବାର ମାସରେ ତେର ପୂଜା ପାଳିତ ହେଉଛି। କିନ୍ତୁ ମା'ଙ୍କ ପୂଜା ଆଶ୍ୱିନ ମାସରେ ସ୍ୱତନ୍ତ୍ର ଭାବେ ହୋଇଥାଏ । ଶୁକ୍ରବାର ଦିନ ପୁରୁଣାକଟକଠାରେ ଥିବା ଇଷ୍ଟଦେବୀ ମା' ଭୈରବୀଙ୍କ ପୀଠରେ ଷୋଳପୂଜା ବା ଖଣ୍ଡା ବସା ପର୍ବ ଆରମ୍ଭ ହୋଇଛି। ଏହି ଷୋଳପୂଜା ଆଶ୍ୱିନ ମୂଳାଷ୍ଟମୀ (କୃଷ୍ଣପକ୍ଷ ଅଷ୍ଟମୀ) ଠାରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ମହାଷ୍ଟମୀ ଦିନ ଶେଷ ହୋଇଥାଏ । ମା'ଙ୍କ ଷୋଳପୂଜା ଅବସରରେ ଏକ ଶୋଭାଯାତ୍ରା ମୁଖ୍ୟ ପୂଜକଙ୍କ ଘରୁ ବାହାରିଥିଲା । ଏହି ଶୋଭାଯାତ୍ରାରେ ଭକ୍ତମାନେ ବାଜା ବଜାଇ, ବାନା, ବଇରଖ, ଛତ୍ର ଧରି ଗ୍ରାମ ପରିକ୍ରମା କରି ସିଧା ମନ୍ଦିରକୁ ଯାଇଥିଲେ । ମା'ଙ୍କ ଶୋଭଯାତ୍ରା ଯିବା ସମୟରେ ଭକ୍ତମାନେ ନିଜ ନିଜ ଘର ଆଗରେ ମା'ଙ୍କ ପୂଜା କରିଥିଲେ । ନିଶା ରାତ୍ରିରେ ତାଳପତ୍ର ପୋଥି ( ମାଦାଳା ପାଞ୍ଜି) ଅନୁସାରେ ମା'ଙ୍କ ଗୁପ୍ତ ପୂଜା ହୋଇଥାଏ ଓ ମା'ଙ୍କ ଠାରେ ଖଣ୍ଡା ବସିଥାଏ। ଏହି ଗୁପ୍ତ ପୂଜା ଆରମ୍ଭ ହେଲା ମାତ୍ରେ ମା'ଙ୍କ ପୀଠରେ ଢୋଲ, ନିଶାନ ବାଜି ଉଠିଥାଏ । ବାଜା ବାଜିବା ମାତ୍ରେ ଏହି ଅଞ୍ଚଳର ପୁତ୍ରବତୀ ମହିଳାମାନେ ପୁଅ ଜିଉଁନ୍ତିଆ ପର୍ବ କରିଥାଆନ୍ତି। ଷୋଳ ପୂଜା ସମୟରେ ମା'ଙ୍କ ଠାରେ ୧୬ ଖଣ୍ଡ ଗ୍ରାମର ଲୋକେ ପ୍ରତ୍ୟହ ଦିନେ ଦିନେ କରି ମା'ଙ୍କ ପାଇଁ ଭୋଗ ଅର୍ପଣ କରିଥାଆନ୍ତି ଓ ସେହି ଭୋଗ ମା'ଙ୍କ ପାଖରେ ଲାଗି ହୋଇଥାଏ। ଷୋଳପୂଜା ସମୟରେ ମା'ଙ୍କ ମନ୍ଦିର ଚାରିପାଖ ବନ୍ଦ ହେବା ସହ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ପାଇଁ ମନ୍ଦିର ଭିତରକୁ ପୁରାପୁରି ମନା ହୋଇଥାଏ । ଷୋଳ ପୂଜା ସମୟରେ ଭକ୍ତ ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ମା'ଙ୍କ ମନ୍ଦିର ବାହାରେ ପୂଜାର୍ଚ୍ଚନା କରିଥାଆନ୍ତି । ଷୋଳପୂଜା ମଧ୍ୟରୁ ୪ ଦିନ ପୁରାପୁରି ସ୍ୱତନ୍ତ୍ର ଭାବେ ଗୁପ୍ତ ପୂଜା ହୋଇଥାଏ । ଷୋଳପୂଜା ୧୬ ଦିନ ଧରି ଚାଲିଥାଏ। ପ୍ରତିଦିନ ନିଶା ରାତିରେ ଘଣ୍ଟ, ଶଙ୍ଖ, ଢୋଲ ,ନିଶାଣ ବଜାଇ ପୂଜା ହୋଇଥାଏ । ମା'ଙ୍କ ଷୋଳ ପୂଜା ପାଇଁ ସାରା ପୁରୁଣାକଟକ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି। ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନ, ସମ୍ପାଦକ ସୁଶେଣ ପ୍ରଧାନ, ଉପସଭାପତି ରସାନନ୍ଦ ସାହୁ, ସହ ସମ୍ପାଦକ ରାମଚନ୍ଦ୍ର ସାହୁ , କୋଷାଧ୍ୟକ୍ଷ ସରୋଜ ପ୍ରଧାନଙ୍କ ସମେତ ଶହ ଶହ ଭକ୍ତ ଶୋଭାଯାତ୍ରାରେ ସାମିଲ ଥିଲେ ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚାଷୀ ମୃତ

**ବରଗଡ଼, ୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଚକରକେନ୍ଦରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଉକ୍ତ ଗ୍ରାମର ଅନ୍ତର୍ଯାମୀ ମେହେର(୫୦)। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ମୃତଦେହକୁ ଛାଡି ନ ଥିଲେ। ପରେ ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା ସହିତ କ୍ଷତିପୂରଣ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଲୋକେ ବ୍ୟବଚ୍ଛେଦ ପାଇଁ ମୃତଦେହ ଛାଡିଥିଲେ।

ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ଅନ୍ତର୍ଯାମୀ ତାଙ୍କ ଚାଷଜମିକୁ ଯାଇଥିଲେ। ସେ ଜମି ହିଡରେ ଯାଉଥିବା ବେଳେ ସେଠାରେ ପଡିଥିବା ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ ଏବଂ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ଏବଂ ରାତିରେ ଘଟଣାସ୍ଥଳରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଶୁକ୍ରବାର ସକାଳେ ଘଟଣାଟି ପ୍ରଘଟ ହେବା ପରେ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଉପଜିଲାପାଳ କୁମାର ନାଗଭୂଷଣଙ୍କ ସମେତ ବିଦ୍ୟୁତ ବିଭାଗ ଅଧିକାରୀ, ପୋଲିସ, ପ୍ରଶାସନିକ ଅଧିକାରୀମାନେ ମୃତକଙ୍କ ଗ୍ରାମକୁ ଯାଇ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକେ ମୃତକଙ୍କ ପୁଅ ସରୋଜଙ୍କୁ ଚାକିରି, କ୍ଷତିପୂରଣ ଆଦି ଦାବି କରିଥିଲେ। ଉପସ୍ଥିତ ଅଧିକାରୀମାନେ ସେ ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ଏକ ବଡ଼ ଆନ୍ଦୋଳନକୁ ଏଡାଇ ଦିଆଯାଇପାରିଥିଲା।

## ମୃତଦେହ ଜବତ, ମହିଳା ଅଟକ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଡ୍ୟାମ କଲୋନୀରୁ ଶୁକ୍ରବାର ଜଣଙ୍କ ମୃତଦେହ ଜବତ କରାଯାଇଛି। ମୃତକ ବରଡୋଲ ଅଞ୍ଚଳର ବୁଲୁ ବାରିକ(୫୦) ବୋଲି ଜଣାପଡିଛି । ତେବେ କେଉଁ ସ୍ଥିତିରେ ତାଙ୍କ ମୃତ୍ୟୁ ହୋଇଛି ଜଣାପଡି ନ ଥିବାବେଳେ ଜଣେ ମହିଳା ଓ ମୃତକଙ୍କ ମଧ୍ୟରେ ଗୁରୁବାର ବିଳମ୍ବିତ ରାତିରେ କୌଣସି କାରଣରୁ କଳିଗୋଳ ହୋଇଥିବା ଆଲୋଚନା ହେଉଛି। ବରଗଡ଼ ଟାଉନ ଥାନା ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଥିବା ସୂଚନା ମିଳିଛି। ପ୍ରକାଶ ଯେ, ମହିଳା ଜଣଙ୍କ ଡ୍ୟାମ୍ କଲୋନୀରେ ଭଡାଘରେ ରହୁଥିବାବେଳେ ଏକ ହୋଟେଲରେ କାମ କରନ୍ତି। କୌଣସି କାରଣରୁ ଗୁରୁବାର ରାତିରେ ସେହି ଭଡାଘରେ ବୁଲୁ ଓ ସମ୍ପୃକ୍ତ ମହିଳାଙ୍କ ମଧ୍ୟରେ ବଚସା ହୋଇଥିଲା। ଅନ୍ୟପଟେ ଶୁକ୍ରବାର ସକାଳୁ ସେହି ଘର ପରିସରରେ ବୁଲୁଙ୍କ ମୃତଦେହ ପଡିଥିଲା। ଖବର ପାଇ ସ୍ଥାନୀୟ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର ସହିତ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି।

## ପଦ୍ମପୁରରେ ସାଇବର ସୁରକ୍ଷା ସଚେତନତା ଅଭିଯାନ




ସାଇବର ସଚେତନତା ସଭାରେ ମଞ୍ଚାସୀନ ଅତିଥି।

**ପଦ୍ମପୁର,୬।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସହର ଭେଉଁରିଆ ଛକରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲ ମୁଖ୍ୟ ଅତିଥି, ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ, ପଦ୍ମପୁର ଥାନାଧିକାରୀ ମମତା ନାଏକ, ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀ, ଓକିଲ ସଂଘ ସଭାପତି ସନ୍ତୋଷ ଶତପଥୀ, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ବରିଷ୍ଠ ନାଗରିକ ନିରୋଜ ଦୋରା, ଅଜିତ ଶତପଥୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସାଇବର ସବ୍‌ଇନ୍ସପେକ୍ଟର ମଙ୍ଗଳା କିସ୍କୋ ସାଇବର ଅପରାଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କନଷ୍ଟେବଲ ଅଜିତ ଦାଶ ଗୀତ ମାଧ୍ୟମରେ ସାଇବର ଅପରାଧ ଉପରେ ସଚେତନ କରିଥିଲେ। ପରେ କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

## ପୋଲିସ ପକ୍ଷରୁ ସାଇବର ସୁରକ୍ଷା

**କନ୍ଧମାଳ,୬।୧୦ ( ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା ପୋଲିସ ପକ୍ଷରୁ ମନମୁଣ୍ଡା ଥାନା ଦହ୍ୟାଠାରେ ଶୁକ୍ରବାର ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୀବନ ବିକାଶ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନମୁଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ଗୋପୀନାଥ ପ୍ରଧାନ, ଜୀବନ ବିକାଶ ଡିଗ୍ରୀ କଲେଜର ସଭାପତି କିଶୋର କୁମାର୍ ମେହେର, ପୋଲିସ ସବ ଇନ୍ସପେକ୍ଟର ଦୁଲାରାମ ମହାନନ୍ଦିଆ, ସସ୍ମିତା ମଗର, ହୃଷୀକେଶ ମେହେର ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ସାଇବର ଠକେଇରୁ କିଭଳି ସୁରକ୍ଷା ମିଳିପାରିବ ସେ ସମ୍ପର୍କରେ ସଚେତନ କରାଇଥିଲେ। । ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କଳାକାରମାନେ ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ସାଇବର ସଚେତନତା ବାର୍ତ୍ତା ନେଇ ଏକ ରଥ ପରିକ୍ରମା କରିଥିଲା ।

## ସେବାଶ୍ରମ ସ୍କୁଲ ଭୋଜନ କକ୍ଷ ଲୋକାର୍ପିତ



ଭୋଜନ କକ୍ଷ ଉଦ୍‌ଘାଟନୀ ସମାରୋହରେ ଅତିଥି।

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ବରଡୋଲ ସେବାଶ୍ରମ ସ୍କୁଲର ନବନିର୍ମିତ ଭୋଜନ କକ୍ଷ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମିତି ସଭ୍ୟ ରୁକ୍ମଣୀ ସେଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ଦୀପାଳି କୁମ୍ଭାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ଭୋଜନ କକ୍ଷ ନ ଥିବାରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଧାୟକଙ୍କ ଉଦ୍ୟମରେ ରାଜ୍ୟ ସରକାର ଏହା ନିର୍ମାଣ ପାଇ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଭୋଜନ କକ୍ଷ ଉଦ୍‌ଘାଟନ ପରେ ଛାତ୍ରୀଛାତ୍ରଙ୍କ ମନରେ ଆନନ୍ଦ ଦେଖାଦେଇଛି।

## ଜାତୀୟ ଗଣିତ କର୍ମଶାଳା ଉଦ୍‌ଘାଟିତ

**ସରଣ୍ଡା,୬।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକର ଲରମ୍ବା କଲେଜରେ ଜାତୀୟ ଗଣିତ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ହେବାକୁ ଥିବା କର୍ମଶାଳାର ପ୍ରଥମ ଦିନରେ କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇ, ହାଇଦ୍ରାବାଦ ଆଇଆଇଟିର ସହକାରୀ ପ୍ରଫେସର ଡ. ସୁକୁମାର. ଡି, ମେଣ୍ଟର ଗାୟତ୍ରୀ. ଜି, ଆଇଆଇଟିପାଟଣାର ମନମୋହନ ସାହୁ, ଲରମ୍ବା କଲେଜ ଗଣିତ ବିଭାଗର ମୁଖ୍ୟ ମୁକେଶ ଧାନୁକା, ଅଧ୍ୟାପକ ଡ. ସୁବଳ ରଞ୍ଜନ ସାହୁ ମଞ୍ଚାସୀନ ଥିଲେ।

ପ୍ରକାଶଯୋଗ୍ୟ, ସର୍ବଭାରତୀୟ ଗଣିତ କର୍ମଶାଳା ପାଇଁ ୨୨ଟି କଲେଜ ମନୋନୀତ ହୋଇଥିବା ବେଳେ ଲରମ୍ବା କଲେଜ ସ୍ଥାନ ପାଇଛି। ଏଥିରେ ମହିଳା ମହାବିଦ୍ୟାଳୟ ସମ୍ବଲପୁର, ଟି.ଏଫ କଲେଜ ବରଗଡ, ଜିଏମ୍ କଲେଜ ସମ୍ବଲପୁର, ଅତାବିରା କଲେଜ, ବିକାଶ ଡିଗ୍ରୀ କଲେଜ ବରଗଡ, ପଞ୍ଚାୟତ କଲେଜ ବରଗଡ ଓ ଲରମ୍ବା କଲେଜର ଗଣିତ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗଣିତ କ୍ଷେତ୍ରରେ ଦକ୍ଷତା ବିକାଶ ହେଉଛି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି, ଡ. ଦିଗମ୍ବର ଚାନ୍ଦ, ପ୍ରାଧ୍ୟାପିକା ଜୟା କୁମାରୀ ମିଶ୍ର, ଡ. ଲଳିତ ମୋହନ ପ୍ରଧାନ, ମିହିର କୁମାର ଥାର୍ଟିଙ୍କ ସମେତ ବହୁ ଗଣିତ ବିଶାରଦ ଯୋଗ ଦେଇଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି କର୍ମଶାଳା ଶନିବାର ଉଦ୍‌ଯାପିତ ହେବ ବୋଲି ସୂଚନା ଦିଆଯାଇଛି।




କର୍ମଶାଳା ଉଦ୍‌ଘାଟନୀ ଉତ୍ସବରେ ଛାତ୍ରୀମାନେ ସଙ୍ଗୀତ ଗାନ କରୁଛନ୍ତି ।

## ଫାର୍ମାସ୍ୟୁଟିକାଲ୍ସ କଲେଜରେ ନୂଆଁଖାଇ ଭେଟ୍

**ବରପାଲି,୬।୧୦(ଚିତ୍ତରଞ୍ଜନ ସାହୁ)**

ବରପାଲି ସମଲେଶ୍ୱରୀ ବିହାର ସ୍ଥିତ ଫାର୍ମାସ୍ୟୁଟିକାଲ୍ସ କଲେଜ ପରିସରରେ ଶୁକ୍ରବାର ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଛି। ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, କୋଶଳୀ କବି ପଦ୍ମଶ୍ରୀ ହଳଧର ନାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପରମ୍ପରା ଓ ପଶ୍ଚିମ ଓଡ଼ିଶାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସଭାପତି ନରେନ୍ଦ୍ର କୁମାର ଦେବ ମଧ୍ୟ ଗଣପର୍ବ ନୂଆଁଖାଇ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀମନ୍ତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସମ୍ପାଦକ ସରୋଜ କୁମାର ମେହେରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଲେଜର ସମସ୍ତ ଛାତ୍ରୀଛାତ୍ର ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ପଞ୍ଚାୟତ ସହଯୋଗୀ କେନ୍ଦ୍ର ଗୃହ ଉଦ୍‌ଘାଟିତ

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲି ଗ୍ରାମପଞ୍ଚାୟତ ସହଯୋଗୀ କେନ୍ଦ୍ର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ସସ୍ମିତା ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନବନିର୍ମିତ କେନ୍ଦ୍ରର ଲୋକାର୍ପଣ କରାଯାଇଛି। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଦୁଃଖିଶ୍ୟାମ ସାହୁ, ଚନ୍ଦ୍ରକାନ୍ତ ପଟ୍ଟନାୟକ, ରାଜୁ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଖଲିଆପାଲି ଗ୍ରାମର ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ୭୫ ଲିଟର ଦେଶୀ ମଦ ଜବତ ,୩ ଗିରଫ

**ଅମରପାଲି,୬।୧୦(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୭୫ ଲିଟର ଦେଶୀ ରନ୍ଧା ମଦ ଜବତ କରାଯିବା ସହ ୧ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରାଯାଇଛି । ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବୀରମହାରାଜପୁର ଅବକାରୀ ଇନ୍‌ସପେକ୍ଟର ସୁମିତ୍ରା ହେମ୍ବ୍ରମଙ୍କ ନେତୃତ୍ୱରେ ସୁବଳୟା ଥାନା ଅନ୍ତର୍ଗତ ଭାଲୁଡୁମୁରି ଗାଁରେ ଚଢାଉ ହୋଇ ମହୁଲ ପୋଚ ନଷ୍ଟ କରାଯାଇଥିଲା। ଏହି ଘଟଣାରେ ମଦ ବେପାରୀ ଦୁର୍ବାସା ସାହୁଙ୍କୁ ଗିରଫ କରାଯିବା ସହ ୨୦ ଲିଟର ଦେଶୀମଦ ଜବତ କରାଯାଇଛି । ସେହିପରି କୁନ୍ଦପାଳ ଗ୍ରାମର ଦେବହରି ପଧାନଙ୍କ ନିକଟରୁ ୩୦ ଲିଟର ଏବଂ ପଦ୍ମନାଭ ପଧାନଙ୍କ ଠାରୁ ୨୫ ଲିଟର ମଦ ଜବତ ହୋଇଛି । ମଦ କାରବାର ଅଭିଯୋଗରେ ଉପରୋକ୍ତ ତିନି ମଦ ବେପାରିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚଢାଉରେ କନଷ୍ଟେବଲ ଉର୍ବି ମାଝିଙ୍କ ସହିତ ଅବକାରୀ କର୍ମଚାରୀ ସାମିଲ ଥିଲେ ।

### ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବାଉଁଶୁଣୀ, ୬।୧୦(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ବାଉଁଶୁଣୀସ୍ଥିତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବାଳମୁକୁନ୍ଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ବିଜେଡି ସଭାପତି ତଥା କନ୍ଧମାଳ ବିଧାୟକ ମହୀଧର ରଣା ଯୋଗ ଦେଇଥିଲେ । ଆସନ୍ତା ୧୦ ତାରିଖ ଦିନ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । ବାଉଁଶୁଣୀସ୍ଥିତ ଶ୍ରୀ ଭୁବନେଶର ଶିବମନ୍ଦିରଠାରୁ ଖଲିଆପାଲି ଗ୍ରାମ ପଞ୍ଚାୟତର ଗୁଡୁଗୁଡା ସାପ୍ତାହିକ ବଜାର ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏଥିରେ ବରିଷ୍ଠ ବିଜେଡି ନେତା ସୁଧୀର ମହାକୁଡ, ସରୋଜ କୁମାର୍ ତ୍ରିପାଠୀ, ସୁଭାଂଶୁ କର୍ଣ୍ଣ,ପ୍ରଶାନ୍ତ କୁମାର ରଣା, ଅଜିତ ମେହେରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ନେତୃବୃନ୍ଦ ଯୋଗ ଦେଇଥିଲେ ।



ମା' ଭୈରବୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ମା' ଭୈରବୀଙ୍କ ପୀଠରେ ଖଣ୍ଡବସା ପର୍ବ ଆରମ୍ଭ

**ବୌଦ୍ଧ/ପୁରୁଣାକଟକ,୬।୧୦ (ଅଜିତ କୁମାର ବାରିକ/ସୁକାନ୍ତ କୁମାର ପଟ୍ଟନାୟକ)**

**ଗଡ଼ଜାତର ଅଧିଷ୍ଠାତ୍ରୀ ଦେବୀ**
- ରାତିରେ ମା'ଙ୍କ ପାଖରେ ହୋଇଥାଏ ଗୁପ୍ତ ପୂଜା
- ଷୋଳପୂଜା ସମୟରେ ଭକ୍ତଙ୍କୁ ମନ୍ଦିର ଭିତରକୁ ମନା

ଜଗତଜନନୀ ମା' ଦୁର୍ଗାଙ୍କ ଆଗମନ ନେଇ ସବୁଠି ପ୍ରସ୍ତୁତି ଜୋରଦାର ଚାଲିଛି। ସଜେଇ ହେଉଛି ପୂଜାମଣ୍ଡପ ଓ ମା'ଙ୍କ ଶକ୍ତିପୀଠ । ଓଡିଶାର ମଧ୍ୟସ୍ଥଳରେ ଗଡଜାତ ବୌଦ୍ଧ ସହର। ଗଡଜାତର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଭୈରବୀ। ମା' ଭୈରବୀ ଏଠାକାର ଇଷ୍ଟଦେବୀ । ଭୁବନ ଭରଣ କରୁଥିବାରୁ ଦେବୀଙ୍କୁ ଭୈରବୀ ବୋଲି କୁହାଯାଏ । ମା'ଙ୍କ ପୀଠରେ ବାର ମାସରେ ତେର ପୂଜା ପାଳିତ ହେଉଛି। କିନ୍ତୁ ମା'ଙ୍କ ପୂଜା ଆଶ୍ୱିନ ମାସରେ ସ୍ୱତନ୍ତ୍ର ଭାବେ ହୋଇଥାଏ । ଶୁକ୍ରବାର ଦିନ ପୁରୁଣାକଟକଠାରେ ଥିବା ଇଷ୍ଟଦେବୀ ମା' ଭୈରବୀଙ୍କ ପୀଠରେ ଷୋଳପୂଜା ବା ଖଣ୍ଡା ବସା ପର୍ବ ଆରମ୍ଭ ହୋଇଛି। ଏହି ଷୋଳପୂଜା ଆଶ୍ୱିନ ମୂଳାଷ୍ଟମୀ (କୃଷ୍ଣପକ୍ଷ ଅଷ୍ଟମୀ) ଠାରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ମହାଷ୍ଟମୀ ଦିନ ଶେଷ ହୋଇଥାଏ । ମା'ଙ୍କ ଷୋଳପୂଜା ଅବସରରେ ଏକ ଶୋଭାଯାତ୍ରା ମୁଖ୍ୟ ପୂଜକଙ୍କ ଘରୁ ବାହାରିଥିଲା । ଏହି ଶୋଭାଯାତ୍ରାରେ ଭକ୍ତମାନେ ବାଜା ବଜାଇ, ବାନା, ବଇରଖ, ଛତ୍ର ଧରି ଗ୍ରାମ ପରିକ୍ରମା କରି ସିଧା ମନ୍ଦିରକୁ ଯାଇଥିଲେ । ମା'ଙ୍କ ଶୋଭାଯାତ୍ରା ଯିବା ସମୟରେ ଭକ୍ତମାନେ ନିଜ ନିଜ ଘର ଆଗରେ ମା'ଙ୍କ ପୂଜା କରିଥିଲେ । ନିଶା ରାତ୍ରିରେ ତାଳପତ୍ର ପୋଥି ( ମାଦାଳା ପାଞ୍ଜି) ଅନୁସାରେ ମା'ଙ୍କ ଗୁପ୍ତ ପୂଜା ହୋଇଥାଏ ଓ ମା'ଙ୍କ ଠାରେ ଖଣ୍ଡା ବସିଥାଏ । ଏହି ଗୁପ୍ତ ପୂଜା ଆରମ୍ଭ ହେଲା ମାତ୍ରେ ମା'ଙ୍କ ପୀଠରେ ଢୋଲ, ନିଶାନ ବାଜି ଉଠିଥାଏ । ବାଜା ବାଜିବା ମାତ୍ରେ ଏହି ଅଞ୍ଚଳର ପୁତ୍ରବତୀ ମହିଳାମାନେ ପୁଅ ଜିଉଁନ୍ତିଆ ପର୍ବ କରିଥାଆନ୍ତି । ଷୋଳ ପୂଜା ସମୟରେ ମା'ଙ୍କ ଠାରେ ୧୬ ଖଣ୍ଡ ଗ୍ରାମର ଲୋକେ ପ୍ରତ୍ୟହ ଦିନେ ଦିନେ କରି ମା'ଙ୍କ ପାଇଁ ଭୋଗ ଅର୍ପଣ କରିଥାଆନ୍ତି ଓ ସେହି ଭୋଗ ମା'ଙ୍କ ପାଖରେ ଲାଗି ହୋଇଥାଏ । ଷୋଳପୂଜା ସମୟରେ ମା'ଙ୍କ ମନ୍ଦିର ଚାରିପାଖ ବନ୍ଦ ହେବା ସହ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ପାଇଁ ମନ୍ଦିର ଭିତରକୁ ପୁରାପୁରି ମନା ହୋଇଥାଏ । ଷୋଳ ପୂଜା ସମୟରେ ଭକ୍ତ ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ମା'ଙ୍କ ମନ୍ଦିର ବାହାରେ ପୂଜାର୍ଚ୍ଚନା କରିଥାଆନ୍ତି । ଷୋଳପୂଜା ମଧ୍ୟରୁ ୪ ଦିନ ପୁରାପୁରି ସ୍ୱତନ୍ତ୍ର ଭାବେ ଗୁପ୍ତ ପୁଜା ହୋଇଥାଏ । ଷୋଳପୂଜା ୧୬ ଦିନ ଧରି ଚାଲିଥାଏ । ପ୍ରତିଦିନ ନିଶା ରାତିରେ ଘଣ୍ଟ, ଶଙ୍ଖ, ଢୋଲ ,ନିଶାଣ ବଜାଇ ପୂଜା ହୋଇଥାଏ । ମା'ଙ୍କ ଷୋଳ ପୂଜା ପାଇଁ ସାରା ପୁରୁଣାକଟକ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି । ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନ, ସମ୍ପାଦକ ସୁଶେଣ ପ୍ରଧାନ, ଉପସଭାପତି ରସାନନ୍ଦ ସାହୁ, ସହ ସମ୍ପାଦକ ରାମଚନ୍ଦ୍ର ସାହୁ , କୋଷାଧ୍ୟକ୍ଷ ସରୋଜ ପ୍ରଧାନଙ୍କ ସମେତ ଶହ ଶହ ଭକ୍ତ ଶୋଭାଯାତ୍ରାରେ ସାମିଲ ଥିଲେ ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚାଷୀ ମୃତ

**ବରଗଡ଼, ୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଚକରକେନ୍ଦରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଉକ୍ତ ଗ୍ରାମର ଅନ୍ତର୍ଯାମୀ ମେହେର(୫୦)। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ମୃତଦେହକୁ ଛାଡି ନ ଥିଲେ। ପରେ ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା ସହିତ କ୍ଷତିପୂରଣ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଲୋକେ ବ୍ୟବଚ୍ଛେଦ ପାଇଁ ମୃତଦେହ ଛାଡିଥିଲେ।

ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ଅନ୍ତର୍ଯାମୀ ତାଙ୍କ ଚାଷଜମିକୁ ଯାଇଥିଲେ। ସେ ଜମି ହିଡରେ ଯାଉଥିବା ବେଳେ ସେଠାରେ ପଡିଥିବା ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ ଏବଂ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ଏବଂ ରାତିରେ ଘଟଣାସ୍ଥଳରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଶୁକ୍ରବାର ସକାଳେ ଘଟଣାଟି ପ୍ରଘଟ ହେବା ପରେ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଉପଜିଲାପାଳ କୁମାର ନାଗଭୂଷଣଙ୍କ ସମେତ ବିଦ୍ୟୁତ ବିଭାଗ ଅଧିକାରୀ, ପୋଲିସ, ପ୍ରଶାସନିକ ଅଧିକାରୀମାନେ ମୃତକଙ୍କ ଗ୍ରାମକୁ ଯାଇ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକେ ମୃତକଙ୍କ ପୁଅ ସରୋଜଙ୍କୁ ଚାକିରି, କ୍ଷତିପୂରଣ ଆଦି ଦାବି କରିଥିଲେ। ଉପସ୍ଥିତ ଅଧିକାରୀମାନେ ସେ ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ଏକ ବଡ଼ ଆନ୍ଦୋଳନକୁ ଏଡାଇ ଦିଆଯାଇପାରିଥିଲା।

# ମୃତଦେହ ଜବତ, ମହିଳା ଅଟକ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଡ୍ୟାମ କଲୋନୀରୁ ଶୁକ୍ରବାର ଜଣଙ୍କ ମୃତଦେହ ଜବତ କରାଯାଇଛି। ମୃତକ ବରଡୋଲ ଅଞ୍ଚଳର ବୁଲୁ ବାରିକ(୫୦) ବୋଲି ଜଣାପଡିଛି । ତେବେ କେଉଁ ସ୍ଥିତିରେ ତାଙ୍କ ମୃତ୍ୟୁ ହୋଇଛି ଜଣାପଡି ନ ଥିବାବେଳେ ଜଣେ ମହିଳା ଓ ମୃତକଙ୍କ ମଧ୍ୟରେ ଗୁରୁବାର ବିଳମ୍ବିତ ରାତିରେ କୌଣସି କାରଣରୁ କଳିଗୋଳ ହୋଇଥିବା ଆଲୋଚନା ହେଉଛି। ବରଗଡ଼ ଟାଉନ ଥାନା ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଥିବା ସୂଚନା ମିଳିଛି। ପ୍ରକାଶ ଯେ, ମହିଳା ଜଣଙ୍କ ଡ୍ୟାମ୍ କଲୋନୀରେ ଭଡାଘରେ ରହୁଥିବାବେଳେ ଏକ ହୋଟେଲରେ କାମ କରନ୍ତି। କୌଣସି କାରଣରୁ ଗୁରୁବାର ରାତିରେ ସେହି ଭଡାଘରେ ବୁଲୁ ଓ ସମ୍ପୃକ୍ତ ମହିଳାଙ୍କ ମଧ୍ୟରେ ବଚସା ହୋଇଥିଲା। ଅନ୍ୟପଟେ ଶୁକ୍ରବାର ସକାଳୁ ସେହି ଘର ପରିସରରେ ବୁଲୁଙ୍କ ମୃତଦେହ ପଡିଥିଲା। ଖବର ପାଇ ସ୍ଥାନୀୟ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର ସହିତ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି।

# ପଦ୍ମପୁରରେ ସାଇବର ସୁରକ୍ଷା ସଚେତନତା ଅଭିଯାନ




ସାଇବର ସଚେତନତା ସଭାରେ ମଞ୍ଚାସୀନ ଅତିଥି।

**ପଦ୍ମପୁର,୬।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସହର ଭେଡଁରିଆ ଛକରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲ ମୁଖ୍ୟ ଅତିଥି, ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ, ପଦ୍ମପୁର ଥାନାଧିକାରୀ ମମତା ନାଏକ, ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀ, ଓକିଲ ସଂଘ ସଭାପତି ସନ୍ତୋଷ ଶତପଥୀ, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ବରିଷ୍ଠ ନାଗରିକ ନିରୋଜ ଦୋରା, ଅଜିତ ଶତପଥୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସାଇବର ସବ୍‌ଇନ୍‌ସପେକ୍ଟର ମଙ୍ଗଳା କିସ୍କୋ ସାଇବର ଅପରାଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କନଷ୍ଟେବଲ ଅଜିତ ଦାଶ ଗୀତ ମାଧ୍ୟମରେ ସାଇବର ଅପରାଧ ଉପରେ ସଚେତନ କରିଥିଲେ। ପରେ କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

# ପୋଲିସ ପକ୍ଷରୁ ସାଇବର ସୁରକ୍ଷା

**କନ୍ଧମାଳ,୬।୧୦ ( ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା ପୋଲିସ ପକ୍ଷରୁ ମନମୁଣ୍ଡା ଥାନା ଦହ୍ୟାଠାରେ ଶୁକ୍ରବାର ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୀବନ ବିକାଶ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନମୁଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ଗୋପୀନାଥ ପ୍ରଧାନ, ଜୀବନ ବିକାଶ ଡିଗ୍ରୀ କଲେଜର ସଭାପତି କିଶୋର କୁମାର୍ ମେହେର, ପୋଲିସ ସବ ଇନ୍‌ସପେକ୍ଟର ଡୁଲାରାମ ମହାନନ୍ଦିଆ, ସସ୍ମିତା ମଗର, ହୃଷୀକେଶ ମେହେର ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ସାଇବର ଠକେଇରୁ କିଭଳି ସୁରକ୍ଷା ମିଳିପାରିବ ସେ ସମ୍ପର୍କରେ ସଚେତନ କରାଇଥିଲେ। । ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କଳାକାରମାନେ ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ସାଇବର ସଚେତନତା ବାର୍ତ୍ତା ନେଇ ଏକ ରଥ ପରିକ୍ରମା କରିଥିଲା ।

# ସେବାଶ୍ରମ ସ୍କୁଲ ଭୋଜନ କକ୍ଷ ଲୋକାର୍ପିତ



ଭୋଜନ କକ୍ଷ ଉଦ୍‌ଘାଟନୀ ସମାରୋହରେ ଅତିଥି।

**ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ବରଡୋଲ ସେବାଶ୍ରମ ସ୍କୁଲର ନବନିର୍ମିତ ଭୋଜନ କକ୍ଷ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମିତି ସଭ୍ୟ ରକ୍ମଣୀ ସେଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ଦୀପାଳି କୁମ୍ଭାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ଭୋଜନ କକ୍ଷ ନ ଥିବାରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଧାୟକଙ୍କ ଉଦ୍ୟମରେ ରାଜ୍ୟ ସରକାର ଏହା ନିର୍ମାଣ ପାଇ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଭୋଜନ କକ୍ଷ ଉଦ୍‌ଘାଟନ ପରେ ଛାତ୍ରୀଛାତ୍ରଙ୍କ ମନରେ ଆନନ୍ଦ ଦେଖାଦେଇଛି।

# ଜାତୀୟ ଗଣିତ କର୍ମଶାଳା ଉଦ୍‌ଘାଟିତ

**ସରଣ୍ଡା,୬।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକର ଲରମ୍ବା କଲେଜରେ ଜାତୀୟ ଗଣିତ କର୍ମଶାଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ହେବାକୁ ଥିବା କର୍ମଶାଳାର ପ୍ରଥମ ଦିନରେ କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇ, ହାଇଦ୍ରାବାଦ ଆଇଆଇଟିରେ ସହକାରୀ ପ୍ରଫେସର ଡ. ସୁକୁମାର. ଡି, ମେଣ୍ଟର ଗାୟତ୍ରୀ. ଜି, ଆଇଆଇଟିପାଟଣାର ମନମୋହନ ସାହୁ, ଲରମ୍ବା କଲେଜ ଗଣିତ ବିଭାଗର ମୁଖ୍ୟ ମୁକେଶ ଧାନୁକା, ଅଧ୍ୟାପକ ଡ. ସୁବଳ ରଞ୍ଜନ ସାହୁ ମଞ୍ଚାସୀନ ଥିଲେ।

ପ୍ରକାଶଯୋଗ୍ୟ, ସର୍ବଭାରତୀୟ ଗଣିତ କର୍ମଶାଳା ପାଇଁ ୨୨ଟି କଲେଜ ମନୋନୀତ ହୋଇଥିବା ବେଳେ ଲରମ୍ବା କଲେଜ ସ୍ଥାନ ପାଇଛି। ଏଥିରେ ମହିଳା ମହାବିଦ୍ୟାଳୟ ସମ୍ବଲପୁର, ଟି.ଏଫ କଲେଜ ବରଗଡ, ଜିଏମ୍ କଲେଜ ସମ୍ବଲପୁର, ଅତାବିରା କଲେଜ, ବିକାଶ ଡିଗ୍ରୀ କଲେଜ ବରଗଡ, ପଞ୍ଚାୟତ କଲେଜ ବରଗଡ ଓ ଲରମ୍ବା କଲେଜର ଗଣିତ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗଣିତ କ୍ଷେତ୍ରରେ ଦକ୍ଷତା ବିକାଶ ହେଉଛି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି, ଡ. ଦିଗମ୍ବର ଚାନ୍ଦ, ପ୍ରାଧ୍ୟାପିକା ଜୟା କୁମାରୀ ମିଶ୍ର, ଡ. ଲଳିତ ମୋହନ ପ୍ରଧାନ, ମିହିର କୁମାର ଥାର୍ଟିଙ୍କ ସମେତ ବହୁ ଗଣିତ ବିଶାରଦ ଯୋଗ ଦେଇଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀନ ଗାନ କରିଥିଲେ। ଏହି କର୍ମଶାଳା ଶନିବାର ଉଦ୍‌ଯାପିତ ହେବ ବୋଲି ସୂଚନା ଦିଆଯାଇଛି।




କର୍ମଶାଳା ଉଦ୍‌ଘାଟନୀ ଉତ୍ସବରେ ଛାତ୍ରୀମାନେ ସଙ୍ଗୀତ ଗାନ କରୁଛନ୍ତି ।

# ଫାର୍ମାସ୍ୟୁଟିକାଲ୍ସ କଲେଜରେ ନୂଆଁଖାଇ ଭେଟ୍

**ବରପାଲି,୬।୧୦(ଚିତ୍ତରଞ୍ଜନ ସାହୁ)**

ବରପାଲି ସମଲେଶ୍ୱରୀ ବିହାର ସ୍ଥିତ ଫାର୍ମାସ୍ୟୁଟିକାଲ୍ସ କଲେଜ ପରିସରରେ ଶୁକ୍ରବାର ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଛି। ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, କୋଶଳୀ କବି ପଦ୍ମଶ୍ରୀ ହଳଧର ନାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପରମ୍ପରା ଓ ପଶ୍ଚିମ ଓଡ଼ିଶାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସଭାପତି ନରେନ୍ଦ୍ର କୁମାର ଦେବ ମଧ୍ୟ ଗଣପର୍ବ ନୂଆଁଖାଇ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀମନ୍ତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସମ୍ପାଦକ ସରୋଜ କୁମାର ମେହେରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଲେଜର ସମସ୍ତ ଛାତ୍ରୀଛାତ୍ର ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି।

# ସମଲେଇ ପୀଠରେ ଷୋଡ଼ଶ ପୂଜା ଆରମ୍ଭ

## ଲାଗିହେଲା କାକରା ପିଠା ଭୋଗ

ସମ୍ବଲପୁର,୬।୧୦(ବି.ଶଙ୍କର)

ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିରେ ସମ୍ବଲପୁର ସମଲେଇ ପୀଠରେ ଷୋଡଶ ପୂଜା ଆରମ୍ଭ ହୋଇଛି। ଶୁକ୍ରବାର ପ୍ରାତଃରେ ଦେବୀ ସମଲେଇଙ୍କୁ ପୂଜକମାନେ ଦୁର୍ଗା ରୂପେ ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁଯାୟୀ ମା'ଙ୍କ ନିକଟରେ କାକରା ପିଠା ଭୋଗ ଲାଗି ହୋଇଥିଲା। ଦୁଲଦୁଲି ବାଜା, ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶନିବାରଠାରୁ କ୍ରମାନ୍ୱୟରେ ସମଲେଇଙ୍କୁ ଷୋହଳ ଜ୍ୟୋତି ଯଥା ନାରାୟଣୀ, ଈଶାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ ରୂପେ ପୂଜାର୍ଚ୍ଚନା କରାଯିବା ନୀତି ରହିଛି।

ସମ୍ବଲପୁର ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ଷୋଡ଼ଶ ପୂଜା ଆରମ୍ଭ ହୋଇଥିଲା। ଦେବୀଙ୍କଠାରେ ଚଣ୍ଡ (ଭୋଗ) ଅର୍ପଣ ପରେ ନିଷ୍ଠାବାନ ବ୍ରାହ୍ମଣଙ୍କୁ ଭୋଗ ଦିଆଯାଉଥିଲା। ରାଜା ସ୍ୱୟଂ ଭୋଗ ଗ୍ରହଣ କରି ଉପବାସ ଭଙ୍ଗ କରୁଥିବା ଐତିହାସିକ ତଥ୍ୟ ରହିଛି। ଏହି ପରମ୍ପରାକୁ ବଜାୟ ରଖି ସମଲେଇ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ୧୬ଦିନ ପର୍ଯ୍ୟନ୍ତ ଉପବାସ ରହିଥାନ୍ତି। ରାତ୍ରିରେ ସମଲେଇଙ୍କଠାରେ ଭୋଗ ଅର୍ପଣ ପରେ ସେ ଭୋଗ ଗ୍ରହଣ କରିଥାନ୍ତି। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଦିନ ମାନସିକ ଦୀପ ପ୍ରଜ୍ୱଳନ ଓ ଭୁବନେଶତବରୀ ମନ୍ତ୍ରରେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥାଏ ବୋଲି ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସୂଚିତ କରିଛନ୍ତି। ଶୁକ୍ରବାର ବ୍ରତଧାରୀ ମା'ମାନେ ରାତିରେ ପୋ ଜୀଉଁତିଆ ପୂଜା କରି ରାତିରେ ସମଲେଇଙ୍କୁ ଦୁବ, ଚାଉଳ ଛୁଆଁଇଛନ୍ତି। ଚଳିତ ବର୍ଷ କାର୍ଯ୍ୟକ୍ରମ ବିଷୟରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି। ଅକ୍ଟୋବର ୧୪ରେ ମହାଳୟା, ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ, ୧୫ରେ ଦେବୀଙ୍କ ପୀଠରେ ନବଦିନାତ୍ମକ ପୂଜା ଓ ନବରାତ୍ର ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯିବ। ସେହିପରି ୧୬ରେ ଦ୍ୱିତୀୟା, ୧୭ରେ ତୃତୀୟା, ୧୮ରେ ଚତୁର୍ଥୀ, ୧୯ରେ ପଞ୍ଚମୀ ପୂଜା ହେବ। ୨୦ରେ ଷଷ୍ଠୀ ଓ ପୀଠେ ମହାସପ୍ତମୀ ପୂଜା, ୨୧ରେ ସପ୍ତମୀ ଓ ପୀଠେ ମହାଷ୍ଟମୀ, ସନ୍ଧିପୂଜା, ଦେବୀଙ୍କର ଖଣ୍ଡାଧୂଆ, ଭାଇ ଜିଉନ୍ତିଆ ପର୍ବ ରହିଛି। ୨୨ରେ ପୀଠେ ମହାନବମୀ, ମା' ସମଲେଇଙ୍କ ଆଖଡା ନଗର ପରିକ୍ରମା, ୨୩ରେ ବିଶ୍ରାମ, ୨୪ରେ ପୀଠେ ଦଶହରା, ବିଜୟା ଦଶମୀ, ନବରାତ୍ର ଦୀପ ବିସର୍ଜନ ଓ ରଣଜିତା ଉତ୍ସବ ଏବଂ ୨୮ରେ କୁମାର ପୂର୍ଣ୍ଣିମା, ଦେବୀଙ୍କ ରାଜରାଜେଶ୍ୱରୀ ବେଶ, ମନ୍ଦିରରେ ନୂତନ ଧ୍ୱଜାରୋହଣ ନୀତି ସହ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ।


ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇ।

# ସ୍ନେହ ମମତାର ନିଆରା ପରମ୍ପରା ପୋ ଜିଉଁନ୍ତିଆ


ମୁଦିପଡା ଜଗନ୍ନାଥ ମନ୍ଦିର ସମ୍ମୁଖ ମଣ୍ଡପରେ ପୋ ଜିଉଁନ୍ତିଆ ପୂଜାର୍ଚ୍ଚନା।

ସମ୍ବଲପୁର,୬।୧୦(ବି.ଶଙ୍କର)

ପଶ୍ଚିମ ଓଡ଼ିଶାର ନିଆର ପରମ୍ପରା ପୋ ଜିଉଁନ୍ତିଆ ସ୍ନେହ ଓ ମମତାର ପ୍ରତୀକ। ଶୁକ୍ରବାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହି ପର୍ବ ପାଳିତ ହୋଇଛି। ସମ୍ବଲପୁର ସହରର ଅଇଁଠାପାଲି, ବଡବଜାର, କମଳିବଜାର, ଜଗନ୍ନାଥ କଲୋନୀ, କଲ୍ୟାଣ ନଗର, ଭୀମଭୋଇ ନଗର, ଝାଡୁଆପଡା ଆରଣ୍ୟକ ମଞ୍ଚ, ଦାନିପାଲି, କୁଲତାପଡା, ରାମଗଡ ପଡା, ଧରିତ୍ରୀ ଲେନ୍ ସମେତ ବିଭିନ୍ନ ଆପାର୍ଟମେଣ୍ଟ ଓ ଛକରେ ମା'ମାନେ ସମବେତ ହୋଇ ପୋ ଜିଉଁନ୍ତିଆ ପୂଜାର୍ଚ୍ଚନା କରିଛନ୍ତି। ଆୟୁଷର ଦେବୀ ଦୂତିବାହନଙ୍କୁ ମା'ମାନେ ପୂଜା କରିଥିଲେ। ଗୋଧୂଳି ଲଗ୍ନରେ ମା'ମାନେ ନଦୀ, ପୋଖରୀ କୂଳରେ ପୂଜାର୍ଚ୍ଚନା କରି ପୂଜାଥାଳି ନେଇ ମଣ୍ଡପକୁ ଯାଇଥିଲେ। ମଣ୍ଡପରେ ପିଜୁଳି, ଆଖୁ, କଦଳୀ, ନାରିକେଳ, କରମଙ୍ଗା ଆଦି ଦେବୀଙ୍କଠାରେ ଅର୍ପଣ କରିଥିଲେ। ପୂଜା ମଣ୍ଡପରେ ବୟସ୍କା ବ୍ରାହ୍ମଣ ମହିଳା ଦୂତିବାହନ ଦେବୀଙ୍କ ପୂଜା କରିଥିଲେ। ଏହାପରେ ପଣ୍ଡିତ ବ୍ରତଧାରୀଙ୍କୁ ପୋ ଜିଉଁନ୍ତିଆ କାହାଣୀ ଶୁଣାଇଥିଲେ। ଶେଷରେ ବ୍ରତଧାରୀମାନେ ପୂଜା ସାମଗ୍ରୀ ନେଇ ଘରକୁ ଫେରିଥିଲେ।

## ସଂକ୍ଷେପରେ

### ବନ୍ୟପ୍ରାଣୀ ସପ୍ତାହ ପାଳନ

ଜମନକିରା,୬।୧୦(ରବୀନ୍ଦ୍ର ପ୍ରସାଦ ଦାନି): ସମ୍ବଲପୁର ଜିଲା ବାମରା ବନଖଣ୍ଡ କୁଚିଣ୍ଡା ରେଞ୍ଜ ଭାତପୁରା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ତଥା ପ୍ରକୃତିବନ୍ଧୁ ରତନଲାଲ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ତଥା ବନ୍ୟପ୍ରାଣି ୱାର୍ଡେନ ସୁବାସଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷ ସମାଜ ବନ୍ୟପ୍ରାଣୀଙ୍କୁ ଭଲ ପାଇବା ଏକ ଭଲ ଗୁଣ ବୋଲି ମତ ପ୍ରକାଶ କରିଥିଲେ। କୁଚିଣ୍ଡା ଏସବିଆଇ ସହକାରୀ ମ୍ୟାନେଜର ଆଲ୍ଲୁ ନାୟକ, ସହକାରୀ ଶିକ୍ଷକ ସୁବ୍ରତ କୁମାର ପଣ୍ଡା, ସୁମନ୍ତ ମହାକୁଡ଼ ଅତିଥି ଭାବରେ ସପ୍ତାହ ପାଳନର ଆବଶ୍ୟକତା ଉପରେ ମତ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂଜା ସିଂହ, ପୁଷ୍ପା ସିଂହ ଓ ରଞ୍ଜନ ସୁରିନ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଖେଳ ଶିକ୍ଷକ ପ୍ରଦୀପ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ବହିଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନାକଟିଦେଉଳ ବ୍ଲକରେ ସଂକଳ୍ପ ସପ୍ତାହ

ନାକଟିଦେଉଳ,୬।୧୦(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରା.ପ.ରେ ଶୁକବାର ଆକାଂକ୍ଷୀ ବ୍ଲକ ହିସାବରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂକଳ୍ପ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଗତ ୩ତାରିଖଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ କେନ୍ଦ୍ର ସରକାଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଶିମିଳିପାଳ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ, ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିଲେ। ଏଥିରେ ନାକଟିଦେଉଳ ବିଡ଼ିଓ ବିବେକାନନ୍ଦ ସାହୁ, ସହକାରୀ କୃଷି ଅଧିକାରୀ ମଧୁମିତା ମୁର୍ମୁ, ଶିମିଳିପାଳ ଗ୍ରାମ କୃଷି କର୍ମଚାରୀ ବିଶ୍ୱାମିତ୍ର ସାହୁ, ବଳମ କୃଷି ଅଧିଦର୍ଶକ କାଶୀନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାଟଗାଁ ପ୍ରାଥମିକ ଚିକିତ୍ସାଳୟରେ ଶୁକ୍ରବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାର୍ଦ୍ଧକ୍ୟଜନିତ ସମସ୍ୟାର ଉପଚାର ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ସେବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ନାକଟିଦେଉଳ ଓ ବାଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିଲେ।

### କଳାକାର ପ୍ରଶିକ୍ଷଣ ଶିବିର

ନାକଟିଦେଉଳ,୬।୧୦(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ବିଡିଓ ବିବେକାନନ୍ଦ ସାହୁ, ଏବିଡିଓ ବିଦ୍ୟାଧର ରାଉତରାୟ, ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି, ଆଇସିଡ଼ିଏସ ପରିଦର୍ଶିକା ଝରଣା ମୁଣ୍ଡା, ବିରଷ୍ଠ ଦଣ୍ଡନୃତ୍ୟ କଳାକାର ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରି ଗ୍ରାମାଞ୍ଚଳରେ ଏ ନେଇ କିଭଳି ସଚେତନତା ସୃଷ୍ଟି କରାଯିବ ସେ ଉପରେ କଳାକାରଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ବ୍ଲକର ସମୁଦାୟ ୧୪ ଗ୍ରା.ପ.ର ବିଭିନ୍ନ ଗ୍ରାମରୁ ୪୦ଟି ସାଂସ୍କୃତିକ ଦଳର ପ୍ରାୟ ୧୧୦ଜଣ କଳାକାର ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଏହା ମଧ୍ୟରେ ଦଣ୍ଡ, ପାଲା, ଦାଶକାଠିଆ, କୃଷ୍ଣଗୁରୁ, ସଂକୀର୍ତ୍ତନ, ଖଞ୍ଜଣୀ ଆଦିର କଳାକାର ଅନ୍ତର୍ଭୁକ୍ତ ଥଲେ।

# ପୁନଃ କାର୍ଯ୍ୟକ୍ଷମ ନେଇ ବିଇଓଙ୍କୁ ଦାବିପତ୍ର

ନାକଟିଦେଉଳ,୬।୧୦(ବୈକୁଣ୍ଠ ନାଥ ସାହୁ)

## ୩ବର୍ଷ ହେଲା ପ୍ରାଥମିକ ବିଦ୍ୟାଳୟ ବନ୍ଦ

ନାକଟିଦେଉଳ ବ୍ଲକ ସାହେବି ପଞ୍ଚାୟତ ରେଙ୍ଗାଲି ପଞ୍ଜୁ ଗ୍ରାମରେ ଥିବା ପ୍ରାଥମିକ ସ୍କୁଲ ୩ବର୍ଷ ହେଲା ବନ୍ଦ ରହିଛି। କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଫଳରେ ଉକ୍ତ ଗ୍ରାମର ପିଲାମାନେ ଅନତି ଦୂରରେ ଥିବା ସାହେବୀ ବିଦ୍ୟାଳୟକୁ ପଢ଼ିବାକୁ ଯାଉଛନ୍ତି। ବଣ ପାହାଡଘେରା ଅଞ୍ଚଳରେ ବିଦ୍ୟାଳୟ ଥିବାରୁ ପିଲାମାନେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଉଦ୍ୟମ କ୍ରମେ ଏହି ବିଦ୍ୟାଳୟଟି ୧୯୭୧ରେ ସ୍ଥାପନ ହୋଇଥିଲା। ବନ୍ଦ ହୋଇଥିବା ସ୍କୁଲ ପୁନଃ କାର୍ଯ୍ୟକ୍ଷମ ନେଇ ଗ୍ରାମବାସୀ ଶିକ୍ଷା ବିଭାଗଠାରୁ ଜିଲା ପ୍ରଶାସନକୁ ଅଭିଯୋଗ କରିଆସିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ପିଲାଙ୍କ ପାଠପଢା ବିଗିଡି ଯାଉଥିବା ଦେଖି ଗ୍ରାମର ଦୁଇଜଣ ଶିକ୍ଷିତ ଯୁବକ ୪୫ ଛାତ୍ରୀଛାତ୍ରଙ୍କୁ ନିଶୁଳ୍କ ଶିକ୍ଷାଦାନ କରୁଛନ୍ତି। ଏପରି କି ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ମଧ୍ୟାହ୍ନଭୋଜନ ରୋଷେଇ କରି ପିଲାଙ୍କୁ ଖାଇବାକୁ ଦେବା ସହ ଭାଙ୍ଗିଯାଇଥିବା ପୁରୁଣା ପାଚେରି ନୂତନ ଭାବେ ନିର୍ମାଣ କରି ସ୍କୁଲର ରକ୍ଷଣାବେକ୍ଷଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଗ୍ରାମବାସୀ ପୁଣିଥରେ ନାକଟିଦେଉଳ ବିଇଓ ବିଜୟ କୁମାର ପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୧୦ଦିନ ମଧ୍ୟରେ ସ୍କୁଲ ପୁନଃ କାର୍ଯ୍ୟକ୍ଷମ ନ ହେଲେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିବେ ବୋଲି ଚେତାବନୀ ଦେଇଛନ୍ତି। ଏହାର ନକଲ ନାକଟିଦେଉଳ ଥାନା ଅଧିକାରୀ ଓ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିଇଓ ପାତ୍ରଙ୍କୁ ପଚାରିବାରେ ଏ ନେଇ ଡିଇଓଙ୍କୁ ଅବଗତ କରାଇବି। ସରକାରଙ୍କ ଯାହା ନିର୍ଦ୍ଦେଶ ଆସିବ ସେ ଅନୁସାରେ କାର୍ଯ୍ୟ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବିଜେଡିର ୫ ଜଣିଆ ପରାମର୍ଶଦାତା କମିଟି

ସମ୍ବଲପୁର,୬।୧୦ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ବିଜେଡିର ୫ ଜଣିଆ ପରାମର୍ଶଦାତା କମିଟି ଶୁକ୍ରବାର ଗଠନ କରାଯାଇଛି। ସେମାନେ ହେଲେ ଆର୍ତ୍ତତ୍ରାଣ ମିଶ୍ର, ବିଜୟ ମହାନ୍ତି, ପ୍ରମୋଦ ରଥ, ପ୍ରମିଳା ବହିଦାର ଓ ରାଜକିଶୋର ଦାସ। ସମସ୍ତଙ୍କର କାର୍ଯ୍ୟ ସମ୍ପାଦନା କରିବା ଅଭିଜ୍ଞତା ରହିଛି। ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି ସମୟ ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏବେ କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ଦାୟିତ୍ୱରେ ରହି କାମ କରୁଛନ୍ତି। ସେହିପରି ପ୍ରମିଳା ବହିଦାର ଏବେ ଧାର୍ମିକ କାମରେ ବିଶେଷ କରି ସମୟ ବିତାଉଛନ୍ତି। ଆର୍ତ୍ତତ୍ରାଣ ମିଶ୍ର ମଧ୍ୟ ପେଷାରେ ଆଇନଜୀବୀ। ଏହି କମିଟିରେ ରାଜକିଶୋର ଦାସଙ୍କୁ ଦଳ ପୂର୍ବରୁ ଜିଲା ଉପସଭାପତି କରିଥିଲା। ହେଲେ ଏହାକୁ ନେଇ ଅସନ୍ତୁଷ୍ଟ ଥିବା ଆଲୋଚନା ହେଉଥିଲା। ଅନ୍ୟ ସଦସ୍ୟ ପ୍ରମୋଦ ରଥ ଜିଲା ସଭାପତି ରହି କାର୍ଯ୍ୟ କରିଛନ୍ତି। ଏବେ ମଧ୍ୟ ବ୍ୟକ୍ତିଗତ ଭାବେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେ ୨୦୧୯ରେ ରେଢାଖୋଲ ବିଧାୟକ ପ୍ରାର୍ଥୀ ହେବା ନେଇ ଲବି କରିଥିଲେ। ଏପରି କି ତାଙ୍କ ନାମକୁ ଦଳ ତାଲିକାଭୁକ୍ତ କରିଥିଲା। ହେଲେ ଶେଷରେ ଟିକେଟ ଦିଆଯାଇ ନ ଥିଲା। ୨୦୨୪ ନିର୍ବାଚନରେ ରେଢାଖୋଲ କିମ୍ବା ସମ୍ବଲପୁର ବିଧାନସଭା ପାଇଁ ଦଳ ପ୍ରାର୍ଥୀ କଲେ ନିର୍ବାଚନ ଲଢିବା ପାଇଁ ଆଶାୟୀ ଥିବା ଆଲୋଚନା ହେଉଛି। ଏ ନେଇ ରଥ କହିଛନ୍ତି, ଦଳ ଯେତେବେଳେ ଦାୟିତ୍ୱ ଦେଇଛି ନିର୍ବାହ କରିଛି। ଏବେ ମଧ୍ୟ ଜାରି ରହିଛି। ପରାମର୍ଶଦାତା କମିଟିରେ ନାମ ଘୋଷଣା ହୋଇଛି। ମୋର ଅସନ୍ତୋଷ ଓ ସନ୍ତୋଷ ଦଳର ହାଇକମାଣ୍ଡଙ୍କୁ ଫୋରମରେ ଜଣାଇବି। ଦଳୀୟ କଥା ସର୍ବସାଧାରଣରେ ଆଲୋଚନା କରାଯାଏ ନାହିଁ ବୋଲି ସେ କହିଥିଲେ। ଅନ୍ୟପଟେ ଜିଲା ସଭାପତି ବିଧାୟକ ରୋହିତ ପୂଜାରୀ କହିଛନ୍ତି, ଜିଲା ପରାମର୍ଶଦାତା କମିଟିକୁ ସ୍ୱାଗତ କରୁଛି। ଏହା ଦ୍ୱାରା ଦଳ ଆହୁରି ମଜଭୁତ ହେବ। ସମସ୍ତେ ଏକାଠି ହୋଇ କାମ କରିବେ ବୋଲି କହିଥିଲେ।

# ଦୋକାନରୁ ଚୋରି: ଜଣେ ଗିରଫ

କୁଚିଣ୍ଡା,୬।୧୦(ବିରଞ୍ଚି ଦର୍କା)


ଗିରଫ ଝୁନୁ ନାଏକ

ମହୁଲପାଲି ଥାନା ଡୁରେଇ ଗ୍ରାମର ଏକ ତେଜରାତି ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ଡୁରେଇ ଗୁର୍ଲୁଗୁଡାର ଝୁନୁ ନାଏକଙ୍କୁ ଗିରଫ କରି ଗୁରୁବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୨୧/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ ଡୁରେଇ ଗ୍ରାମର ସମୀର ପଟେଲ ନିଜ ଘର ସମ୍ମୁଖରେ ଏକ ତେଜରାତି ଦୋକାନ କରିଛନ୍ତି। ସୋମବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମଙ୍ଗଳବାର ସକାଳୁ ଦୋକାନ ଘର କାନ୍ଥ ଭାଙ୍ଗି ସାମଗ୍ରୀ ଚୋରି ହୋଇଥିବା ଦେଖି ସେ ଥାନାରେ ଲିଖିତ ରିପୋର୍ଟ କରିଥିଲେ। ପୋଲିସ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତ ଝୁନୁଙ୍କ ଘରେ ପହଞ୍ଚି ପଚରାଉଚୁରା କରିବାରେ ସେ ସାମଗ୍ରୀ ଚୋରି କରିଥିବା ସ୍ୱୀକାର କରିଥିଲେ। ପୋଲିସ ତାଙ୍କ ଘରୁ ଚୋରି ହୋଇଥିବା ୧ପେଟି କମଳା ପସନ୍ଦ, ଶୋରିଷ ତେଲ ୧ପେଟି, ସନ୍ତୁର ସାବୁନ ୧ପେଟି, ୨୫ଗୋଟି ଟର୍ଚ୍ଚ ଲାଇଟ, ଆଳୁ ୧ବସ୍ତା, ୧ପେଟି ଚକୋଲେଟ, ୧ପେଟି ଡାବର ଅଁଳା ତେଲ, ଅମୁଲ ୧ପେଟି, ଚିନି ୧ ବସ୍ତା, ଜିରା ପାଉଡର ୧ ବସ୍ତା, ଗୋଟି ଜିରା ୧ବସ୍ତା, ଚିକେନ ମସଲା ୧ବସ୍ତା ସହ ୩ଟି ସିସିଟିଭି କ୍ୟାମେରା ଉଦ୍ଧାର କରିଛି।

# ସଂଗ୍ରାମୀ ମଧୁ ଗଡ଼ତିଆଙ୍କ ସ୍ମୃତିପୀଠର ଭୂମିପୂଜନ


ମଧୁ ଗଡତିଆ ସ୍ମୃତି କମିଟିର ଶୋଭାଯାତ୍ରା।

ସମ୍ବଲପୁର,୬।୧୦ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଯୁଯୁମୁରା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡତିଆଙ୍କ ସ୍ମୃତିପୀଠ ପାଇଁ ଶୁକ୍ରବାର ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯିବା ସହ ତାଙ୍କ ଘରୁ ମାଟିନେଇ ଶୋଭାଯାତ୍ରା ବାହାରିଥିଲା। ଏଥିରେ ତାଙ୍କ ପରିବାର ସଦସ୍ୟଙ୍କ ସମେତ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ମହିଳାପୁରୁଷ ସାମିଲ ହୋଇଥିଲେ। ମଧୁଗଡତିଆ ଅମର ରହେ ଧ୍ୱନି ସହ ଶୋଭାଯାତ୍ରା ରାଜୀବ ଗାନ୍ଧୀ ଭବନ ନିକଟରେ ନିର୍ମାଣ ହେବାକୁ ଥିବା ପାର୍କରେ ପହଞ୍ଚିଥିଲା। ସେଠାରେ ସ୍ମୃତିପୀଠ ନିର୍ମାଣ ପାଇଁ ଭୂମି ପୂଜନ ହୋଇଥିଲା। ଉକ୍ତ ପାର୍କକୁ ମଧୁ ଗଡତିଆଙ୍କ ନାମରେ ନାମିତ କରି ସରକାରୀ ସ୍ୱୀକୃତି ପାଇଁ ଦାବି ହୋଇଥିଲା। ମଧୁ ଗଡତିଆଙ୍କ ବଂଶଜ ମିତ୍ରଭାନୁ ସିଂ, ପ୍ରଶାନ୍ତ ସିଂ, ପୂର୍ବତନ ସରପଞ୍ଚ ଭୁପେନ୍ଦର ସିଂ ଉପସ୍ଥିତ ଥିଲେ। ସ୍ମୃତି କମିଟି ପକ୍ଷରୁ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ନେତ୍ରୀ ସୁସ୍ମିତା ଦେହୁରି, ଅଶ୍ୱିନୀ କୁମୁରା, ଓମ୍‌ପ୍ରକାଶ ବିଶ୍ୱାଳ, ଅଶ୍ୱିନୀ ଭୋଇ, ଝସକେତନ ଭୋଇ, କିରଣ ପ୍ରଧାନ, ରଜନୀକାନ୍ତ ପାଣିଗ୍ରାହୀ, ସୁରେନ୍ଦ୍ର ଭୋଇ, ଆଲୋକ ପ୍ରଧାନ, ରାଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ଚଳଚ୍ଚିତ୍ର ମାଇଣ୍ଡଗେମ୍ ପ୍ରଦର୍ଶିତ


ମାଇଣ୍ଡ ଗେମ ମୁକ୍ତିଲାଭ କରିବା ଅବସରରେ ଅତିଥି ଓ କଳାକାର।

ସମ୍ବଲପୁର,୬।୧୦(ବି.ଶଙ୍କର)

ବହୁଭାଷୀ ଚଳଚ୍ଚିତ୍ର ମାଇଣ୍ଡ ଗେମ୍ ଶୁକ୍ରବାର ସମ୍ବଲପୁର ଫାର୍ମ ରୋଡ୍‌ସ୍ଥିତ ସିଟି ସେଣ୍ଟରଠାରେ ମୁକ୍ତିଲାଭ କରିଛି। ବରଗଡ ଲୋକ ସଭା ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ମନୋଜ ମିଶ୍ର, ଶ୍ରୀଧର ମାର୍ଥା, ସପନ ମିଶ୍ର, ଭକ୍ତପ୍ରସାଦ ନନ୍ଦଙ୍କ ସମେତ କଳାକାରମାନେ କେକ କାଟି ଚଳଚ୍ଚିତ୍ରର ଶୁଭାରମ୍ଭ କରିଥିଲେ। ସମଲେଶ୍ୱରୀ ପୀଠରେ ପୂଜାର୍ଚ୍ଚନା ପରେ ଦୁଲଦୁଲି ବାଦ୍ୟ ତାଳରେ କଳାକାରମାନଙ୍କୁ ସ୍ୱାଗତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ସିନେମା ୨୦୧୮ ମସିହାରେ ଘଟିଥିବା ଚର୍ଚ୍ଚିତ ଘଟଣାରେ ଜଣେ ଅଧ୍ୟାପକଙ୍କ ଚରିତ୍ରକୁ ନେଇ ନିର୍ମିତ ହୋଇଛି। ଚଳଚ୍ଚିତ୍ରରେ ସମ୍ବଲପୁରର ମନୋଜ ମିଶ୍ର ମୁଖ୍ୟ ଅଭିନେତା ରହିଛନ୍ତି। ପୂର୍ବରୁ ଏହି ସିନେମା ପାଟଣାଗଡ ନାମରେ ନାମିତ ହୋଇଥିଲା। କିନ୍ତୁ ଆଇନଗତ ସମସ୍ୟାରେ ଛନ୍ଦି ହୋଇଥିଲା। ପରେ ସେନ୍‌ସର ବୋର୍ଡର ନିର୍ଦ୍ଦେଶକ୍ରମେ ନାମ ପରିବର୍ତ୍ତନ କରାଯାଇଛି। ଚଳଚ୍ଚିତ୍ରରେ ବଲିଉଡ ଅଭିନେତା ଅତୁଲ କୁଲକର୍ଣ୍ଣି, ଯଶପାଲ ଶର୍ମା, ଦମକିଲା ଭର୍ଣ୍ଣ, ଓଡିଆ ଅଭିନେତ୍ରୀ ଅନୁ ଚୌଧୁରୀ, ଚିନ୍ମୟ ମିଶ୍ର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ରେଳ ସୁରକ୍ଷା କର୍ମଚାରୀ ସମ୍ମାନିତ

ସମ୍ବଲପୁର,୬।୧୦(ବି.ଶଙ୍କର): ସମ୍ବଲପୁର ରେଳ ମଣ୍ଡଳ ସମ୍ମିଳନୀ କକ୍ଷରେ ଗୁରୁବାର ରେଳ ସୁରକ୍ଷା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଚାରୀମାନଙ୍କୁ ଅର୍ଥରାଶି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ମୁନିଗୁଡା ଇଞ୍ଜିନିୟରିଂ ବିଭାଗର ତପୁ ଦାସ, ରେଙ୍ଗାଲି ଅପରେସନ୍ସ ବିଭାଗର ପଏଣ୍ଟମ୍ୟାନ ନବିନ କୁମାର ମାଝି, ଇଲେକ୍ଟ୍ରିକାଲ(ଅପରେଶନ) ବିଭାଗର ଲୋକୋ ପାଇଲଟ (ସାମଗ୍ରୀ) ଅନୁପମ ସାର୍କ, ଆସିଷ୍ଟାଣ୍ଟ ଲୋକୋ ପାଇଲଟ ବି ସିଂ, ଲୋକୋ ପାଇଲଟ୍ ଡି.ପି. ବେହେରା ଏବଂ ଆସିଷ୍ଟାଣ୍ଟ ଲୋକୋ ପାଇଲଟ କାର୍ଯ୍ୟରେ ନିରାପତ୍ତା ନିୟମର ସଠିକ ଦାୟିତ୍ୱ ନିର୍ବାହ କରିଥିଲେ। ଅତିରିକ୍ତ ବିଭାଗୀୟ ରେଳ ମ୍ୟାନେଜର ଆନନ୍ଦ ସିଂ, ସିନିୟର ଡିଭିଜନାଲ ଅପରେଶନ୍ ମ୍ୟାନେଜର ତନ୍ମୟ ମୁଖୋପାଧ୍ୟାୟ, ସିନିୟର ଡିଭିଜନ ଇଞ୍ଜିନିୟର (ସମନ୍ୱୟ) ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ବିଭାଗୀୟ ସୁରକ୍ଷା ଅଧିକାରୀ ଏସ୍.ଏସ୍. ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅସହାୟ ପିଲାଙ୍କୁ ସହାୟତା ପାଇଁ ୧୦ଲକ୍ଷ ପ୍ରଦାନ

ସମ୍ବଲପୁର,୬।୧୦(ଶୁଭାଶିଷ ପାଢ଼ୀ)


ଜିଏମ୍‌ୟୁକୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

ଗଙ୍ଗାଧର ମେହେର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଗିରିଧାରୀ ପ୍ରସାଦ ଗୁରୁ ଶୁକ୍ରବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ଦଶଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥ ଅଭାବୀ ଛାତ୍ର କିମ୍ବା ବିଶ୍ୱବିଦ୍ୟାଳୟର ଅନୁସନ୍ଧାନ ପଣ୍ଡିତଙ୍କୁ ଫେଲୋଶିପ୍ ଯୋଗାଇବ। ଦାନ ଅର୍ଥକୁ ସ୍ଥିର ଜମା ଭାବରେ ରଖାଯିବ। ବାର୍ଷିକ ସୁଧ ରାଶି ଜିଏମ୍‌ୟୁ ପଢୁଥିବା ଗରିବ ଛାତ୍ର, ପିଏଚ୍‌ଡି ଛାତ୍ରମାନଙ୍କୁ ଛାତ୍ରବୃତ୍ତି ପାଇଁ ବ୍ୟବହାର କରାଯିବ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଏନ୍ ନାଗାରାଜୁ ତାଙ୍କର ଉଦାରତା ଓ ସହାୟତା ପାଇଁ ଧନ୍ୟବାଦ ଜଣାଇଥିଲେ। ପ୍ରଫେସର ଗୁରୁ ପୂର୍ବ ଗଙ୍ଗାଧର ମେହେର କଲେଜର ଛାତ୍ର ସହ ଅଧ୍ୟାପକ ଓ ଅଧ୍ୟକ୍ଷ ରହିଆସିଛନ୍ତି। ଡେପୁଟି ରେଜିଷ୍ଟ୍ରାର ଡକ୍ଟର ଉମା ଚରଣ ପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ତାଙ୍କର ପୁଅ ସୁଶାନ୍ତ କୁମାର ଗୁରୁ, ଝିଅ ଲୀଳାବତୀ ଗୁରୁ, ପୁଅ ପ୍ରଶାନ୍ତ କୁମାର ଗୁରୁ ଓ ପ୍ରଫେସର ପ୍ରଭାବତୀ ଗୁରୁ ଯୋଗଦେଇଥିଲେ।

# ସମସ୍ୟାଘେରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ସମାଧାନ ନ ହେଲେ ଆନ୍ଦୋଳନ

ଜମନକିରା,୬।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ପ୍ରତି ବହୁବିଧ ସମସ୍ୟା ଦେଇ ଗତିକରୁଛି। ଆଗାମୀ ଏକମାସ ମଧ୍ୟରେ ଏହାର ସ୍ଥାୟୀ ସମାଧାନ କରା ନଗଲେ ଅଭିଭାବକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ୨୦୨୧ ଜୁଲାଇରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ସେତେବେଳେ ଜଣେମାତ୍ର ନିୟମିତ ଅଧ୍ୟାପକ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ କିଛି ଠିକା ଅଧ୍ୟାପକଙ୍କ ଦ୍ୱାରା ଅଧ୍ୟାପନା କାର୍ଯ୍ୟ ଚାଲିଥିଲା। ବର୍ତ୍ତମାନ ଜଣେ ଅଧ୍ୟକ୍ଷା କାର୍ଯ୍ୟ ତୁଲାଉଥିବା ବେଳେ ୩ଜଣ ସ୍ଥାୟୀ ଓ ୨ ଜଣ ଅତିଥି ଶିକ୍ଷାଦାତା ଭାବେ ଶିକ୍ଷାଦାନ କରୁଛନ୍ତି। ଏହି ଅନୁଷ୍ଠାନରେ ଏବେ ୨୫୬ ଶିକ୍ଷାର୍ଥୀ ଅଧ୍ୟୟନ କରୁଛନ୍ତି। ଏଠାରେ କେବଳ ବିଜ୍ଞାନ ପାଠ୍ୟକ୍ରମ ରହିଛି। ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ଆଦିର ଲାବରେଟୋରି ହୋଇ ପାରିନାହିଁ। ଏଥିପାଇଁ ଶ୍ରେଣୀ କୋଠରିର ଅଭାବ ଥିବାବେଳେ ଲାବରେଟୋରି ଆସିଷ୍ଟାଣ୍ଟ ନାହାନ୍ତି। ସେହିପରି ଅଫିସ ପାଇଁ ଆବଶ୍ୟକ ଥିବା ଡାଟା ଏଣ୍ଟ୍ରି ଅପରେଟର, କୁକ କମ ଆଟେଣ୍ଡାଣ୍ଟ, କିରାଣୀ ଆଦି ପଦବୀ ଖାଲି ରହିଛି। ଯଦ୍ୱାରା କଲେଜ ପରିଚାଳନାରେ ଅନେକ ସମସ୍ୟା ଦେଖାଦେଉଛି। ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନ ନେଲେ ଅଭିଭାବକମାନେ ଆନ୍ଦୋଳନ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏ ସମ୍ପର୍କରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ ଓ ଜିଲା ମଙ୍ଗଳ ଅଧିକାରୀ ଭାଗିରଥୀ ପଟେଲଙ୍କୁ ପଚାରିବାରୁ ୧୫ରୁ ୨୦ଦିନ ମଧ୍ୟରେ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ଦୂର କରାଯିବ ବୋଲି କହିଥିଲେ।


ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ।

## ସଂକ୍ଷେପରେ

### ସୋଲ ବନାଞ୍ଚଳରେ ବନ୍ୟପ୍ରାଣୀ ସପ୍ତାହ

ବଣାଇଁ, ୬।୧୦ (ପ୍ରଦୀପ ତ୍ରିପାଠୀ ): ବଣାଇଁ ବନଖଣ୍ଡ ଅଧିନ ସୋଲ ବନାଞ୍ଚଳର ସୋଲ ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନବିଭାଗ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏହି ସପ୍ତାହ ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଏଥିରେ ୨୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସୋଲ ବନାଞ୍ଚଳ ଅଧିକାରୀ ବଲଜିତ ଡୁଙ୍ଗଡୁଙ୍ଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୋଲଗୁଡା ସେକ୍ସନର ଫରେଷ୍ଟର ପ୍ରତାପ କୁମାର ସାହୁ, କୁଞ୍ଜର ସେକ୍ସନର କୁଶଳେଶ୍ୱର ମାହାନ୍ତ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦ୍ରପଦୀ ଦେଇ, ବିଜ୍ଞାନ ଶିକ୍ଷକ ଦେବାଶିଷ ନାୟକ, ହିନ୍ଦୀ ଶିକ୍ଷୟିତ୍ରୀ ଆଶା ଜ୍ୟୋତି ଏକ୍କା ସହାୟତା କରିଥିଲେ।

### ସମସ୍ୟା ଘେରରେ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ଗାଁ

ବାଲିଶଙ୍କରା,୬।୧୦(ହୃଦାନନ୍ଦ ବାରିକ): ବିଶ୍ୱ ଦରବାରରେ ଜଣାଶୁଣା ହକି ତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ, ଅମିତ ରୋହିଦାସ, ସୁଭଦ୍ରା ପ୍ରଧାନ, ଦୀପସାନ ତିର୍କୀ, ବିକାଶ ଟପ୍ପୋ ଭଳି ସୁନାମଧନ୍ୟ ଖେଳାଳଙ୍କ ଗାଁ ସଉନାମରା। ହେଲେ ଏହି ଗାଁ ବିଭିନ୍ନ ସମସ୍ୟା ଘେରରେ ରହିଛି। ଘନଘନ ବିଜୁଳି କାଟ ଯୋଗୁ ଲୋକେ ସମସ୍ୟା ଭୋଗୁଛନ୍ତି। ଏପରିକି ରାତିରେ ବିଦ୍ୟୁତ୍ ଆସୁ ନ ଥିବାରୁ ଗ୍ରାମବାସୀ ଅନ୍ଧାରରେ ରହୁଥିବା ଅଭିଯୋଗ କରିଛନ୍ତି। ଭାଟିପଡା ଗ୍ରୀଡରୁ ରାମପୁର ଦେଇ ସଉନାମରା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇଛି। ଫଳରେ ସାମାନ୍ୟ ପବନ, ବର୍ଷା ହେଲେ ଲାଇନ ରହୁନାହିଁ। ଏହାକୁ ସିଧାସଳଖ ଭାଟିପଡା ଗ୍ରୀଡରୁ ତେଇଶମାଇଲ ଦେଇ ସଂଯୋଗ କରିବା ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏସିଆନ ଗେମ୍ସରେ ଗ୍ରାମର ପୁଅ ଅମିତ ରୋହିଦାସ ଖେଳୁଥିବାରୁ ବିଦ୍ୟୁତ୍ ନ ଥିବାରୁ ଖେଳ ଦେଖି ପାରୁ ନ ଥିବା ଅମିତଙ୍କ ମା' ଗୁରୁତର ଅଭିଯୋଗ କରିଛନ୍ତି। ଆଗାମୀ ୧ମାସ ଭିତରେ ଯଦି ଲାଇନ ସମସ୍ୟା ଏବଂ ଭିଟାପଡା ଗ୍ରୀଡରୁ ତେଇଶମାଇଲ ଦେଇ ଲାଇନ ନ ଦିଆଯାଏ ତେବେ ଜନ ଆନ୍ଦୋଳନ ସହ ବାଲିଶଙ୍କରା ଗ୍ରୀଡ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତବନୀ ଦେଇଛନ୍ତି।

### ମହାନଦୀ କୋଇଲା କମ୍ପାନୀ ଇବ୍ କ୍ଷେତ୍ରର କର୍ମକର୍ତ୍ତା ଚୟନ

ବ୍ରଜରାଜନଗର,୬।୧୦(ବିଜୟ ବରାଡ): ମହାନଦୀ କୋଇଲା କମ୍ପାନୀ ଅଧୀନ ଇବ୍ କ୍ଷେତ୍ର ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ କର୍ମକର୍ତ୍ତାମାନେ ଆଗାମୀ ଦୁଇବର୍ଷ ପାଇଁ ଇବ୍ କ୍ଷେତ୍ରରେ କାର୍ଯ୍ୟ କରିବେ। କମିଟି ସଭାପତି ଭାବରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଗୋପାଳ ଶୀତନି, ବୈଦ୍ୟନାଥ ଦାସ, ଉପସଭାପତି ସୁକାନ୍ତ ପତି, ସଞ୍ଜିତ ବଞ୍ଚାର, ଭାନୁ ପ୍ରତାପ ସିଂ, ସାଧାରଣ ସମ୍ପାଦକ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି, ସହ ସମ୍ପାଦକ କୁଳମଣି ଦାସ, ସୁଶୀମ ଦାସ, ଯୁଗ୍ମ ସମ୍ପାଦକ ସାଗର ପ୍ରଧାନ, ଶୁଭ ନାଥ ପୂଜାରୀ, ରାଧାକାନ୍ତ ପ୍ରଧାନ, ବୀରେନ୍ଦ୍ର ଦୁବେ, ରାଜୀବ ଖାରେ, କୋଷାଧ୍ୟକ୍ଷ ରବି ରୋହିଦାସ ଓ ଆଇନ ପରାମର୍ଶ ଦାତା ଭାବରେ ତ୍ରିନାଥ ଗୁଆଲଙ୍କୁ ଚୟନ କରାଯାଇଛି। ରାଜ୍ୟ ହିନ୍ଦ ମଜ୍‌ଦୁର ସଭାର ଅନୁମୋଦନ କ୍ରମେ ଏମାନଙ୍କୁ ଚୟନ କରାଯାଇଛି। ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବରେ ନୃପ ତଣ୍ଡିଆ, ସଦାଶିବ ବିଶି, ରାଜ ବିହାରୀ ପାଣ୍ଡେଙ୍କୁ ମନୋନୀତ କରାଯାଇଛି।

# ତଦନ୍ତ ଆରମ୍ଭ କଲା ଜିଲା ସ୍ୱାସ୍ଥ୍ୟ ବିଭାଗ

## ଭୁଲ୍ ଚିକିତ୍ସା ପାଇଁ ଜୀବନ ଯିବା ଘଟଣା

କୁତ୍ରା, ୬।୧୦(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଉପାନ୍ତ ଅଞ୍ଚଳ ଗଏରବାହାଲ ଉପ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କାର୍ଯ୍ୟରତ ଜଣେ ଫାର୍ମାସିଷ୍ଟଙ୍କ ଭୁଲ ଚିକିତ୍ସା ପାଇଁ ଜଣକ ଜୀବନ ଯିବା ଘଟଣାକୁ ନେଇ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି। ସୂଚନାଯୋଗ୍ୟ, ଝାଡ଼ଖଣ୍ଡ କାଦୋପାନି ଗ୍ରାମର ବଳରାମ ସିଂ(୫୫) ତାଙ୍କ ଶଶୁର ଘର ନୂଆଗାଁ ଗ୍ରାମରେ ଗତ ୩ ବର୍ଷ ଧରି ରହି ଆସୁଥିଲେ। ତାଙ୍କୁ ଜ୍ୱର ହେବାରୁ ପରିବାର ଲୋକେ ବୁଧବାର ଗଏରବାହାଲ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ସଚିନ୍ଦ୍ର ନାରାୟଣ ସାହୁ ତାଙ୍କୁ ସାଲାଇନ ଓ ଅନ୍ୟାନ୍ୟ ଔଷଧ ଦେଇ ଚିକିତ୍ସା କରିଥିଲେ। ଗୁରୁବାର ପୁଣି ସେ ମେଡ଼ିକାଲକୁ ଆସିଥିଲେ। ଫାର୍ମାସିଷ୍ଟ ସାହୁ ରୋଗୀଙ୍କ ସମ୍ପର୍କୀୟଙ୍କ ପାଖରୁ ୮୨୦ ଟଙ୍କା ନେଇ ତାଙ୍କ ଘରୁ ଇଞ୍ଜେକସନ ଆଣି ଦେଇଥିଲେ। ଇଞ୍ଜେକସନ ଦେବାର କିଛି ସମୟ ଭିତରେ ତାଙ୍କ ଦେହ ଅଧିକ ମାତ୍ରାରେ ଅସୁସ୍ଥ ହୋଇ ପଡ଼ିଥିଲା। ପରେ ତାଙ୍କୁ ପୁଣି ସିଲାଇନ ଦେଇଥଇଲେ। ହେଲେ କୌଣସି ପରିବର୍ତ୍ତନ ନ ହେବାରୁ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫାର୍ମାସିଷ୍ଟଙ୍କ ଭୁଲ ଚିକିତ୍ସା ପାଇଁ ବଳରାମଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୁରକାପାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ସତୀଶ ନିସାଦ ଓ ଅନ୍ୟାନ୍ୟ କର୍ମଚାରୀ ଗଏରବାହାଲ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ତଦନ୍ତ କରିଥିଲେ। ଖବର ଲେଖା ପର୍ଯ୍ୟନ୍ତ ( ରାତି ୯ଟା)ତଦନ୍ତ ରିପୋର୍ଟ ହସ୍ତଗତ ହୋଇନାହିଁ। ଅନ୍ୟ ପକ୍ଷରେ ଏହି ତଦନ୍ତକୁ ଭାଜପା ଜିଲା ସଂଖ୍ୟାଲଘୁ ସମ୍ପ୍ରଦାୟ ସଭାପତି ଜୁନାଶ ଲୁଗୁନ ତଥା ଗ୍ରାମବାସୀ ନାପସନ୍ଦ କରିବା ସହିତ ଆଗାମୀ ଦିନରେ ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଦାବି ଜଣାଇବେ ବୋଲି କହିଛନ୍ତି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସରକାରୀ ସ୍ୱୟଂଶାସିତ କଲେଜରେ ନେତୃତ୍ୱ ବିକାଶ କର୍ମଶାଳା

ରାଉରକେଲା,୬।୧୦(ଦିନେଶ ମିଶ୍ର)

ତାମିଲନାଡୁ କନ୍ୟାକୁମାରୀ ସ୍ଥିତ ବିବେକାନନ୍ଦ କେନ୍ଦ୍ର ଓ ଶାଖା ସହଯୋଗରେ ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜ ପକ୍ଷରୁ ନେତୃତ୍ୱ ବିକାଶ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ କେନ୍ଦ୍ରର ପ୍ରତିନିଧି କଞ୍ଚନ ଅଗ୍ରୱାଲ ଯୋଗ ଦେଇଥିଲେ। ଉପାଧ୍ଯୁତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନେତୃତ୍ୱ ବିକାଶ ସମ୍ପର୍କିତ ୩-ସି ବା ଯୋଗାଯୋଗ ଆର୍ଥିକ କମ୍ୟୁନିକେଶନ, ଧ୍ୟାନକେନ୍ଦ୍ରିତ ବା କନସେଣ୍ଟ୍ରେଶନ ଏବଂ ସମନ୍ୱୟ ଅର୍ଥାତ କୋର୍ଡିନେଶନ ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ଏହା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନେତୃତ୍ୱ ବିକାଶର ଗୁରୁତ୍ୱ ଉପଲବ୍ଧି ପାଇଁ ଡମ୍ବରୁ ଦୌଡ, ଛୁଞ୍ଚ ସୂତା ଓ ମାନବ ସହଯୋଗ ଆଦି ଖେଳ କରାଯାଇଥିଲା। ଏହା ସହିତ ଗୋଷ୍ଠୀଗତ ଆଲୋଚନା, ଦୈନନ୍ଦିନ ବ୍ୟବହାରରେ ଦେଶଭକ୍ତିର ଝଲକ, ସ୍ୱତନ୍ତ୍ର ଯୋଗାସନ, ଧ୍ୟାନ ଆଦି ସମ୍ପର୍କିତ ବିଭିନ୍ନ କୌଶଳ ପ୍ରଦର୍ଶନ ହୋଇଥିଲା। ଏହିସବୁ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ନେତୃତ୍ୱ ବିକାଶ ପାଇଁ ଉପସ୍ଥିତ ବକ୍ତାମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତନ ଆକର୍ଷଣ ଥିଲା ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟରେ ଭାଗନେବା ସହ ବରିଷ୍ଠମାନଙ୍କଠାରୁ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମ୍ପର୍କରେ ଜ୍ଞାନାର୍ଜନ। ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ମାୟାଧର ବାରିକ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରୀଛାତ୍ରମାନେ ଉପକୃତ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ। ଅଧକ୍ଷ ପ୍ରଫେସର ବେହେରା ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ବ୍ୟକ୍ତିତ୍ୱ ଓ ପାଠ୍ୟକ୍ରମ ସମ୍ପର୍କିତ ବିକାଶରେ ସହାୟକ ହେବ ବୋଲି କହିଥିଲେ। ବିଭାଗର ଅଧ୍ୟାପକ ଧୀରେନ କୁମାର ମହାନ୍ତ, ଅମୀୟ କୁମାର ଦାସ ଓ ଉଷାରାଣୀ ସେଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରାଧ୍ୟାପକ ଓ ଅଧ୍ୟାପକଙ୍କ ସମେତ ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

### କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବଡ଼ଗାଁ,୫।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବଡପଡା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬ଟି ପ୍ରାଥମିକ, ୪ ଟି ଉଚ୍ଚ ପ୍ରାଥମିକ ଓ ଗୋଟିଏ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିଙ୍ଗାରମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିଧର ସୁନ୍ୟାନି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଦାନି ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମାଝି, ବଡପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କୁନି ସୁନ୍ୟାନୀ, ସିଆର୍‌ସିସି କୌଶଲ୍ୟା ରଣା, ସିଙ୍ଗାରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫିଲିପ ଟପ୍ପୋ ଯୋଗଦେଇ ମହୋତ୍ସବର ଉଦ୍ଦେଶ୍ୟ ଉପରେ ବୁଝାଇବା ସହିତ ପିଲାଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ଦିଗରେ ଏହି ମହୋତ୍ସବ ସହାୟକ ହେଉଥିବା କହିଥିଲେ। ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରି ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବଡପଡା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ମୁକ୍ତା କିଶୋରୀ ଟପ୍ପୋ ମଞ୍ଚ ପରିଚାଳନା କରିଥିଲେ। ପେଟଫୋଡ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟତରାମ ପ୍ରଧାନ, ବଡପଡା ସ୍କୁଲ୍‌ର ଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ ଓ ସାହାଜବାହାଲ ହାଇସ୍କୁଲର ଶିକ୍ଷକ ଦିଲ୍ଲୀପ ପୃଷେଟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଶଙ୍କୁନୀ ସୁନ୍ୟାନି ଧନ୍ୟବାଦ ଅର୍ପଣ କରିଥିଲେ।

# କୋଇଡା ଖଣି ଅଞ୍ଚଳରୁ ଚୋରା ମାଙ୍ଗାନିଜ ଜବତ


ଜବତ ଚୋରା ମାଙ୍ଗାନିଜ।

ଟେନ୍‌ସା,୬।୮(ସମୀର କୁମାର ପାଢୀ)

କୋଇଡା ଖଣି ଅଞ୍ଚଳରୁ ବାରମ୍ବାର ମାଙ୍ଗାନିଜ ଚୋରି ହେଉଛି। ଦିନ ଦ୍ୱିପହରରେ ମେସିନ ଲେଭର ଲଗାଇ ମାଙ୍ଗାନିଜ କରୁଛନ୍ତି। ଦୀର୍ଘ ବର୍ଷ ଧରି ରାଜ୍ୟ ବାହାରର ଖଣି ମାଫିଆଙ୍କ ନଜର ଏଠାକାର ବନ୍ଦ ପଡିଥିବା ମାଙ୍ଗାନିଜ ଖଣି ଏବଂ ଉତ୍ତୋଳିତ ହୋଇ ଗଚ୍ଛିତ ଥିବା ମାଙ୍ଗାନିଜ ପଥର ଉପରେ ରହିଛି। ହେଲେ ଏ ସବୁ ଚୋରି ସମ୍ଭବପର ହେଇ ପାରୁଛି କେମିତି ତାହା ଏବେ ବଡ଼ ପ୍ରଶ୍ନ। ଏହା ଉପରେ ଯଦି ଉଚ୍ଚ ସ୍ତରୀୟ ତଦନ୍ତ କରାଯିବ ତେବେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଅଞ୍ଚଳବାସୀ ଦାବି କରୁଛନ୍ତି। ଗୁରୁବାର ରାତିରେ କୋଇଡା ବ୍ଲକ୍ ପାଟମୁଣ୍ଡା ପଞ୍ଚାୟତ ପାଟମୁଣ୍ଡା ଜଙ୍ଗଲ ଅଞ୍ଚଳରୁ ମାଙ୍ଗାନିଜ ଚୋରି ହେବାନେଇ କୋଇଡା ଖଣି ଉପନିର୍ଦ୍ଦେଶକ ଅଶୀତ ବେହେରା ଖବର ପାଇ ଶୁକ୍ରବାର ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୫୦ ଟନ୍ ଚୋରା ମାଙ୍ଗାନିଜ ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

### ଖଡ୍ଡୁପାଣି ଗ୍ରାମଠାରେ ସଂକଳ୍ପ ସପ୍ତାହ ପାଳିତ

ବୋଡେନ,୬।୧୦(ଟିକେଶ୍ୱର ନାଗ)

ନୂଆପଡା ଜିଲା ଆକାଂକ୍ଷା ବ୍ଲକ ରୂପେ ଆଜି ତୃତୀୟ ଦିନରେ ବୋଡ଼େନ ବ୍ଲକ ବୋଇରଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଡ୍ଡୁପାଣି ଗ୍ରାମଠାରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିବା ବେଳେ ସଂକଳ୍ପ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ର ସରକାରଙ୍କ କୃଷି ଉନ୍ନତି ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। କୃଷି ଅଧିକାରୀ ଦୁଃଖୀରାମ ଟୁଡୁ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ସସ୍ମିତା ବିଶ୍ୱାଳ ଏବଂ ବରିଷ୍ଠ ଚନ୍ଦ୍ର ଭାନୁ ମାଝି, ଭାବ ସିଂ ମାଝିଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ଭରତପୁର ଗ୍ରାମ, ଜିଏ କଲୋନୀ, ଇନ୍‌ଫୋସିଟି ଅଞ୍ଚଳରେ ପ୍ରୋଜେକ୍ଟ କାମ ପାଇଁ ଆଜି ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

# ୪ ଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ଲହୁଣୀପଡ଼ା,୬।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଗୋପନା ପଞ୍ଚାୟତ ଛିତାକୁଦର ଖେଳ ପଡ଼ିଆଠାରେ ହଂସନନ୍ଦନ କ୍ଲବ ପଟାସାହି ପକ୍ଷରୁ ଚାଲିଥିବା ଏକାଦଶ ତମ ୪ଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଯାଉଁରିପୋଷ ମୟୁରଭଞ୍ଜ ଦଳକୁ ୧-୦ ଗୋଲରେ କେ ପି କ୍ଲବ କମାର ପୋଷ ଦଳ ହରାଇ ଚାମ୍ପିୟାନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ଲହୁଣୀପଡ଼ା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, କେନ୍ଦୁଲିପି ରେଞ୍ଜର ଦୁଶିଆ କିଷାନ, ନକୁଳ ମାହାନ୍ତ, ଚାନ୍ଦିପୋଷ ସାଇଡିଂ ଇନଚାର୍ଜ ବିକାଶ ଜୟସୱାଲ,ଗୋପନା ପଞ୍ଚାୟତ ସରପଞ୍ଚ ମୁକ୍ତା ମୁଣ୍ଡା, ସମିତି ସଭ୍ୟା ଶକୁନ୍ତଳା କିଷାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ, ତପନ କୁମାର ଦଣ୍ଡିଆ, ଓମନ୍ତ କୁମାର ମାହାନ୍ତ, ଧନେଶ୍ୱର ମାହାନ୍ତ, ଡମ୍ବରୁଧର ମାହାନ୍ତ ଯୋଗଦେଇଥିଲେ। କିଶୋର ମୁଣ୍ଡାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ହଂସନନ୍ଦନ କ୍ଲବର ସଭାପତି ବିରେନ୍ଦ୍ର ମୁଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଜେତା ଓ ଉପବିଜେତା ଓ ତୃତୀୟ ଦଳ ଭାବେ ଟପାଟପ ରାଉରକେଲା ଦଳ, ଚତୁର୍ଥ ଦଳ ଭାବେ ଏମଜିଓ୍ୱାଇଏସ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଶେଷ ଆକର୍ଷଣ ଭାବେ ମହିଳା ଫୁଟ୍‌ବଲ ଖେଳ ଅନୁଷ୍ଠିତ ହୋଇଥିଲା। ସଞ୍ଜୟ ସାମାଡ଼, ସଞ୍ଜୀବ କୁମାର ମୁଣ୍ଡା, ବିଶ୍ୱନାଥ ସଏ, ଅମ୍ରିଥ ଡାଙ୍ଗ କ୍ରୀଡା ପରିଚାଳନା କରିଥିଲେ। ତୁରୀ ମୁଣ୍ଡା, ଯୋଗେଶ୍ୱର ମୁଣ୍ଡା, ଶାଲ ମୁଣ୍ଡା, ଜେନା ମୁଣ୍ଡା, ଜୟ କେତନ ମୁଣ୍ଡା, ସଞ୍ଜୟ ମୁଣ୍ଡା, ବସନ୍ତ ମୁଣ୍ଡା, ପିତ୍ର ମୁଣ୍ଡାଙ୍କ ସମେତ କ୍ଲବ କର୍ମକର୍ତ୍ତାଙ୍କ ପରିଚାଳନାରେ ଏହି ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବସୁଧା କୃଷକ ଉତ୍ପାଦକ ସଙ୍ଗଠନର ୨ୟ ବାର୍ଷିକ ସାଧାରଣ ସଭା

ସୁନ୍ଦରଗଡ,୬।୧୦(ଜୟ ନାରାୟଣ ମେଣ୍ଡୁଲି)

ବସୁଧା କୃଷକ ଉତ୍ପାଦକ ସଂଗଠନର ୨ୟ ବାର୍ଷିକ ସାଧାରଣ ସଭା ଆର୍‌ଆର୍‌ସି ସେବକ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ସଭାରେ ମୁଖ୍ୟ ଅତିଥିଭାବେ ସେବକ ଅଧକ୍ଷ ଅମୀୟକାନ୍ତ ନାୟକ, ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ବିବେକ ପଟେଲ, ୱାସନର ଜିଲା କୋଷାଧ୍ୟକ୍ଷ ସୌରଭ ନାୟକ, ସେବକ କୋଷାଧ୍ୟକ୍ଷ ଉମେଶ ପଟେଲ ଓ ମିଲେଟ ମିଶନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମେ ବିଓଡି ମେମ୍ବର ସଞ୍ଜୁ ପଟେଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଓଡି ମେମ୍ବର ଅଭିଷେକ ତନ୍ତୀ ବସୁଧା କୃଷକ ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ବ୍ଲକ କୃଷି ଅଧିକାରୀ ବିବେକ ପଟେଲ ବ୍ଲକ କୃଷି ତରଫରୁ ମିଳୁଥିବା ସମସ୍ତ କୃଷି ଜାତୀୟ ବିହନରୁ ଆରମ୍ଭ କରି କୃଷି ଉପକରଣ ସମସ୍ତ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ୱାସନର ଜିଲା କୋଷାଧ୍ୟକ୍ଷ ସୌରଭ ନାୟକ ଓଡିଶା ମିଲେଟ ମିଶନ ତରଫରୁ ବସୁଧା କୃଷକ ସଂଗଠନକୁ ମିଳୁଥିବା ସମସ୍ତ କୃଷି ଉପକରଣ ଓ ବସୁଧା କୃଷକ ସଂଗଠନର ସମସ୍ତ ଆୟ,ବ୍ୟୟର ହିସାବ ଠିକ ଭାବେ ରଖିବା ପାଇଁ କହିଥିଲେ। ପରେ ସେବକ ସମ୍ପାଦକ ପ୍ରଦୀପ ସାରେ ବସୁଧା କୃଷକ ସଂଗଠନକୁ କିପରି ଭଲ ବେପାର କରି ଆଗାମୀ ଦିନରେ ଆଗକୁ ଉନ୍ନତି କରିବା ସହିତ ଚାଷୀଙ୍କ ଲାଭ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଶେଷରେ ସେବକ ଅଧକ୍ଷ ଅମୀୟ ସାରେ ଚାଷୀମାନେ ଧାନ ଚାଷ ସହିତ ଅନ୍ୟ ଫସଲ ଚାଷ କରି ରୋଜଗାର କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ମୋଟ ୨୦୦ ଜଣ ଅଂଶୀଦାର ଯୋଗଦେଇଥିଲେ। ବସୁଧା କୃଷକ ସଂଗଠନର ସିଇଓ ବିଶାଲ ବଞ୍ଜୋର ଆଗାମୀ ଆର୍ଥିକ ବର୍ଷ ୨୦୨୩-୨୪ର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ୩ ଜଣ ପ୍ରଗତିଶୀଳ ଚାଷୀମାନଙ୍କୁ ପୁରସ୍କୃତ କରାଯାଥିଲା। ସେମାନେ ହେଲେ କ୍ଷେତ୍ରମଣି ଦେହେରୀ,ଗୋବିନ୍ଦ ରୋହିଦାସ ଓ ନୀଳାଦ୍ରି ନାୟକ। ସଭାରେ ସମସ୍ତ ଅଂଶୀଦାର ଯୋଗଦେଇ ଗତବର୍ଷର ବ୍ୟବସାୟର ସମୀକ୍ଷା କରିବା ସହିତ ଆଗାମୀ ବର୍ଷର ବ୍ୟବସାୟ ଉପରେ ନିଷ୍ପତ୍ତି ନେଇଥିଲେ। ମିଲେଟ ମିଶନର ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧା ମଣ୍ଡିଆ ଚାଷସହିତ ଚାଷୀମାନେ କେମିତି ଅନ୍ୟ ବ୍ୟବସାୟ କରି ଉନ୍ନତି କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବସୁଧା କୃଷକ ସଂଗଠନର ସିଆରପି ଯୋସବନ୍ତ ରାଉତ, ଶୁଭମ ପସାୟତ, ସଞ୍ଜୟ ସିଂହ, ଆକାଶ ଚୌଧୁରୀ, ସୁମନ୍ତ ଖମାରି, ସୁଜାତା ପଟେଲ ପ୍ରମୁଖ ପରିଚାଳନା କରିଥିଲେ।ଶେଷରେ ଅମୀୟ ରଞ୍ଜନ ଧନ୍ୟବାଦ ପ୍ରଦାନ କରିଥିଲେ।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮, ଇ-ମେଲ୍: bom1182@mahabank.co.in

ଦଖଲ ନୋଟିସ୍
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ସାଙ୍କେତିକ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ୧) **ଋଣଗ୍ରହୀତା: ମେସର୍ସ କ୍ଲାରିଅନ୍ ଇ ସର୍ଭିସ ପ୍ରା. ଲିଃ., ଠିକଣା:** ପ୍ଲଟ୍ ନଂ.: ୫୫୧/୨୧୭୨, ସାମନ୍ତରାପୁର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨ / **ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: କ) ଶ୍ରୀ ଦୀପକ କୁମାର ଜେନା,** ପିତା: ଶ୍ରୀ ଶତ୍ରୁଘ୍ନ ଜେନା, **ଠିକଣା:**ସା/ପୋ: ତଳଜଙ୍ଗ, ପୁରୀ, ଓଡ଼ିଶା-୭୫୨୦୦୨, **ଖ) ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, ୨) **ଋଣଗ୍ରହୀତା: ମେସର୍ସ ବିବିପି ଆଣ୍ଡ ଅସୋସିଏଟ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, ୩) **ଋଣଗ୍ରହୀତା: ଶ୍ରୀମତୀ ପ୍ରାଞ୍ଜଳି କିରଣ ଛୋଟରାୟ,** ସ୍ୱାମୀ: ଶ୍ରୀ କିଶୋର କୁମାର ଛୋଟରାୟ / **ସହ-ଋଣଗ୍ରହୀତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, ଉଭୟଙ୍କ **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ / **ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ | **ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓରକୋଲ, ସର୍ଭେ/ଖାତା ନଂ.: ୧୮୩/୩୯, ପ୍ଲଟ୍ ନଂ.: ୩୧୦/୪୯୬, ଜିଲ୍ଲା: ପୁରୀ, ଜମିର କ୍ଷେତ୍ର: ୨୯୮୨ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୯୯୪ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୨୯୮୨ ବର୍ଗଫୁଟ (ବିଲ୍ଟ ଅପ), ଜି+୨ ଫ୍ଲୋରରେ ଥିବା ୯ଟି ରୁମ୍ (କୋଠରୀ) ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗୁରୁବାରି ସେଠୀଙ୍କ ସମ୍ପତ୍ତି, ଉତ୍ତର: ଶରତ ଗୁରୁ ଏବଂ ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଶ୍ରୀଧର ନାଏକଙ୍କ ସମ୍ପତ୍ତି | ତା.୧୬.୦୬.୨୦୨୩ରିଖ ସୁଦ୍ଧା ଟ.୧,୩୨,୨୨,୯୨୧/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୦୬.୨୦୨୩ / ୦୩.୧୦.୨୦୨୩ |
| **ଋଣଗ୍ରହୀତା: ଶ୍ରୀ ବିଶ୍ୱରଞ୍ଜନ ମହାରଣା,** ପିତା: କୃତିବାସ ମହାରଣା / **ସହ-ଋଣଗ୍ରହୀତା: ଶ୍ରୀମତୀ ରଶ୍ମିତା ମହାରଣା,** ସ୍ୱାମୀ: ଶ୍ରୀ ବିଶ୍ୱରଞ୍ଜନ ମହାରଣା, ଉଭୟଙ୍କ **ଠିକଣା-** ଦେକୁରି, ବେଣିପୁର, ବାଲିଚନ୍ଦ୍ରପୁର, ଯାଜପୁର, ଓଡ଼ିଶା, ପିନ୍-୭୫୪୨୯୨ | **ଶ୍ରୀ ବିଶ୍ୱରଞ୍ଜନ ମହାରଣା ଏବଂ ଶ୍ରୀମତୀ ରଶ୍ମିତା ମହାରଣା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୧/ଏ, ତଳ ମହଲା, ସାଇ ବିଜୟା ପ୍ୟାଲେସ୍, ୟୁନିଟ୍ ନଂ.: ୩୩, ଖାତା ନଂ.: ୯୨୮/୧୦୧୫, ପ୍ଲଟ୍ ନଂ.: ୧୧୭/୨୯୭୮/୩୬୦୫, କ୍ଷେତ୍ର: ଏକର ୦.୦୫୪ ଡିସିମିଲି ଏବଂ ଖାତା ନଂ.: ୯୨୮/୯୭୬, ପ୍ଲଟ୍ ନଂ.: ୧୧୮/୩୫୭୧, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୮୯ ଡ଼ିସିମିଲି,** ମୌଜା: ଝାରପଡା, ଭୁବନେଶ୍ୱର (ଏକ ବାସୋପଯୋଗୀ ଫ୍ଲାଟ୍/ଆପାର୍ଟମେଣ୍ଟ ଯାହାକି ୨ଟି ରୁମ୍ (କୋଠରୀ)କୁ ନେଇ ଗଠିତ ଯାହାର ପରିମିତ କ୍ଷେତ୍ର: ୯୭୫ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୧୦୫୦ ବର୍ଗଫୁଟ(ବିଲ୍ଟ ଅପ)), ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ପ୍ଲଟ୍, ପଶ୍ଚିମ: ରାସ୍ତା, ଉତ୍ତର: ଫ୍ଲାଟ୍ ନଂ.: ୨୦୧/ବି, ଦକ୍ଷିଣ: ଖୋଲା ସ୍ଥାନ | ତା.୨୦.୦୪.୨୦୨୩ରିଖ ସୁଦ୍ଧା ଟ.୨୦,୮୧,୩୫୬/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୦.୦୪.୨୦୨୩ / ୦୩.୧୦.୨୦୨୩ |
| **ଋଣଗ୍ରହୀତା: ମେସର୍ସ ସୁହାଗନ (ସ୍ୱତ୍ତ୍ୱାଧିକାରୀ ଫାର୍ମ), ଠିକଣା-** ସପ୍ ନଂ.: ୨୨, ସବ୍‌ୱେ, ମାର୍କେଟ ବିଲ୍ଡିଂ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୯, **ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ସ୍ୱାଇଁ,** ସ୍ୱାମୀ: ଶ୍ରୀ ଅମିତ୍ କୁମାର ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ସ୍ୱାଇଁ,** ପିତା: ଅରକ୍ଷିତ ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ | **ଶ୍ରୀ ଅମିତ୍ କୁମାର ସ୍ୱାଇଁ**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୨୧୦୫, ପ୍ଲଟ୍ ନଂ.: ୧୮୦/୩୭୧୩ ଏବଂ ପ୍ଲଟ୍ ନଂ.: ୧୮୬/୩୭୫୧, ଲେଆଉଟ୍ ପ୍ଲଟ୍ ନଂ.: ୧୧/୨୮, ଲିଙ୍ଗିପୁର, ଇନ୍ଦିରା ହାଉସିଂ କଲୋନୀ, ଭୁବନେଶ୍ୱର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା, ସବ୍-ଡିଷ୍ଟ୍ରିକ୍ଟ: ଭୁବନେଶ୍ୱର, ପରିମିତ କ୍ଷେତ୍ର: ୧୪୮୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୧/୨୭, ପଶ୍ଚିମ: ପ୍ଲଟ୍ ନଂ.: ୧୧/୨୯, ଉତ୍ତର: ୨୦ ଫୁଟିଆ ରାସ୍ତା, ଦକ୍ଷିଣ: ଚେକ ନାଳ | ତା.୦୬.୦୬.୨୦୨୩ରିଖ ସୁଦ୍ଧା ଟ.୪୧,୫୭,୬୦୮/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୨୩ / ୦୩.୧୦.୨୦୨୩ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୩.୧୦.୨୦୨୩
ମୁଖ୍ୟ ପ୍ରବନ୍ଧକ/ସହାୟକ ମହାପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ଜରାସିଂହାରେ ଖଣ୍ଡାବସା ପୂଜା ସମ୍ପନ୍ନ, ଷୋଳପୂଜା ଆରମ୍ଭ

ଦେଓଗାଁ,(କୃଷ୍ଣପ୍ରସାଦ ପାଣିଗ୍ରାହୀ): ବଲାଙ୍ଗିର ଜିଲାର ପ୍ରସିଦ୍ଧ ଐତିହାସିକ ପାଟଖଣ୍ଡା ଯାତ୍ରା ପାଇଁ ଜରାସିଂହାରେ ଶୁକ୍ରବାର ଖଣ୍ଡାବସା ପୂଜା ସମ୍ପନ୍ନ ହେବାସହ ମା'ଙ୍କ ଷୋଳପୂଜା ଆରମ୍ଭ ହୋଇଛି। ଏହିଦିନ ମଧରାତ୍ରିରେ ମା'ଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହେବାସହ ମା'ଙ୍କ ପୀଠରେ ପୂଜାପାଉଥିବା ଖଣ୍ଡାକୁ ଧୋଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାସହ ସ୍ଥାନୀୟ ବୁଢ଼ିଆଇ ମନ୍ଦିରରେ ମଧ ପୂଜାର୍ଚ୍ଚନା କରାଯାଇଥିଲା। ଜମିଦାର ଦୁର୍ଗା ପ୍ରସାଦ ସିଂ ଦେଓଙ୍କ ନିର୍ଦ୍ଦେଶ କ୍ରମେ ୩୨ ଦେହୁଲି ପାଟଖଣ୍ଡା ବରୁଆଙ୍କୁ ଏହି ଦିନ ବରଣ କରିଥିଲେ।

# ୧୭ ବର୍ଷ ହେଲା ଅଧାପନ୍ତରିଆ

**ସାହାଜ ଯୋର ପୋଲ**

- ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ
- ପୋଲ ଉପରେ ସୁରକ୍ଷା ବାଡ଼ ନିର୍ମାଣ ଦାବି
- ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ

ସିନାପାଲି,୬।୧୦(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଲିଟିଗୁଡା ପଞ୍ଚାୟତ ନିକଟ ଚଚରାଭଟା ପାଖ ଦେଇ ପ୍ରବାହିତ ସାହାଜ ଯୋର ଉପରେ ପୋଲ ନିର୍ମାଣକୁ ୧୭ ବର୍ଷ ବିତିଯାଇଥିଲେ ହେଁ ଏହା ଉପରେ ସୁରକ୍ଷା ବାଡ଼ ବର୍ତ୍ତମାନ ସୁଦ୍ଧା କରାଯାଇ ନାହିଁ। ଫଳରେ ୧୭ ବର୍ଷ ହେଲା ପୋଲ ଅଧାପନ୍ତରିଆ ହୋଇ ପଡିରହିଛି। ବାରମ୍ବାର ଗଣମାଧମରେ ପ୍ରକାଶ ପାଇବା ସହ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀ ବାଧହୋଇ ଅଧାପନ୍ତରିଆ ପୋଲରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ତୁରନ୍ତ ଏହି ପୋଲ ଉପରେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଦାବି ହେଉଛି। ପ୍ରକାଶ ଯେ, ଲିଟିଗୁଡା ପଞ୍ଚାୟତ ଲୋକେ ଚଚରାଭଟା ଚଲନା ଦେଇ ଉକ୍ତ ପୋଲ ଉପରେ ବ୍ଲକ ସଦର ମହକୁମାକୁ ଯିବା ଆସିବା କରନ୍ତି। ଉକ୍ତ ରାସ୍ତା ଉପରେ ଚଚରାଭଟା ସାହାଜ ଯୋରରେ ୨୦୦୭-୮ରେ ନୂଆପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ କେବିକେ ଯୋଜନାରେ ୩୮ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ପୋଲ ନିର୍ମାଣ କରାଯାଇଥିଲା। ହେଲେ ପୋଲ ଉପରେ ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ କରାଯାଇ ନାହିଁ। ପୋଲର ଦୁଇ ମୁଣ୍ଡରେ ରାସ୍ତା ମଧ ଅଧାପନ୍ତରିଆ ହୋଇପଡିଛି। ସୁରକ୍ଷା ବାଡ଼ ନ ଥିବାରୁ ଅନେକ ଥର ଏହି ପୋଲ ଉପରୁ ଗାଈଗୋରୁଙ୍କ ସହ ଲୋକମାନେ ପଡି ଗୁରୁତର ହେଉଥିବା ଅଭିଯୋଗ ହେଉଛି। ଭବିଷ୍ୟତରେ କୌଣସି ବଡ଼ଧରଣର ଦୁର୍ଘଟଣା ଘଟିବା ପୂର୍ବରୁ ଅଧାପନ୍ତରିଆ ପୋଲ କାମ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଦାବି ହେଉଛି। ହେଲେ ପ୍ରଶାସନିକ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଏହି ଅସମ୍ପୂର୍ଣ୍ଣ ଅଧାପନ୍ତରିଆ ପୋଲ ଉପରେ ଲୋକେ ଯିବାଆସିବା କରୁଛନ୍ତି। ଉକ୍ତ ରାସ୍ତା ଦେଇ ସବୁଦିନ ଶତାଧିକ ଛାତ୍ରୀଛାତ୍ର ତଥା ଲୋକେ ବ୍ଲକ ସଦର ମହକୁମା ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯିବାଆସିବା କରନ୍ତି। ହାତିବନ୍ଧା ଏକ ବ୍ୟବସାୟିକ କେନ୍ଦ୍ର ହେତୁ ଉକ୍ତ ରାସ୍ତା ଦେଇ ଅନେକ ଲୋକ ଯାତାୟାତ କରନ୍ତି। ବର୍ଷ ବର୍ଷ ବିତିଯାଉଥିଲେ ବି କୌଣସି ଜନପ୍ରତିନିଧି କିମ୍ବା ସରକାରୀ ଅଧିକାରୀଙ୍କ ନଜର ନ ପଡ଼ିବା ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ସଦର ମହକୁମାକୁ ଯିବାକୁ ହେଲେ ହାତିବନ୍ଧା କିମ୍ବା ଭରୁଆମୁଣ୍ଡା ଦେଇ ବୁଲାଣିଆ ରାସ୍ତାରେ ଯିବାକୁ ପଡିଥାଏ। ସରକାର ଲୋକଙ୍କ ଗମନାଗମନର ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧମରେ ରାସ୍ତାଘାଟ ନିର୍ମାଣ କରୁଛନ୍ତି। ହେଲେ ଏଭଳି ଅନେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଲୋକେ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଅଧାପନ୍ତରିଆ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି।


ଅଧାପନ୍ତରିଆ ସାହାଜ ଯୋର ପୋଲ।

## ସଂକ୍ଷେପରେ

### ଖଡ଼ିଆଳଠାରେ ବନ୍ୟ ସପ୍ତାହ ପାଳନ

ଖଡ଼ିଆଳ,୬।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବନ ବିଭାଗ ପକ୍ଷରୁ ୬୯ତମ ବନ୍ୟ ସପ୍ତାହ ପାଳନ ହୋଇଯାଇଛି। ଏହା ଗତ ୨ରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉ ଥିବାବେଳେ କାର୍ଯ୍ୟକ୍ରମରେ ଖଡ଼ିଆଳ ରେଞ୍ଜର ସଂଯୁକ୍ତା ବଡ଼ନାୟକଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ନଗର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ କରି ବନ୍ୟ ସପ୍ତାହର ଉଦ୍ଦେଶ୍ୟ ଏବଂ ପରିବେଶ, ବନ୍ୟଜନ୍ତୁମାନଙ୍କ ସୁରକ୍ଷା, ଜଙ୍ଗଲ ସୁରକ୍ଷା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏଥିରେ ଫରେଷ୍ଟର କାନ୍ଦର୍ପ ସୁନାନୀ, ନରେଶ ଦଣ୍ଡସେନା, ଡମ୍ବରୁଧର ସାହୁ, ଗଗନ ହଂସଙ୍କ ସମେତ ଅନେକ କର୍ମଚାରୀ ସହଯୋଗ କରିଥିଲେ।

### ଚିଚେର ଗ୍ରାମରେ ଶିଶୁ ମହୋତ୍ସବ

ଖଡ଼ିଆଳ,୬।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚିଚେର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଆଞ୍ଚଳିକ ସାଧନ କେନ୍ଦ୍ର ନେହେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ସିଆରସିସି କ୍ଷୀରୋଦ ଗହୀରଙ୍କ ସଭାପତିତ୍ୱର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଚେର କ୍ଲଷ୍ଟର ୧୨ଟି ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଯୋଗଦେଇଥିଲେ। ଏହାର ଉଦ୍ଦେଶ୍ୟ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ହିଁ ଏହାର ଉଦ୍ଦେଶ୍ୟ। ଏଥିରେ ମୁଖ୍ୟଅତିଥି ଭାବେ ନେହେନା ସରପଞ୍ଚ ଅଶୋକା ଦଣ୍ଡସେନା, ସାମ୍ମାନିତ ଅତିଥି ଏବିଇଓ ଜୟଦେବ ପଣ୍ଡା, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା, ଦେବେନ୍ଦ୍ର ରାଉତ, ଅନିତା ମହାପାତ୍ର, ଅନିମା ପଣ୍ଡା, ଧନୁ ବାଗ, ହରିପ୍ରିୟା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। କୁନା ଭୋଇ, ଯୁଗଳ ଚୌଧୁରୀ, ରତ୍ନାକର ଠେଲା, ମୋହନ ମହାନନ୍ଦ, ଦୁର୍ଗା ପଣ୍ଡା, ଆଦିତ୍ୟ ପାଣିଗ୍ରାହୀ, ବବିତା ଶବର ପ୍ରମୁଖ ସହଯୋଗ କରିଥିଲେ।

### ବିଶିଷ୍ଟ କଳାକାରଙ୍କ ଦେହାନ୍ତ

ଖଡ଼ିଆଳ,୬।୧୦(ସୁଜିତ୍ କୁମାର ପ୍ରଧାନ)



ନୂଆପଡା ଜିଲା ଖଡ଼ିଆଳ ସହରର କୃଷପ୍ରସାଦ ଦଣ୍ଡସେନାଙ୍କ ୫୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ଜଣେ ଜଣାଶୁଣା କଳାକାର ଥିଲେ। ସେ କ୍ଷତ୍ରିୟମାନଙ୍କ ଅସ୍ତ୍ରଶସ୍ତ୍ରର ଜଣେ ଯନ୍ତ୍ରୀ ଓ କାଠ ମୂର୍ତ୍ତୀ ତଥା ବିଭିନ୍ନ ଆକୃତିର ଜଣେ ଦକ୍ଷ ଶିଳ୍ପୀଭାବେ ମଧ ସୁପରିଚିତ ଥିଲେ। ସେ ଶାନ୍ତ ଶିଷ୍ଟ ବ୍ୟକ୍ତିଥିଲେ। ତାଙ୍କର ମୃତ୍ୟୁରେ ଖଡ଼ିଆଳ ସହର ସମେତ ଚିହ୍ନା ମହଲରେ ଶୋକର ଛାୟା ଖେଳିଯାଇଛି।

### ପୂର୍ବତନ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷଙ୍କ ପରଲୋକ

ଲାଞ୍ଜିଗଡ଼,୬।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ପୂର୍ବତନ ବ୍ଲକ ଅଧକ୍ଷ କ୍ଷୀରାବ୍ଧୀ ସାହୁଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ସେ କିଛିଦିନ ଧରି ଯକୃତ ରୋଗରେ ପୀଡ଼ିତ ଥିଲେ। ସେ ୧୯୮୪ରୁ ୧୯୯୦ ପର୍ଯ୍ୟନ୍ତ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷ ରହିଥିଲେ। ତାଙ୍କ କାର୍ଯ୍ୟ କାଳ ମଧରେ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସାଧିତ ହୋଇ ପାରିଥିଲା। ପରବର୍ତ୍ତୀ ସମୟରେ ସେ ବିଜେଡିରେ ସାମିଲ ହୋଇଥିଲେ। ଶୁକ୍ରବାର ତାଙ୍କର ପରଲୋକ ଖବର ପ୍ରଚାରିତ ହେବା ପରେ ବ୍ଲକ ସମେତ ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶିବାଜୀ ମାଝି, ପୂର୍ବତନ ମନ୍ତ୍ରୀ ଡ. ବଳଭଦ୍ର ମାଝି, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ପୂର୍ବତନ ବ୍ଲକ ଅଧକ୍ଷ ମନୋହର ହରପାଲ, ଇଂ ଫକୀରମୋହନ ମାଝି, ପୂର୍ବତନ ବ୍ଲକ ଉପାଧକ୍ଷ ଶ୍ରୀଧର ପେସନିଆ, ଜଗଦୀଶ ବେନିଆ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



# ପ୍ରବାସୀ ଭାରତୀୟଙ୍କ ଉପରେ ଆନ୍ତର୍ଜାତୀୟ ଆଲୋଚନାଚକ୍ର


ଆଲୋଚନା ଚକ୍ରରେ ଭାଗନେଇଥିବା ଅତିଥିଗଣ।

ଭବାନୀପାଟଣା,୬।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ପ୍ରବାସୀ ଭାରତୀୟଙ୍କ ଉପରେ ଏକ ଆନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ କାଲିଫର୍ନିଆ ନୃତତ୍ତ୍ୱ ବିଜ୍ଞାନ ବିଭାଗର ପ୍ରଫେସର ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଡ. ପାଣ୍ଡେ ଯୁକ୍ତରାଷ୍ଟ୍ରରେ ଥିବା ପ୍ରବାସୀ ଭାରତୀୟଙ୍କ ବିଭିନ୍ନ ଅନୁଭୂତି ଓ ଜୀବନ, ଇତିହାସ କାହାଣୀ ଉପରେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଚେୟାର୍ ପର୍ସନ ପିଜିକାଉନ୍ସିଲ ଡାଇରେକ୍ଟର୍ ଆଇ.କ୍ୟୁ.ଏ.ସି, ନୃତତ୍ତ୍ୱ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ତଥା କାର୍ଯ୍ୟକ୍ରମର ଆବାହିକା ଡ. ନିବେଦିତା ନାଥ ସ୍ୱାଗତ ଭାଷଣ ଦେଇଥିଲେ। ନୃତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଡ. ରାଜ କିଶୋର ମାହାନା ଅତିଥି ପରିଚୟ ପ୍ରଦାନ କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ଡ. ସଞ୍ଜୟ କୁମାର ଶତପଥି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଅଭିଭାଷଣ ରଖିଥିଲେ। ଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶନୀ ସଭା ପରିଚାଳନା କରିଥିଲେ। ସଭାକୁ ନୃତତ୍ତ୍ୱ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଚିରଞ୍ଜିବି ଶବର, ଡ. କୁମୁଦ ଚନ୍ଦ୍ର ନାଏକ ଓ ଡ଼.ଧନଞ୍ଜୟ କୁମାର ପ୍ରମୁଖ ଆୟୋଜନ କରିଥିଲେ। ନୃତତ୍ତ୍ୱ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ମଧୁଲିକା ସାହୁ ଧନ୍ୟବାଦ ଦେଇଥିଲେ।

# ସାଇବର ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୬।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ସ୍ଥାନୀୟ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସାଇବର ସୁରକ୍ଷା ରଥକୁ ସ୍ଥାନୀୟ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସହିତ ଏକ ସଚେତନତା ଶୋଭାଯାତ୍ରା ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଲାଞ୍ଜିଗଡ ଖେଳ ପଡିଆଠାରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବେଦାନ୍ତ ସିଏସଆର ଏବଂ ବାହ୍ୟବ୍ୟାପାର ମୁଖ୍ୟ ଭୁବେନ୍ଦୁ ପଣ୍ଡା, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଭ୍ୟ ପରିକ୍ଷିତ ନାଏକ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ସୁବାସ ଅଗ୍ରୱାଲ, ରିଜର୍ଭ ଇନ୍ସପେକ୍ଟର ସୁରେଶ କୁମାର ବଳିୟାର ସିଂହ, ସାଇବର ସେଲ୍ ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନା, ଲାଞ୍ଜିଗଡ ଥାନାଧିକାରୀ ବିଜୟଲକ୍ଷ୍ମୀ ହିକକା, ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଥିଲେ। ସମାଜରେ ଘଟୁଥିବା ବିଭିନ୍ନ ଧରଣର ସାଇବର ଅପରାଧ ନେଇ ସଚେତନ ରହିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାଇବର ଅପରାଧ ନିୟନ୍ତ୍ରଣ ଦିଗରେ ଯୁବପିଢ଼ି ଆଗେଇ ଆସିବା ପାଇଁ ସାଇବର ସେଲ୍ ଇନ୍ସପେକ୍ଟର ସୁନା ଆହ୍ୱାନ ଦେଇଥିଲେ। ଲାଞ୍ଜିଗଡ ଥାନା ଏସ୍ଆଇ ବିଳାସିନୀ ଭୋଇ, ପିଏସ୍ଆଇ ବିଜୟ ବସନ୍ତ ବିଶ୍ୱାଳ, ଏଏସ୍ଆଇ ମାଝି, ସ୍ୱର୍ଣ୍ଣଲତା ଗମାଙ୍ଗ, ବଳଭଦ୍ର ଗୌଡ଼, ହାବିଲଦାର ନରସିଂ ଦାସଙ୍କ ସମେତ ଥାନା କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ୬୧ ୟୁନିଟ ରକ୍ତ ସଂଗୃହୀତ

ଖଡ଼ିଆଳ,୬।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନ, ଯୁକ୍ତଦୁଇ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଗଭର୍ନିଂ ପ୍ରେସିଡେଣ୍ଟ ବିଶ୍ୱଜିତ୍ ପାଢ଼ୀ ଓ ଜିଲା ଏନଏସଏସ ସଂଯୋଜିକା ପ୍ରଣତି ପଣ୍ଡା ଯୋଗଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସାଳୟ ଲ୍ୟାବ ଟେକ୍ନିସିୟନ ନୀଳମଣି ମେହେର, ଆସିଷ୍ଟାଣ୍ଟ ଏଟେଣ୍ଡାଣ୍ଟ କାର୍ତ୍ତିକ ରଣା, ବ୍ଲଡ଼ ଡୋନେଟ ମୋଟିଭେଟର୍ ତଥା ଆଦର୍ଶ ଶିକ୍ଷକ କିଶୋର ପରିଡ଼ା, ଖଡ଼ିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ଡକ୍ଟର ଦେବାଶିଷ ସିଂ, ଲ୍ୟାବ ଟେକ୍ନିସିୟନ ସହଦେବ ମେହେର ଓ କାଉନସେଲର୍ ବରୁଣ ବଘାର ଉପସ୍ଥିତ ରହିଥିଲେ। ଶିବିରରେ ରକ୍ତ ସଂଗୃହୀତ ବେଳେ ହଠାତ୍ ଖଡ଼ିଆଳସ୍ଥିତ ମିଶନ ହସ୍ପିଟାଲରେ ୮ଜଣ ରୋଗୀଙ୍କୁ ଜରୁରୀ କାଳୀନ ରକ୍ତର ଆବଶ୍ୟକତା ପଡ଼ିବାରୁ ୮ଜଣ ଭିନ୍ନ ଭିନ୍ନ ଗ୍ରୁପର ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନଙ୍କ ପରାମର୍ଶ କ୍ରମେ ସେଠାକୁ ପଠାଯାଇଥିଲା। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଏନ.ଏସ.ଏସ ସଂଯୋଜକ ଡକ୍ଟର ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ନିର୍ଦ୍ଦେଶକ୍ରମେ ଶିବିର ଆୟୋଜିତ ହୋଇ ୬୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କ ମଧରେ ସରୋଜ କୁମାର କଲତା, ବୁଲୁ କୈବର୍ତ୍ତ, ସୁବାସ ଚନ୍ଦ୍ର ବାଗ, ଶୁଭମ ସିଂ ନିନା, ମହେଶ୍ୱର ମହାରଣା, ଦମୟନ୍ତୀ ମାଝି, ଅନୁପମା ବେହେରା ଓ ସେପୁର ମାଝି ପ୍ରମୁଖ ସହଯୋଗ କରିଥିଲେ।

# ନିର୍ମାଣର ୪ ମାସରେ ରାସ୍ତାରୁ ଉଠିଲା ପିଚୁ

**ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ, ନିମ୍ନମାନର କାର୍ଯ୍ୟ ଅଭିଯୋଗ**

କୋକସରା,୬।୧୦(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ୨୬ ନମ୍ବର ଜାତୀୟ ରାଜପଥ କୋକସରା ପେଟ୍ରୋଲ ପମ୍ପ ଛକଠାରୁ ସାନପୋଡ଼ାଗୁଡ଼ା ବିଜୁ ଏକ୍ସପ୍ରେସ ୱେ ୭ କି.ମି. ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ୪ ମାସ ମଧରେ ପିଚୁ ଉଠିଯାଇଛି। ଫଳରେ ଏବେ ରାସ୍ତାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଯେ, ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନୁଦାନରେ ଉକ୍ତ ୭ କି.ମି. ରାସ୍ତା ପାଇଁ ଜୈନେକ ଠିକା ସଂସ୍ଥା ଏମ.ଏସ ମା' ଭବାନୀ ଇଞ୍ଜିନିୟରିଙ୍ଗ (କ) ଶ୍ରେଣୀ ଠିକାଦାରଙ୍କୁ ଟେଣ୍ଡର ମିଳିଥିଲା। ୭ କି.ମି. ରାସ୍ତା ପାଇଁ ବିଭାଗୀୟ ଅଟକଳ ୪ କୋଟି ୬୫ ଲକ୍ଷ ୫୩ ହଜାର ଟଙ୍କା ରହିଥିଲା। ରାସ୍ତା କାର୍ଯ୍ୟ ୧୭।୦୭।୨୨ରୁ ଆରମ୍ଭ ହୋଇ ୧୫।୦୬।୨୩ରେ ଶେଷ ହୋଇଛି। ନିର୍ମାଣ ସମୟରେ ବଙ୍ଗୋମୁଣ୍ଡା, ଟେମରା, ହଂସପଡା, ଖୁର୍ସେଲଗୁଡା ଗ୍ରାମବାସୀ ଠିକାସଂସ୍ଥା ତରବରିଆ ଭାବେ ନିମ୍ନମାନର ରାସ୍ତା ନିର୍ମାଣ କରାଯାଇଥିବା ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବିଭିନ୍ନ ଖବରକାଗଜରେ ରାସ୍ତା ନିର୍ମାଣରେ ଅନିୟମିତତା ହେଉଥିବା ଖବର ପ୍ରକାଶ ହୋଇଥିଲା। ହେଲେ ଠିକାସଂସ୍ଥା କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀ ଏହାକୁ କର୍ଣ୍ଣପାତ କରି ନ ଥିଲେ। ଫଳ ସ୍ୱରୂପ ନିର୍ମାଣର ୪ ମାସ ମଧରେ ରାସ୍ତା ଅନେକ ସ୍ଥାନରେ ପିଚୁ ଉଠି ଶୋଚନୀୟ ହୋଇ ପଡିଲାଣି। କିଛି ପୋଲକୁ ଅସମ୍ପୂର୍ଣ୍ଣ କରି ଅଧାପନ୍ତରିଆ ଭାବେ ଛାଡି ଦେଇଛି ଠିକାସଂସ୍ଥା, ପୋଲ ଉପର ରାସ୍ତାରେ ପିଚୁ ମଧ ହୋଇନାହିଁ, ଫଳରେ ରାସ୍ତା ନିର୍ମାଣରେ ବ୍ୟାପକ ଭାବେ ଦୁର୍ନୀତି ହୋଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ମାଝିଙ୍କ ପ୍ରତିକ୍ରିୟା ନେବାରୁ କନିଷ୍ଠ ଯନ୍ତ୍ରୀଙ୍କୁ କହି ଶୀଘ୍ର ମରାମତି କରିବା ପାଇଁ ଠିକା ସଂସ୍ଥାକୁ କୁହାଯିବ ବୋଲି କହିଛନ୍ତି।


ରାସ୍ତାରୁ ପିଚୁ ଉଠିଯାଇଛି।

## ବିଭିନ୍ନ ସ୍ଥାନରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ


ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଅତିଥିଗଣ।

ଭବାନୀପାଟଣା,୬।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ କୁଚାଗାଁ କ୍ଲଷ୍ଟର ଆନୁକୂଲ୍ୟରେ କର୍ମେଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅଷ୍ଟମୀ ଦୁର୍ଗା କାର୍ଯ୍ୟକ୍ରମ ଉଦଘାଟନ କରିଥିବାବେଳେ କ୍ଲଷ୍ଟର ଅନ୍ତର୍ଗତ ୧୩ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ୧୫ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କର୍ମେଲି ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟସିଂ ବାଗଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅଙ୍ଗଦ ମାଝି, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଇସମାଇଲ ବାଗ, ନାଏବ ସରପଞ୍ଚ ଶ୍ରୀରାମ ଶବର, ଦିବାକର ପଟ୍ଟନାୟକ, ତ୍ରିଲୋଚନ ଦୁର୍ଗା ପ୍ରଧାନ ଶିକ୍ଷକ ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସ୍ଥାନୀୟ ସିଆରସିସି ଅନନ୍ତ ନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଜୟଦେବ ମାଝି, ଶୁଭେନ୍ଦୁ କୁମାର ପଣ୍ଡା, ପ୍ରେମାଞ୍ଜଳ ସାହୁ, ତ୍ରିନାଥ କଣ୍ଡାଙ୍କ ସମେତ କ୍ଲଷ୍ଟର ସମସ୍ତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ପ୍ରତିଯୋଗିତାରେ ଭାଗ ନେଲେ ଛାତ୍ରୀଛାତ୍ର


ଶିଶୁ ମହୋତ୍ସବ ସୁରଭିରେ ଉପସ୍ଥିତ ଶିକ୍ଷକ ବୃନ୍ଦ।

ଗୋଲାମୁଣ୍ଡା,୬।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମହିଚଲା ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ମହିଚଲା କ୍ଲଷ୍ଟରରେ ଥିବା ସମସ୍ତ ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତା ଯଥା ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। କାର୍ଯ୍ୟକ୍ରମ ମହିଚଲା କ୍ଲଷ୍ଟର ସଂଯୋଜକ ଚିତ୍ତରଜନ ନାୟକଙ୍କ ତତ୍ତ୍ୱବଧାନରେ ଓ ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ନରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସୂର୍ଯ୍ୟ ପ୍ରସାଦ ଠାକୁର ଓ ମହେଶ ଚନ୍ଦ୍ର ଭାଟି ସଂଯୋଜକ ଭାବେ କାର୍ଯ୍ୟ ସଂପାଦନ କରିଥିଲେ। ମନୋରଞ୍ଜନ ସିଂହ, ପ୍ରଧାନ ଶିକ୍ଷକ, ପୀତାମ୍ବର ସେଠୀ, ପ୍ରଧାନ ଶିକ୍ଷକ, ରାଜନ କୁମାର ସିଂହ, ସିରାଧ୍ୱଜ ଦାସ, ପ୍ରଧାନ ଶିକ୍ଷକ, ଶ୍ୟାମ ମୋହନ ପାଢ଼ୀ, ଦଇତାରୀ ଶବର, ପ୍ରମୋଦିନୀ ଦୁରିଆ, ସତ୍ୟକାନ୍ତ ରଣା ଓ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ


ସୁରଭି କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର।

ଲାଞ୍ଜିଗଡ଼,୬।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଲାଞ୍ଜିଗଡ଼ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ପେଙ୍ଗସୁର ସିଆରସିସି ଗୁରୁଗୋବିନ୍ଦ ମହାନ୍ତି ଯୋଗଦେଇଥିଲେ। ଶିକ୍ଷକ ମନୋଜ କୁମାର ମହାଖୁଡ଼ଙ୍କ ସଭାପତିତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ରୋଣ ରଣା ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗୋପବନ୍ଧୁ ପୁଷ୍ଟି ଯୋଗଦେଇଥିଲେ। ଲାଞ୍ଜିଗଡ଼ ସିଆରସିସି ଏମ.ଏସ. ଶେଖରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଭୟ ସମାରୋହ ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀ ହେମାମାଳିନୀ ସାହୁ, ମମତା ମାଝି, ଶିକ୍ଷକ ଦୁର୍ଗାମାଧବ ମହାଖୁଡ଼, ଡମ୍ବରୁଧର ସାହୁ, ନଳିନୀ ମୁଣ୍ଡଛିନା, ସୁଶାନ୍ତ ମଲ୍ଲିକ, ବିନୋଦ ବାତ୍ରା, ଅବିନାଶ ସିଂହ, ସୁଜାତା ଦାସ, ମୋନାଲିସା ମହାପାତ୍ର, ସୁନୀଲ ମଲ୍ଲିକ, ଦୀପ୍ତିମାୟା ବାଗୁଡାଇ, ଜ୍ୟୋତିର୍ମୟୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିବାବେଳେ ଶିକ୍ଷକ ଲଳିତ ମୋହନ ଭୋଇ ସଭା ପରିଚାଳନା କରିଥିଲେ। ଏଥିରେ ଲାଞ୍ଜିଗଡ଼ କ୍ଲଷ୍ଟର ଅନ୍ତର୍ଗତ ଗୋଟିଏ ଉଚ୍ଚ ମାଧମିକ ବିଦ୍ୟାଳୟ, ୨ଟି ମାଧମିକ ବିଦ୍ୟାଳୟ, ୩ଟି ଉଚ୍ଚ ପ୍ରାଥମିକ ଓ ୧୨ଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗ

### କଳାହାଣ୍ଡିରୁ ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଅମରପାଲି,୬।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ନାବାଳିକାଙ୍କୁ କଳାହାଣ୍ଡିରୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଜିତେନ୍ଦ୍ର ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନାବାଳିକା ଜଣକ ନିଖୋଜ ଥିବା ନେଇ ତାଙ୍କ ପିତା ଗତ ୩ ତାରିଖରେ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗ୍ରହଣ କରି ଆଇଆଇସି ରାଜେଶ୍ୱରୀ ଭୋଇ ତଦନ୍ତ ଆରମ୍ଭ କରିଥିଲେ। ଶେଷରେ ଅଭିଯୁକ୍ତ ଜିତେନ୍ଦ୍ର ସମ୍ପୃକ୍ତ ନାବାଳିକାଙ୍କୁ ନେଇ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନାର ମୋହନଗିରିଠାରେ ନିଜ ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା। ଆଇଆଇସି ଭୋଇ ଏକ ପୋଲିସ ଟିମ୍ ସହ ନାବାଳିକାଙ୍କ ପିତାକୁ ନେଇ ମୋହନଗିରିରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ଗିରଫ କରିଥିଲା। ଜିତେନ୍ଦ୍ର ତାଙ୍କୁ ବିବାହ କରିଥିବା କହି ସମ୍ପର୍କୀୟଙ୍କ ଘରେ ରଖିଥିଲେ। ଶୁକ୍ରବାର ସକାଳେ ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବୀରମହାରାଜପୁର ଥାନାରେ ଅଭିଯୁକ୍ତଙ୍କ ନାମରେ ନଂ ୧୬୮/୨୩ରେ ନାବାଳିକା ଅପହରଣ, ବଳାତ୍କାର ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।

## ପଣ୍ଡିତ ସୁରେନ୍ଦ୍ର ଚାନ୍ଦଙ୍କ ପରଲୋକ

ବାଉଁଶୁଣୀ,୬।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳର ପଣ୍ଡିତ ସୁରେନ୍ଦ୍ର ଚାନ୍ଦ (୭୮)ଙ୍କ ଗୁରୁବାର ଦିନ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ବୋହୂ ରୀନା, ତିନି ଝିଅ, ତିନି ଜ୍ୱାଇଁ ଓ ୭ ଜଣ ନାତି ନାତୁଣୀ ଉପସ୍ଥିତ ଥିଲେ। ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ବେଳେ ପୁଅ ଗୋକୁଳାନନ୍ଦ ଚାନ୍ଦ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବାଉଁଶୁଣୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରାଚୀନ ବାଦ୍ୟ ଧୁନକେଲି ପୁନରୁଦ୍ଧାର ପାଇଁ ଉଦ୍ୟମ

ବୌଦ୍ଧ,୬।୧୦(ଅଜିତ କୁମାର ବାରିକ)

ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ ଫଳରେ ଅନେକ ପ୍ରକାର ବାଦ୍ୟଯନ୍ତ୍ର ପ୍ରସ୍ତୁତ ହୋଇ ସାରିଥିବା ବେଳେ ପ୍ରାଚୀନ ବାଦ୍ୟଯନ୍ତ୍ର ଓ କୌଶଳ ଧୀରେ ଧୀରେ ଲୋପ ପାଇଚାଲିଛି। ବୌଦ୍ଧର ଏକ ପୁରୁଣା ବାଦ୍ୟ ଯନ୍ତ୍ର ହେଉଛି ଧୁନକେଲି। ଏହି ବାଦ୍ୟ କ୍ରମଶଃ ଜିଲାରେ ଲୋପ ପାଇଆସୁଥିବା ବେଳେ ଏବେ ଏହାକୁ ପୁଣି ଆଗକୁ ଆଣିଛି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ। ବୌଦ୍ଧରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କିଛି ଦିନ ପୂର୍ବରୁ ଆୟୋଜିତ ଦେଶଜ କାର୍ଯ୍ୟକ୍ରମ ଅବସରରେ ବୌଦ୍ଧର ପ୍ରାଚୀନ ଧୁନକେଲି ବାଦ୍ୟ ଉଚ୍ଚ ପ୍ରଶଂସିତ ହେବା ସହିତ ଏହାର ପୁନରୁଦ୍ଧାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏନେଇ ଜିଲା ସଂଗ୍ରହାଳୟଠାରେ ଏହି ଧୁନକେଲି ବାଦ୍ୟର ପ୍ରଶିକ୍ଷଣ ଆରମ୍ଭ ହୋଇଛି ।


ଜିଲା ସଂଗ୍ରହାଳୟ ପରିସରରେ ଧୁନକେଲି ବାଦ୍ୟ ପ୍ରଶିକ୍ଷଣ ନେଉଥିବା କଳାକାର ।

ନୂତନ ଯୁବ ପିଢି ଏହି ପ୍ରାଚୀନ ବାଦ୍ୟଯନ୍ତ୍ର ପ୍ରତି ଆକୃଷ୍ଟ ହେବା ସହିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଦେଖାଯାଇଛି। ମାଟିହାଣ୍ଡି, ବାଉଁଶରେ ନିର୍ମିତ କୁଲେଇ ଓ ଧନୁ ଏବଂ ଖଣ୍ଡିଏ ବାଡି ସାହାଯ୍ୟରେ ଏହି ବାଦ୍ୟଯନ୍ତ୍ର ନିର୍ମିତ ହୋଇଥାଏ। ମାଟିହାଣ୍ଡି ମୁହଁରେ କୁଲେଇ ଢଙ୍କାଯାଇ ତାହାରି ଉପରେ ଧନୁକୁ ଚାପି ଧରିବା ପରେ ବାଡି ସାହାଯ୍ୟରେ ଧନୁର ଗୁଣ ଓ ବାଡି ଘର୍ଷଣ ଦ୍ୱାରା ଧୁନକେଲି ବାଦ୍ୟରୁ ଶ୍ରୁତିମଧୁର ଶବ୍ଦ ବାହାରିଥାଏ। ବୌଦ୍ଧ ଜିଲାର ପ୍ରାୟ ପ୍ରତ୍ୟେକ ଗ୍ରାମରେ

### ସଂଗ୍ରହାଳୟ ମଧ୍ୟରେ ଚାଲିଛି ପ୍ରଶିକ୍ଷଣ

କୈଳାଶୀ ଯାତ୍ରା ସମୟରେ ଦେବୀଙ୍କ ଆବାହନ ପାଇଁ ଧୁନକେଲି ବାଦ୍ୟ ବାଜିଥାଏ। ଅନ୍ୟ ସମୟରେ ଏହି ବାଦ୍ୟ ଦେବୀଙ୍କ ମନ୍ଦିରରେ ରଖାଯାଇ ପୂଜାର୍ଚ୍ଚନା କରାଯାଏ। ବିଲୁପ୍ତ ପ୍ରାୟ ଏହି ଧୁନକେଲି ବାଦ୍ୟର ପୁନରୁଦ୍ଧାର ପାଇଁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ର ଉଦ୍ୟମକୁ ବୌଦ୍ଧର ବୁଦ୍ଧଜୀବୀ ମହଲରେ ପ୍ରଶଂସା କରାଯାଇଛି। ବୌଦ୍ଧର ଅରୁଣ କୁମାର ମେଣ୍ଡିଲି, ଚିତ୍ତରଞ୍ଜନ କର୍ଣ୍ଣ, ବିଭୀଷଣ ବେହେରା, ସୁଶାନ୍ତ କୁମାର ସେଠୀ, ଜିତେନ୍ଦ୍ର କୁମାର ମହାନ୍ତି, ଦେବେନ୍ଦ୍ର ଥାଟି, ମନୋଜ କୁମାର ବେହେରା, କୃଷ୍ଣ ବେହେରା ଓ ସସ୍ମିତା ବାରିକ୍ ପ୍ରମୁଖ ଧୁନକେଲି ପ୍ରଶିକ୍ଷଣ ନେଉଥିବା ଜଣାଯାଇଛି।

# ଜିଲାସ୍ତରୀୟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା


ଖାଦ୍ୟ ପ୍ରସ୍ତୁତ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସୋନପୁର,୬।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ମିଲେଟ୍ସ ମିଶନ ତଥା ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ପାଳନ ଅବସରରେ ମିଲେଟ୍ସ ଦ୍ୱାରା ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ବିଭୂତି ଭୂଷଣ ମିଶ୍ର ଉଦ୍‌ଘାଟନ କରିଥିଲେ। ଡ. ମିଶ୍ର ମିଲେଟ୍‌ର ବିଭିନ୍ନ ପୋଷଣ ତତ୍ତ୍ୱ ବିଷୟରେ ବୁଝାଇବା ସହ ମିଲେଟ୍ସ କିପରି ଜୀବିକା ନିର୍ବାହର ଉତ୍ସ ହୋଇପାରିବ ସେ ଉପରେ ଆଲୋଚନା କରିଥିଲେ। ଓଡିଶା ଜୀବିକା ମିଶନ(ଓଏଲଏମ)ର ଡିପିଏମ୍ ଫ୍ରାନ୍‌ସିସ ବାର୍ଲା, ମିଶନ ଶକ୍ତିର ଡିପିସି ବିଶ୍ୱଜିତ ପରିଡା, ବ୍ଲକ କୃଷି ଅଧିକାରୀ ସ୍ମିତାରାଣୀ ପଣ୍ଡା, ପ୍ରଣତି ପ୍ରଧାନ, ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ପ୍ରିୟମ୍ବଦା ଲୋପାମୁଦ୍ରା ରାୟ ଓ ସହକାରୀ କୃଷି ଅଧିକାରୀ ନିରୂପମା ଗଣିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ମିଲେଟ୍ସ କିଭଳି ଗର୍ଭବତୀ ମହିଳା, ପ୍ରସୂତି ମା', କିଶୋରୀ ବାଳିକା ତଥା ସମସ୍ତ ବର୍ଗର ଲୋକଙ୍କ ପାଇଁ ଉପାଦେୟ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡିଶା ମିଲେଟ୍ ମିଶନର ସୁବର୍ଣ୍ଣପୁର ଜିଲା ପ୍ରକଳ୍ପ ସଂଯୋଜକ ଭବାନୀ ଶଙ୍କର ମେହେର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଥମେ ବ୍ଲକସ୍ତରୀୟ ମିଲେଟ୍ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଓ ପରେ ଜିଲାସ୍ତରୀୟ ମିଲେଟ୍ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତଥା କମ୍ୟୁନିଟି ସପୋର୍ଟ ଷ୍ଟାଫ ଓ କଲେଜ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ମାଣ୍ଡିଆର ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଖିରୀ, ଆରିସା, କାକରା, ମଣ୍ଡା, କେକ୍, ସୁପ୍, ଉପମା, ଲଡୁ, ଚକୁଳି, ମଞ୍ଚୁରନ, ପକୁଡି, ସିଙ୍ଗଡା, କଷ୍ଟାର୍ଡ ଇତ୍ୟାଦି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି କରିଥିଲେ। ରଜତ କୁମାର ଗାଇଗରିଆ, କୃଷି ବିଭାଗର କର୍ମଚାରୀ, ଫାସିଲିଟାଟିଂ ଏଜେନ୍ସି, ପ୍ରଡ୍ୟୁସର କମ୍ପାନୀର କର୍ମକର୍ତ୍ତା ଓ ସମସ୍ତ ସିଆରପି ସହଯୋଗ କରିଥିଲେ। ଖାଦ୍ୟ ପ୍ରସ୍ତୁତିରେ ଅନିତା ସାହୁ, ରାଜଶ୍ରୀ ଗାଇଗରିଆ ଓ ସବିତା ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା।

## ବିଜେଡିର ପ୍ରସ୍ତୁତି ବୈଠକ: ୧୧ରେ ପଦଯାତ୍ରା

ଅମରପାଲି,୬।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଜଳସମ୍ପଦ ବିଭାଗ ଡାକବଙ୍ଗଳାରେ ବିଜୁ ଜନତା ଦଳର ପ୍ରସ୍ତୁତି ବୈଠକ ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲା ବିଜେଡ଼ି ଉପସଭାପତି ରଞ୍ଜିତ ରଥ, କିଶୋର କୁମାର ହୋତା, ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ସତ୍ୟଞ୍ଜିବ ମିଶ୍ର, ଲଳିତ ପାତ୍ର, ଉଫୁଲା ସରପଞ୍ଚ ପ୍ରତିନିଧି ମୀନକେତନ ମହାକୁର, ହିଲୁଙ୍ଗ ସମିତିସଭ୍ୟ ଶୈଳ ରଞ୍ଜନ ବାଦୀ, ମୁର୍ଷୁଣ୍ଡି ସରପଞ୍ଚ ମନୋଜ ସାହୁ, ବ୍ରଜ ମୋହନ ପ୍ରଧାନ, ଜିଲା ବିଜେଡ଼ି ଯୁଗ୍ମ ସମ୍ପାଦକ ପ୍ରଦୀପ ମିଶ୍ର,ବିମ୍ବାଧର ସାହୁ ,କଲ୍ଲୋଳ ମିଶ୍ର, ପୂର୍ବତନ ଜିଲା ପରିଷଦ ଦୟାନିଧି ମେହେର, ଜଟେସିଂହା ସମିତି ସଭ୍ୟା ପ୍ରତିନିଧି ପ୍ରସାଦ ନାଏକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଆସନ୍ତା ୧୧ତାରିଖ ଦିନ ବିଜୁ ଜନତା ଦଳର ପଦଯାତ୍ରା କରାଯିବାର ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ବୀରମହାରାଜପୁର ସଦରରୁ ଉଫୁଲା, ହିଲୁଙ୍ଗ,ବାଗବର, ଜଟେସିଂହା, କମିରା, ସୁବଳୟା, ସଂଗ୍ରାମପୁର, ପିତାମହୁଲ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ପଦଯାତ୍ରା କରାଯିବ। ଏହାସହିତ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ବ୍ଲକର ଅନ୍ୟ ସମସ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପଦଯାତ୍ରା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପଦଯାତ୍ରାରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରାଙ୍କ ସହ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଦେବେଶ ଆଚାର୍ଯ୍ୟ, ଜିଲା ବିଜେଡି ସଭାପତି ସରୋଜ କମ୍ପ, ଜିଲା ମହିଳା ସଭାନେତ୍ରୀ ପଦ୍ମିନୀ ବାଘ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବ୍ଲକର ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଶିକ୍ଷାନୁଷ୍ଠାନ ବିକାଶରେ ଛାତ୍ରୀଛାତ୍ରଙ୍କ ଭାଗୀଦାରି ଜରୁରୀ



ବୀରମହାରାଜପୁର କଲେଜରେ ମଞ୍ଚାସୀନ ଅତିଥି ।

ଅମରପାଲି,୬।୧୦(ପୀତାମ୍ବର ସାହୁ)

ପୂର୍ବରୁ ଶିକ୍ଷାନୁଷ୍ଠାନଗୁଡିକର ଭିତ୍ତିଭୂମି ନିମ୍ନମାନର ଥିଲା। କଲେଜଗୁଡିକ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହେବା ଫଳରେ ସେମାନଙ୍କ ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ଆସିଛି। ଶିକ୍ଷାନୁଷ୍ଠାନଗୁଡିକର ବିକାଶରେ ଛାତ୍ରୀଛାତ୍ରମାନେ ପ୍ରମୁଖ ଭାଗିଦାରୀ ହେବା ଏକାନ୍ତ ଆବଶ୍ୟକ ବୋଲି ବୀରମହାରାଜପୁର ମହାବିଦ୍ୟାଳୟଠାରେ ୫-ଟି ରୂପାନ୍ତରଣ ସମ୍ପର୍କରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଧିବେଶନରେ ନିମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ସୁଦାମ ଚରଣ ସାହୁ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଉପଜିଲାପାଳ ଲଲାଟେନ୍ଦୁ ସି ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବିଡ଼ିଓ ମୋତିଲାଲ ସୁଲିଆ, ପରିଚାଳନା ସମିତିର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ସଦସ୍ୟ ରଞ୍ଜିତ କୁମାର ରଥ ଓ ରାଧାକାନ୍ତ ବାଘ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଇତିହାସ ବିଭାଗର ମୁଖ୍ୟ ଡ. ହିମାଂଶୁ ଶେଖର ପତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥିମାନେ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କ ସହିତ ଭାବ ବିନିମୟ କରିଥିଲେ।

## ବାଇକ୍ ଦୁର୍ଘଟଣାଗ୍ରସ୍ତ: ଜଣେ ଗୁରୁତର

ବାଉଁଶୁଣୀ,୬।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ବହିରା ଛକ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ବାଉଁଶୁଣୀ ଥାନା ତେନ୍ତୁଳିପାଲି ଗ୍ରାମର ଶରତ ଉର୍ମା କୌଣସି କାମରେ ବୌଦ୍ଧ ଯାଇ ବାଇକ୍‌ରେ ନିଜ ଘରକୁ ଫେରୁଥିବା ସମୟରେ ବହିରା ଛକ ନିକଟରେ ଭାରସାମ୍ୟ ହରାଇବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅଗ୍ନିଶମ ବାହିନୀ ସହାୟତାରେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିବା ସୂଚନା ମିଳିଛି।

## ସୁବଳୟା କଲେଜରେ ଆଲୋଚନାଚକ୍ର


ସୁବଳୟା କଲେଜରେ ମଞ୍ଚାସୀନ ଅତିଥିବୃନ୍ଦ।

ଅମରପାଲି,୬।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଯୁକ୍ତ ଦୁଇ କଲେଜରେ ଶୁକ୍ରବାର ଦିନ କବିବର ରାଧାନାଥ ରାୟଙ୍କ ସାହିତ୍ୟ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଭୋଲାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାହିତ୍ୟିକ ତଥା ଗବେଷକ ସୁଦାମ ଚରଣ ସାହୁ ବକ୍ତା ଭାବେ ଯୋଗଦେଇ କବିବର ରାଧାନାଥଙ୍କୁ ଆଧୁନିକ ଓଡ଼ିଆ କାବ୍ୟର ଯୁଗସ୍ରଷ୍ଟା ରୂପେ ଅଭିହିତ କରିଥିଲେ। ତାଙ୍କର ଲେଖନୀ ଶୈଳୀ ଓ କବିତା ଅନ୍ୟ କବିମାନଙ୍କ ଠାରୁ ସ୍ୱତନ୍ତ୍ର ବୋଲି ବର୍ଣ୍ଣନା କରିଥିଲେ। ଅଧାପକ ଦେବାଶିଷ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପିକା ମାନିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ରମାକାନ୍ତ ପୁରୋହିତ, ଟୁନା ମେହେର, ଗୋପାଳ ଭୋଇ,ସୁରେନ୍ଦ୍ର କୁମାର ସାହୁ, ଦିଲ୍ଲୀପ କୁମାର ମେହେର,ଶମ୍ଭୁ ପ୍ରସାଦ ସାହୁ, ହରିହର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାରାକ୍ୱାଟ ତୃଣ ନାଶକର କୁପ୍ରଭାବ ସମ୍ପର୍କରେ ଆଲୋଚନା

ସୋନପୁର,୬।୧୦(ମୃତ୍ୟୁଞ୍ଜୟ ଶତପଥୀ)

କୃଷି କ୍ଷେତ୍ରରେ ରାସାୟନିକ ତୃଣ ନାଶକ ପାରାକ୍ୱାଟର ବ୍ୟାପକ ବ୍ୟବହାର ଯୋଗୁ ମଣିଷ ତଥା ପ୍ରାଣୀ ସମ୍ପଦ ଓ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। ଏହି ରାସାୟନିକ ତୃଣ ନାଶକର ହାନିକାରକ ପରିଣାମକୁ ବିଚାରକୁ ନେଇ ଓଡିଶା ସରକାର ତୃଣ ନାଶକର ଉତ୍ପାଦ, ବିକ୍ରି ଓ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାର ସମସ୍ତ କୀଟନାଶକ ବିକ୍ରେତାଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ରାୟ ପାରାକ୍ୱାଟ ତୃଣ ନାଶକ ଉପରେ ରହିଥିବା କଟକଣା ଉପରେ ଉପସ୍ଥିତ ସମସ୍ତ କୀଟନାଶକ ବିକ୍ରେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହ କୀଟନାଶକ ବିକ୍ରେତାମାନେ ସେମାନଙ୍କର ବିକ୍ରୟ କେନ୍ଦ୍ରରେ ପାରାକ୍ୱାଟର ବିକ୍ରି ଓ ବ୍ୟବହାର ଉପରେ ଥିବା କଟକଣାକୁ ବ୍ୟାନର ମାଧ୍ୟମରେ ଚାଷୀ ତଥା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚୀତ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଭୁତି ଭୂଷଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ପାରାକ୍ୱାଟ ତୃଣ ନାଶକ ବ୍ୟବହାରର ବିଭିନ୍ନ ମାରାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ଉପ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଙ୍କ ସହ ବିଭିନ୍ନ ବ୍ଲକର କୃଷି ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। ପାରାକ୍ୱାଟ ଉପରେ ଲଗାଯାଇଥିବା କଟକଣା ଆଜି ଠାରୁ ଆସନ୍ତା ୬୦ ଦିନ ଯାଏ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି କଟକଣାକୁ ଯେମିତି କଡାକଡି ଭାବେ କାର୍ଯ୍ୟକାରୀ କରାଯିବ ସେଥିନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ସମସ୍ତ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଜିଲାର ସମସ୍ତ କୀଟନାଶକ ବିକ୍ରେତା ଏହି କାର୍ଯ୍ୟକୁ ସାମାଜିକ ଦାୟିତ୍ୱବୋଧ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି।


ସଚେତନତା ବୈଠକରେ ଜିଲାପାଳ ଓ କୃଷି ଅଧିକାରୀବୃନ୍ଦ।

# ଗଞ୍ଜେଇ ଚାଷୀ ଗିରଫ, ଏଏସ୍‌ଆଇଙ୍କୁ ମାଫ


ଡିଏସ୍‌ପି ପ୍ରତାପ କୁମାର ରଣା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି (ବାମ),ଜବତ ପୋଲିସ ଅଧିକାରୀଙ୍କ ସ୍କୁଟି ଓ ଗଞ୍ଜେଇ।

ସୋନପୁର,୬।୧୦(ମୃତ୍ୟୁଞ୍ଜୟ ଶତପଥୀ)

### ସୋନପୁର ଥାନା ପୋଲିସର ଅଜବ ନୀତି

ଦେଶର ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ଆଇନ ସମସ୍ତଙ୍କ ପାଇଁ ସମାନ। କିନ୍ତୁ ସୋନପୁର ପୋଲିସ କ୍ଷେତ୍ରରେ ସାଧାରଣ ଲୋକ ସକାଶେ ଗୋଟେ ନିୟମ ଓ ପୋଲିସ ପାଇଁ ଭିନ୍ନ ନିୟମ ଦେଖିବାକୁ ମିଳିଛି। ଗତ ଅଗଷ୍ଟ ୨୫ ତାରିଖରେ ସୋନପୁର ଥାନା ପୋଲିସ ସହରରେ ଚଢାଉ କରି ଏକ ସ୍କୁଟିରୁ ୧୨କିଲୋ ୬୦୦ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏ ସମ୍ପର୍କରେ ସୋନପୁର ଥାନାରେ ନଂ୧୯୮/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ସ୍କୁଟି ଚାଳକ ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅଞ୍ଚଳର ସଂଗ୍ରାମ କୁମାର କର୍ଡିଆଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜବତ ହୋଇଥିବା ଓଡି୧୬ଏକ୍ସ-୯୭୭୧ ନମ୍ବର ବିଶିଷ୍ଟ ସ୍କୁଟିଟି ଜିଲାର ଉଲୁଣ୍ଡା ଥାନାରେ କାର୍ଯ୍ୟରତ ଜଣେ ମହିଳା ଏଏସ୍‌ଆଇଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ତେବେ କେଉଁ ପରିସ୍ଥିତିରେ ଜଣେ ପୋଲିସ ଅଧିକାରୀଙ୍କ ସ୍କୁଟିରେ ସଂଗ୍ରାମ ଗଞ୍ଜେଇ ଚାଲାଣ କରୁଥିଲେ। ଅଭିଯୁକ୍ତଙ୍କ ସହିତ ପୋଲିସ ଅଧିକାରୀଙ୍କ ସମ୍ପର୍କ କ'ଣ ଏପର୍ଯ୍ୟନ୍ତ ପୋଲିସ ତାହା ସ୍ପଷ୍ଟ କରିନି। ଅନ୍ୟପକ୍ଷେ ସୋନପୁର ଥାନା ପୋଲିସ କନ୍ଧମାଳ ଜିଲା ବାଲିଗୁଡା ଥାନା ମୁଥବାଲି ଅଞ୍ଚଳର ଧନଞ୍ଜୟ ଘଡେଇ(୨୧)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଧନଞ୍ଜୟ ଗଞ୍ଜେଇ ଚାଷ କରନ୍ତି। ସେ ସଂଗ୍ରାମଙ୍କୁ ଗଞ୍ଜେଇ ବିକ୍ରି କରିଥିବା ତଦନ୍ତରୁ ଜଣା ପଡିଥିବା ଡିଏସପି ପ୍ରତାପ କୁମାର ରଣା ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶୁକ୍ରବାର ସୂଚନା ଦେଇଛନ୍ତି। ସୋନପୁର ଆଇଆଇସି ପଦ୍ମାସିନୀ ମେହେର ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲାର ବିଭିନ୍ନ ରାସ୍ତା ଦେଇ ପଡୋଶୀ ଜିଲାରୁ ଗଞ୍ଜେଇ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ ହୋଇଥାଏ। ଜିଲା ଅବକାରୀ ଓ ପୋଲିସ ବିଭାଗ ରାସ୍ତାରେ ଚଢାଉ କରି ଗଞ୍ଜେଇ ଜବତ କରିଥାନ୍ତି। ଏ ନେଇ ଶତାଧିକ ମାମଲା ରୁଜୁ ହୋଇଥାଏ। ତେବେ ପ୍ରଥମ ଥର ପାଇଁ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରି ଜିଲା ବାହାରୁ ଗଞ୍ଜେଇ ଚାଷୀଙ୍କୁ ଗିରଫ କରିଛି। କିନ୍ତୁ ଏହି ମାମଲାରେ ପୋଲିସ ଅଧିକାରୀଙ୍କ ସ୍କୁଟି ଜବତ ହୋଇଥିବା ବେଳେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। ମାମଲାର ତଦନ୍ତକାରୀ ଅଧିକାରୀ ଏସଆଇ ଲମ୍ବୋଦର ଡାଙ୍ଗଙ୍କୁ ପଚାରିବାରୁ ଜବତ ସ୍କୁଟିର ଓନରସିପ୍ ସ୍ମିତାରାଣୀ ଦାସଙ୍କ ନାମରେ ଥିବା କହିଥିଲେ। ସ୍ମିତାରାଣୀ ଏବେ ଉଲୁଣ୍ଡା ଥାନାରେ କାର୍ଯ୍ୟରତ ଅଛନ୍ତି। ଉପରୁ ନିର୍ଦ୍ଦେଶ ଆସିଲେ ସେ ଦିଗରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ପଛପଟୁ ଧକ୍କା ଦେଲା ହାଇୱା, ହେଲପର୍ ମୃତ

ଟେନ୍ସା,୬।୧୦(ସମୀର କୁମାର ପାଢ଼ୀ): କାଲଟା ଜାମୁଡିହି ମଧ୍ୟରେ ଥିବା ଚୁନା ଘାଟିଠାରେ ଗତ ୬ଦିନ ଧରି ଏକ ଟ୍ରକ୍ ଓଡି୦୫ଏଇ୦୨୯୧ ବ୍ରେକଡାଉନ୍ ହୋଇ ଛିଡା ହୋଇଥିବା ବେଳେ ଶୁକ୍ରବାର ଅପରାହ୍ନରେ କୋଇଡାରୁ ଲୁହାପଥର ନେଇ ଯାଉଥିବା ଏକ ହାଇୱା ଓଡି୦୯ଆର୦୬୦୮ ଚୁନାଘାଟି ଠାରେ ଭାରସାମ୍ୟ ହରାଇ ଛିଡା ହୋଇଥିବା ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଟ୍ରକ୍ ହେଲପର୍ ସର୍ବେଶ୍ୱର ସ୍ୱାଇଁ (୩୫)ଙ୍କ ଉପରେ ଟ୍ରକ୍ ଓ ଲୁହାପଥର ଦବିଯାଇଥିଲା। ସ୍ଥାନୀୟ ଲୋକେ ହେଲପରଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ହେଁ ସୁଫଳ ମିଳି ନ ଥିଲା। ପରେ ଘଟଣା ସ୍ଥଳରେ କେ. ବଲାଙ୍ଗ ପୋଲିସ ଓ କୋଇଡା ଅଗ୍ନିଶମ ବାହିନୀ ପହଞ୍ଚି ହେଲପରଙ୍କ ମୃତ ଦେହ ଉଦ୍ଧାର କରିଥିଲେ। ପୋଲିସ୍ ଗାଡି ଜବତ କରିବା ସହ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହେଲପର ସ୍ୱାଇଁଙ୍କ ଘର ଜଗତସିଂହପୁର ଜିଲାରେ ବୋଲି ଜଣାପଡ଼ିଛି।

### ଯୁବକ ନିଖୋଜ, ନଦୀରେ ଭାସିଯାଇଥିବା ଆଶଙ୍କା

ବଡ଼ଗାଁ, ୬।୧୦( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁରେଇବଗା ଗ୍ରାମର ଜଣେ ବ୍ୟକ୍ତି ନଦୀରେ ଭାସି ଯାଇଥିବା ଆଶଙ୍କା କରାଯାଉଛି। ସେ ହେଲେ ଲୋଚନ ମାଝି(୫୦)। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଲୋଚନ କାମ ସାରି ନଦୀ ପାର ହୋଇ ଘରକୁ ଫେରୁଥିବାବେଳେ ସ୍ରୋତରେ ଭାସି ଯାଇଥିଲେ। ଶୁକ୍ରବାର ସକାଳୁ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ଖବର ଲେଖାହେବା ସୁଦ୍ଧା ( ସନ୍ଧ୍ୟା ୮ଟା) ତାଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ।

### ବରାହ ଫାଶ ଲଗାଉଥିବା ସମୟରେ ଚଢ଼ାଉ, ଜଣେ ଗିରଫ



ହେମଗିର,୬।୧୦ (ଚୈତନ୍ୟ ପଟେଲ): ସୁନ୍ଦରଗଡ ଜିଲା ହେମଗିର ବନାଞ୍ଚଳ ଅନ୍ତର୍ଗତ ରିଜର୍ଭ ଫରେଷ୍ଟ ଚିଟିକିଖାଡୁଠାରେ ବରାହ ଫାଶ ଲଗାଉଥିବା ସମୟରେ ବନବିଭାଗ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଲକେଟଝରନ ଗ୍ରାମର ଫିରୋଜ ଖଡିଆ(୪୦)। ଚଢ଼ାଉ ସମୟରେ ଫରେଷ୍ଟ ରାଜିବ ଲୋଚନ ପଟେଲ, ଫରେଷ୍ଟ ଗାର୍ଡ ସରୋଜ ପଟେଲ, ସୁରେଶ ଡନସେନା, ରଞ୍ଜିତ ଧୃଆ, ବିଜୟ କିଷାନ,ଅଶ୍ୱିନୀ ଭୋଇ ପ୍ରମୁଖ ସାମିଲ ଥିଲେ।

### ବସରୁ ଖସି ଖଲାସୀ ଗୁରୁତର

ବଡ଼ଗାଁ, ୬।୧୦( ଅଶୋକ ଷଡ଼ଙ୍ଗୀ): କୁଟିଣ୍ଡାରୁ ରାଉରକେଲା ଯାଉଥିବା ଏକ ଘରୋଇ ବସର ଖଲାସି ଚଳନ୍ତା ବସରୁ ଡେଇଁ ଓହ୍ଲାଇବା ବେଳେ ନିୟନ୍ତ୍ରଣ ହରାଇବାରୁ ଖସିପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ରେଙ୍ଗାପଡାର ଆଶିଷ ସାମାଦ (୩୨)। ତାଙ୍କ ଗୋଡ ଭାଙ୍ଗିଯିବା ସହିତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ବଡ଼ଗାଁ ମେଡିକାଲରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### କାର୍ ବେଲୁନ ଯୋଗୁ ବର୍ତ୍ତିଲେ ମା', ପୁଅ

ବଡ଼ଗାଁ, ୬।୧୦(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଟିକିଲିପଡା ଗାଁ ନିକଟ ରାଜ୍ୟ ରାଜପଥରେ ଶୁକ୍ରବାର ମଧ୍ୟାହ୍ନରେ ସମ୍ବଲପୁରରୁ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚିକୁ ଯାଉଥିବା ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାରଟି ଡିଭାଇଡର ଡେଇଁ ଅନ୍ୟ ପାର୍ଶ୍ୱକୁ ଯିବା ସହିତ ରାସ୍ତା ପାର୍ଶ୍ୱ କାନ୍ଥରେ ପିଟି ହୋଇଥିଲା। ଏହି ଦୁର୍ଘଟଣାରେ କାର କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଚାଳକ ଶକ୍ତି ବର୍ଦ୍ଧନ ସାଇଦେଓ (୩୫) ଓ ତାଙ୍କ ମା' ରାଜଲକ୍ଷ୍ମୀ (୫୨) କାରର ବେଲୁନ ଯୋଗୁ ବର୍ତ୍ତି ଯାଇଛନ୍ତି।




୪ ଦଫା ଦାବିରେ ଅଲ ଓଡିଶା ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେଶନ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଲୋୟର ପିଏମ୍‌ଜିରେ ଆନ୍ଦୋଳନ କରାଯାଉଛି। ଏଥିରେ ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘ ଓ ରାଉରକେଲା ମିନି ବସ୍ ଆସୋସିଏଶନ ସାମିଲ ହୋଇଛନ୍ତି।

# ଜିଲାପାଳଙ୍କ ଅଫିସ ଘେରିଲା ଆଦିବାସୀ ମଞ୍ଚ

ସୁନ୍ଦରଗଡ଼,୬।୧୦(ଜୟ ନାରାୟଣ ମେଣ୍ଡୁଲି)

ରାଉରକେଲା ସହକାରୀ ଉପଜିଲାପାଳ ସୁସ୍ମିତା ମିଞ୍ଜ ଓ ଉଦିତନଗର ଥାନା ଏଏସ୍‌ଆଇ ଆଲିସା ଲୁଗୁନଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିରେ ସୁନ୍ଦରଗଡ ଆଦିବାସୀ ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଥିଲା। ଏଥିରେ ସୁନ୍ଦରଗଡ ଜିଲା ମାଟି ବଞ୍ଚାଅ ମଞ୍ଚ, ଫୋରମ ଫର୍ ୱିମେନ ସୁନ୍ଦରଗଡ଼, ଫୋରମ ଫର ୱିମେନ ରାଉରକେଲା, ଫୋରମ ଫର୍ ଗ୍ରାମସଭା ସୁନ୍ଦରଗଡ, ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ଓ ଆଞ୍ଚଳିକ ସୁରକ୍ଷା ମଞ୍ଚର ମହିଳା ପୁରୁଷ ସାମିଲ ହୋଇଥିଲେ। ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୨ଟାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ପୂର୍ବତନ ବିଧାୟକ ତଥା ଆଦିବାସୀ ନେତା



ଜର୍ଜ ତିର୍କୀ, ବିଧାୟିକା କୁସୁମ ଟେଟେ, ରାଜଗାଙ୍ଗପୁର ବିଧାୟକ ଡ଼ା.ସିଏସ ରାଜେନ ଏକ୍କା, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା କିଶୋର ଚନ୍ଦ୍ର ପଟେଲ, ପିସିସି କାର୍ଯ୍ୟକାରୀ କମିଟି ସଭ୍ୟ ରାଜକିଶୋର ଷଡ଼ଙ୍ଗୀ, ଜିଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୁରୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ପିସିସି ସାଧାରଣ ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳ, ଟାଉନ କଂଗ୍ରେସ ସଭାପତି ନେପାଳ ଚନ୍ଦ୍ର ସାହୁ, କଂଗ୍ରେସ ନେତ୍ରୀ ଗେରୋଟୀ ଖେସ, ଆଦିବାସୀ ନେତ୍ରୀ ଆନ୍ନା କୁଜୁର, ଆଲବର୍ଟ କିଣ୍ଡୋ, ପ୍ରମୁଖ ସାମିଲ ହୋଇ ୨ ସରକାରୀ ଅଧିକାରୀଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ସତ୍ୟ ପଦାକୁ ଆଣିବା ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସିବିଆଇ ତଦନ୍ତ ଦାବି କରିଥିଲେ। ଆଦିବାସୀ ସଂଗଠନର

**୨ ଆଦିବାସୀ ମହିଳା ଅଧିକାରୀଙ୍କ ମୃତ୍ୟୁ ଘଟଣା**

କର୍ମକର୍ତ୍ତା ଆସି ଦାବିପତ୍ର ପ୍ରଦାନ କରିବାକୁ ଜିଲାପାଳ ଖବର ଦେଇଥିଲେ। ହେଲେ ଆନ୍ଦୋଳନକାରୀମାନେ ଜିଲାପାଳ ନିଜେ ଆସି ଦାବିପତ୍ର ଗ୍ରହଣ କରିବାକୁ ଅଡି ବସିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି ଓ ସଦର ଉପଜିଲାପାଳ ଦାଶରଥି ସରାବୁ ମୁଖ୍ୟ ଫାଟକକୁ ଆସି ଆନ୍ଦୋଳନରତ ଆଦିବାସୀଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦେବାକୁ ଥିବା ଦାବିପତ୍ର ଗ୍ରହଣ କରିବାକୁ ଆସିଥିଲେ। ମାତ୍ର ସେମାନେ ନିଜ ଜିଦରେ ଅଡ଼ିବସି ବିଭିନ୍ନ ନାରା ଦେଇଥିଲେ। ପରେ ସନ୍ଧ୍ୟାରେ ଏହି ଦାବିପତ୍ର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଫୋପାଡ଼ି ଚାଲି ଯାଇଥିଲେ।

## ମରଣଯନ୍ତା ପାଲଟିଛି ମୁଖ୍ୟ ରାସ୍ତା

ବିଶ୍ରା,୬।୧୦( ବଟକୃଷ୍ଣ ସ୍ୱାଇଁ)

ସୁନ୍ଦରଗଡ଼ ଜିଲା ସୀମାନ୍ତ ବିଶ୍ରା ବ୍ଲକ ଅନ୍ତର୍ଗତ ରେଳ ଫାଟକ କୁକୁଡାଗେଟ ଠାରୁ ରାଉରକେଲା ଏନଆଇଟିକୁ ଯିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ମାତ୍ରାଧିକ ହମ୍ପସ ଓ ରାସ୍ତା ଖରାପ ଯୋଗୁ ପ୍ରତ୍ୟେକ ଦିନ ଏଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏପରିକି ଦୁର୍ଘଟଣାରେ ଅନେକଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶତାଧିକ ଲୋକ ଯା' ଆସ କରିଥାନ୍ତି। ବିଶ୍ରାରୁ ରାଉରକେଲା ଦେଇ ଏନଆଇଟିକୁ ଯିବାପାଇଁ ୨୨ କିଲୋମଟର ରାସ୍ତା ପଡୁଥିବାରୁ ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଠିକାଦାରଙ୍କ ନିମ୍ନ ମାନର କାମ ଯୋଗୁ ଏଭଳି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ପ୍ରକାଶ କରିଛନ୍ତି । ଏଥିସହ ଝିରିପାନିଠାରୁ ଆରମ୍ଭ କରି ବିଶ୍ରା ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡା ପର୍ଯ୍ୟନ୍ତ ରାସ୍ତା ଚଉଡା କରାଯିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି ମନ୍ତ୍ରୀ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇ ଥିବା ଜଣାପଡିଛି।

## ଅମିତ ରୋହିଦାସଙ୍କ ଗାଁରେ ଖୁସିର ମାହୋଲ

ବାଲିଶଙ୍କରା,୬।୧୦(ହୃଦାନନ୍ଦ ବାରିକ)

ଏସିଆନ ଗେମ୍ସରେ ଭାରତର ଦମଦାର ବିଜୟ ପରେ ଅମିତ ରୋହିଦାସଙ୍କ ସଉନାମରା ଗ୍ରାମରେ ଆନନ୍ଦ ଉଲ୍ଲାସରେ ମିଠା ବଣ୍ଟନ ସହ ନାଚ,ଗୀତ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ହକି ଦଳର ଡିଫେଣ୍ଡର ଭାବେ ଅମିତ ଅତି ଚିତ୍ତାକର୍ଷକ ଖେଳିଥିବା ବେଳେ ଫାଇନାଲ ମ୍ୟାଚରେ ଜାପାନକୁ ୫-୧ ଗୋଲରେ ବିଜୟୀ ହୋଇଥିଲେ।

## ସ୍କୁଲ କୋଠା କାମ ନିମ୍ନମାନର, ଜିଲାପାଳଙ୍କୁ ଅଭିଯୋଗ

ବଡ଼ଗାଁ,୯।୧୨( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଭୋଇପାଲି ସର୍ବତି ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ନିର୍ମାଣଧୀନ କୋଠା କାମ ଅତି ନିମ୍ନ ମାନର ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ଗୁଣ ସାଗର ବିଶ୍ୱାଳ, ଡଲି ପ୍ରଧାନ, ରାଜ କୁମାର ଡନସନା, ରଥ ମାଝି, ବୈକୁଣ୍ଠ ବେହେରା, ବିରେନ୍ଦ୍ର ତେଲି, ହିମାଂଶୁ ଭୁଷଣ ସା, ପ୍ରେମାନନ୍ଦ ନାଏକ ସୁଶୀଳା ଧରୁଆ, ଯଶୋଦା ପୃଷେଟ, ଗୀତା ଡନସନା, ସୀତା କଲେତ , ବିଚିତ୍ର ବେହେରା ଜିଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ୩ କୋଟି ଟଙ୍କା ବ୍ୟୟରେ ସ୍କୁଲ୍ କୋଠା ନିର୍ମାଣ ହେଉଛି। କାମ ନିମ୍ନ ମାନର ହେଉଥିବା ଦେଖି ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ସ୍କୁଲ୍ ପରିଚାଳନା କମିଟି ସଦସ୍ୟମାନେ ବୈଠକ କରିଥିଲେ।



ସମସ୍ତ ସଦସ୍ୟ ଅତି ନିମ୍ନ ମାନର କାମ ହୋଇଥିବା ନେଇ ବୈଠକରେ ଅଭିଯୋଗ କରିଥିଲେ। ନିମ୍ନମାନର କାମ ଯୋଗୁ ସାମାନ୍ୟ ବର୍ଷ ହେଲେ ପାଣି ଗଳୁଛି, ଟାଇଲ କାମ ଖରାପ କରାଯାଇଥିବାରୁ କବାଟ ଖୋଲୁନାହିଁ। ୧ଇଞ୍ଚର ତାଜା ଢଳେଇ କରାଯାଇଛି। ପଲସ୍ତର କାମ ଶେଷ ହୋଇଥିଲେ ମଧ୍ୟ ଗ୍ରିଲ ହଲୁଛି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ସ୍କୁଲ୍ ପରିଚାଳନା କମିଟି ସଦସ୍ୟ ମାନେ ଜିଲାପାଳଙ୍କୁ ସାକ୍ଷାତ କରି ଜଣାଇବା ସହିତ ଭିଜିଲାନ୍ସ ଡିଏସପି, ପିଡି ସୁନ୍ଦରଗଡ ଆଇଟିଡିଏ, ଜିଲା ଶିକ୍ଷା ଅଧିକାରୀ ଓ ୫-ଟି ସଚିବଙ୍କୁ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି। ସ୍କୁଲ୍ କମିଟି କର୍ମକର୍ତ୍ତାଙ୍କ ସୂଚନା କ୍ରମେ ସେଠାକୁ ଯାଇ ନିର୍ମାଧୀନ କୋଠା ଦେଖିବାବେଳେ ସମସ୍ତ ଛାତରୁ ପାଣି ଗଳୁଥିବା ଦେଖାଯାଇଥିଲା।

## ଡୁମେରଯୋର ଅଞ୍ଚଳରେ ବଢ଼ୁଛି ଦେଶୀ ମଦ କାରବାର

କୁଆଁରମୁଣ୍ଡା,୬।୧୦(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ଆଦିବାସୀ ବହୁଳ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଦେଶୀ ମଦ କାରବାର ବଢ଼ି ଚାଲିଛି। ଏହି ବେଆଇନ କାରବାରକୁ ରୋକିବା ପାଇଁ ଅବକାରୀ ଓ ପୋଲିସ ବିଭାଗର ଚଢ଼ାଉ ଜୋରଦାର ହେବାର ଆବଶ୍ୟକତା ରହିଛି। କୁଆଁରମୁଣ୍ଡା ବ୍ଲକର ଝାରବେଡା ପଞ୍ଚାୟତ ଅଞ୍ଚଳରେ ପୂର୍ବରୁ ଘରେ ଘରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ବେଳେ ଅବକାରୀ ଓ ପୋଲିସର ଜୋରଦାର ଚଢ଼ାଉ ଯୋଗୁ ସେହି ଅଞ୍ଚଳରେ ମଦ କାରବାରରେ କିଛିଟା ରୋକେ ଲାଗିଛି। ମାତ୍ର ଏବେ ଡୁମେରଯୋର ପଞ୍ଚାୟତର ବାନିଗୁନି, କର୍ଲାବୁଡ, ତେଡ୍ରାବାହାଲ ଇତ୍ୟାଦି ଅଞ୍ଚଳରେ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ଅବକାରୀ ବିଭାଗ ତ୍ୱରିତ ଦୃଷ୍ଟି ଦେଇ ଚଢ଼ାଉକୁ ଜୋରଦାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଖଣିଜ ପାଣ୍ଠି ସିଇଓଙ୍କ କଲେଜ ପରିଦର୍ଶନ



ସିଇଓ ବିଲୁଙ୍ଗ ଡିଗ୍ରୀ କଲେଜରେ ଛାତ୍ରୀଛାତ୍ରଙ୍କୁ ପାଣ୍ଠି ସମ୍ବନ୍ଧରେ ବୁଝାଉଛନ୍ତି।

ବଡ଼ଗାଁ,୬।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଯୁକ୍ତ ୨ ଓ ଡିଗ୍ରୀ କଲେଜ ପରିଦର୍ଶନ କରିଛନ୍ତି ନୋଡାଲ ଅଫିସର୍ ତଥା ଖଣିଜ ପାଣ୍ଠି ସିଇଓ ସୁଷମା ବିଲୁଙ୍ଗ। ଶୁକ୍ରବାର ପୂର୍ବାହ୍ନରେ ସିଇଓ ବିଲୁଙ୍ଗଙ୍କ ସହିତ ବିଡିଓ କ୍ଷମାନିଧି ଭୋଇ ଓ ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ ଯୁକ୍ତ ୨ କଲେଜରେ ପହଞ୍ଚିଥିଲେ। ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ନୋଡାଲ ଅଫିସର୍ ବିଲୁଙ୍ଗ କଲେଜର ଉନ୍ନତିକରଣ ୫- ଟି ମାଧ୍ୟମରେ କିପରି ରୂପାନ୍ତରିତ ହେବ ସେନେଇ ଆଲୋଚନା କରିଥିଲେ। ଏହି ପାଣ୍ଠି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରୁ ଦିଆଯାଇଥିବା ଏବଂ ଏହାର ସଠିକ୍ ବିନିଯୋଗ କରିବାକୁ କହିଥିଲେ। ଭଲ କାମ କରି ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କଲେ ବାକିଥିବା କାମ ପାଇଁ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡିଗ୍ରୀ କଲେଜରେ ଅଧ୍ୟକ୍ଷା ବନଜା ରାଣୀ ଷଡ଼ଙ୍ଗୀ, ଅଧ୍ୟାପିକା ,ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାର କାମ କିପରି ହେବ ସେ ନେଇ ବୁଝାଇଥିଲେ।

## ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଶିକ୍ଷକ ଦିବସ

କୁତ୍ରା,୬।୧୦(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କଟଙ୍ଗସ୍ଥିତ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ମାନେ ଗୁରୁଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହା ସହିତ ବିଗତ ଦିନରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ,ସ୍ୱଚ୍ଛତା ବିଷୟ ଓ ବିଦ୍ୟାଳୟରେ ହୋଇଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ର ମାନେ ସାଇକେଲ ଶୋଭାଯାତ୍ରା କରି ସଚେତା କରିଛନ୍ତି। ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ମମତା ସ୍ୱାଇଁ, କୁମାରୀ ଜୟପୁରୀଆ, ଗୋପାଳକୃଷ୍ଣ ଦାଶ, ଭିକାରୀ ଦାସ, ପ୍ୟାରେଲାଲ ସାହୁ, ବିଜୟ କେରକେଟା, ଉଦିତ ଶେଖର ସିଂ, ରବି କମାର, ଶଶୀ ଛୁରା ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ଶିକ୍ଷକ ଦିବସ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

# ମହାନତା ଦେଖାଇଲେ ବିଧାୟିକା

**୨ଉଲଗ୍ନ ମହିଳାଙ୍କୁ ନେଲେ ସୁଧାର ଗୃହ**

ସୁନ୍ଦରଗଡ଼,୬।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଉପକଣ୍ଠ କଲେଜ ବାଇପାସ ଇବ ନଦୀ ପୋଲ ଉପରୁ ଶୁକ୍ରବାର ମାନସିକଭାବେ ଦୁର୍ବଳ ୨ ମହିଳାଙ୍କୁ ଉଦ୍ଧାର କରି ସ୍ଥାନୀୟ ବିଧାୟିକା କୁସୁମ ଟେଟେ ସୁଧାର ଗୃହକୁ ପଠାଇଛନ୍ତି। ଜଣଙ୍କ ବୟସ ୨୭ ଏବଂ ଆଉ ଜଣଙ୍କର ୪୫ ବୋଲି ଜଣାପଡ଼ିଛି। ତେବେ ସେ କେଉଁଠୁ ଆସିଛନ୍ତି ତାହା ଜଣାପଡ଼ିନାହିଁ। ସ୍ପଷ୍ଟ ଦିବାଲୋକରେ ୨ ମହିଳା ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଇବ ନଦୀ ପୋଲ ଉପରେ ଚାଲି ଚାଲି ଯାଉଥିଲେ। ଶହ ଶହ ଯାତ୍ରୀ ସେଇ ରାସ୍ତା ଦେଇ ଯାଉଥିଲେ ମଧ୍ୟ କେହି ଜଣେ ଏଭଳି ଲଜ୍ଜିତ ଦୃଶ୍ୟ ପାଇଁ ଦୟା ଦେଖାଇ ନ ଥିଲେ। ନିଜ ଘରୁ ଆଦିବାସୀ ମଞ୍ଚ ଘେରାଉ କାର୍ଯ୍ୟକ୍ରମକୁ



ବିଧାୟିକା ୨ ମହିଳାଙ୍କୁ ଘୋଡାଉଛନ୍ତି।

ଯାଉଥିବା ବିଧାୟିକା କୁସୁମ ଟେଟେ ଏହି ୨ ମହିଳାଙ୍କୁ ଦେଖି ଗାଡି ଅଟକେଇ ଥିଲେ। ଆଦିବାସୀ ନେତାଙ୍କୁ ସମ୍ବର୍ଦ୍ଧିତ କରିବାକୁ ସାଙ୍ଗରେ ନେଉଥିବା ଗାମୁଛା ନେଇ ୨ ମହିଳାଙ୍କୁ ଘୋଡାଇ ଦେଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଶହ ଶହ ଗାଡି ଅଟକି ରହିଗଲା। କେହି କିଛି ବୁଝିବା ଆଗରୁ ବିଧାୟିକା କୁସୁମ ଆମ୍ବୁଲାନ୍ସ ଡାକି କଲେଜ ବାଇପାସରେ ଥିବା ସୁଧାର ଗୃହକୁ ନେଇ ଯାଇଥିଲେ। ସୁଧାର ଗୃହ ଅଧ୍ୟକ୍ଷା ସ୍ନେହଲତା ପଟେଲଙ୍କୁ ଜିମା ଦେବା ପରେ ବିଧାୟିକା କୁସୁମ ନିଜ ଗନ୍ତବ୍ୟସ୍ଥଳୀ ଆଦିବାସୀ ମୋର୍ଚ୍ଚାର ବିଶାଳ ବିକ୍ଷୋଭରେ ଯୋଗଦେବା ପାଇଁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବିଧାୟିକାଙ୍କ ଏଭଳି ମହାନତାକୁ ନେଇ ସବୁଠି ପ୍ରଂଶସା କରାଯାଇଛି।

## ସଂକ୍ଷେପରେ

### ଏସ୍‌ୟୁ ଏମ୍‌ବିଏ ବିଭାଗରେ କୁଇଜ୍ ପ୍ରତିଯୋଗିତା

ସମ୍ବଲପୁର,୬।୧୦(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗରେ ଆନ୍ତ ବିଭାଗୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରମାନଙ୍କ ଦ୍ୱାରା ଏହା ଆୟୋଜନ ହୋଇଥିଲା। ବିଭାଗର ମୁଖ୍ୟ ପ୍ରଫେସର ତୁଷାର କାନ୍ତି ଦାସ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ପ୍ରଫେସର ଡି.କେ. ମହାଲିକ ପ୍ରତିଯୋଗିତାରେ ବିଭିନ୍ନ ବିଭାଗର ଛାତ୍ରମାନଙ୍କ ପ୍ରଶ୍ନ କରିଥିଲେ। ଏହା କେବଳ ଅଂଶଗ୍ରହଣକାରୀ ଛାତ୍ରମାନଙ୍କର ଏକାଡେମିକ୍ ପ୍ରଦର୍ଶନ ନୁହେଁ ବରଂ ସହଯୋଗର ଭାବନାକୁ ମଧ୍ୟ ପ୍ରୋତ୍ସାହିତ କରିଥିଲା। ଏପରି ପଦକ୍ଷେପ ଛାତ୍ରମାନଙ୍କର ସାମଗ୍ରିକ ବିକାଶରେ ସହଯୋଗ ହେବ ବୋଲି ସୂଚନା ଦିଆଯାଇଛି।

### ଖଡ଼ିଆଳଠାରେ ବନ୍ୟ ସପ୍ତାହ ପାଳନ

ଖଡ଼ିଆଳ,୬।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବନ ବିଭାଗ ପକ୍ଷରୁ ୬୯ତମ ବନ୍ୟ ସପ୍ତାହ ପାଳନ ହୋଇଯାଇଛି। ଏହା ଗତ ୨ରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉ ଥିବାବେଳେ କାର୍ଯ୍ୟକ୍ରମରେ ଖଡ଼ିଆଳ ରେଞ୍ଜର ସଂଯୁକ୍ତା ବଡ଼ନାୟକଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ନଗର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ୍ କରି ବନ୍ୟ ସପ୍ତାହର ଉଦ୍ଦେଶ୍ୟ ଏବଂ ପରିବେଶ, ବନ୍ୟାଜନ୍ତୁମାନଙ୍କ ସୁରକ୍ଷା, ଜଙ୍ଗଲ ସୁରକ୍ଷା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏଥିରେ ଫରେଷ୍ଟର କାନ୍ଦର୍ପ ସୁନାନୀ, ନରେଶ ଦଣ୍ଡସେନା, ଡମ୍ବରୁଧର ସାହୁ, ଗଗନ ହଂସଙ୍କ ସମେତ ଅନେକ କର୍ମଚାରୀ ସହଯୋଗ କରିଥିଲେ।

### ଚିଚେର ଗ୍ରାମରେ ଶିଶୁ ମହୋତ୍ସବ

ଖଡ଼ିଆଳ,୬।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚିଚେର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଆଞ୍ଚଳିକ ସାଧନ କେନ୍ଦ୍ର ନେହେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ସିଆରସିସି କ୍ଷୀରୋଦ ଗହୀରଙ୍କ ସଭାପିତ୍ୱର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଚେର କ୍ଲଷ୍ଟର ୧୨ଟି ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଯୋଗଦେଇଥିଲେ। ଏହାର ଉଦ୍ଦେଶ୍ୟ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ହିଁ ଏହାର ଉଦ୍ଦେଶ୍ୟ। ଏଥିରେ ମୁଖ୍ୟଅତିଥି ଭାବେ ନେହେନା ସରପଞ୍ଚ ଅଶୋକା ଦଣ୍ଡସେନା, ସାମ୍ମାନିତ ଅତିଥି ଏବିଇଓ ଜୟଦେବ ପଣ୍ଡା, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଦେବେନ୍ଦ୍ର ରାଉତ, ଅନିତା ମହାପାତ୍ର, ଅନିମା ପଣ୍ଡା, ଧନୁ ବାଗ, ହରିପ୍ରିୟା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। କୁନା ଭୋଇ, ଯୁଗଳ ଚୌଧୁରୀ, ରତ୍ନାକର ଠେଲା, ମୋହନ ମହାନନ୍ଦ, ଦୁର୍ଗା ପଣ୍ଡା, ଆଦିତ୍ୟ ପାଣିଗ୍ରାହୀ, ବବିତା ଶବର ପ୍ରମୁଖ ସହଯୋଗ କରିଥିଲେ।

# ସାର, କୀଟନାଶକ ଦୋକାନରେ ମିଳିତ ଚଢ଼ାଉ

ଦେବଗଡ,୬।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କୃଷି ବିଭାଗ ଓ ପୋଲିସ ପକ୍ଷରୁ ଶୁକ୍ରବାର ଦେବଗଡ଼ ଜିଲା ସଦର ମହକୁମାରେ ଥିବା ୨ଟି ବିହନ, ସାର ଓ କୀଟନାଶକ ଦୋକାନରେ ମିଳିତ ଚଢାଉ କରାଯାଇଛି। ଦେବଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ମଣ୍ଡଳଙ୍କ ନେତୃତ୍ୱରେ ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରଣ୍ଡି ଓ ଅନ୍ୟ କର୍ମଚାରୀମାନେ ଦେବଗଡ଼ ମୁଖ୍ୟ ବଜାରରେ ଥିବା ଲାଇସେନ୍ସପ୍ରାପ୍ତ ବିହନ, ସାର ଓ କୀଟନାଶକ ଦୋକାନ 'ସୁମିତ ଟ୍ରେଡର୍ସ' ଓ 'ଓମ ପ୍ରକାଶ ଅଗ୍ରୱାଲା'ଙ୍କ ଲାଇସେନ୍ସପ୍ରାପ୍ତ ବିହନ, ସାର ଓ କୀଟନାଶକ ଦୋକାନରେ ଚଢାଉ କରି ଯାଞ୍ଚ କରିଥିଲେ। ତେବେ ସରକାରଙ୍କ ଦ୍ୱାରା ନିଷିଦ୍ଧ କରାଯାଇଥିବା ଘାସ ମରା ଔଷଧ 'ପାରାକ୍ୱେଟ' ମିଳି ନ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହି ଚଢାଉରେ ଦେବଗଡ ଥାନା ସବଇନ୍ସପେକ୍ଟର ଦିବ୍ୟ କୁମାର ଓରାମଙ୍କ ନେତୃତ୍ୱରେ ବହୁ ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ମାଜିଷ୍ଟ୍ରେଟ ଭାବେ ଦେବଗଡ ତହସିଲଦାର ଏଜଲିନ ବାରା ଯୋଗଦେଇଥିଲେ। ଶନିବାର ମଧ୍ୟ ଜିଲାର ବିଭିନ୍ନ ସାର ଓ କୀଟନାଶକ ଦୋକାନରେ ମିଳିତ ଚଢାଉ କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ମଣ୍ଡଳ ସୂଚନା ଦେଇଛନ୍ତି।



ଦେବଗଡ଼ରେ ସାର, କୀଟନାଶକ ଦୋକାନରେ ଚଢାଉ କରାଯାଉଛି।

# ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କିତ ଭିଜିଲାନ୍ସ କମିଟି ବୈଠକ

ଦେବଗଡ଼,୬।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କିତ ଭିଜିଲାନ୍ସ କମିଟି ବୈଠକ ଉପଜିଲାପାଳ ପରିକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଏହି ବିଷୟରେ ଆଲୋକପାତ କରିଥିଲେ। ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଲୋକମାନେ କିପରି ସୁବିଧା ପାଇପାରିବେ ସେହି ବିଷୟର ଅବଗତ କରିଥିଲେ। ନୂଆ ରାଶନ କାର୍ଡ ପାଇଁ ଜିଲାରୁ ୧୯୭୪ ପରିବାର ଦରଖାସ୍ତ କରିଛନ୍ତି। ଦରଖାସ୍ତଗୁଡିକ ତର୍ଜମା କରାଯାଇ ରାଜ୍ୟ ସରକାରଙ୍କୁ ଚିଠି ଦ୍ୱାରା ଜଣାଇ ଦିଆଯାଇଛି। ଅକ୍ଟୋବରରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଭିଟାମିନ ଯୁକ୍ତ ଚାଉଳ ଆବଣ୍ଟନ, ଉଠାଣ ଓ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଉଥିବା ସେ ସୂଚନା ଦେଇଥିଲେ। ବାରକୋଟ ବ୍ଲକର କଣ୍ଡଳ ସରୁଆଳି, ତିଲେଇବଣୀ ବ୍ଲକର କଲଣ୍ଡା ଝାରମୁଣ୍ଡା, କଣ୍ଡମ ଓ ରିଆମାଳ ବ୍ଲକର ତେନ୍ତଳାବାହାଲ ଯୋଗାଣ ସହାୟକ ନିଯୁକ୍ତି ପାଇଁ ପ୍ରସ୍ତାବ ଦାବି କରାଯାଇଥିଲା। ମୃତ ଓ ବିବାହିତ ଲୋକମାନଙ୍କ ନାମ ରାଶନ କାର୍ଡରୁ କଟାଯାଇ ନୂତନ ନାମ ପଞ୍ଜିକରଣ କରାଯିବା ପାଇଁ ପ୍ରସ୍ତାବିତ କରାଯାଇଥିଲା। ବୈଠକରେ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ତିଲେଇବଣୀ ବ୍ଲକ ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳୀ ସାମଲ, ବାରକୋଟ ବ୍ଲକ ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଣି, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ତିଲେଇବଣୀ ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ପୌରପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାଏକ, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତିରଞ୍ଜନ ସାହୁ, ବିଧାୟକଙ୍କ ପ୍ରତିନିଧି ଅକାଲୁ ଧଳ, ସପୋଟର ଚନ୍ଦ୍ର ଶେଖର ସ୍ୱାଇଁ, ଓମ ଶାନ୍ତି ଏସ୍‌ଏଚ୍‌ଜି ଗୃପର ସମ୍ପାଦିକା ସଂଯୁକ୍ତା ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।


ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କିତ ଭିଜିଲାନ୍ସ କମିଟି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।

### ବାଲ୍ୟବିବାହ ଓ ଶିଶୁ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ଦେବଗଡ଼, ୬।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣୀ ଆଇସିଡିଏସ ସମ୍ମିଳନୀ କକ୍ଷଠାରେ ଜିଲା ଶିଶୁ ସୁରକ୍ଷା ବିଭାଗ ତଥା ଆକ୍ସନ ଏଡର ମିଳିତ ସହଯୋଗରେ ବ୍ଲକରୁ ୫ଟି ସେକ୍ଟରରୁ ୧୨୦ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ସିଡିପିଓମାନେ ଯୋଗଦେଇଥିଲେ। ବାଲ୍ୟ ବିବାହ ଓ ଶିଶୁ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଆକ୍ସନ ଏଡ ବିରେନ୍ଦ୍ର ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ବାଲ୍ୟ ବିବାହ ଓ ଶିଶୁ ସୁରକ୍ଷା ସମ୍ପର୍କିତ ବିଷୟ ଉପରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ରୋକିବା, ଶିଶୁମାନଙ୍କ ପ୍ରତି ହେଉଥିବା ଅମାନବୀୟ କାର୍ଯ୍ୟ କିପରି ହଟାଯାଇ ପାରିବ ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା । ଉକ୍ତ ତାଲିମ ଶିବିରରେ ବାଲ୍ୟ ବିବାହ ମୁକ୍ତ ଗାଁର ନୂଆଁ ନିୟମବଳୀ ଉପରେ ଆଲୋଚନା କରାଯାଇଥିଲା। ପୂର୍ବରୁ ବାରକୋଟ ଓ ରିଆମାଳ ବ୍ଲକରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ତିଲେଇବଣୀ ସିଡିପିଓ ପ୍ରମିଳା ନାଏକ ଓ ଆବାହିକା ସଂଯୁକ୍ତା ନନ୍ଦ ସମେତ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

ଦେବଗଡ଼,୬।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ଜିଲାର ବରିଷ୍ଠ ନାଗରିକମାନଙ୍କୁ ନେଇ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜିଲା ଚିକିତ୍ସାଧିକାରୀ ଡା ସାଧନା ଦାଶଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡା. ଦାଶ ବୟସ୍କ ବ୍ୟକ୍ତି ସଚେତନତା ଉପରେ କହିଥିଲେ ଯେ ଖାଦ୍ୟ ପାନୀୟ ସିମୀତ, ସନ୍ତୁଳିତ ଓ ସୁସମ ଖାଦ୍ୟ ଖାଆନ୍ତୁ। ନିଶା ସେବନରୁ ନିବୃତ ରୁହନ୍ତୁ। କିଛି କିଛି ବ୍ୟାୟାମ ପ୍ରତିଦିନ କରନ୍ତୁ। ମନକୁ ସବୁବେଳେ ଖୁସିରେ ରହିବା ପାଇଁ ଚେଷ୍ଟା ରଖନ୍ତୁ। ସାଙ୍ଗସାଥିଙ୍କ ସହ ଭଲ ସମ୍ପର୍କ ବଜାୟ ରଖନ୍ତୁ। ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଆବଶ୍ୟକ ହେଲେ ଔଷଧ ସେବନ ଓ ରାତି ଅନିଦ୍ରାରୁ ଦୂରେଇ ରୁହନ୍ତୁ। ବୈଠକରେ ଅତିରିକ୍ତ ଜିଲା ଜନସାସ୍ଥ୍ୟ ଅଧିକାରୀ ଡା ଧନଞ୍ଜୟ ମହନ୍ତ, ଡା ବଂଶୀଧର ପାତ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡା ମନୋରଞ୍ଜନ ସାମଲ, ପ୍ରୋଗ୍ରାମ ମ୍ୟାନେଜର ଉମେଶ ପ୍ରସାଦ ଷଡ଼ଙ୍ଗୀ, ଡେପୁଟି ମ୍ୟାନେଜର ଜ୍ୟୋତ୍ସ୍ନା ରାଣୀ ଶର୍ମା, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର, ହେମନ୍ତ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ମିତ୍ରଭାନୁ ମହାପାତ୍ର, ସୁଦର୍ଶନ ଦାସ, ସମସ୍ତ ଏନଏମ ଷ୍ଟାଫ ନର୍ସ, ସାସ୍ଥ୍ୟ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ ଆୟୋଜିତ ହୋଇଥିବା ଏନଏମ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏଡି.ପି.ଏଚ .ସିଓ ଘନେଶର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରୁଛନ୍ତି।

# ଟିଙ୍କବୀରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଦେବଗଡ,୬।୧୦(ଶଶାଙ୍କ ଶେଖର ଝାଙ୍କର)

**ବିଜେଡିରେ ଯୋଗଦେଲେ ସରପଞ୍ଚ, ନାଏବ ସରପଞ୍ଚ ଓ ୮ ୱାର୍ଡ ସଦସ୍ୟ**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଟିଙ୍କବୀର ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଶୁକ୍ରବାର ଦେବଗଡ଼ ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଜିଲା ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ଅବସରରେ ଉକ୍ତ ଗ୍ରାମର ଶାସ୍ତ୍ରୀ କ୍ଲବଠାରେ ଜିଲା ବିଜେଡି ସଭାପତି ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁ ସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ପୂର୍ବତନ ନଗର ସଭାପତି କାମକ୍ଷା ଗଙ୍ଗଦେବ, ମୀନକେତନ ପ୍ରଧାନ, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ତଥା ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷା ଅନିତା ପାତ୍ର, ଜିଲା ପରିଷଦ ସଦସ୍ୟା ଗିତାଞ୍ଜଳୀ ପାଣି, ପୂର୍ବତନ ଜିଲା ପରିଷଦ ସଦସ୍ୟା ପାର୍ବତୀ ସାହୁ, ଅର୍ଚ୍ଚନା ପ୍ରଧାନ, ପୂର୍ବତନ କାଉନଶିଲର ମାନସ କୁମାର ପ୍ରଧାନ ଓ ରୂପକ ମାଝିଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହିଥିଲେ। ଏହି ସଭାରେ ମଞ୍ଚାସୀନ ନେତାମାନେ ନିଜର ବକ୍ତବ୍ୟ ଉପସ୍ଥାପନ କରି ଏହି ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ଲୋକଙ୍କ ସହିତ ସମ୍ପର୍କ ଯୋଡିବା, ତୃଣମୂଳସ୍ତରରେ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନାର ସୁଫଳ ପହଞ୍ଚାଇବା ସହିତ ଘରକୁ ଘର ବୁଲି ବିଜେଡି ସଙ୍ଗଠନକୁ ଅଧିକ ସୁଦୃଢ କରିବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଟିଙ୍କବୀର ଗ୍ରାମ ଓ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ। ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଟିଙ୍କବୀର ଗ୍ରାମ ପଞ୍ଚାୟତର ସରପଞ୍ଚ ଫକୀର ମୋହନ ବେହେରା ଓ ନାଏବ ସରପଞ୍ଚ ମାନସୀ ପ୍ରଧାନଙ୍କ ସମେତ ୮ଜଣ ୱାର୍ଡ ସଦସ୍ୟ ସଦସ୍ୟା ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ। ସେମାନଙ୍କୁ ମଞ୍ଚାସୀନ ନେତାମାନେ ପୁଷ୍ପଗୁଚ୍ଛ ଓ ଦଳୀୟ ଉପଢୌକନ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ ।

### ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ପରେ ମୃତଦେହ ହସ୍ତାନ୍ତର

ଦେବଗଡ଼, ୬।୧୦(ଶଶାଙ୍କ ଶେଖର ଝାଙ୍କର)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଟାଟା ପାୱାର ଠିକା ସଂସ୍ଥାର ଅଧୀନରେ ହେଲପର ଭାବେ କାର୍ଯ୍ୟରତ ଥିବା ଅସ୍ଥାୟୀ ବିଦ୍ୟୁତ କର୍ମଚାରୀଙ୍କ ପରିବାରକୁ ଆର୍ଥିକ ସହାୟତା ସହ ସ୍ତ୍ରୀଙ୍କୁ କର୍ମସଂସ୍ଥାନ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ମେଞ୍ଚାରିବାହାଲ ଗ୍ରାମରେ ଟ୍ରାନ୍ସଫର୍ମର ଖରାପ ଥିବା ହେତୁ ବିଦ୍ୟୁତ ବିଭ୍ରାଟ ଦେଖାଦେଇଥିଲା। ନିର୍ଦ୍ଦେଶ ଅନୁଯାୟୀ ଅସ୍ଥାୟୀ କର୍ମଚାରୀ ସୁନୀଲ ପ୍ରଧାନ (୪୫) ଗୁରୁବାର ଉକ୍ତ ଟ୍ରାନ୍ସଫର୍ମର ବିଦ୍ୟୁତ୍ ତାର ସଜାଡୁଥିବାବେଳେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ଖସିପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସାଥୀ କର୍ମଚାରୀମାନେ ଉଦ୍ଧାର କରି ଦେବଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇବା ପରେ ମୃତ ବ୍ୟକ୍ତିଙ୍କ ଗ୍ରାମ ତେଣ୍ଡରାକଟାରେ ଉତ୍ତେଜନା ଦେଖାଦେଇଥିଲା। ତେବେ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ମାମଲା ରୁଜୁ କରିଥିଲା । ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପୂର୍ବରୁ ଗ୍ରାମବାସୀ ଦେବଗଡ଼ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ପରେ ପୋଲିସ ଓ ଗ୍ରାମବାସୀ ସ୍ଥାନୀୟ ବିଦ୍ୟୁତ୍ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଥିଲା। ମୃତ ବ୍ୟକ୍ତିଙ୍କ ପରିବାରକୁ ଏକ ଲକ୍ଷ ଟଙ୍କା ସହ ତାଙ୍କ ସ୍ତ୍ରୀଙ୍କୁ ଥଇଥାନ ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦୁଧିଆନାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ଉଦୀପ୍ତ ନାୟକ, ଯୁବ ନେତା ଭୂପେନ୍ଦ୍ର ପ୍ରସାଦ ନାୟକ, ଧର୍ମେନ୍ଦ୍ର କୁମାର ଦେବତା ଓ ରାଜକିଶୋର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତେବେ ବିଦ୍ୟୁତ ମରାମତି କରିବା ସମୟରେ ସଂପୃକ୍ତ ସଂସ୍ଥା ପକ୍ଷରୁ କୌଣସି ସେଫଟି କିଟ ପ୍ରଦାନ କରାଯାଉ ନ ଥିବା ଗୁରୁତର ଅଭିଯୋଗ ହେଉଛି ।

### ପୂର୍ବତନ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ଲାଞ୍ଜିଗଡ଼,୬।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ପୂର୍ବତନ ବ୍ଲକ ଅଧ୍ୟକ୍ଷ କ୍ଷୀରାବ୍ଧୀ ସାହୁଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ସେ କିଛିଦିନ ଧରି ଯକୃତ ରୋଗରେ ପୀଡ଼ିତ ଥିଲେ। ସେ ୧୯୮୪ରୁ ୧୯୯୦ ପର୍ଯ୍ୟନ୍ତ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷ ରହିଥିଲେ। ତାଙ୍କ କାର୍ଯ୍ୟ କାଳ ମଧ୍ୟରେ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସାଧିତ ହୋଇ ପାରିଥିଲା। ପରବର୍ତ୍ତୀ ସମୟରେ ସେ ବିଜେଡିରେ ସାମିଲ ହୋଇଥିଲେ। ଶୁକ୍ରବାର ତାଙ୍କର ପରଲୋକ ଖବର ପ୍ରଚାରିତ ହେବା ପରେ ବ୍ଲକ ସମେତ ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ପୂର୍ବତନ ମନ୍ତ୍ରୀ ଡ. ବଳଭଦ୍ର ମାଝି, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲ, ଇଂ ଫକୀରମୋହନ ମାଝି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଶ୍ରୀଧର ପେସନିଆ, ଜଗଦୀଶ ବେନିଆ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଓଡ଼ିଶା ଷ୍ଟାର୍ଟଅପ ଯାତ୍ରାକୁ ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍‌ରେ ସ୍ୱାଗତ

ସମ୍ବଲପୁର,୬।୧୦(ବି.ଶଙ୍କର)

ଓଡିଶା ଷ୍ଟାର୍ଟଅପ ଯାତ୍ରା ସମ୍ବଲପୁର ଜିଲା ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟରେ ପହଞ୍ଚିବା ପରେ ଛାତ୍ରୀଛାତ୍ର, ଅଧାପିକାଅଧାପକ ଓ କର୍ମଚାରୀମାନେ ସ୍ୱାଗତ କରିଥଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଡିପ୍ଲୋମା ଇଞ୍ଜିନିୟରିଂ, ବିବିଏ ଓ ବିସିଏ ଭଳି ପାଠ୍ୟକ୍ରମରୁ ୩୦ ଛାତ୍ରୀଛାତ୍ର ସେମାନଙ୍କ ଅଭିନବ ଚିନ୍ତାଧାରା ପରିପ୍ରକାଶ କରିଥିଲେ। ଯାତ୍ରାର ଟିମ୍ ସଦସ୍ୟ ଓ ସମ୍ବଲପୁର ଡିଆଇସି କର୍ତ୍ତୃପକ୍ଷ ଛାତ୍ରମାନଙ୍କୁ ସେମାନଙ୍କ ଷ୍ଟାର୍ଟଅପ ଧାରଣାରେ କାଯର୍ୟ କରିବାକୁ ଉତ୍ସାହିତ କରିଥିଲେ। ପ୍ରିନ୍ସିପାଲ ସୌମ୍ୟଜିତ ମିଶ୍ର ଓ ବଦ୍ରିପ୍ରସାଦ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ଯୋଗଦେଇ ଟିମ ଷ୍ଟାର୍ଟଅପ ଓଡିଶା ଯାତ୍ରାକୁ କୃତଜ୍ଞତା ଜଣାଇଛନ୍ତି । ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ରାଜ ଶଖର ସିହ୍ନା ସମଗ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଓଡିଶା ଷ୍ଟାର୍ଟଅଫ ଯାତ୍ରାକୁ ସ୍ୱାଗତ କରାଯାଉଛି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୬।୧୦(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ହାଇସ୍କୁଲ ଓ ମହାବିଦ୍ୟାଳୟଠାରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଉପାୟରେ ସାଧାରଣ ଜନତାଙ୍କୁ ଠକୁଛନ୍ତି ସାଇବର ଠକ। ସଚେତନତା ଅଭାବରୁ ଅନେକ ଲୋକ ଠକଙ୍କ ଜାଲରେ ଫସି ଯାଉଛନ୍ତି। ଦିନକୁ ଦିନ ବଢୁଥିବା ସାଇବର ଠକାମି ଓ ଅପରାଧୀଙ୍କୁ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସାରା ରାଜ୍ୟରେ ସାଇବର ସୁରକ୍ଷା ସଚେତନ ଅଭିଯାନ ପରିପ୍ରେକ୍ଷୀରେ ଶୁକ୍ରବାର ଦେବଗଡ଼ ଜିଲା ରିଆମାଳ ହାଇସ୍କୁଲ ଓ ମହାବିଦ୍ୟାଳୟଠାରେ ସଚେତନତା ପଥପ୍ରାନ୍ତ ନାଟକ, ଏଲିଡି ଶୋ ଓଡିଓ ଭିଡ଼ିଓ ପ୍ରଦର୍ଶନ, ଜଣାଅଜଣା ପ୍ରତିଯୋଗିତା, ଶପଥପାଠ ଅନୁଷ୍ଠିତ ହୋଇଥିଲା। ରିପଲେଟ ବଣ୍ଟନ କରାଯାଇଥିଲା। ସାଇବର ସୁରକ୍ଷା ସଚେତନ କାର୍ଯ୍ୟକ୍ରମରେ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଚେତନ କରିଥିଲେ। ସେହିପରି ସାଇବର ରଥ ମଧ୍ୟ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରୁଛି। ରିଆମାଳ ଏସବିଆଇ ମ୍ୟାନେଜର, ମହାବିଦ୍ୟାଳୟର ଅଧ୍ୟକ୍ଷ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅଧ୍ୟାପକ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରୀ ଓ ପୋଲିସ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ସାଇବର ସୁରକ୍ଷା ସଚେତନତା ଅଭିଯାନ ଅବସରରେ ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସହ ଅତିଥି।



ଅନେକ ଖେଳାଳିଙ୍କ ପାଇଁ କେବଳ ବିଶ୍ୱକପ୍ ଖେଳିବା ସ୍ୱପ୍ନ ହୋଇଥାଏ। ତେବେ କ୍ରିକେଟରେ ଏକାଧିକ ପିତା-ପୁତ୍ର ଯୋଡି ବିଶ୍ୱକପ୍ ଖେଳିଛନ୍ତି। ଭାରତରେ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଆରମ୍ଭ ହୋଇଥିବା ବେଳେ ଏମିତି କିଛି ପିତା-ପୁତ୍ର ଯୋଡିଙ୍କ ଉପରେ ଆଲୋଚନା। ଚଳିତ ବିଶ୍ୱକପ୍‌ରେ ୩ ଜଣ ଖେଳାଳି ଏମିତି ଅଛନ୍ତି ଯେଉଁମାନେ ନିଜ ପିତାଙ୍କ ସାମ୍ରାଜ୍ୟ ଆଗକୁ ବଢାଇଛନ୍ତି। ଟମ୍ ଲଥାମ, ସାମ୍ କୁରାନ ଓ ମିଚେଲ୍ ମାର୍ଶ ଚଳିତ ବର୍ଷର ବିଶ୍ୱକପ୍ ଦଳରେ ସାମିଲ ଅଛନ୍ତି। ଅନେକ ପୂର୍ବତନ ଖେଳାଳିଙ୍କ ପୁତ୍ରମାନେ କ୍ରିକେଟ ତ ଖେଳିଛନ୍ତି ତେବେ ବିଶ୍ୱକପ୍ ଖେଳିବାର ସୁଯୋଗ ପାଇନାହାନ୍ତି। ତେବେ ପିତା-ପୁତ୍ର ଭାବେ ଏଭଳି ବିରଳ କ୍ଲବରେ ସାମିଲଥିବା କେତେକ ଖେଳାଳିଙ୍କୁ ନେଇ ଏକ ଆଲେଖ୍ୟ...

# ବିଶ୍ୱକପ୍‌ରେ ପିତା-ପୁତ୍ର



ଟମ୍ ଲଥାମ୍

## ରୋଜର ବିନ୍ନି-ଷ୍ଟୁଆର୍ଟ ବିନ୍ନି

ଭାରତର ପ୍ରଥମ ବିଶ୍ୱକପ୍ ବିଜେତା ଦଳରେ ହାଇଏଷ୍ଟ ଉଇକେଟ ଟେକର ତଥା ବର୍ତ୍ତମାନ ଭାରତୀୟ କ୍ରିକେଟ ବୋର୍ଡର ସଭାପତି ରୋଜର ବିନ୍ନି ଓ ତାଙ୍କ ପୁଅ ଷ୍ଟୁଆର୍ଟ ବିନ୍ନି ଭାରତ ପାଇଁ ବିଶ୍ୱକପ୍ ଖେଳିଛନ୍ତି। ରୋଜର ୧୯୮୩ ବିଶ୍ୱକପ୍‌ରେ ୧୮ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ୨୦୧୪ରେ ଭାରତୀୟ ଦଳ ପାଇଁ ପଦାର୍ପଣ କରିଥିଲେ ଷ୍ଟୁଆର୍ଟ ବିନ୍ନି। ୨୦୧୫ ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ୨୦୧୬ରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ବିନ୍ନି।

## ଜିଓଫ୍ ମାର୍ଶ-ଶନ୍ ମାର୍ଶ-ମିଚେଲ ମାର୍ଶ

ଅଷ୍ଟ୍ରେଲିଆର ଏହି ପିତା-ପୁତ୍ର ଯୋଡିରେ ୩ ଜଣ ଯାକ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ବେଳେ ବିଶ୍ୱକପ୍ ମଧ୍ୟ ଖେଳିଛନ୍ତି। ଜିଓଫ୍ ମାର୍ଶ ୧୯୮୭ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିଲେ। ଦୁଇଟି ଶତକ ସହ ସେ ୮ ମ୍ୟାଚ୍‌ରୁ ସ୍କୋର କରିଥିଲେ ୪୨୮ ରନ୍। ୨୦୧୫ରେ ବିଶ୍ୱବିଜେତା ରହିଥିବା ଅଷ୍ଟ୍ରେଲିଆ ଦଳର ସଦସ୍ୟ ରହିଥିଲେ ମିଚେଲ୍ ମାର୍ଶ। ଉକ୍ତ ସଂସ୍କରଣରେ ସେ ୩ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ସେହିପରି ୨୦୦୮ରେ ପଦାର୍ପଣ କରିଥିବା ଶନ୍ ମାର୍ଶ ୨୦୧୯ ଦିନିକିଆ ବିଶ୍ୱକପ ଦଳରେ ସାମିଲ ଥିଲେ। ଶନ୍ ଏହା ପରଠାରୁ ଦିନିକିଆ କ୍ରିକେଟ ଖେଳି ନ ଥିବା ବେଳେ ମିଚେଲ ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳର ଅଂଶ ରହିଛନ୍ତି।

## କେଭିନ୍ କୁରାନ୍-ଟମ୍ କୁରାନ୍- ସାମ୍ କୁରାନ

ଇଂଲଣ୍ଡର ଏହି ପିତା-ପୁତ୍ର ଯୋଡିରେ ୩ ଜଣ ଯାକ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ବେଳେ ବିଶ୍ୱକପ୍ ମଧ୍ୟ ଖେଳିଛନ୍ତି। ତେବେ କେଭିନ୍ କୁରାନ୍ ଜିମ୍ବାୱେ ପାଇଁ ଖେଳିଥିବା ବେଳେ ଟମ୍ ଓ ସାମ୍ ଇଂଲଣ୍ଡ ପାଇଁ ବିଶ୍ୱକପ୍ ଖେଳିଛନ୍ତି। କେଭିନ୍ ୧୯୮୩ ଓ ୮୭ ବିଶ୍ୱକପ୍‌ରେ ଜିମ୍ବାୱେ ପାଇଁ ଖେଳିଥିବା ବେଳେ ଉଭୟ ଟମ୍ କୁରାନ ଓ ସାମ୍ କୁରାନ ୨୦୧୯ ବିଶ୍ୱକପ୍‌ରେ ଖେଳିଥିଲେ। ସାମ୍ କୁରାନ ଇଂଲଣ୍ଡର ଚଳିତ ବିଶ୍ୱକପ୍ ଦଳରେ ମଧ୍ୟ ସାମିଲ ଅଛନ୍ତି।

## କ୍ରିସ୍ ବ୍ରଡ୍-ଷ୍ଟୁଆର୍ଟ ବ୍ରଡ୍

ବର୍ତ୍ତମାନ ମ୍ୟାଚ୍ ରେଫରି ରହିଥିବା କ୍ରିସ୍ ବ୍ରଡ୍ ୧୯୮୭ରେ ଇଂଲଣ୍ଡ ପାଇଁ ଦିନିକିଆ ବିଶ୍ୱକପ ଖେଳିଥିଲେ। ଇଂଲଣ୍ଡ ଅଷ୍ଟ୍ରେଲିଆଠାରୁ ହାରି ରନରଅପ୍ ରହିଥିବା ବେଳେ ଷ୍ଟୁଆର୍ଟ ବ୍ରଡ୍ ୨୦୦୭, ୨୦୧୧ ଓ ୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ପକ୍ଷରୁ ଖେଳିଥିଲେ। ୨୦୧୬ରେ ବ୍ରଡ୍ ଶେଷଥର ପାଇଁ ଦିନିକିଆ କ୍ରିକେଟ ଖେଳିଥିବା ବେଳେ ଚଳିତ ବର୍ଷ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି।

## ରଡ୍ ଲଥାମ୍-ଟମ୍ ଲଥାମ୍

ନ୍ୟୁଜିଲାଣ୍ଡର ପିତା-ପୁତ୍ର ଯୋଡି ଭାବରେ ବିଶ୍ୱକପ୍ ଖେଳିଛନ୍ତି ରଡ୍ ଲଥାମ ଓ ଟମ୍ ଲଥାମ୍। ୧୯୯୨ ବିଶ୍ୱକପ୍‌ରେ ରଡ୍ ନ୍ୟୁଜିଲାଣ୍ଡ ଦଳ ପକ୍ଷରୁ ଖେଳିଥିବା ବେଳେ ଟମ୍ ୨୦୧୫ ଓ ୨୦୧୯ ବିଶ୍ୱକପ୍ ଖେଳିଛନ୍ତି। ସେହିପରି ଚଳିତ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ କେନ୍ ୱିଲିୟମସନ୍‌ଙ୍କ ଅନୁପସ୍ଥିତିରେ ସେ ନ୍ୟୁଜିଲାଣ୍ଡର ନେତୃତ୍ୱ ମଧ୍ୟ ନେଇଛନ୍ତି।



କେଭିନ୍ କୁରାନ୍, ଟମ୍ କୁରାନ୍, ସାମ୍ କୁରାନ୍



ଜିଓଫ୍ ମାର୍ଶ, ଶନ୍ ମାର୍ଶ, ମିଚେଲ ମାର୍ଶ

# ଏସିଆଡ୍ ସ୍ୱର୍ଣ୍ଣ ଜିତିବାରେ ଅମିତ୍ ୫ମ ଓଡ଼ିଆ

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସର ପୁରୁଷ ହକିରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫଳରେ ଭାରତୀୟ ଦଳକୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ମିଳିଯାଇଛି। ଭାରତୀୟ ଦଳର ସଦସ୍ୟଭାବେ ଅମିତ ରୋହିଦାସ ସ୍ୱର୍ଣ୍ଣିମ ସଫଳତାରେ ଭାଗୀଦାର ହୋଇଛନ୍ତି। ଓଡ଼ିଶାର ଚତୁର୍ଥ ପୁରୁଷ ହକି ଖେଳାଳିଭାବେ ଅମିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ପାଇଛନ୍ତି। ଓଭରଅଲ୍ ଓଡ଼ିଶାର ୫ମ ଖେଳାଳିଭାବେ ସେ ଏସିଆଡ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ୧୯୯୮ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲା। ସେତେବେଳେ ଦକ୍ଷିଣ କୋରିଆ ବିପକ୍ଷ ଫାଇନାଲ ୧-୧ ଗୋଲରେ ବରାବର ରହିବାରୁ ଶୁଟ୍ ଆଉଟରେ ଭାରତ ୪-୨ ଗୋଲରେ ବିଜୟୀ ହୋଇଥିଲା। ଏହାପରେ ୨୦୧୪ରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଏହି ସଫଳତାର ସାଥି ରହିଥିଲେ। ଏହି ସଂସ୍କରଣରେ ମଧ୍ୟ ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିବାରୁ ଶୁଟ୍‌ଆଉଟରେ ଭାରତ ୪-୨ ଗୋଲରେ ପାକିସ୍ତାନକୁ ହରାଇ ଚାମ୍ପିୟନ ହୋଇଥିଲା। ହକିକୁ ବାଦ୍ ଦେଲେ ୧୯୫୧ ଏସିଆନ ଗେମ୍ସରେ ଭାରତୀୟ ଫୁଟବଲ ଦଳର ସଦସ୍ୟଭାବେ ସେକ୍ ଅବଦୁଲ ମଜିଦ ବଚନ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ସର୍ବପ୍ରଥମ ଓଡ଼ିଆ ଖେଳାଳି। ହାଙ୍ଗଝୋ ଏସିଆନ ଗେମ୍ସର ହକି ଫାଇନାଲ ଏକପାଖିଆ ହୋଇ ଯାଇଥିବାବେଳେ ଭାରତର ୫-୧ ବିଜୟରେ ଅମିତ ରୋହିଦାସ ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଏସିଆନ ଗେମ୍ସରେ ଏହାକୁ ମିଶାଇ ଓଡ଼ିଶାର ୨୩ ପ୍ରତିଯୋଗୀ ମୋଟ ୩୧ ପଦକ ହାସଲ କରିଛନ୍ତି। ଏହା ମଧ୍ୟରୁ ମହିଳା ଓ ପୁରୁଷ ହକିରୁ ସର୍ବାଧିକ ୨୨ଟି ପଦକ ଆସିଛି।



ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସହ ଅମିତ୍ ରୋହିଦାସ।

## ଅଲିମ୍ପିକ୍ସ ହକିରେ ଭାରତ ଜିତିଛି ୮ ସ୍ୱର୍ଣ୍ଣ

ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳର ରେକର୍ଡ ଖୁବ୍ ଭଲ। ଏହି କ୍ରୀଡ଼ା ମହାକୁମ୍ଭରେ ଭାରତ ସର୍ବାଧିକ ୮ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ୧୯୨୮, ୧୯୩୨, ୧୯୩୬, ୧୯୪୮, ୧୯୫୨, ୧୯୫୬, ୧୯୬୪ ଓ ୧୯୮୦ରେ ଭାରତୀୟ ଦଳ ସ୍ୱର୍ଣ୍ଣ ଜିତିବାର ଇତିହାସ ରହିଛି। ସେହିପରି ୧୯୬୦ରେ ରୌପ୍ୟ, ୧୯୬୮, ୧୯୭୨ ଓ ୨୦୨୦ରେ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଅଲିମ୍ପିକ୍ସର ଗତ ସଂସ୍କରଣରେ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତି ଦୀର୍ଘ ୪୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା। ଏହି ଦଳର ସଦସ୍ୟଥିଲେ ଅମିତ ରୋହିଦାସ ଓ ବୀରେନ୍ଦ୍ର ଲାକ୍ରା। ଭାରତ ଆଗାମୀ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇ ସାରିଥିବାରୁ ଅମିତଙ୍କ ପାଇଁ ସ୍ୱର୍ଣ୍ଣ ପଦକ ଜିତିବାର ଆଶା ଉଜ୍ଜୀବିତ ହୋଇଛି। ଏଠାରେ ପ୍ରକାଶଯୋଗ୍ୟ ଯେ, ଅଲିମ୍ପିକ୍ସ ଇତିହାସରେ ଭାରତୀୟ ପୁରୁଷ ହକି ଦଳ କେବଳ ୨୦୦୮ ବେଜିଂ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା।

**ଏସିଆନ ଗେମ୍ସ କ୍ରିକେଟ**

# ଫାଇନାଲରେ ଭାରତ-ଆଫଗାନିସ୍ତାନ

**ହାଙ୍ଗ୍‌ଝୋ, ୬।୧୦ (ପି.ଟି.):** ବାଂଲାଦେଶକୁ ୯ ଉଇକେଟରେ ହରାଇ ଭାରତ ଏସିଆନ ଗେମ୍ସ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯିବାକୁଥିବା ସ୍ୱର୍ଣ୍ଣ ପଦକ ମୁକାବିଲାରେ ଦଳ ଆଫଗାନିସ୍ତାନକୁ ଭେଟିବ। ଆଫଗାନିସ୍ତାନ ଅନ୍ୟ ସେମିଫାଇନାଲରେ ୪ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଟାଇଟଲ ଫେଭରାଇଟ୍ ଭାରତର ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ଟସ୍ ଜିତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଭାରତୀୟ ବୋଲରମାନେ ଶୃଙ୍ଖଳିତ ବୋଲିଂ କରି ବାଂଲାଦେଶକୁ ୯୬/୯ ସ୍କୋରରେ ସୀମିତ କରିଦେଇଥିଲେ। ସହଜ ବିଜୟ ଲକ୍ଷ୍ୟକୁ ଭାରତ ମାତ୍ର ୯.୨ ଓଭରରେ ହାସଲ କରିନେଇଥିଲା। ପ୍ରତିଭାସମ୍ପନ୍ନ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଓଭରରେ କୌଣସି ରନ ନ କରି ଆଉଟ ହୋଇଯାଇଥିଲେ। ଏହି ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଅଧିନାୟକ ଗାଏକ୍ୱାଡ (୨୬ ବଲ୍‌ରୁ ୪୦*ରନ; ୪x୪, ୩x୬) ଏବଂ ତିଳକ ବର୍ମା (୨୬ବଲ୍‌ରୁ ୫୫* ରନ; ୨x୪, ୬x୬) ୬୪ ବଲ୍‌ବାକି ଥାଇ ଭାରତକୁ ବିଜୟୀ କରାଇଥିଲେ। ଉଦୀୟମାନ ଅଲରାଉଣ୍ଡର ବର୍ମା ୨୫ ବଲ୍‌ରୁ ତାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶର ଇନିଂସରେ ପରଭେଜ ହୋସେନ ଇମନ ୨୩, ଜାକର ଅଲି ୨୪* ଏବଂ ରକିବୁଲ ହସନ ୧୪ ରନ କରିପାରିଥିଲେ। ଭାରତର ସବୁଠାରୁ ସଫଳ ବୋଲର ଭାବେ ସାଇ କିଶୋର ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୨ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ।

# ପାକିସ୍ତାନର ସହଜ ବିଜୟ

**ହାଇଦ୍ରାବାଦ, ୬।୧୦**

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୮୧ ରନରେ ନେଦରଲାଣ୍ଡ୍ସକୁ ହରାଇ ଅଭିଯାନ ଆରମ୍ଭ କରିଛି। ପାକିସ୍ତାନ ୪୯ ଓଭରରେ ୨୮୬ ରନକରି ଅଲ୍‌ଆଉଟ ହୋଇ ଯାଇଥିବାବେଳେ ନେଦରଲାଣ୍ଡ୍ସ ଇନିଂସ ୪୧ ଓଭରରେ ୨୦୫ରେ ସୀମିତ ରହିଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଓପନର ବିକ୍ରମଜିତ ସିଂ (୫୨ ରନ, ୪ ଚୌକା, ୧ ଛକା) ଓ ମିଡିଲ ଅର୍ଡର ବ୍ୟାଟର ବାସ୍ ଡି ଲିଡ୍ (୬୭ ରନ, ୬ ଚୌକା, ୨ ଛକା)ଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରମାନେ ପାକିସ୍ତାନ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଶେଷ ଭାଗରେ ଲୋଗାନ ଭାନ୍ ବିକ୍ ୨୮ ରନକରି ଅପରାଜିତ ରହିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ହାରିସ ରୌଫ ସର୍ବାଧିକ ୩ଟି ଓ ହାସନ ଅଲୀ ୨ଟି ଉଇକେଟ ନେଇଥିଲେ।

ଟସ୍ ଜିତି ନେଦରଲାଣ୍ଡ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ୩୮ ରନ ମଧ୍ୟରେ ୩ଟି ଉଇକେଟ ହରାଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ମହମ୍ମଦ ରିଜୱାନ ଓ ସୌଦ ଶକିଲ ୪ର୍ଥ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ୧୨୦ ରନ ଯୋଗ କରିବାପରେ ଶକିଲ ୬୮ ରନକରି ଆଉଟ ହୋଇଥିଲେ। ରିଜୱାନ ମଧ୍ୟ ସେହି ୬୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଶେଷ ଭାଗରେ ମହମ୍ମଦ ନୱାଜ ୩୯, ଶଦାବ ଖାଁ ୩୨ ରନ କରିବାରୁ ପାକିସ୍ତାନ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ବାସ୍ ଡି ଲିଡ୍ ସର୍ବାଧିକ ୪ଟି, କଲିନ ଆକରମାନ ୨ଟି ଏବଂ ଆର୍ଯ୍ୟନ ଦତ୍ତ, ଲୋଗାନ ଭାନ୍ ବେକ୍ ଓ ପଲ୍ ଭାନ୍ ମିକେରେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୯ ଓଭରରେ ୨୮୬/ଅଲ୍‌ଆଉଟ (ମହମ୍ମଦ ରିଜୱାନ-୬୮, ସୌଦ ଶକିଲ-୬୮, ବାସ୍ ଡି ଲିଡ୍-୪/୬୨, କଲିନ ଆକରମାନ-୨/୩୯, ଆର୍ଯ୍ୟନ ଦତ୍ତ-୧/୪୮, ଲୋଗାନ ଭାନ୍ ବେକ୍-୧/୩୦, ପଲ୍ ଭାନ୍ ମିକେରେନ-୧/୪୦)। ନେଦରଲାଣ୍ଡ୍ସ ୪୧ ଓଭରରେ ୨୦୫/ଅଲ୍‌ଆଉଟ (ବାସ୍ ଡି ଲିଡ୍-୬୭, ବିକ୍ରମଜିତ ସିଂ-୫୨, ହାରିସ ରୌଫ-୩/୪୩, ହାସନ ଅଲୀ-୨/୩୩, ଶାହିନ ଶାହା ଆଫ୍ରିଦି-୧/୩୭, ଇଫତିକାର ଅହମଦ-୧/୧୬, ମହମ୍ମଦ ନୱାଜ-୧/୩୧, ଶଦାବ ଖାଁ-୧/୪୫)।



ଶତକୀୟ ଭାଗୀଦାରି ଅବସରରେ ସୌଦ ଶକିଲ ଓ ମହମ୍ମଦ ରିଜୱାନ।

# ମୁଖା ତଳ ମୁହଁ

ଗଳ୍ପ

**ସୁଦର୍ଶନ ମହାପାତ୍ର**

ମୁଁ ଅସହ୍ୟ ପୀଡ଼ାରେ ଛଟପଟ ହେଉଥିଲି।

ମୋର ଅବସ୍ଥା ଦେଖି ପାଞ୍ଚ ବର୍ଷର ପୁଅ ବିଭୁ, ତା' ବାବାଙ୍କୁ ଯାଇଁ ମାମାର ଦେହ ଖରାପ ବିଷୟରେ କହିବାକୁ ଲାଗିଲା। ସୁବ୍ରତ କ୍ରିକେଟ୍ ମ୍ୟାଚ ଦେଖୁଥିଲେ। ସେ ଶୁଣି ବି ଅଶୁଣା ହୋଇ ସେମିତି ଖେଳ ଦେଖିବାରେ ମଗ୍ନ ରହିଲେ। କେତେ ସମୟ ସେମିତି ଠିଆ ହୋଇ ରହିଲା ପୁଅ। ଶେଷକୁ ଝିଅ ଲୁଚିକରି ତାକୁ ସେଠାରୁ ଫେରିଆସିବାକୁ ଇଙ୍ଗିତ କଲା। ବିଭୁ ମୁହଁ ଶୁଖେଇ ଫେରିଲା। ଆମ କଥାବାର୍ତ୍ତା ଶୁଣି କେତେ ସମୟ ପରେ, ବ୍ରେକ୍ ସମୟରେ ସେ ଉଠିଆସିଲେ ଟିଭି ସାମ୍ନାରୁ।

– ଓଃ.... ମରିଯାଉଛି ଯେମିତି...! ସେ ସୁଆଙ୍ଗଗୁଡ଼ା ଦେଖାନା। କାମ ଦାମ ବନ୍ଦ କରି ଶୋଇପଡ଼ିବାକୁ ଇଚ୍ଛା ଯଦି ଶୁଅ। ହେଲା!

ଶଳା ପେଖନା ବାହାର କରୁଛି ଗୋଟେ। ସୁବ୍ରତଙ୍କ ଚିତ୍କାରରେ ଧଡ଼ପଡ଼ ହୋଇ ଉଠି ବସିଲି। ରାତି ପାଇଁ ରୋଷେଇ କାମ ସାରିବାକୁ ତ ହେବ!

ପେଟରେ ଅସହ୍ୟ ଯନ୍ତ୍ରଣା। କାଲି ସାବିତ୍ରୀ ବ୍ରତ ପାଇଁ ଉପବାସ ରଖିଥିଲି। ପେଟରେ ଗ୍ୟାସ ହୋଇଯାଇଛି ଭାବି ପାଣ୍ଟାପାଜୋଲ କ୍ୟାପ୍ସୁଲଟିଏ ବି ଖାଇ ସାରିଥିଲି। ତଥାପି ଯନ୍ତ୍ରଣା କମୁ ନଥିଲା। କଷ୍ଟ ସହି ହେଉନଥାଏ। ଅଜାଣତରେ ଆଖିରୁ ଲୁହ ଦୁଇଟୋପା ଖସିପଡ଼ିଲା।

ମୋ ଅଜାଣତରେ ପୁଅ ଆଉଥରେ ତା' ବାବାଙ୍କ ପାଖକୁ ଯାଇ ସାରିଥିଲା। ବାଜେ କଥା କହି ତାଙ୍କୁ ଡିଷ୍ଟର୍ବ କରୁଛି ବୋଲି ଖୁବ୍ ଉତ୍ତେଜିତ ହୋଇପଡ଼ିଲେ ବୋଧହୁଏ ସେ! ନଚେତ୍ ପୁଅ ଗାଲରେ ଚାପୁଡ଼ାଟିଏ ବସେଇ ନଥା'ନ୍ତେ। ସେଠୁ ଚୁପ୍‌ଚାପ୍ ଫେରିଆସି ପୁଅ ବେଡ୍‌ରୁମରେ କାନ୍ଦୁଛି ବୋଲି ମୁଁ ଜାଣିଲି। ତା' ପାଖରେ ମୁଁ ପହଞ୍ଚିବା ଆଗରୁ ଝିଅ ତା' ପାଖରେ ପହଞ୍ଚି ଯାଇଥିଲା।

– "ବିଭୁ! କାନ୍ଦୁଛୁ କାହିଁକି? ବାବା ମାରିଲେ କାନ୍ଦନ୍ତି ନାହିଁ ପରା।" ଭାଇକୁ ବୁଝେଇବାକୁ ଚେଷ୍ଟା କରୁଥିଲା ବିଥି।

–"ହଁ...! ତୁ ମିଛ କହୁଚୁ...। ମାମା ମାରିଲେ କାନ୍ଦନ୍ତି ନାହିଁ।" କାନ୍ଦ ବନ୍ଦ କରି କହିଲା ପୁଅ।

ମୁଁ ଦୁହିଁଙ୍କୁ ଜାବୁଡ଼ି ଧରିଲି। କେଜାଣି କାହିଁକି କ୍ଷଣିକ ପାଇଁ ମୋ କଷ୍ଟ କୁଆଡ଼େ ଉଭେଇ ଯାଇଥିଲା। ତଥାପି ମୋ' ଆଖିରୁ ଲୁହଧାର ବହି ଯାଉଥିଲା।

– "ଛୁଆ ଡରୁଛନ୍ତି। ବୁଝିଲୁ। ଡ୍ରାମା କରନି। ନିଜକୁ ଟିକେ କଣ୍ଟ୍ରୋଲ କରିବା ଶିଖ। ବୁଢ଼ୀଟେ ହେଲୁଣି। ଶଃ... ତୋ' ବୋପାକୁ ଫୋନ୍ କରି କହ ଆସି ନେଇଯିବ। ଭୁକେଇ ଦେଇଛି ଆଣି ମାଗଣା ମାଗଣା। ମରିବୁନି କି ରହ। ସେତେବେଳେ ଜାଣିବୁ। ମୋଫତରେ ଚାରିବେଳା ଠୁଙ୍କି ଆହୁରି ମୋର ଖର୍ଚ୍ଚ କରିବାରେ ଇଚ୍ଛା। ଡାକ ତୋ ବିକିଳିଆ ବୋପାକୁ।" ପୁଣି ଥରେ ସୁବ୍ରତ ଟିଭି ସାମ୍ନାରୁ ଉଠିଆସି ବିରକ୍ତ ପ୍ରକାଶ କରିଥିଲେ।

ପେଟ ମାରିବା କଷ୍ଟ ଯେତିକି ହେଉନଥିଲା ଏସବୁ କଥାର ଆଘାତ ତାଠୁଁ ଅଧିକ ଯନ୍ତ୍ରଣାଦାୟକ ମନେହେଉଥିଲା। ପୁଅ କାନ୍ଦି କାନ୍ଦି ମୋତେ ଜାବୁଡ଼ି ଧରିଥାଏ। ବାବା କ୍ରିକେଟ୍ ଖେଳ ଦେଖିବାକୁ କେମିତି ତାକୁ ଡାକୁଛନ୍ତି ଭାବି ସେ ଆଶ୍ଚର୍ଯ୍ୟ ହେଉଥିଲା ବୋଧେ।

ଏପଟେ ମାମା କାନ୍ଦୁଚି, କଷ୍ଟପାଉଛି! ଝିଅ ସବୁ ବୁଝି ଚୁପ୍‌ଚାପ୍ ଥାଏ। ମୁହଁ ଶୁଖେଇ ଝରକା ଦେଇ ବାହାରକୁ ଚାହୁଁଥିଲା ଆଉ ଅପେକ୍ଷା କରୁଥିଲା ଝଡ଼ ଥମିବାକୁ..!





ତଥାପି ସୁବ୍ରତଙ୍କ ଗର୍ଜନ କମୁ ନ ଥିଲା।

ରାକ୍ଷସ ନା କ'ଣ ଇଏ! ସବୁତକ ରାଗ ଏତିକିବେଳେ ଶୁଝାଇ ଦେବେ ନା କ'ଣ? ସବୁବେଳେ ତ ଦୋଷ ଦେଇ ଆସିଛନ୍ତି। ଆଜି କୋଉ ବଡ଼କଥା କି?

ସେ ଜାଣିବାକୁ ଥରେ ଚେଷ୍ଟା ବି କରିନାହାନ୍ତି କ'ଣ ହେଉଛି ବୋଲି। ଘଣ୍ଟା ଘଣ୍ଟା ଧରି କ୍ରିକେଟ୍ ଦେଖୁଥିଲେ ସେମିତି। ଥରେ ଆସି ମୁହଁ ଚାହିଁଲେ କି ପଚାରିଲେ ମହାଭାରତ ଅଶୁଦ୍ଧ ହୋଇଯିବ ଯେମିତି! ହେଲେ ମୁଁ ଭୁଲିଯାଇଥିଲି ଇଏ ସେଇ ଲୋକ, ଯିଏ ମୋର ପ୍ରେଗ୍‌ନାନ୍ସି ସମୟରେ ବାନ୍ତି ହେବା ଦେଖି ପାଟିତୁଣ୍ଡ ଆରମ୍ଭ କରିଦେଇଥିଲେ।

– "ଏମିତି ରଡ଼ି କରି ବାନ୍ତିକରନି। ସମସ୍ତଙ୍କୁ ଜଣେଇବାକୁ ଇଚ୍ଛା ତ ବାପଘରକୁ ପଳା।" ସ୍ତ୍ରୀର ଭେଳିକି ଦେଖି ମୁହଁ ମୋଡ଼ି ହେଇଯାଉଥିଲା ଯେମିତି! କେତେ ଅସହ୍ୟ ତାଙ୍କ କଥା!

ଝିଅକୁ କହି ସାଙ୍ଗ ଡାକ୍ତର ଦୀପାଠୁ ପରାମର୍ଶ ନେଲି। ଆଣ୍ଟିସ୍ପାଜମୋଟିକ ଟାବଲେଟ୍ ଖାଇଲି। କିଛି ସମୟ ପରେ ଟିକିଏ ଆରାମ ଲାଗିଲା।

ସାମାନ୍ୟ ଥଣ୍ଡା ହେଲେ ବି ମୁହଁ ଶୁଖେଇ ଦେଉଥିବା ବାପାଙ୍କ କଥା ମନେପଡୁଥିଲା। ହାତରେ ଖୁଆଇ ନ ଦେଲାଯାଏଁ ନିଜେ ପାଟିକୁ ଭାତ ନେଉ ନଥିଲା ବୋଉ। ଆଜି ସେ ଘରକୁ ଫେରିଯିବାର ରାସ୍ତା ବନ୍ଦ ହୋଇଯାଇଛି ପ୍ରାୟ! ବୋଉ ତ ନାହିଁ। ବାପା ଖୁବ୍ ହିନସ୍ତାରେ ଚଳୁଛନ୍ତି ଯାହା। କାହାକୁ କହିବି ଦୁଃଖ ଏବେ?

ଅପେକ୍ଷାକୃତ ଊଣା ରଙ୍ଗ ଓ ରୂପର ପୁଅ ପାଇଁ ଶାଶୁ ଶ୍ୱଶୁର ଖୋଜୁଥିଲେ ସୁନ୍ଦର ବୋହୂ। ତାଙ୍କୁ ମିଳିଗଲା। ବିନା ଯୌତୁକ ଓ ରୋଜଗାରିଆ ପାତ୍ର ଖୋଜୁଥିବା ବାପାଙ୍କୁ ମିଳିଗଲା ଉପଯୁକ୍ତ ଜ୍ୱାଇଁ। ସେ ବି ଖୁସି। ମୁଁ ସମସ୍ତଙ୍କୁ ଖୁସି ଦେଖିବାକୁ ଚାହୁଁଥିବା ରକ୍ତମାଂସଧାରୀ କଣ୍ଢେଇଟିଏ ପରା!

ମନରେ ଶ୍ରଦ୍ଧା ନଥିଲେ ସ୍ୱାମୀ–ସ୍ତ୍ରୀର ସମ୍ପର୍କ ସମ୍ପୂର୍ଣ୍ଣ ମିଛ। ଦୁନିଆର କପଟତାପୂର୍ଣ୍ଣ କଳଙ୍କମୟ ଇତିହାସର ବହି ଛପା ହୋଇ ରହିଯାଏ, ଯାହାର ପ୍ରତିଟି ଫର୍ଦ୍ଦ ଘୃଣା, ଅଭିଯୋଗରେ ଭରା ଥାଏ। ଉପରେ କେବଳ ହସର ମଲାଟ ମଢ଼ା ହୋଇଥାଏ। ବାସ୍! ଏମିତି ବଞ୍ଚିଲେ ଯାଇ ଦୁନିଆକୁ ସୁନ୍ଦର। ବାପା କହନ୍ତି, ଯାହା ଦୁନିଆକୁ ସୁନ୍ଦର, ତାହା ହିଁ କର।

ଫୋନ୍ ରିଂ ହେଉଛି। ସୁବ୍ରତ ଅଫିସ ବାହାରିଗଲେ ଯାଇ ଫୋନ୍ କରନ୍ତି ବାପା। ସିଏ ହିଁ ହୋଇଥିବେ। ପ୍ରକୃତରେ ସୁବ୍ରତଙ୍କ ଉପସ୍ଥିତିରେ ବାପାଙ୍କ ସହିତ କଥା ହେବାକୁ ଡର ମାଡ଼େ ମୋତେ। ସେଥିପାଇଁ ସକାଳ ଦଶଟା ଭିତରେ ବ୍ୟସ୍ତଥିବାର ଆଳଦେଖାଏ।

ଫୋନ୍ ରିସିଭ୍ କଲି ତ ଶୁଭିଲା– "କେମିତି ଅଛୁରେ ମା'!" ଇଚ୍ଛା ହେଉଥିଲା ରଡ଼ି ଛାଡ଼ି କାନ୍ଦି କାନ୍ଦି ବାପାଙ୍କୁ ଦୁଃଖ କଷ୍ଟ କଥା ସବୁ ଜଣେଇବାକୁ, ଯେମିତି ପିଲାବେଳେ କ'ଣ ଟିକେ ହେଲେ କାନ୍ଦି ଫଟଉଥିଲି। ଛାତିରୁ କୋହ ଉଠୁଥିଲା। କ୍ଷଣିକରେ ପ୍ରକୃତିସ୍ଥ ହେଲି। ନିଜକୁ ଦୃଢ଼ କଲି।

– "ତୁମ କଥା କୁହ ବାପା। ମୁଁ ତ ଖୁବ୍ ଭଲରେ ଅଛି। ତୁମେ ପଠେଇଥିବା ଶାଢ଼ି କାଲି ସାବିତ୍ରୀରେ ପିନ୍ଧିଥିଲି। ଶାଢ଼ି ଖୁବ୍ ସୁନ୍ଦର ଦିଶୁଛି ବୋଲି ପିଲାମାନେ ଆଉ ତୁମ ଜ୍ୱାଇଁ କହିଲେ।"

ବାପା ଫୋନ୍ ରଖିବା ପରେ ନିଜ ମୁହଁରୁ ଖୁସିର ମୁଖାଟିକୁ ଖୋଲି ଝର ଝର ହୋଇ କାନ୍ଦିବାକୁ ଲାଗିଲି। ମୁଁ ଜାଣେ ମନଇଚ୍ଛା କାନ୍ଦି ସାରିଲେ ଯାଇଁ ମୋତେ ଟିକେ ଭଲ ଲାଗିବ...!

ମୋ: ୯୪୩୮୧୭୫୫୪୨

କବିତା

## କାହାର ଆଜ୍ଞାରେ

**ପ୍ରତିଭା ପରିଡ଼ା**

ପାପ କ'ଣ?
ପୁଣ୍ୟ କ'ଣ?
ଜୀବନ ଏ ସବୁକୁ ଯୋଡ଼ିହୋଇ
ଗଛ ଡାଳରେ ଝୁଲୁଥାଏ...
କାହାର ଆଜ୍ଞାରେ
ଡାଳରୁ ପତ୍ର ଖସୁ ନ ଥାଏ–

ଭାଗ୍ୟ କ'ଣ?
ଦୁର୍ଭୋଗ ବା କ'ଣ?
ସମୟ ନିଜମତେ ଗଡ଼ିଚାଲିଥାଏ...
କାହାର ଆଜ୍ଞାରେ
କଳିଟିଏ ମୁକୁଳୁ ନ ଥାଏ–

ଦୁଃଖ କ'ଣ?
ସୁଖ କ'ଣ?
ଜୀବନର କେଉଁ ରଙ୍ଗ ଇଏ?
କାହାର ଆଜ୍ଞାରେ
ବାଟ ହୁଡ଼ି ହୋଇଯାଏ–

ଇଚ୍ଛା କ'ଣ?
ପୁଣି ଅନିଚ୍ଛା ବା କ'ଣ?
ଇଏ କାଠଗଡ଼ାର ଜୀବନ
ନା କାଠ ପଥରର ଜୀବନ!
କାହାର ଆଜ୍ଞାରେ
ନିକିତିରେ ଜୀବନ ତଉଲ ହେଉଥାଏ–

ଈଶ୍ୱର ନା ଅଣଈଶ୍ୱର
କିଏ ସମ୍ଭାଳିଥା'ନ୍ତି ସୂତାଖିଅର ଡୋର?
କାହାର ଆଜ୍ଞାରେ
ଅଧା ଅନ୍ଧାର ଅଧା ଆଲୁଅରେ
ଛାଇ ଲିଭିଯାଏ–

ଜୀବନଟା ଜଉଘର
ନା ମଧୁର ଓଁକାର?
କିଏ ଜାଣେ
କାହାର ଆଜ୍ଞାରେ
କାହାର ହସ୍ତାକ୍ଷରରେ
ପୃଷ୍ଠା ଆଉ ପ୍ରଚ୍ଛଦର
ବର୍ଣ୍ଣମାଳା ଲେଖାହେଉଥାଏ?

ମୋ: ୮୯୧୭୬୦୩୪୪୨

## ପାଟବସ୍ତ୍ର

**ନୃସିଂହ ତରାଇ**

କେବେକେବେ
ଠିଆଠିଆ
ନିଃଶେଷ ହେଇଯାଉଥା'ନ୍ତି
ସବୁ ମାନବିକତା।

ଡର ନ ଥାଏ
ନା, ତରିକା ନ ଥାଏ
ତଉଲିବାକୁ ନିଜ ନିଜକୁ।

ଲୁହମାନେ
ପାଲଟି ଯାଉଥା'ନ୍ତି ରକ୍ତ
ରକ୍ତମାନେ ଖୁବ୍ ଅସହାୟ,
ଓଃ...
ମୋ' ଉପରେ
ମାଡ଼ିଯାଉଥାଏ ସମୁଦ୍ର ପରି
ଗୋଟେ ଭୟର କୋଲାଜ।

କାଲିର ସକାଳ ହୁଏତ
ଆସି ନପାରେ
ଠିକ୍ ସକାଳଟେ ହୋଇ
ମୋ' ଦାଣ୍ଡ ଅଗଣାକୁ,
ମୋ' ପରିଚିତ ଇଲାକାମାନଙ୍କୁ।

ଅନେକ ପ୍ରଶ୍ନ
ଅନେକ ଆଶଙ୍କା
ଅନେକ ଅସ୍ଥିରତା...।

ଆଜିଠୁ ସମର୍ପିଦେଲି
ମୋ' ହାଡ଼ ମାଂସ ରକ୍ତର
କଞ୍ଚା କାଦୁଅ
ଯା...
ବନେଇ ନିଅ
ମେଞ୍ଚାଏ ମାନବିକତା
ଓ ପିନ୍ଧେଇଦିଅ ପାଟବସ୍ତ୍ର କରି
ସବୁ ଅନ୍ଧାରମାନଙ୍କୁ।

ମୋ: ୭୯୭୮୩୮୧୨୧୩

ଗୀତି–କବିତା

## ଯେବେ ଆସି ନାଚକରେ ନିଦାଘ ଏଠି

**ହଂସନାଥ ମୁଦୁଲି**

ଯେବେ ଆସି ନାଚକରେ ନିଦାଘ ଏଠି
ବରଷା ତ ଆଉ ଜମା ପଡ଼ିବନି ଝୁଣ୍ଟି।

ଶୀତ ଯେବେ ଆସେ ଚାଲି
ବସନ୍ତ ରହେନା ଜମା ଦୂରେ
ଜୀବନର ନିୟମ ଏ
ଆଲୋକ ଅନ୍ଧାର ଦୂର କରେ
ନିଦାଘକୁ କାହିଁ ଡର ସେ ଯେ ଆପଣାର
ତା' ପଛେ ବରଷା ତ ଆସିଯିବ ଛୁଟି।

ନିୟତି ଯେ ତା' ବାଟରେ ଚାଲେ ନିୟମରେ
କେବେ ଅବା କେମିତି ସେ ବିଚ୍ୟୁତି ବା କରେ
ବିପଦକୁ ଜମା ନାହିଁ ଡରିବାର ଏଠି
ପରଖେ ତ ସେ ତୁମକୁ ଏଠି ଦିନରାତି।

ମୋ: ୯୭୭୭୯୬୮୭୧୯

ପୁସ୍ତକ ପରିଚୟ

## ତାରାର ଆକାଶ ତଳେ



**କବି:** ସ୍ୱରୂପ ମହାପାତ୍ର
**ପ୍ରକାଶକ:** ସରସ୍ୱତୀ ପବ୍ଲିକେଶନ୍ସ, ରାଉରକେଲା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୨୦/–

ମୋଟ ୪୫ଟି କବିତାକୁ ନେଇ ଆଲୋଚ୍ୟ କବିତା ବହିଟି ସମୃଦ୍ଧ। ଅନେକ ରକମର ବିଷୟ, ଦେଖା, ଶୁଣା, ଅଙ୍ଗେନିଭା ନାନା ବିଷୟକୁ ନେଇ କବିତାଗୁଡ଼ିକର କଳେବର ସଂରଚିତ। ଆରମ୍ଭରେ ରହିଛି ଛୋଟ ଏକ ଗଦ୍ୟଲେଖ 'କବିତା ଆହୁରି ଶକ୍ତି ଦେଉ ମଣିଷକୁ'। ପୃଥିବୀ ପୁରୁଣା, କିନ୍ତୁ ଏଇ ପୁରୁଣା ପୃଥିବୀରେ ନିତିପ୍ରତି ନୂଆନୂଆ କବିତା ଲେଖାଚାଲିଛି। କବି କାନ୍ଦକାନ୍ଦ ମଣିଷ, ଆତ୍ମହତ୍ୟା କରୁଥିବା କୃଷକ, ସ୍ତ୍ରୀର ଶବକୁ କାନ୍ଧରେ ବୋହି ଘରମୁହାଁ ହେଉଥିବା ଦୁଃଖୀ ଲୋକକୁ ଦେଖି ପ୍ରଶ୍ନ କରୁଛନ୍ତି– 'କିଏ ଉଦ୍ଧାର କରିବ ଏ ଅସରନ୍ତି ଦୁଃଖରୁ ମଣିଷଜାତିକୁ?' ଉତ୍ତର ବି ଦେଇଛନ୍ତି– ମଣିଷର ମହାଦୁର୍ଦ୍ଦଶା ସମୟରେ କବିତା ହିଁ ଠିଆହେବ ବନ୍ଧୁପରି, ଶକ୍ତିଦେବ ମଣିଷକୁ। କବିତା ପାଖରୁ ସ୍ୱରୂପଙ୍କର ଏହି ପ୍ରତ୍ୟାଶା ଭିତରେ ସମାଜ ଓ ମଣିଷ ପାଇଁ କବିତାର ପ୍ରାସଙ୍ଗିକତା ସ୍ପଷ୍ଟହୁଏ। ଏକ କବିତାରେ ସେ କହନ୍ତି– "ଯିଏ ଖାଇବା ଥାଳିରୁ ଟିକିଏ ମାତ୍ର ଉଠେଇ ନେଇ/ ବାକି ସବୁ ଆବର୍ଜନାରେ ଫିଙ୍ଗିଦିଏ/ ସିଏ ହିଁ ଚୋରେଇ ନେଉଛି/ ବାତ୍ୟା ପାଇଁ ଆସିଥିବା ଚାଉଳ ବୋରା।" କବିତାର ପକ୍ଷନେଇ ତାଙ୍କର ସଂକଳ୍ପ– କବିତାକୁ ଉତ୍ତରଦାୟୀ ହେବାକୁ ପଡ଼ିବ। ଦୀର୍ଘଶ୍ୱାସଟିଏ ପକାଇଲା ପରି ସେ କହିବସନ୍ତି– "ସେଇ ଛୁଆ ବିକ୍ରିର ଗାଁରୁ/ ଗୋଟେ ରାସ୍ତା ପଡ଼ିଛି ଯାହା/ ଆମ ଦାଣ୍ଡ ଦୁଆରେ ଆସି ସରେ/ ହେଲେ ଆମେ ଜାଣି ନ ଜାଣିଲା ପରି/ ଆଡ଼େଇ ଦେଉ/ ଆଖି ବୁଜିଦଉ ଜୀବନର/ ଏଇ କଠୋର ସତ୍ୟକୁ।" ('ଛୁଆ ବିକ୍ରିର ଗାଁରୁ ଆମ ଘର ଯାଏଁ'– ପୃ: ୧୨)। ବହିଟିର ପ୍ରାୟ କବିତାରେ ଅନୁଭୂତିର ଯେଉଁ ଆପଣାପଣ ତାକୁ ଆଡ଼େଇ ଯାଇ ହୁଏନି ସହଜରେ।

## ଚଉପଦୀ ଚନ୍ଦ୍ରମୁଖୀ



**ଲେଖକ:** ଇଂ ଲଡୁକିଶୋର ପଢ଼ିଆରୀ
**ପ୍ରକାଶକ:** ମଧୁର ଝଙ୍କାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୦୦/–

ଆଲୋଚ୍ୟ ଗ୍ରନ୍ଥ 'ଚଉପଦୀ ଚନ୍ଦ୍ରମୁଖୀ'ରେ ମୋଟ ୬୪ଟି 'ଚଉପଦୀ' ସ୍ଥାନିତ। 'ନିଜକଥା'ରେ ଲେଖକ ଲେଖିଛନ୍ତି: "ମୋର 'ଚଉପଦୀ ଚନ୍ଦ୍ରମୁଖୀ' ସଂକଳନରେ ମୁଁ ଭକ୍ତି ସଂଗୀତ, ପ୍ରେମମୂଳକ ସଂଗୀତ ସହ ସମସାମୟିକ ସମସ୍ୟା ଏବଂ ଦେଶାତ୍ମବୋଧ ସଂଗୀତ ସ୍ଥାନିତ କରିଛି। x x ମୋ' କବିତାର ନାୟକ ନାୟିକା ଆଦର୍ଶବାଦୀ ତଥା ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଅଙ୍ଗୀକାରବଦ୍ଧ।" ହିନ୍ଦୁଶାସ୍ତ୍ର ଅନୁସରଣରେ ସେ ଗ୍ରନ୍ଥାରମ୍ଭରେ ପଞ୍ଚଦେବତା ଗଣ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କରଙ୍କୁ ସ୍ମରଣ କରି ତାଙ୍କର ଗ୍ରନ୍ଥାରମ୍ଭ କରିଛନ୍ତି। ତାଙ୍କ ଚଉପଦୀର ବିଶେଷତ୍ୱ ଏହି ଯେ କବିତାର ଶୀର୍ଷକରେ ଥିବା ଅକ୍ଷରକୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପଦର ଆଦ୍ୟରେ କ୍ରମାନ୍ୱୟରେ ରଖି ସେ ତାଙ୍କର 'ଚଉପଦୀ' ରଚନା କରିଛନ୍ତି। ଯଥା: କବିତାର ଶୀର୍ଷକ ଯଦି 'ବିନାୟକ', ତେବେ କ୍ରମାନ୍ୱୟରେ ବି, ନା, ଯ(ୟ) ଓ କ, ଅକ୍ଷର ଆଦ୍ୟରେ ରହି ରଚନାକାର୍ଯ୍ୟ ସମ୍ପନ୍ନ ହୋଇଛି। ବିଭିନ୍ନ ରାଗରାଗିଣୀରେ ଚଉପଦୀଗୁଡ଼ିକ ରସନିଷ୍ଠ ଓ ଭାବଗର୍ଭୀ ହୋଇପାରିଛି। ଗ୍ରନ୍ଥରେ 'ଅଭିମତ' ଦେଇ ପ୍ରଫେସର ରଘୁନାଥ ପଣ୍ଡା କହିଛନ୍ତି– "ବିଷୟ ବୈଚିତ୍ର୍ୟ ସହିତ କଲ୍ୟାଣ ଆହାରୀ, ରାମକେରୀ ପ୍ରଭୃତି ରାଗର ପ୍ରୟୋଗ ଏହାର ପରିବେଷଣକୁ ମଧୁମୟ କରିବ।" ଗ୍ରନ୍ଥଟି ପ୍ରାଚୀନ ଓ ଆଧୁନିକପନ୍ଥୀ– ଉଭୟ ଶ୍ରେଣୀର ପାଠକଙ୍କ ପାଇଁ ଆଦରଣୀୟ ହେବ ବୋଲି ଆଶା।

## ସୁଅମୁହଁରେ ପତର

**ସୁନନ୍ଦା ମହାନ୍ତି**

ଲଘୁଗଳ୍ପ

ବର୍ଷା ଲାଗି ରହିଛି। ବେଳ ବି ଆସି ଦଶଟା ଉପରେ ହେବାକୁ ବସିଲାଣି। ବୁଢ଼ୀ ଆଜି ଆସିବନି ଭାବି ବାସନକୁସନ ମଜାମଜି କରୁ କରୁ ଭାବୁଥିଲେ ଶ୍ରେୟା, ବୁଢ଼ୀ ମଣିଷଟା। କେହି ବୋଲି କେହି ନାହିଁ ପାଖରେ। ଅଜଣା ରୋଗରେ ସ୍ୱାମୀ ମରିଗଲା ପରେ ସମ୍ପୂର୍ଣ୍ଣ ଏକେଲା। ନୂଆ ଭୁଆସୁଣୀ ବେଳେ ଶାଶୁ ବାଞ୍ଝ ବୋଲି କହିଲେ ରାତିସାରା କାନ୍ଦେ। ସ୍ୱାମୀ ବୁଝେଇଦିଏ ତୋଠି ଦୋଷ କି ମୋଠି ଦୋଷ ଜାଣିବା ତାକତ ଆମର ନାହିଁ। ଶାଶୁ ବୁଢ଼ୀ କହୁଛି ତ ସହିଯା। ବୁଢ଼ୀ ମଣିଷ, ଆଉ କେତେଦିନ? ସହିବା ଲୋକ ବଡ଼ ନା କହିବା ଲୋକ ବଡ଼ କହିଲୁ? ସହଜେ ନିଅଣ୍ଟିଆ ସଂସାର ଚଳେଇ ହେଉନି। ପିଲା କବିଲା ନ ହେଲା ନାହିଁ। ବୁଝିଯାଇଥିଲା ବୁଢ଼ୀ, ହେଲେ ପିଲାଟିଏ ପାଇଁ ମନ ହାଇଁପାଇଁ ହୁଏତ ଛେଳି ରଖିଲା। ତାକୁ ଘାଗୁଡ଼ି ପିନ୍ଧେଇ, କଅଁଳ ଛନଛନ ପତ୍ର ଖୁଆଇ ଖୁଆଇ ଡଉଲଡାଉଲ ହେଲା। କୋଉଠୁ ବୋଦାଟାଏ ଆସି ଗର୍ଭିଣୀ କଲା ବେଳକୁ ବୁଢ଼ା ଚାଲିଗଲା ଜୁଆନ ବୟସରେ ତ ସେଇ ଛେଳିର ସେବା ଯତ୍ନ କରୁକରୁ ଏକରୁ ଦୁଇ ହେଉ ହେଉ ଆଜି ପନ୍ଦରଟି ଛେଳି ବୁଢ଼ୀର। କିଏ କୁଆଡ଼େ ମରିହଜି ଗଲେଣି। ଛେଳିମାନେ ହିଁ ବୁଢ଼ୀର ସଂସାର। ତାଙ୍କ ବ୍ୟବସ୍ଥା, ଚରାବୁଲା, ଘାସକଟା ଭିତରେ କେବେବି କାମ ବନ୍ଦ କରେନି ଶ୍ରେୟାଙ୍କର।

ଶ୍ରେୟା ମଧ୍ୟ ମନକଥା ବୁଝନ୍ତି ବୁଢ଼ୀର।

ପଖାଳ ଗଣ୍ଡାକ ସାଇତି ରଖିଥା'ନ୍ତି ତା' ପାଇଁ। ଭଲ ମନ୍ଦ ଖୋଜେନି, ଟଙ୍କ ତୋରାଣିରେ ତା'ର ଆଶା। ପାଇଟି ସାରି ଖାଇଦେଇ ଗଲେ ଛେଳି ଜଗେ। ରୋଷେଇ ଝାମେଲାରୁ



ମୁକ୍ତି ପାଏ। ନଈକୂଳିଆ ଘର ବୁଢ଼ୀର। ଏବେ ଏବେ କୁମ୍ଭୀର ମାତିଛି। କାଳେ ଛେଳି ଖାଇଦେବ ବୋଲି ଘୋର ଚିନ୍ତା ବୁଢ଼ୀର। ଆଜି ପାଗ ମଧ୍ୟ ମେଘୁଆ ଅଛି। ବର୍ଷା ଟୋପି ଟୋପି ପକାଇ ଚାଲିଛି ଆକାଶ। ଶ୍ରେୟା ଭାବୁଛନ୍ତି ବୁଢ଼ୀ କଥା। ଛେଳିପଲ ନ ଛାଡ଼ି ବୋଧେ ଘରେ ଘାସ ଇତ୍ୟାଦି ଖୁଆଇ ରଖିବାରୁ ଆସିପାରିନି, ହେଲେ ମନ ବୁଝୁନି, ପଖାଳ ସାଙ୍ଗକୁ ଯାହା ଟିକେ ଶାଗ ମୁଗ ହେଲେ ବୁଢ଼ୀ ଖୁସି। ଆଜି ବଘରା ଚକୁଳି ଦି'ଟା ତୁଣ୍ଡକୁ ଯାଉନି ଶ୍ରେୟାଙ୍କର। ବୁଢ଼ୀ ପାଇଁ ଟିଫିନ ସଜାଡ଼ି ଚାଲିଲେ ତଳି ଅଞ୍ଚଳକୁ।

ଦୂରରୁ ଦେଖିଲେ ବୁଢ଼ୀ ଘର ପାଖ ଲୋକାରଣ୍ୟ। ବୁଢ଼ୀ ନାହିଁ କି ଛେଳିପଲ ନାହାନ୍ତି। ବାରି କବାଟ କିନ୍ତୁ ଖୋଲା ଅଛି। ସମସ୍ତେ କହୁଥିଲେ କୁମ୍ଭୀର ଭିଡ଼ି ନେଇଛି ବୁଢ଼ୀକୁ। ହେଲେ ଛେଳିସବୁ ଗଲେ କୁଆଡ଼େ? ପୋଲିସ ବାବୁ ଅନୁସନ୍ଧାନ ଚଳେଇ ପଚରା ଉଚରା ଚଳେଇଥିବା ବେଳେ ଧୁମ୍ କରି ଟିଫିନ୍‌ଟା ଖସିପଡ଼ିଥିଲା ଶ୍ରେୟାଙ୍କ ହାତରୁ। ପୁଅ ବାହାଘରରେ ଛେଳିସବୁ କିଣିନେବେ ବୋଲି କଥା ଦେଇଥିଲେ ବୁଢ଼ୀକୁ। ଆଉ ସବୁ ପଇସା ବ୍ୟାଙ୍କରେ ଥୋଇ ବୁଢ଼ୀକୁ ସବୁଦିନ ପାଖରେ ରଖିବାର ଭରସା ଦେଇଥିଲେ। ଅତି ଦୁଃଖରେ ଘରେ ପହଞ୍ଚି କହିଥିଲେ ବୁଢ଼ୀ ଆଉ ଜମା ଆସିବନି। ଆଖି ଓଦା ହୋଇ ଲୁହ ସବୁ ଝରିପଡୁଥିଲା ଭୂମିରେ। ପିଲାମାନେ ଘରେ ନ ଥିଲେ। ସ୍ୱାମୀ ସାନ୍ତ୍ୱନା ଦେଉଥିଲେ ହଉ ହଉ ମୁଁ ଯାଇ ଦେଖୁଛି। ଶ୍ରେୟା କହୁଥିଲେ କିଛି ଲାଭ ନାହିଁ।

ମୋ: ୯୦୪୦୯୭୭୩୨୭

କାଳକାଳକୁ



"ଲେଖିବା ଏକ ପ୍ରକାରର ଚିକିତ୍ସା–ବିଧି। ଯେଉଁମାନେ ଲେଖନ୍ତି ନାହିଁ ବା ଚିତ୍ର କରନ୍ତି ନାହିଁ, ସେମାନେ କିପରି ପାଗଳାମି, ନିଃସଙ୍ଗତା, ଦୁଃଖ ଓ ଭୟ ଆଦି ବିଷୟା–ପ୍ରକୋପରୁ ନିଜକୁ ମୁକୁଳାନ୍ତି; ତାହା ଭାବିଲେ ମୁଁ ବିସ୍ମିତ ହୁଏ।"
–ହେନ୍‌ରୀ ଗ୍ରାହାମ୍ ଗ୍ରୀନ୍

**ହେନ୍‌ରୀ ଗ୍ରାହାମ୍ ଗ୍ରୀନ୍‌ଙ୍କ** ଜନ୍ମ ୨ ଅକ୍ଟୋବର ୧୯୦୪ରେ, ଇଂଲଣ୍ଡର ବର୍କହାମ୍‌ଷ୍ଟେଡ୍‌ରେ ଓ ପରଲୋକ ୩ ଏପ୍ରିଲ ୧୯୯୧ରେ ସୁଇଜରଲ୍ୟାଣ୍ଡର୍ ଭେଭେରେ। 'ଦ ପାୱାର୍ ଆଣ୍ଡ ଦ ଗ୍ଲୋରି', 'ଦ ହାର୍ଟ ଅଫ୍ ଦ ମ୍ୟାଟର୍', 'ଦ ଏଣ୍ଡ ଅଫ୍ ଦ ଆଫାୟାର', 'ଦ କୁଇଟ୍ ଆମେରିକାନ୍' ଓ 'ଆୱାର୍ ମ୍ୟାନ୍ ଇନ୍ ହାଭାନା' ହେଉଛି ତାଙ୍କ ପ୍ରସିଦ୍ଧ ଉପନ୍ୟାସ ମଧ୍ୟରୁ କତିପୟ। ବିଂଶ ଶତାବ୍ଦୀର ଅଗ୍ରଣୀ ଔପନ୍ୟାସିକଙ୍କ ମଧ୍ୟରେ ତାଙ୍କୁ ଜଣେ ବୋଲି ଗଣାଯାଏ। ସାହିତ୍ୟରେ ଅନନ୍ୟତା ପାଇଁ ତାଙ୍କୁ ୧୯୬୮ରେ ମିଳିଛି 'ସେକ୍ସପିୟର ପୁରସ୍କାର' ଓ ୧୯୮୧ରେ 'ଜେରୁଜେଲମ୍ ପୁରସ୍କାର'। ନୋବେଲ ପୁରସ୍କାରର ସଂକ୍ଷିପ୍ତ ତାଲିକାରେ ତାଙ୍କ ନାମ ଏକାଧିକବାର ସ୍ଥାନିତ ହୋଇଛି।

## ମନସ୍କାମନା

ଅନୁବାଦଗଳ୍ପ

**ମୂଳ ହିନ୍ଦୀ– ମୀରା ଜୈନ**

**ଅନୁସୃଜନ– ମନୋଜ କୁମାର ବେହେରା**

ସ୍ମିତାର ଆଗ୍ରହଭରା ସ୍ୱର ଶୁଭିଲା, "ଆରେ କମଳୀ! କାମ ପଛରେ କରିବୁ। ନବରାତ୍ରିର ସମୟ ଚାଲିଛି, ତୁ ମୋ' ସହିତ ଚାଲ୍ ମନ୍ଦିରକୁ, ସେଠି ଚିଠା ପକେଇବା ପେଟି ରଖାଯାଇଛି। ଏହି ନବରାତ୍ରି ସମୟରେ ଭକ୍ତମାନେ ପୂରା ଶ୍ରଦ୍ଧାରେ ନିଜର ମନସ୍କାମନା ଲେଖି ସେହି ପେଟି ଭିତରେ ନିଜର ଚିଠାକୁ ପକାନ୍ତି ଆଉ ସେମାନଙ୍କର ମନୋରଥ ପୂର୍ଣ୍ଣହେବାର ସମ୍ଭାବନା ଅଧିକ ଥାଏ। କାରଣ ମନ୍ଦିରକୁ ଏମିତି ବହୁତ ଦାନବୀର ଆସନ୍ତି, ଯେଉଁମାନେ ବାଛିବାଛି ଗରିବ ବ୍ୟକ୍ତିଙ୍କର ନାମର ଚିଠାକୁ ଉଠାନ୍ତି ଆଉ ସେଥିରେ ଲେଖା ହୋଇଥିବା ମନସ୍କାମନାକୁ ପୂରା କରିବାରେ ଲାଗିପଡ଼ନ୍ତି। ଯାହାକୁ ଯାହା ଦରକାର ସେମାନେ ସେହି ସହାୟତା ଯୋଗେଇଥା'ନ୍ତି। ଆରେ ଏତେ କ'ଣ ଭାବୁଛୁ.. ଚାଲ୍‌ଚାଲ୍.. ଜଲ୍‌ଦି ଚାଲ୍, ତୋର ତ ଶାଶୁ ଅସୁସ୍ଥ ଅଛନ୍ତି, ସ୍ୱାମୀ ଆକ୍ସିଡେଣ୍ଟ ଯୋଗୁଁ ଖଟରେ ପଡ଼ିଛନ୍ତି। ଛୁଆ ବି ତ ବହୁତ ଛୋଟ ଅଛି ତୋର।"

ତା'ପରେ ସେ କମଳୀକୁ ଗୋଟିଏ ସାଦା କାଗଜ ଆଉ ପେନ୍ ଦେଇ ନିଜର ମନସ୍କାମନା ଲେଖିବାକୁ କହିଲେ ଆଉ ନିଜେ ମଧ୍ୟ ନିଜର ମନସ୍କାମନା ଲେଖିବା ପାଇଁ ବସିପଡ଼ିଲେ। କିଛି ସମୟ ପରେ ଦୁହେଁ ମନ୍ଦିରରେ ଦେବୀଙ୍କର ପୂଜା–ଅର୍ଚ୍ଚନା କରି ନିଜର ଚିଠାକୁ ପେଟିରେ ପକେଇ ଦେଇ ଆସିଲେ।

ରାସ୍ତାରେ ସ୍ମିତା କମଳୀକୁ ସାନ୍ତ୍ୱନା ଦେଇ କହିଲେ, "ଦେଖିବୁ କମଳୀ! କାଲି ହିଁ ତୋର ମନୋରଥ ପୂର୍ଣ୍ଣ ହେଇଯିବ। କେହି ନା କେହି ଦାନବୀର ତୋ ମନସ୍କାମନାକୁ ନିଶ୍ଚୟ ପୂରଣ କରିଦେବ। ତୁ ସେ ଚିଠା କାଗଜରେ



ନିଜର ମୋବାଇଲ୍ ନମ୍ବର ଲେଖିଚୁ ତ?"

: ହଁ ମ୍ୟାଡାମ୍, ଆପଣଙ୍କ କହିବା ଅନୁସାରେ ମୁଁ ସବୁକିଛି ଲେଖିଦେଇଥିଲି ସେହି କାଗଜରେ। ଆପଣ ବହୁତ ଭଲ! ମୋର କେତେ ଯତ୍ନ ନେଉଛନ୍ତି।

ଦୁଇ–ତିନି–ଚାରି ଦିନ, ଏମିତିକି ନବରାତ୍ରି ମଧ୍ୟ ସମାପ୍ତ ହେଇଗଲା; କିନ୍ତୁ କମଳୀ ପାଖକୁ ସହାୟତା ପାଇଁ କୌଣସି ଫୋନ୍ ଆସିଲା ନାହିଁ। ସ୍ମିତାକୁ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଥିଲା କି କାହିଁକି କମଳୀର ମନୋରଥ ପୂର୍ଣ୍ଣ ହେଲା ନାହିଁ।

"କମଳୀ! ତୁ ନିଶ୍ଚୟ ନିଜର ମୋବାଇଲ୍ ନମ୍ବର ଭୁଲ୍ ଲେଖିଥିବୁ।"

କମଳୀ ଦୀର୍ଘଶ୍ୱାସ ପକାଇ ବହୁତ ସହଜ ଭାବରେ ଉତ୍ତର ଦେଲା, "ମ୍ୟାଡାମ୍! ଆପଣଙ୍କ କହିବା ଅନୁସାରେ ମୁଁ ମୋର ମନସ୍କାମନା ଲେଖିଦେଇଥିଲି। ହେଲେ ତାହା ହେଉଛି ଏମିତି ଏକ ମନସ୍କାମନା, ଯାହାକୁ କେହିବି ପୂରା କରିପାରିବେନି।"

କମଳୀ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ସ୍ମିତା ପଚାରିଲେ, "ଏମିତି ତୁ କ'ଣ ମାଗିଥିଲୁ ଦେବୀମା'ଙ୍କ ପାଖରେ ଟିକିଏ ଶୁଣେ।"

ମ୍ୟାଡାମ୍! ମୁଁ ସେହି କାଗଜରେ ଲେଖିଥିଲି କି, "ହେ ଦେବୀମା'! ମୋତେ ଏତେ ଶକ୍ତି ଦିଅ କି ଜୀବନରେ କେବେ ଅନ୍ୟମାନଙ୍କ ଆଗରେ ମୋତେ ହାତ ପତେଇବାକୁ ଯେମିତି ନ ପଡୁ।"

ମୋ: ୭୯୭୮୮୩୦୬୧୧





**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ବାଂଲାଦେଶ ବନାମ ଆଫଗାନିସ୍ତାନ**

ସ୍ଥାନ: ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦

**ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା**

ସ୍ଥାନ: ନୂଆଦିଲ୍ଲୀ, ସମୟ: ଅପରାହ୍ନ ୨ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଶୁବମନ ଗିଲ୍‌ଙ୍କୁ ଡେଙ୍ଗୁ ସନ୍ଦେହ

**ଚେନ୍ନାଇ, ୬।୧୦ (ପି.ଟି.):** ଶୁବମନ ଗିଲ୍ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ ମ୍ୟାଚ ପୂର୍ବରୁ ଏହି ଖବର ଭାରତୀୟ ଦଳକୁ ଶକ୍ତ ଧକ୍କା ଦେଇଛି। ଗିଲ୍ ଯଦି ନ ଖେଳନ୍ତି ତେବେ ତାଙ୍କ ସ୍ଥାନରେ ଇଶାନ କିଶନ ଇନିଂସ ଓପନ କରିପାରନ୍ତି। ଗିଲ୍‌ଙ୍କ ଅସୁସ୍ଥତାର କାରଣ ସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ କରାଯାଇ ନାହିଁ। ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଛି। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ଫେରିବେ ବୋଲି ଆଶା କରାଯାଉଛି। ଖବର ଅନୁସାରେ ଗିଲ୍ ଚେନ୍ନାଇରେ ପହଞ୍ଚିବା ପରଠାରୁ ଜ୍ୱରରେ ପୀଡ଼ିତ ଅଛନ୍ତି।










E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

**LEGEND CARS**
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.

**SKY AUTOMOBILES**
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

**ORBIT MOTORS**
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290.

**ODYSSEY MOTORS**
SAMBALPUR (AINTHAPALI): 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR : 7381661837.

**APARNAA MOTORS**
SAMBALPUR (PARDHIAPALI): 9237395001.

*Offer includes consumer offer, exchange bonus, Spot booking offer, institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. ^Up to 100% on road funding is provided by select financiers only. +Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. *^+Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. **Accessories and features shown in the pictures may not be a part of standard equipment and may vary according to the variant. ##As certified by Test agency under Rule 115(G) of CMVR 1989. ^^1.0 L VXI AGS petrol variants. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 15th October, 2023.


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ